# ପ୍ରଶିକ୍ଷଣ ସହାୟିକା ପୁସ୍ତିକା

## କଳହ ରୂପାନ୍ତିକରଣ ଓ ଶାନ୍ତିସ୍ଥାପନ

ସ୍ୱାଦ୍ ଶାନ୍ତି ସହବନ୍ଧିତା (ପିସ୍ ନେଟ୍ୱର୍କ), ସ୍ୱାଦ୍ ଶାନ୍ତି ଉପକରଣ କେନ୍ଦ୍ର,

(ସ୍ୱାଦ୍, ଶାଲମ, ୪ର୍ଥ ଲେନ୍, ସାଇ ମନ୍ଦିର ରାସ୍ତା, ଆଂକୁଲି)

ବ୍ରହ୍ମପୁର-୧୦, ଗଞ୍ଜାମ, ଓଡ଼ିଶା, ଭାରତ

# ପ୍ରଶିକ୍ଷଣ ସହାୟିକା ପୁସ୍ତିକା

## କଳହ ରୂପାନ୍ତିକରଣ ଓ ଶାନ୍ତିସ୍ଥାପନ

ପ୍ରଥମ ସଂସ୍କରଣ : ୨୧ – ୦୯ – ୨୦୧୯

ମୁଦ୍ରକ :

ବିଜୟ ପ୍ରିଣ୍ଟିଙ୍ଗ୍ ସ୍କୁଲ , ବିଜୟ ଭବନ,
ବ୍ରହ୍ମପୁର-୧୦, ଗଞ୍ଜାମ, ଓଡ଼ିଶା, ଭାରତ

ପ୍ରକାଶକ

ସ୍ୱାଦ୍ ଶାନ୍ତି ସହବନ୍ଧିତା (ପିସ୍ ନେଟ୍‌ୱର୍କ)
ସ୍ୱାଦ୍ ଶାନ୍ତି ଉପକରଣ କେନ୍ଦ୍ର,
ବ୍ରହ୍ମପୁର-୧୦, ଗଞ୍ଜାମ, ଓଡ଼ିଶା, ଭାରତ

# କଳହ ରୂପାନ୍ତିକରଣ ଓ ଶାନ୍ତିସ୍ଥାପନ ପ୍ରଶିକ୍ଷଣ ସହାୟକ ପୁସ୍ତିକା

## ମୁଖ ବନ୍ଧ.....

ସାମ୍ପ୍ରଦାୟିକ ସଦଭାବନା ଓ ଭାତୃଭାବ ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଅପରିହାର୍ଯ୍ୟ ଅଂଶ ଅଟେ । ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତରେ ବିଗତ ଦିନ ଗୁଡିକର ସାମ୍ପ୍ରଦାୟିକ ଅଶାନ୍ତି ଓ ହିଂସା ଭାରତୀୟ ଗଣତନ୍ତ୍ର ଓ ପ୍ରଗତି ପ୍ରତି ଏକ ଶକ୍ତି କୁଠାରିଘାତ ଅଟେ । ଏହି ପରିପ୍ରେକ୍ଷୀରେ, "ଶାନ୍ତିସ୍ଥାପନ ଏବଂ କଳହ ରୂପାନ୍ତରୀକରଣ" ପ୍ରକଳ୍ପରେ ସାମିଲ ହୋଇଥିବା ଦଶଗୋଟି ଉତ୍ସର୍ଗୀକୃତ ସାମାଜିକ ସଙ୍ଗଠନମାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ପ୍ରଚେଷ୍ଟାରୁ ପ୍ରସ୍ତୁତ ଏହି "ତାଲିମଦାତା ସହାୟିକା ପୁସ୍ତିକା" ଏକ ପ୍ରଶଂସନୀୟ ଏବଂ ଉଚ୍ଚକୋଟିର ପଦକ୍ଷେପ ଅଟେ । ଏହି ସହାୟିକା ପୁସ୍ତିକା ଯେ ତାଲିମ ଦାତା ଓ ସକ୍ରିୟ କର୍ମୀ ମାନଙ୍କ ପାଇଁ ଏକାନ୍ତ ଉପଯୋଗୀ ହେବ - ତାହା ଅବଶ୍ୟମ୍ଭାବୀ ଅଟେ ।

ଶାନ୍ତିସ୍ଥାପନ ଏବଂ କଳହ ସମାଧାନ ପ୍ରଚେଷ୍ଟାରେ ସାମିଲ ହୋଇଥିବା ଦଶଗୋଟି ସ୍ୱେଚ୍ଛାସେବୀ ସଙ୍ଗଠନ ନିଜ ନିଜ ଅନୁଷ୍ଠାନରୁ ଦକ୍ଷ କର୍ମୀମାନଙ୍କୁ ବାଛି, ଏସ. ଏଫ. ଡି. ସି. ର କାର୍ଯ୍ୟନିର୍ବାହୀ ନିର୍ଦ୍ଧେଶକ, ଶ୍ରୀ ବିଜୟନନ୍ଦ ସିଂ ଙ୍କ ନେତୃତ୍ୱରେ ଏକ ସାତ ଜଣିଆ ତାଲିମ ବିଶେଷଜ୍ଞ ଦଳ ଗଠନ କରିଛନ୍ତି । ତାଲିମ ବିଶେଷଜ୍ଞ ଦଳର କଠିନ ପରିଶ୍ରମ ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି "ତାଲିମଦାତା ସହାୟିକା ପୁସ୍ତିକା" ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇଛି । ଓଡିଶା ଅନୁଷ୍ଠାନର ସାଙ୍ଗଠନିକ ଗ୍ରାମାଞ୍ଚଳର ଏହି ଓଡ଼ିଆ "ତାଲିମଦାତା ସହାୟିକା ପୁସ୍ତିକା" ଅନୁସାରେ ଆଭ୍ୟନ୍ତରୀଣ ତାଲିମ ଦିଆଯାଇ ଲୋକଙ୍କ ମନରେ କଳହ ସମାଧାନ ଓ ଶାନ୍ତି ସ୍ଥାପନ ପାଇଁ ସହାୟକ ହେବ ।

***ଏହି ତାଲିମଦାତା ସହାୟିକା ପୁସ୍ତିକାର ଉଦ୍ଦେଶ୍ୟ ଗୁଡିକ ହେଉଛି***

୧) ସମାଜରେ, ବିଶେଷତଃ ଗ୍ରାମାଞ୍ଚଳର ବିଭିନ୍ନ କଳହ ରୂପାନ୍ତରୀକରଣ ଏବଂ ଶାନ୍ତି ସ୍ଥାପନକୁ ଜାଣିବା ଓ ବୁଝି ପାରିବା ।

୨) କଳହ ବିଶ୍ଳେଷଣ କରିବା ।

୩) କଳହ ସମ୍ବେଦନଶୀଳତାକୁ ବୁଝିବା ।

୪) କଳହ ସମାଧାନ କରିବା କୌଶଳକୁ ଜାଣିବା ଓ ଏହାର ବିକାଶ କରିବା ।

୫) ଗୋଷ୍ଠୀ ଗୋଷ୍ଠୀ ଭିତରେ କିଭଳି ଶାନ୍ତି ସଂସ୍ଥାପନା କରାଯାଇ ଏହାକୁ କାର୍ଯ୍ୟରେ ପରିଣତ କରିବା ।

୬) ଶାନ୍ତି ସ୍ଥାପନା ଏବଂ କଳହ ସମାଧାନ ସମ୍ପର୍କିତ ବୈଦିକ ଜ୍ଞାନ, କୌଶଳ ଓ ଦକ୍ଷତା ବିଷୟରେ ଜାଣିବା ତଥା ଲୋକଙ୍କ ମଧରେ ଏହି ଜ୍ଞାନ ଓ କୌଶଳ ପହଞ୍ଚାଇବା ।

**ଫା. ଯୋଶେଫ ଭାଲିଆପାରାମ୍ବିଲ**
**ସମ୍ପାଦକ ତତସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଧେଶକ - ସ୍ୱାଦ**

ବି. ଦ୍ର.: ଆପଣଙ୍କ ମୂଲ୍ୟବାନ ପ୍ରସ୍ତାବିତ ବିଷୟ ଏବଂ ଦର୍ଶାଇବା ତୃଟି, ଉକ୍ତ ପୁସ୍ତିକାଟିର ବ୍ୟବହାର ନିମନ୍ତେ ଫଳପ୍ରଦ ଭାବେ ଉପଯୋଗୀ ହେବ ।

# ହାର୍ଦ୍ଦିକ କୃତଜ୍ଞତା...

ଏହି ପ୍ରଶିକ୍ଷଣ ପୁସ୍ତିକାଟି ଓଡ଼ିଶାରେ ପ୍ରଚଳିତ ବିବିଧତା ମଧ୍ୟରେ ଅଂଶ ଗ୍ରହଣ ପୂର୍ବକ ଶାନ୍ତି ପ୍ରକ୍ରିୟାକୁ ଆଗେଇବା ଏବଂ ବ୍ୟାପକ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାରେ ସହାୟ ହେବ ।

ଏହି ପରିପ୍ରେକ୍ଷୀରେ, ଉକ୍ତ ପ୍ରଶିକ୍ଷଣ ପୁସ୍ତିକାଟିର ପ୍ରକାଶନ କରିବାରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ମିଶେରେଅର (MISEREOR) ଓ ମେନସେନ ମେଟ ଇନ ମିଶି (Mensen met een Missie) ର କର୍ତ୍ତୃପକ୍ଷଙ୍କୁ ସ୍ୱାଦ ଏବଂ ସଂଶ୍ଳିଷ୍ଟ ନଅ (୯) ଗୋଟି ସ୍ୱେଚ୍ଛାସେବୀ ସଙ୍ଗଠନ (ସ୍ୱାଦ ଶାନ୍ତି ନେଟୱର୍କ) ହୃଦୟଭରା କୃତଜ୍ଞତା ଜଣାନ୍ତି ।

ସ୍ୱାଦ ଅନୁଷ୍ଠାନର ନିର୍ଦ୍ଦେଶକ, ଫା. ଯୋଶେଫ ଭାଲିଆପାରାମ୍ବିଲଙ୍କ ପ୍ରେରଣା ଓ ନିଃସ୍ୱାର୍ଥପର ଆଗ୍ରହ ହେତୁ ଏବଂ ସଂଶ୍ଳିଷ୍ଟ ସମସ୍ତ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ (ସ୍ୱାଦ ଶାନ୍ତି ନେଟୱର୍କ) ଏବଂ ସତ (୭) ଜଣ ଦକ୍ଷ ପ୍ରଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ପୁସ୍ତିକାଟିର ଉଦ୍ଭବ ସମ୍ଭବ ହୋଇପାରିଛି । ଏହି ପୁସ୍ତିକାଟିକୁ ଆଞ୍ଚଳିକ ଭାଷା - ଓଡ଼ିଆରେ ଲିପିବଦ୍ଧ ଓ ପ୍ରକାଶ କରିବା ପାଇଁ 'ଓଡିଶା ଶାନ୍ତି ଫରମ'ର ଆବାହକ, ଶ୍ରୀ ଅଭିଷେକ ଦାସଙ୍କ ଅବଦାନ ଅବିସ୍ମରଣୀୟ ଅଟେ । ପୁସ୍ତିକାଟିର ଅକ୍ଷର ସଜା, ରୂପରେଖ ଓ ସମ୍ପାଦନ କରିବା ପାଇଁ ସହାନୁଭୂତି ଅନୁଷ୍ଠାନର ନିର୍ଦ୍ଦେଶକ, ଶ୍ରୀ ଦିଲିପ ସଭାସୁନ୍ଦର ଏବଂ ସ୍ୱାଦ ଶାନ୍ତି କାର୍ଯ୍ୟକ୍ରମର ପରିଚାଳକ, ଶ୍ରୀ ସମୀର ମଲ୍ଲିକଙ୍କ ଅବଦାନ ଅତୁଳନୀୟ । ତତସଙ୍ଗେ, ଯେଉଁମାନେ ବିଭିନ୍ନ ମାଧ୍ୟମରେ ସେମାନଙ୍କର ସମୟ ଏବଂ ଶ୍ରମ ଏଥି ସକାଶେ ଦେଇଛନ୍ତି, ସେ ସମସ୍ତଙ୍କୁ ସ୍ୱାଦ ଶାନ୍ତି ନେଟୱର୍କ ଧନ୍ୟବାଦ ଜ୍ଞାପନ କରନ୍ତି ।

ଓଡିଶା ଗ୍ରାମାଞ୍ଚଳର ଶାନ୍ତି ଓ ସଦଭାବନା ଶୃଷ୍ଟି କରିବାରେ ଏହି ପୁସ୍ତିକାଟି ଉପଯୋଗୀ ହେବା ଆମେ ଆଶା କରୁ ।

*ବିଶେଷତଃ ଶାନ୍ତି ସ୍ଥାପନ ପ୍ରକ୍ରିୟାରେ ସାମିଲ ହୋଇଥିବା ସାମାଜିକ ସଙ୍ଗଠନମାନଙ୍କୁ ହୃଦୟଭରା କୃତଜ୍ଞତା*

୧) ସ୍ୱାଦ (Society for Welfare, Animation and Development - SWAD) – Lead CSO
୨) ଆଲୋକ (Agami Lok Kalyana Sangha - ALOK)
୩) ଭିୟୁସ (Voluntary Integration for Education and Welfare of Society - VIEWS)
୪) ଏଇ. ଡବ୍ଲୁ. ଡି. (Institute for Women Development – IWD)
୫) ଓଡିଶା (Organization for Development Integration and Social Action - ODISA)
୬) ପ୍ରଭା (Programme for Rural Awareness and Very Action - PRAVA)
୭) ସକାଳ (Social Action for Community Alternative Learning - SACAL)
୮) ସହାନୁଭୂତି (SAHANUBHUTI)
୯) ଏସ. ଏଫ. ଡି. ସି. (Solidarity For Developing Communities - SFDC)
୧୦) ବିକଳ୍ପ (Visionaries of Creative Action for Liberation and Progress - VICALP)
୧୧) ଓଡିଶା ଶାନ୍ତି ନେଟୱର୍କ (Odisha Peace Network)

**ଆବାହକ**
**ସ୍ୱାଦ ଶାନ୍ତି ନେଟୱର୍କ**

# ସୂଚୀ ପତ୍ର


୧. ମାନୁଏଲରେ ବ୍ୟବହୃତ ଓଡିଆ ଶବ୍ଦାବଳୀ ଏବଂ ତାହାର ଇଂରାଜୀ ଅର୍ଥ ୦୧ – ୦୩

୨. ଉପକ୍ରମ : ତାଲିମ ସହାୟିକା ପୁସ୍ତିକା (ମାନୁଆଲ) ୦୪ – ୧୧

୩. ଭାଗ – ୧ : କଳହ ରୂପାନ୍ତିକରଣ ଏବଂ ଶାନ୍ତିସ୍ଥାପନା ୧୨ – ୨୫

- କଳହ ଓ ହିଂସା
- ଶାନ୍ତି ଓ ଶାନ୍ତି ସ୍ଥାପନା

୪. ଭାଗ – ୨ : କଳହ ଚିହ୍ନଟ ଏବଂ ବିଶ୍ଳେଷଣ ୨୬ – ୪୬

- କଳହର ପ୍ରକାର
- କଳହ ମାନଚିତ୍ର ବିଶ୍ଳେଷଣ ଉପକରଣ
- କଳହ କ.ଖ.ଗ. ତ୍ରିଭୁଜ ବିଶ୍ଳେଷଣ ଉପକରଣ
- କଳହ ବୃକ୍ଷ ବିଶ୍ଳେଷଣ ଉପକରଣ
- କଳହ ସମୟରେଖା ବିଶ୍ଳେଷଣ ଉପକରଣ
- ଆବଶ୍ୟକ ଏବଂ ଭୟ ଆବର୍ଣ୍ଟନ ଜନିତ କଳହ ବିଶ୍ଳେଷଣ ଉପକରଣ

୫. ଭାଗ – ୩ : କଳହ ସମ୍ବେଦନଶୀଳତା ୪୭ – ୫୭

- କଳହ ଓ ସମ୍ବେଦନଶୀଳତା
- କାହାର କ୍ଷତି ନ କର (Do No Harm)

୬. ଭାଗ – ୪ : କଥୋପକଥନ - ମଧ୍ୟସ୍ଥତା, ଶାନ୍ତିଚୁକ୍ତି ଏବଂ ଶାନ୍ତିପ୍ରତିଷ୍ଠା ୫୮ – ୭୯

- କଥୋପକଥନ
- ମଧ୍ୟସ୍ଥତା, ଶାନ୍ତିଚୁକ୍ତି
- ଶାନ୍ତିପ୍ରତିଷ୍ଠା

୭. ଭାଗ – ୫ : ବିଭିନ୍ନ ସ୍ତରରେ ଶାନ୍ତି ସ୍ଥାପନା ୮୦ – ୮୯

- ସଂଶାଧନ ଭିତ୍ତିକ କଳହ ସମାଧାନ
- ଶିକ୍ଷା ମାଧ୍ୟମରେ ଶାନ୍ତିର ପଦୋନ୍ନତି
- ଶାନ୍ତି ପ୍ରକ୍ରିୟାରେ ଗଣମାଧ୍ୟମର ଭୂମିକା

୮. ଗ୍ରାମ୍ୟ ଶାନ୍ତି ଓ ବିକାଶ କମିଟିର ଦାୟିତ୍ୱ ୯୦ – ୯୦

୯. କିଶୋର ଓ ଯୁବ ସ୍ତରରେ ଶାନ୍ତି ଉତ୍ସବ ୯୧ – ୯୩

୧୦. ପରିଶିଷ୍ଟ : ଭାଗ ମୂଲ୍ୟାୟନ ୯୪ – ୯୪

## ମାନୁଏଲରେ ବ୍ୟବହୃତ ଓଡିଆ ଶବ୍ଦାବଳୀ ଏବଂ ତାହାର ଇଂରାଜୀ ଅର୍ଥ

| କ. ସଂ. | ଓଡିଆ ଶବ୍ଦ | ଇଂରାଜୀ ଅର୍ଥ |
|---|---|---|
| ୧ | କାର୍ଯ୍ୟପନ୍ଥା | Approach |
| ୨ | ଶିକ୍ଷଣୀୟ ପରିଣାମ | Learning outcome |
| ୩ | କାର୍ଯ୍ୟକଳାପ | Activity |
| ୪ | କଳହ ସମ୍ବେଦନଶୀଳ ବିଷୟ | Conflict sensitive issue |
| ୫ | ଲିଙ୍ଗ ସମ୍ବେଦନଶୀଳତା | Gender Sensitive |
| ୬ | ପରିକଳ୍ପନା | Design |
| ୭ | ସହଜ | Comfortable |
| ୮ | ଜଳଯୋଗକୁ | Refreshment |
| ୯ | ସମାଯୋଜନ | Adjustment |
| ୧୦ | ସୁଗମକର୍ତ୍ତା | Facilitators |
| ୧୧ | ବିଚାରୋତ୍ତେଜକ | Evocative |
| ୧୨ | ପାରସ୍ପରିକ ଆଲୋଚନା | Interact |
| ୧୩ | ଧ୍ୟାନ କେନ୍ଦ୍ରିତ | Focused |
| ୧୪ | ଆୟୋଜକ | Host |
| ୧୫ | ବାସ ସୁବିଧା | Accommodation |
| ୧୬ | ପତ୍ରିକା ଲେଖନ | Journal Writing |
| ୧୭ | ସତ୍ରର ନିଷ୍କର୍ଷ | Outcome of the session |
| ୧୮ | ବ୍ୟବସ୍ଥିତ | Systematic |
| ୧୯ | ଢାଞ୍ଚାନୁମୋଦିତ | Structural |
| ୨୦ | ଆସନ୍ନ | Proximate |
| ୨୧ | ନିଷ୍କ୍ରିୟତା | Passivity |
| ୨୨ | ପ୍ରତିହିଂସା | Counter Violence |
| ୨୩ | କ୍ରିୟାଶୀଳ ଅହିଂସା | Active Non-Violence |
| ୨୪ | ପ୍ରଣାଳୀ | System |
| ୨୫ | ବିସ୍ମୟବାଚକ | Assertive |
| ୨୬ | ନୈତିକତା | Conscience |
| ୨୭ | କଳହ ନିବାରଣ | Conflict Prevention |
| ୨୮ | କଳହ ପରିଚାଳନା | Conflict Management |
| ୨୯ | କଳହ ସମାଧାନ | Conflict Resolution |
| ୩୦ | ଶାନ୍ତି ରକ୍ଷଣ | Peace Keeping |
| ୩୧ | କଳହ ବନ୍ଦୋବସ୍ତ | Conflict Settlement |
| ୩୨ | ସଂପୂର୍ଣ୍ଣତା | Holistic |
| ୩୩ | ଦୀର୍ଘସ୍ଥାୟୀ | Sustainable |

| କ. ସଂ. | ଓଡିଆ ଶବ୍ଦ | ଇଂରାଜୀ ଅର୍ଥ |
|---|---|---|
| ୩୪ | ପରିସର | Sphere |
| ୩୫ | କାରକ | Stakeholder |
| ୩୬ | ସଂଯୋଗୀକରଣ | Linkage |
| ୩୭ | ସମୟୋଚିତ ହସ୍ତକ୍ଷେପ | Timely Intervention |
| ୩୮ | ସଂସ୍କୃତିକ ପୃଷ୍ଠଭୂମି | Cultural context |
| ୩୯ | ପରସ୍ପର ସହିତ ସଂଯୁକ୍ତ | Network |
| ୪୦ | ଗଠନ | Structure |
| ୪୧ | ଦୀର୍ଘକାଳୀନ | Long term |
| ୪୨ | ବ୍ୟକ୍ତିଗତ | Intra-personal |
| ୪୩ | ଦୁଇ ବା ତତୋଧିକ ବ୍ୟକ୍ତି | Interpersonal |
| ୪୪ | ଦଳୀୟ | Intra-Group/Communal |
| ୪୫ | ଆନ୍ତର୍ଦଳୀୟ | Inter group/Communal |
| ୪୬ | ଜାତୀୟ | International |
| ୪୭ | ଆନ୍ତର୍ଜାତୀୟ | International |
| ୪୮ | ସମ୍ବୋଧନ | Address |
| ୪୯ | କର୍ତ୍ତାସମୂହ | Actors |
| ୫୦ | ପ୍ରଣାଳୀଗତ | Systematic |
| ୫୨ | ଦୃଷ୍ଟିଭଙ୍ଗୀ | Perspectives |
| ୫୩ | ଉଗ୍ରତର | Escalate |
| ୫୪ | ପ୍ରବୃତ୍ତି | Trends |
| ୫୫ | ପଦକ୍ଷେପ | Intervene |
| ୫୬ | ସନ୍ଧି | Alliance |
| ୫୭ | କାର୍ଯ୍ୟନୀତି | Strategy |
| ୫୮ | ପ୍ରବେଶପଥ | Entry Points |
| ୫୯ | ମୁଖ୍ୟ ବିଚାର୍ଯ୍ୟ ବିଷୟ | Core Issue |
| ୬୦ | ପ୍ରଭାବସବୁ | Effects |
| ୬୧ | ମଧ୍ୟକ୍ଷେପ | Intervention |
| ୬୨ | ସମାବିଷ୍ଟ କରିବା | Accommodating |
| ୬୩ | ପାର୍ଥିବ ଆବଶ୍ୟକତା | Physical Needs |
| ୬୪ | ସୁରକ୍ଷାଗତ ଆବଶ୍ୟକତା | Security Needs |
| ୬୫ | ପରିଚୟଗତ ଆବଶ୍ୟକତା | Identical-Needs |
| ୬୬ | ଅବଧାରଣା | Concept |
| ୬୭ | ଅନୁଶୀଳନୀ | Exercise |
| ୬୮ | ଅଣ ନ୍ୟାୟିକ | Non- Judgmental |
| ୬୯ | ଆବଶ୍ୟକତା ଓ ଅଭିରୁଚି | Needs & Concern |

| କ. ସଂ. | ଓଡିଆ ଶବ୍ଦ | ଇଂରାଜୀ ଅର୍ଥ |
|---|---|---|
| ୭୦ | କାର୍ଯ୍ୟସୂଚୀ ବିଷୟ | Agenda item |
| ୭୧ | ସ୍ଥିତିୟ ଚୁକ୍ତିପୂର୍ବ ଆଲୋଚନା | Positional Negotiation |
| ୭୨ | ଅନର୍ଗଳ ବିବରଣୀ | Uninterrupted Statements |
| ୭୩ | କାହାଣୀ ଓ ବିବରଣୀ | Stories and Statements |
| ୭୪ | କାର୍ଯ୍ୟକାରୀତା | Implementation |
| ୭୫ | ଅନୁବର୍ତ୍ତନ | Follow up |
| ୭୬ | ବାର୍ତ୍ତାଳାପ | Dialogue |
| ୭୭ | ମୌଳିକ ସିଦ୍ଧାନ୍ତ | Ground rule |
| ୭୮ | ମନ୍ଥନ | Brainstorm |
| ୭୯ | ପୂର୍ବଧାରଣା | Prejudice |
| ୮୦ | ପରମ୍ପରାଗତ ଧାରଣା | Stereotypes |
| ୮୧ | ଉତ୍ପୀଡ଼ନ | Oppression |
| ୮୨ | ସାମ୍ପ୍ରଦାୟୀକ କଥା | Communal Narrative |
| ୮୩ | ଚୟନାତ୍ମକ ସ୍ମୃତି | Selective Memories |
| ୮୪ | ସହିଷ୍ଣୁତା ବୃଦ୍ଧିକରଣ | Increasing Tolerance |
| ୮୫ | ଅନ୍ତିମ ରୂପରେଖା | Blueprint |
| ୮୬ | ସଂଶାଧନ ଭିତ୍ତିକ କଳହ | Resource based conflict |
| ୮୭ | ପରିଚୟ ଆଧାରିତ କଳହ | Identity Based Conflict |
| ୮୮ | ଲିଙ୍ଗଗତ କଳହ | Gender Based Conflict |
| ୮୯ | ନିବାରକ | Exclusive |
| ୯୦ | ଅତିବ୍ୟାପକ | Overlapping |
| ୯୧ | ଗଣମାଧ୍ୟମ | Media |
| ୯୨ | ବ୍ୟାଖ୍ୟାକରଣ | Interpretation |
| ୯୩ | ସମାଚାର କକ୍ଷ | Newsroom |
| ୯୪ | ମାନବୀୟକରଣ | Humanize |
| ୯୫ | ମାନବ ଅଧିକାରର ରକ୍ଷକ | Human rights defenders |
| ୯୬ | ଖନନ ଉଦ୍ୟୋଗ | Extractive industries |
| ୯୭ | ଭିତ୍ତିଭୂମି ଯୋଜନା | Infrastructure projects |
| ୯୮ | ସଙ୍ଘାତ | Impact |
| ୯୯ | ନାରିବାଦୀ | Feminist |

# ଉପକ୍ରମ : ତାଲିମ ସହାୟିକା ପୁସ୍ତିକା (ମାନୁଆଲ)

୧. **ଉଦ୍ଦେଶ୍ୟ:** ଏହି ତାଲିମ ସହାୟିକା ପୁସ୍ତିକା, ତାଲିମ ଦାତାମାନଙ୍କ ପାଇଁ ସରଳ, ସହଜ ଓ ସୁନ୍ଦର ଭାବେ କଳହ ରୂପାନ୍ତିକାରଣ ଓ ଶାନ୍ତିପ୍ରତିଷ୍ଠାର ଭାବାତ୍ମକ ଚିନ୍ତାକୁ ଉପସ୍ଥାପନା କରିବାରେ ସାହାଯ୍ୟ କରିବ । ଏହି ତାଲିମ ପୁସ୍ତିକାଟିକୁ ବ୍ୟବହାର କରି ତାଲିମଦାତାମାନେ ନିଶ୍ଚିତ ହେବେ ଯେ ସେମାନେ ପ୍ରାସଙ୍ଗିକ ବିଷୟ ବସ୍ତୁ ଉପରେ ଯଥେଷ୍ଟ ଜ୍ଞାନ ଓ ତଥ୍ୟ ଆହରଣ କରି ପାରିବେ ।

ଏହି ମାନୁଏଲରେ ବିବେଚନା ପାଇଁ ଦିଆଯାଇଥିବା କାର୍ଯ୍ୟକ୍ରମ ଅଧିବେଶନର ଉଦ୍ଦେଶ୍ୟ, ବିଭାଗ, ତାଲିମ ପ୍ରଣାଳୀ, ତାଲିମ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟାବଳୀ ଓ ଉପକରଣଗୁଡ଼ିକ ଇତ୍ୟାଦିକୁ ନମନୀୟ ଭାବେ ସ୍ଥାନ, କାଳ ଓ ପାତ୍ରକୁ ଦୃଷ୍ଟିରେ ରଖି ବ୍ୟବହାର କରିବା ଉଚିତ ।

## ୨. ତାଲିମ ପୁସ୍ତିକାଟିର ରୂପରେଖ ବା ପରିକଳ୍ପନା

ଏହି ସହାୟିକା ପୁସ୍ତିକାଟିକୁ ଏଭଳି ଭାବରେ ପରିକଳ୍ପନା କରାଯାଇଛି ଯାହାକି ୫.୫ ଦିନ ବ୍ୟାପି ତାଲିମରେ ତାଲିମ ଦିଆଯିବ । ପୁସ୍ତିକାଟିର ରୂପରେଖରେ ଅନେକ ପ୍ରଣାଳୀ ଯଥା, ଉପସ୍ଥାପନା, ଛୋଟ ଦଳ ଆଲୋଚନା, ବଡ ଦଳ ଆଲୋଚନା, ଅଂଶ ଗ୍ରହଣ କାରୀଙ୍କ ଉପସ୍ଥାପନା, ବାର୍ତ୍ତାଳାପ ଗତିବିଧି (Role Play) ଏବଂ ସକ୍ରିୟ ରହିବା ନିମନ୍ତେ ଖେଳ (Energizers) ଇତ୍ୟାଦିଙ୍କୁ ସ୍ଥାନ ଦିଆଯାଇଛି । ତାଲିମ ଦାତାମାନେ ପ୍ରତ୍ୟେକ ଭାଗରେ ଦିଆଯାଇଥିବା ବିଷୟ ବସ୍ତୁ ଓ ସମୟ ନିର୍ଘଣ୍ଟକୁ ପାଥେୟ କରି ତାଲିମ ଦେବା ଆବଶ୍ୟକ । ଏହି ସହାୟିକା ପୁସ୍ତିକାଟିକୁ ୫ ଗୋଟି ଭାଗରେ ବିଭକ୍ତ କରାଯାଇଛି ଓ ପ୍ରତି ଭାଗକୁ କେତୋଟି ଅଧିବେଶନରେ ବିଭକ୍ତ କରାଯାଇଛି ।

| ଭାଗ | ବିଷୟ ବସ୍ତୁ | ସମୟ |
|---|---|---|
| ଭାଗ – ୧ | କଳହ ରୂପାନ୍ତିକରଣ ଏବଂ ଶାନ୍ତିସ୍ଥାପନ | ୧.୫ ଦିନ |
| ଭାଗ – ୨ | କଳହ ବିଶ୍ଳେଷଣ | ୧ ଦିନ |
| ଭାଗ – ୩ | କଳହ ସମ୍ବେଦନଶୀଳତା | ୧.୫ ଦିନ |
| ଭାଗ – ୪ | କଳହ ସମାଧାନ କରିବା କୌଶଳ | ୧ ଦିନ |
| ଭାଗ - ୫ | ବିଭିନ୍ନ ସ୍ତରରେ ଶାନ୍ତି ସ୍ଥାପନା | ୦.୫ ଦିନ |

ପ୍ରତ୍ୟେକ ଭାଗରେ, ଭାଗର ଲକ୍ଷ ଏବଂ ପୂର୍ବ ଭାଗର ଅବଲୋକନରୁ ଆରମ୍ଭ ହୋଇଥାଏ । ପ୍ରତି ଭାଗ ଏକାଧିକ ଅଧିବେଶନରେ ବିଭକ୍ତ, ଏବଂ ପ୍ରତ୍ୟେକ ଅଧିବେଶନରେ ବିଭିର୍ନ କାର୍ଯ୍ୟକ୍ରମ ଓ କାର୍ଯ୍ୟ ଶୈଳୀ ସନ୍ନିବେଶିତ ହୋଇଥାଏ, ଯଥା, ତାଲିମ ଦାତାଙ୍କ ଉପସ୍ଥାପନ, ଛୋଟ ଦଳ ଆଲୋଚନା, ବଡ ଦଳ ଆଲୋଚନା ଓ ବାର୍ତ୍ତାଳାପ ଗତିବିଧି (Role Play) ।

ଏହି ତାଲିମ ସହାୟିକା ପୁସ୍ତିକାର କେତେକ ସ୍ଥାନରେ ଥିବା ତାଲିମ ଦାତାଙ୍କ ଉପସ୍ଥାପନା ଏକାନ୍ତ ଗୁରୁତ୍ୱପୂର୍ଣ ଏବଂ ଉପଯୋଗୀ ଅଟେ । କାରଣ ସେହି ଉପସ୍ଥାପନା ମାଧ୍ୟମରେ ସେମାନେ କେତେକ ନୂଆ ଧାରଣାକୁ ପରିଚୟ ଦେଇ ବର୍ଣନା କରନ୍ତି, ପୁଣି କେତେକ ଅଧିବେଶନ ଉଚିତ କାର୍ଯ୍ୟକ୍ରମ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରନ୍ତି ।

- ଅଧିକାଂଶ ଅଧିବେଶନରେ ଚିହ୍ନଟ କରାଯାଇଥିବା ବିଷୟଗୁଡିକ ତାଲିମ ଦାତାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସହାୟକ ଅଟେ ।
- ଏବଂ ପ୍ରତ୍ୟେକ ଭାଗ ଶେଷରେ ଅଧିବେଶନର ସହାୟକ କାଗଜପତ୍ର/ବିବରଣ-ପତ୍ର (Handouts) ସଂଲଗ୍ନ କରାଯାଇଛି ।

## ୩. କର୍ମଶାଳା ପ୍ରାରମ୍ଭ: ତାଲିମ ଦାତାଙ୍କ ପାଇଁ ସମ୍ୟକ ପର୍ଯ୍ୟାଲୋଚନା

ଜଣେ କୁଶଳୀ ତାଲିମଦାତା ଭାବରେ, ଆପଣଙ୍କ ତାଲିମ ଦେବା ଧାରଣା ଓ ଅନୁଭୂତି ନିଶ୍ଚିତ ଅଧିକ ଥିବ, ବିଶେଷତଃ ତାଲିମର କୌଶଳ ଓ ଶୈଳୀ କୁ ନେଇ । ପରନ୍ତୁ, ତାଲିମ ଦେବାର କେତେକ ସାଧାରଣ ଶୈଳୀ ଗୁଡିକୁ ପୁଣି ସ୍ମରଣ କରିବା ଆପଣଙ୍କ ପାଇଁ ଉପକାର ହେବା ସାଥେ ସାଥେ ଏହି ପୁସ୍ତିକାରେ ବର୍ଣ୍ଣିତ ତାଲିମ ଦେବାର ତରିକା ଆପଣଙ୍କ ପାଇଁ ବହୁତ ଭାବେ ସହାୟକ ହେବ । ଏଥିମଧ୍ରୁ କେତେକ, ଭାଗ - ୧ ର ପ୍ରଥମ ଅଧିବେଶନରେ ଏହାର ପରିଚୟ ଏବଂ ଅଭ୍ୟାସ ଉପରେ ଆଲୋଚନା କରାଯାଇଛି ଏବଂ ତାହା ତାଲିମର ଶେଷ ଯାଏଁ ପୁନଃ ଆଲୋଚନା ମଧ କରାଯାଇଛି ।

### ୩.୧. ତାଲିମ ଦାତାଙ୍କ ଦାଇତ୍ୱ:

ଜଣେ ତାଲିମ ଦାତା ଭାବେ, ଆପଣଙ୍କୁ ତାଲିମ ଅଂଶ ଗ୍ରହଣକାରୀଙ୍କ ପାଇଁ ଏକ ସୁରକ୍ଷିତ ଓ ନିରାପଦ ପରିବେଶ ସୃଷ୍ଟି କରିବା ଅପରିହାର୍ଯ୍ୟ ଅଟେ । ଯାହାଦ୍ୱାରା ସେମାନେ ଆଲୋଚନା ଓ ପର୍ଯ୍ୟବେକ୍ଷଣ ମାଧମରେ ତା'ଙ୍କ ନିଜସ୍ୱ ଜୀବନ ଉପରେ ପ୍ରଭାବ ପକାଉଥିବା କଳହ ସମ୍ବେଦନଶୀଳ ପର୍ଯ୍ୟବେସିତ ଘଟଣା-ଦୁର୍ଘଟଣା ଗୁଡିକୁ ସ୍ମରଣ କରିପାରିବେ । ଏହା କରିବା ପାଇଁ, ତାଲିମ ଆରମ୍ଭ ହେବ ପୂର୍ବରୁ, ଜଣେ ନୈତିକ ଓ ପେଶାଗତ ତାଲିମ ଦାତା କିଛି ପଦକ୍ଷେପ ନେବାକୁ ପଡିବ ।

**ଆତ୍ମ ଅନୁଧାନ:** ତାଲିମ ଦେବାପାଇଁ, ଆପଣଙ୍କ ବ୍ୟକ୍ତିଗତ ପ୍ରସ୍ତୁତି ନିମନ୍ତେ କିଛି ସମୟ ଅନୁଧାନ କରିବେ । ଉତ୍ତମ ତାଲିମଦାତା ନିଜକୁ ନିଜେ ଏହିପରି ନିମ୍ନଲିଖିତ ପ୍ରଶ୍ନ ପଚାରନ୍ତି:

- ଆମେ ଏହି ତାଲିମ କାହିଁକି କରୁଛୁ ଏବଂ ଏହା କାହିଁକି ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ?
- ଏହି ତାଲିମ ନେଇ ସାରିବା ପରେ, ତାଲିମ ଅଂଶ ଗ୍ରହଣକାରୀମାନଙ୍କ କାର୍ଯ୍ୟକ୍ରମରେ କେଉଁ ପରିବର୍ତ୍ତନ ଆସିବ ବୋଲି ମୁଁ ଆଶା କରେ ?
- ଏହି ତାଲିମରୁ ତାଲିମ ଅଂଶ ଗ୍ରହଣକାରୀମାନେ କ'ଣ ଆଶା କରନ୍ତି ?
- ଜଣେ ତାଲିମ ଦାତା ଭାବେ, ଏହି ତାଲିମ ପାଇଁ ମୋର ଯୋଗ୍ୟତା ଓ ପ୍ରେରଣାତ୍ମକ ଭାବ କ'ଣ କ'ଣ ଅଛି ? (ଏହା ଉପରେ ତାଲିମ ଅଂଶ ଗ୍ରହଣକାରୀମାନେ ଆଗ୍ରହୀ ହେବେ)
- ତାଲିମ ଅଂଶ ଗ୍ରହଣକାରୀମାନଙ୍କ ବିଷୟରେ ମୋର ପୂର୍ବ ଧାରଣା ଗୁଡିକ କ'ଣ ?
- ତାଲିମର ସ୍ଥାନ ଉପରେ ମୋର କିଛି ପୁର୍ବାଗ୍ରହ କିମ୍ବା ନକାରାତ୍ମକ ଭାବନା ଅଛି କି ?
- ଲୋକେ ମୋତେ କିଭଳି ବୁଝି ପାରିବେ ?

ଆପଣ ଯଦି ଚାହିଁବେ, ଏହି ବିଷୟରେ ଆପଣଙ୍କ ସହ-ତାଲିମ ଦାତାଙ୍କ ସହିତ ଆଲୋଚନା କରିପାରିବେ. ସହ-ତାଲିମ ଦାତାଙ୍କ ସହ ପ୍ରସ୍ତୁତି: ଅତି କମରେ ଦୁଇ ବା ତତ୍ୱାଧିକ ଦଳ ସହିତ କାମ କରିବା ଏକ ଭଲ ଅଭ୍ୟାସ ଅଟେ ।

ଏହାର ଅର୍ଥ ଯାହାକି ଅନୁଭୂତି, କୌଶଳ, ବ୍ୟକ୍ତିତ୍ୱ, ତାଲିମ ଦେବାର ଶୈଳୀ ଏବଂ ଆଦର୍ଶ ରୂପରେ ଏକ ଲିଙ୍ଗ ଭିତିକ ସନ୍ତୁଳନ ଇତ୍ୟାଦିର ମିଶ୍ରଣ ଅଟେ । ଏହାର ଅର୍ଥ ଏହାବି ହୋଇପାରେ, ଆପଣ ଉଭୟେ ଉଭୟଙ୍କୁ ସହାୟତା ଓ ତାଲିମ ଅଧିବେଶନର ପ୍ରସ୍ତୁତି ଏବଂ ଉପସ୍ଥାପନାରେ ସହଯୋଗ କରିପାରିବେ ।

ଆପଣଙ୍କ ସହ-ତାଲିମ ଦାତାଙ୍କ ସହିତ ତାଲିମ ସମ୍ପର୍କିତ ଦାୟିତ୍ୱମାନ ବଣ୍ଟନ କରି, କିଏ କେତେବେଳେ କ'ଣ କରିବ ନିର୍ଧାରଣ କରିବା ପାଇଁ ତାଙ୍କ ସହିତ ଯଥେଷ୍ଟ ସମୟ ବିନିଯୋଗ କରିବା ଆବଶ୍ୟକ । ଆପଣଙ୍କ କାର୍ଯ୍ୟ ଶୈଳୀ ଓ କାର୍ଯ୍ୟ ସମ୍ପର୍କରେ, ଯଥା ସମ୍ଭାବିତ କଳହକୁ ଆପାଣ କିଭଳି ସମାଧାନ କରିବେ, ସେସବୁ ବିଷୟରେ ଆଲୋଚନା କରନ୍ତୁ । ବିଶେଷତଃ, ତାଲିମର ଉଦ୍ଦେଷ୍ୟ ଏବଂ ଶିକ୍ଷଣୀୟ ଫଳାଫଳକୁ ନେଇ ଆପଣ ନିଜେ ସୁନିଶ୍ଚିତ ହେବା ବିଧେୟ ।

ଜଣେ ତାଲିମ ଦାତା ଭାବେ ଆପଣ ମନେରଖିବାକୁ ହେବ ଯେ, ଆପଣଙ୍କ ଦାଇତ୍ୱ ହେଉଛି ତାଲିମ ମାଧମରେ ଶିଖିବା ପ୍ରକ୍ରିୟାକୁ ସହାୟତା ଦେବା, ଯାହା କଳହ ରୂପାନ୍ତରିତ କରିବା ପାଇଁ ତାଲିମ ଅଂଶ ଗ୍ରହଣକାରୀମନଙ୍କୁ ଆପଣା ଆପଣା ଅନୁଭୂତିରୁ କାର୍ଯ୍ୟକ୍ରମର ଶୈଳୀମାନ ପ୍ରସ୍ତୁତି କରିବାରେ ପ୍ରେରଣା ଯୋଗେଇବ । ଏହି ତାଲିମ ପୁସ୍ତିକାର ବିଷୟ ବସ୍ତୁକୁ ବ୍ୟବହାର କରି, ଆପଣ ବିଭିର୍ଣ୍ଣ ଉପକରଣର ପରିଚୟ ଦେଇପାରିବେ, ଯ'ଦ୍ୱାରା ଆପଣଙ୍କୁ ଲାଗିବ, ଏହି ପୁସ୍ତିକା ସହାୟ ଓ ବ୍ୟବହାର ଉପଯୋଗୀ ଅଟେ - କିନ୍ତୁ ତାଲିମ ଅଂଶ ଗ୍ରହଣକାରୀମାନେ ଯେପରି ଏହା ଉପରେ ପ୍ରଶ୍ନ ପଚାରିବେ ଏବଂ ନିଜସ୍ୱ ଆବଶ୍ୟକତାକୁ ଅନୁକୂଳ କରିବାପାଇଁ ସକ୍ଷମ ହେବେ, ସେଇଥିପାଇଁ ଆପଣ ସେମାନଙ୍କୁ ଉତ୍ସାହିତ କରିବେ ।

ତାଲିମ ଦାତା ଏବଂ ସୁଗମ କର୍ତ୍ତା ରୂପେ ଆପଣ ସମସ୍ତ ବିଷୟରେ ପାରଙ୍ଗମ/ନିପୁଣ ବୋଲି ଆଶା କରାଯାଏ ନାହିଁ । ଯଦି କୌଣସି ପ୍ରଶ୍ନର ଉତ୍ତର ଆପଣ ଜାଣି ନାହାନ୍ତି, ତେବେ ତାହାର ଅଜ୍ଞାତ ବିଷୟରେ ସ୍ୱୀକାର କରିନିଅନ୍ତୁ ଏବଂ ଏହାର ସଠିକ ଉତ୍ତର ଜାଣିବାପାଇଁ ନିଜ ସହ-ତାଲିମଦାତାମାନଙ୍କର ସାହାଯ୍ୟ ନେବାପାଇଁ ଚେଷ୍ଟା କରନ୍ତୁ । ଯଦି ଉତ୍ତର ମିଳୁନି, ତେବେ ସେହି ପ୍ରଶ୍ନକୁ ଆବଶ୍ୟକ ମୁତାବକ ସ୍ଥଗିତ ରଖନ୍ତୁ, ଏବଂ ଚେଷ୍ଟା କରନ୍ତୁ, ପରବର୍ତ୍ତୀ ମୁହୂର୍ତ୍ତରେ କାଳେ ଆପଣ କିମ୍ବା ତାଲିମ ଅଂଶ ଗ୍ରହଣକାରୀମାନେ ସେହି ଉତ୍ତର ଖୋଜି ବାହାର କରିପାରନ୍ତି ।

**ଆବଶ୍ୟକୀୟ ଉପକରଣ ଅଛି କି ନାହିଁ ନିଶ୍ଚିତ କରିବା:** ତାଲିମ ଆରମ୍ଭ ପୂର୍ବରୁ ପ୍ରଶିକ୍ଷକ ଦଳ ତାଲିମ ସ୍ଥାନଟି ବା କେନ୍ଦ୍ର ଉପଯୋଗୀ କି ନୁହେଁ ଏବଂ ଯଥୋଚିତ ଭାବେ ସଜାଯାଇଛି କି ନାହିଁ ତାହା ନିଶ୍ଚିତ କରିବା ଆବଶ୍ୟକ ।

## ୩.୨. ତାଲିମର ବ୍ୟବହାର କରାଯାଉଥିବା ନୀତିନୀୟମ

କେତେକ ତାଲିମଦାତା ଭାବନ୍ତି ଯେ, "ଶିକ୍ଷଣୀୟ ଚୁକ୍ତି" ପ୍ରଶିକ୍ଷଣ ଆରମ୍ଭରୁ ହିଁ ଅଂଶ ଗ୍ରହଣକାରୀ ଓ ତାଲିମଦାତା ମଧ୍ୟରେ ନିର୍ଦ୍ଧାରଣ କରାଯାଏ । ତେଣୁ ଅଂଶ ଗ୍ରହଣକାରୀଙ୍କ ମଧ୍ୟରେ ସମ୍ମତି ପ୍ରକାଶ କରି ତାଲିମ କେନ୍ଦ୍ରର ନିତୀ ନୀୟମ ନିର୍ଦ୍ଧାରଣ କରିଥାନ୍ତି ।

**ନୀତୀନୀୟମ ଗୁଡ଼ିକ:** ପ୍ରତ୍ୟେକଟି ଅଧିବେଶନରେ ପ୍ରତିଟି ଅଂଶ ଗ୍ରହଣକାରୀ ତତ୍ପରତା ସହ ଆରମ୍ଭ କରିବା ଆବଶ୍ୟକ ।

- ମୋବାଇଲ ଫୋନ ସବୁ ବନ୍ଦ ରଖାଯିବ

- ଡ଼ିଜିଟାଲ କ୍ୟାମେରା ନିଷିଧ କରିବା
- କେତେକ ଅଂଶ ଗ୍ରହଣକାରୀଙ୍କ ମତାନ୍ତର ସତ୍ତ୍ୱେ ବିବିଧ ବିଚାର ଧାରାକୁ ସମ୍ମାନ ଦେବା
- ଅଂାଶ ଗ୍ରହଣକାରୀମାନେ ମତ ପ୍ରକାଶ କରିବା ବେଳେ ସେମାନଙ୍କୁ ବାରଣ ନ କରିବା
- ଭିନ୍ନ ଭିନ୍ନ ସଂପ୍ରଦାୟ ସଂସ୍କୃତିକୁ ସମ୍ମାନ ହେବା
- ଅଂଶ ଗ୍ରହଣକାରୀମାନଙ୍କ ମଧ୍ୟରେ ଲିଙ୍ଗଗତ ସମ୍ବେଦନ ଶୀଳତା ରହିବା ।
- ପ୍ରତ୍ୟେକଙ୍କର ସ୍ୱର ବା କଥା ଶୁଣିବା
- ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବାପାଇଁ ନିରୁତ୍ସାହିତ କରିବା ।

୩.୩. **ତାଲିମ ପାଇଁ ଅତିରିକ୍ତ ଟିପଣୀ:-** ଏହି ସହାୟିକା ପୁସ୍ତିକାରେ ବ୍ୟବହୃତ ତାଲିମ ପ୍ରଣାଳୀ ସଂପୂର୍ଣ୍ଣ ଭାବେ ସମସ୍ତଙ୍କ ଅଂଶଗ୍ରହଣ ପାଇଁ ପ୍ରୟାସ କରିବ । ଏହି ପ୍ରୟାସ, କଳହ ସମ୍ବନ୍ଧୀୟ କାର୍ଯ୍ୟପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଲୋକଙ୍କ ଅନୁଭୂତି ଓ ଦୃଷ୍ଟିଭଙ୍ଗୀ ଉପରେ ଆଧାରିତ କଳହ ସମାଧାନରେ କାର୍ଯ୍ୟ କରିବା ସମୟରେ ଲୋକଙ୍କ ଭାବନା, ଅନୁଭୂତି ଓ ଆଚରଣ ଜଣାଏ ତଥା ଆମର କାର୍ଯ୍ୟ ଶୈଳୀ ଏବଂ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ଅନୁଷ୍ଠାନର ମାନବ ସମ୍ବଳ ତାଳ ମେଳ ରଖିଥାଏ । ତଥାପି ଏହି ପ୍ରୟାସ ଓ ଉପାୟର ଶସୀମା ବୋଧତା ରହିଛି ।

**ସିଦ୍ଧ ଜ୍ଞାନର କୌଶଳ:-** ଆମେ ପରିଚାଳନା କରୁଥିବା ତାଲିମକୁ ଆମେ ଯେଉଁ ଅଂଶ ଗ୍ରହଣକାରୀ ଦଳକୁ ନେଇ ଆୟୋଜନ କରୁଛୁ ସେମାନଙ୍କ ମଧ୍ୟରୁ କେତେ ବା ଅଧିକାଂଶ ନିଜ ଅଞ୍ଚଳର ଢ଼ାଞ୍ଚାଗତ ଭାବେ କାୟା ବିସ୍ତାର କରିଥିବା କଳହ ଯାହାକି ଜନ ଭିତରେ ସାଧାରଣ ନିୟମ, ଆଇନ, ବ୍ୟବସ୍ଥା, ପ୍ରଶାସନିକ କାର୍ଯ୍ୟକଳାପ ବିଷୟରେ ସୀମିତ ଜ୍ଞାନ ରହିଛି ।

ତାଲିମ ବା ପ୍ରଶିକ୍ଷଣ ପ୍ରକ୍ରିୟାକୁ ଉତ୍ତମ ରୂପେ ଫଳପ୍ରଦ କରିବା ପାଇଁ ଉପଯୁକ୍ତ ବିଷୟ ଗୁଡ଼ିକରେ ନିପୁଣ ଓ ବିଜ୍ଞ ବ୍ୟକ୍ତିମାନଙ୍କୁ ଆହ୍ୱାନ କରି ସେମାନଙ୍କର ବିଜ୍ଞତାକୁ ଉପଯୋଗ ଅତି ଯତ୍ନ ସହକାରେ କରିବା ଉଚିତ ।

ଆଦର୍ଶ ଭାବରେ କହିବାକୁ ଗଲେ, ଏଭଳି ଲୋକମାନଙ୍କୁ ଶିକ୍ଷାଦେବାକୁ ଆହ୍ୱାନ କରିବା ଉଚିତ । ଅଂଶ ଗ୍ରହଣକାରୀମାନେ ବିଶ୍ଳେଷଣ ପ୍ରକ୍ରିୟା ଓ କାର୍ଯ୍ୟ ସ୍ଥିର କରିବା ପାଇଁ ଏକ ଉତ୍ତମ ପରିବେଶ ଓ ଶ୍ରେଷ୍ଠ ଜ୍ଞାନ ପାଇବେ । ଏହାର ଅର୍ଥ ନୁହେଁ ଯେ, ଉପରୋକ୍ତ ପ୍ରଶିକ୍ଷକ ଗଣ ଯାହା ତାଲିମ ଦେବେ ତାହା ଅପେକ୍ଷାକୃତ ଭଲ ଅଟେ । କିନ୍ତୁ ତାହା କଳହ ପରିସ୍ଥିତିରେ ଅଂଶ ବିଶେଷ ହୋଇଥିବାରୁ ବିଶ୍ଳେଷଣ ପ୍ରକ୍ରିୟା ଅଧିକ ପ୍ରାଞ୍ଜଳ ହୋଇପାରିବ ।

ତାଲିମ କାର୍ଯ୍ୟକ୍ରମର ଆଞ୍ଚଳିକ ଜ୍ଞାନ ବା ନିଜର ଅଭିଜ୍ଞତା ହିଁ ପ୍ରାଥମିକ ବିଷୟ ଅଟେ । ତଥପି ଅତିରିକ୍ତ ଜ୍ଞାନ ଓ କାହିଁକି ଜ୍ଞାନ ଅଂଶ ଗ୍ରହଣକାରୀଙ୍କୁ ସଠିକ୍ ରୂପେ ବୁଝିବାକୁ ସାହାଯ୍ୟ କରିଥାଏ ।

## ୪. ତାଲିମ ପୁସ୍ତିକାରେ ବ୍ୟବହୃତ ହେଉଥିବା ପ୍ରମୁଖ ଭାବପୂର୍ଣ୍ଣ ପଦ ଓ ଭାବାତ୍ମକ ଧାରଣା

☞ **ନାଗରିକ ସମାଜ** - ନାଗରିକ ସମାଜ କହିଲେ, ଅନୁଷ୍ଠାନ ଗୁଡ଼ିକର ଶ୍ରେଣୀ ସମୂହ, ଦଳ ଓ ସଙ୍ଗଠନ ଗୁଡ଼ିକ ଯାହାକି ସମାଜର ବିବିଧ ସ୍ୱାର୍ଥ ଓ ପ୍ରଶାସନକୁ ସୁନ୍ତୁଳିତ କରିଥାଏ ।

☞ **କଳହ** - କଳହ ହେଉଛି, ଯେତେବେଳେ ୨ ବା ତତୁର୍ଦ୍ଧ ପକ୍ଷ ନିଜନିଜର ସ୍ୱାର୍ଥ ନିମନ୍ତେ ପରସ୍ପର ମଧ୍ୟରେ ସହନଶୀଳ ହୋଇପଡ଼ନ୍ତି ଓ ହିଂସାତ୍ମକ ମାନସିକତା ପ୍ରକାଶ କରିଥାନ୍ତି ବା ଏଭଳି କର୍ମ କରନ୍ତି ଯ'ଦ୍ୱାରା ଅପର ପକ୍ଷକୁ ନିଜର ସ୍ୱାର୍ଥ ହାସଲ ପାଇଁ ମହଜୁଦ ଥିବା ସାମର୍ଥ୍ୟକୁ କ୍ଷତି ପହଞ୍ଚେଚ, ସେତେବେଳେ କଳହର ସୂତ୍ରପାତ ହୋଇଥାଏ ।

☞ **କଳହ ବିଶ୍ଲେଷଣ** - କଳହ ବିଶ୍ଲେଷଣ ହେଉଛି ଏକ ସଙ୍ଗଠିତ ପ୍ରକ୍ରିୟା ଯାହା ଦ୍ୱାରା କଳହକୁ ବିଶ୍ଲେଷଣ କରି ତାହା ଉତ୍ତମ ରୂପେ ହୃଦବୋଧ କରିବା ତଥା ଏହାର ପୃଷ୍ଠଭୂମି ଇତିହାସ ଜାଣିବା । ଏଥିରେ ସଂଶ୍ଲିଷ୍ଟ ଥିବା ଓ ପରିଚାଳନା କରୁଥିବା ମୂଖ୍ୟ ଦଳଗୁଡ଼ିକ ଜାଣିବା ଏବଂ କଳହର ମୂଖ୍ୟ ପରିଚାଳକ, ଦୃଷ୍ଟିଭଙ୍ଗୀ ଓ ପ୍ରେରଣା ଏବଂ ଶାନ୍ତି ନିମନ୍ତେ ପ୍ରଚ୍ଛଦ ଉପାଦାନ ଗୁଡ଼ିକୁ ଜାଣିବା ।

☞ **କଳହ ସଞ୍ଚାଳନ ବା ପରିଚାଳନା** - କଳହ ପରିଚାଳନା କହିଲେ, ହିଂସାର ଅଗ୍ରଗତିକୁ ରୋକିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ନିଆଯାଇଥିବା ପଦକ୍ଷେପ ହୁଏତ ତାହା ଭୂମି ସହିତ ଲମ୍ବ ଭାବରେ ହିଂସାର ଉଗ୍ରତା କିମ୍ବା ଭୂମି ସହିତ ସମାନ୍ତରାଳ ଭାବେ (ଭୌଗଳିକ ଭାବେ ବିସ୍ତୃତ) ପରିଦୃଷ୍ଟ ହେବା ବା ଘଟୁଥିବା ହିଂସାତ୍ମକ କଳହ ।

☞ **କଳହ ବା କଳହର ପ୍ରତିରୋଧ –** କଳହ ବା କଳହର ପ୍ରତିରୋଧ କହିଲେ ବାରମ୍ବାର ଘଟୁଥିବା ବା ହଠାତ୍ ଉଦ୍ରେକ ହେଉଥିବା ହିଂସାତ୍ମକ କଳହକୁ ପ୍ରତିରୋଧ କରିବାପାଇଁ ତଥା ହିଂସା ଜନିତ ଚିନ୍ତାଧାରକୁ ହ୍ରାସ କରିବା ପାଇଁ ନିଆଯାଇଥିବା ସ୍ୱଳ୍ପକାଳିନ କାର୍ଯ୍ୟାବଳୀ ।

☞ **କଳହ ସମାଧାନ –** କଳହ ସମାଧାନ କହିଲେ ସ୍ୱଳ୍ପକାଳୀନ କାର୍ଯ୍ୟାବଳୀ, ଯାହାକି ହିଂସାତ୍ମକ କଳହକୁ ସମ୍ପୂର୍ଣ୍ଣରୂପେ ସମାପ୍ତ କରିଥାଏ

☞ **କଳହ ସମ୍ବେଦନଶୀଳ ପ୍ରୟାସ** – କହିଲେ ତୁମେ ସଞ୍ଚାଳନ କରୁଥିବା ବିଷୟବସ୍ତୁକୁ (କଳହର ମୁଖ୍ୟ ପରିଚାଳନାକାରୀ, ପରିଚାଳକ, ମୂଳବ୍ୟକ୍ତି) ବିଶ୍ଲେଷଣ କରି ତାହାକୁ ଉତ୍ତମ ରୂପେ ବୁଝିପାରିବା, ଯଦ୍ୱାରା ତୁମର ପ୍ରୟାସ, କଳହ ସମ୍ପର୍କିତ ସମସ୍ୟା ଗୁଡ଼ିକରେ ପ୍ରଭାବ ବିସ୍ତାର କରିପାରିବା, ଯାହାକି ତୁମର କାର୍ଯ୍ୟାବଳୀର ସାକାରାତ୍ମକ/ନାକାରାତ୍ମକ କାର୍ଯ୍ୟ ଗୁଡ଼ିକ ହୁଏତ ଇଚ୍ଛାକୃତ ବା ଅନିଚ୍ଛାକୃତ ପ୍ରଭାବ ବିସ୍ତାର କରିପାରେ (କଳହର ଭୂମିକା ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ, କଳହର କାରଣ ଏବଂ ମୂଳ ଶକ୍ତିକୁ ପ୍ରଭାବିତ କରେ) । ଶାନ୍ତି ଓ କଳହର ନାକରାତ୍ମକ ପ୍ରଭାବକୁ ସର୍ବନିମ୍ନକରିବା ବା ପ୍ରଭାବ ଶୂନ୍ୟ କରିବା ତଥା ସାକାରାତ୍ମକ ପ୍ରଭାବକୁ ସର୍ବାଧିକ କରିବା ପାଇଁ ଉକ୍ତ ଚିନ୍ତାଧାରା ଉପରେ ନିର୍ଭର କରି କାର୍ଯ୍ୟ କରାଯାଇପାରେ ।

☞ **ଲିଙ୍ଗଗତ ସମ୍ବେଦନଶୀଳତା** - ଏକ ନିର୍ଦ୍ଦିଷ୍ଟ ପରିବେଶ ମଧ୍ୟରେ ପ୍ରଶିକ୍ଷଣ ସମୟରେ ମହିଳା ଓ ପୁରୁଷମାନଙ୍କର ଆବଶ୍ୟକତା, ଆକାଙ୍କ୍ଷା ଭାବର ଆଦାନ ପ୍ରଦାନ, କାର୍ଯ୍ୟାବଳୀର ସଂରଚନା ତଥା ଯୋଜନା ସବୁକୁ ଯତ୍ନ ପୂର୍ବକ ଭାବିବା ଓ ସେମାନଙ୍କୁ କାର୍ଯ୍ୟରତ ରଖିବା । ସମସ୍ତ ଅଂଶଗ୍ରହଣକାରୀ ସମଭାବରେ ତାଲିମରୁ ଉପକୃତ ହେବା ନିମନ୍ତେ ଏକ ତାଲିମ କାର୍ଯ୍ୟ କ୍ରମରେ ହୁଏତ ତାଲିମପାର୍ଥୀମାନଙ୍କ ସାମାଜିକ ଅସମାନତା, ଉପେକ୍ଷା, ବାଛ-ବିଚାର ମନୋଭାବ ବା ହିଂସା ଦୃଷ୍ଟିକୋଣରୁ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ବା ଦଳକୁ ପ୍ରାଧାନ୍ୟ ଦିଆଯିବା ବିଧେୟ ।

☞ **ଉତ୍ତମ ଶାସନ** - ଯାହାକି ଦେଶର ସମୁଦାୟ ସମ୍ପଦ ଉତ୍ତର ଦାୟିତ୍ୱ ରୂପେ ସ୍ୱଚ୍ଛତା ସହ ସମସ୍ତ ଲୋକଙ୍କ ନିମନ୍ତେ ହିତ ଜନକ ହେବ । ଉତ୍ତମ ଶାସନ କହିଲେ ଜନସାଧାରଣଙ୍କ ରାଜନୈତିକ, ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟିକରିବା ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ଭୂମିକାକୁ ବୁଝାଏ । ସୁତରାଂ ମାନବ ଅଧିକାରକୁ ସୁରକ୍ଷା ଦେଇ ସରକାରୀ ସୁବିଧାକୁ ସମଭାବରେ ଆବଦାନ କରିବା, ସାମୁହିକ ସ୍ୱାର୍ଥ ସୃଷ୍ଟି କରିବା ଏବଂ ବିଧିବଦ୍ଧ ଆଇନରେ ଥିବା ନିୟମକୁ ନିଶ୍ଚିତ କରିବା ।

☞ **ମାନବ ଅଧିକାର –** ମାନବ ଅଧିକାର ପ୍ରତ୍ୟେକଙ୍କ ପାଇଁ ପ୍ରଯୁଜ୍ୟ । ଯାହା ହେଉଛି ସାର୍ବଜନୀନ ତଥା ପରସ୍ପର ପ୍ରତି ନିର୍ଭରଶୀଳ ଅଧିକାର । ହୁଏତ ତାହା ବେସାମରିକ, ରାଜନୈତିକ, ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ସମ୍ବନ୍ଧୀୟ ଏହିସବୁ ସାମଗ୍ରିକ ଭାବେ ସମ୍ମାନ ଓ ବୃଦ୍ଧି ପାଇବା ଆବଶ୍ୟକ । ଏଗୁଡ଼ିକ ଅର୍ଥନୈତିକ ଓ ଆଞ୍ଚଳିକ ଚୁକ୍ତିବଦ୍ଧତା ଏକ ଆଇନ ବିଷୟ ବସ୍ତୁରେ ଆଧାରିତ, ଯହାକି ଆନ୍ତର୍ଜାତିକ ଆଇନ ପରିସର ମଧ୍ୟରେ ସଂସ୍ଥାପିତ ହୋଇଥାଏ ।

☞ **ପରିଚୟର ସତନ୍ତ୍ରତା ଥିବା ଦଳ –** ଏହା ଏଭଳି ଦଳକୁ ବୁଝା, ଯେଉଁଠି ବ୍ୟକ୍ତିବିଶେଷ, ଭାଷାଗତ, ସାମାଜିକ ସାଂସ୍କୃତିକ ଆଞ୍ଚଳିକ ଅର୍ଥନୈତିକ ବନ୍ଧନକୁ ପରସ୍ପର ମଧ୍ୟରେ ଏକତାବ, ଆତ୍ମଭାବନାକୁ ସମୂହ ଆଦାନ ପ୍ରଦାନ କରିଥାଏ ।

☞ **ମଧ୍ୟସ୍ଥତା –** ଏହା ଏକ ପ୍ରକ୍ରିୟା ଯେଉଁଠି ଏକ କଳହକୁ ସମାଧାନ ପାଇଁ ସଂପୃକ୍ତ ଥିବା ଦୁଇ ବା ତତୋଧିକ ପକ୍ଷମାନଙ୍କୁ ନିରପେକ୍ଷ ଭାବରେ ଏକ ତୃତୀୟ ପକ୍ଷ ସହାୟତା ଯୋଗାଇଥାଏ । ସମାଧାନ ପାଇଁ ଚୁକ୍ତି ନିଷ୍ପତ୍ତି ମଧ୍ୟସ୍ଥିଙ୍କୁ ନେଇ ଏଥିରେ ସଂପୃକ୍ତ ଥିବା ପକ୍ଷମାନେ ଧାର୍ଯ୍ୟକରିଥାଆନ୍ତି । ସାଧାରଣତଃ ମଧ୍ୟସ୍ଥତା ଅତୀତରେ ଆଚରଣକୁ ଗୁରୁତ୍ୱ ଦେଇ ଭବିଷ୍ୟତରେ କାର୍ଯ୍ୟପନ୍ଥାକୁ ଗୁରୁତ୍ୱ ଦେଇଥାଏ । ବିଭିନ୍ନ ସଂସ୍କୃତିରୁ ଆସୁଥିବା ମଧ୍ୟସ୍ଥିମାନେ ମଧ୍ୟସ୍ଥତା ପାଇଁ ଭିନ୍ନ ଭିନ୍ନ ପ୍ରଣାଳୀ ଓ ଉପାୟ ପ୍ରୟୋଗ କରିଥାନ୍ତି ।

☞ **ନକାରାତ୍ମକ ଶାନ୍ତି** - ନକାରାତ୍ମକ ଶାନ୍ତି ହେଉଛି ଏକ ପରିସ୍ଥିତି ଯେଉଁଠି ବର୍ତ୍ତମାନ ହିଂସାତ୍ମକ କଳହ ପରିବ୍ୟାପ୍ତ ନଥାଏ କିନ୍ତୁ ହୁଏତ ସେଠାରେ ପରିବ୍ୟାପ୍ତ ଢ଼ାଞ୍ଚାରତ ବା ଅତୀତର ମୂଳ କଳହ ଯାହାକି, କଳହର କାରଣ, ହିଂସାତ୍ମକ କଳହ ଉଦ୍ରେକ କରିବା ଖୋରାକ ଯୋଗାଇଥାଏ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ପୁନଃ ସ୍ଥାପନ, ଯୁଦ୍ଧ ବିରତି ନିଶ୍ଚିତ କରିବା, ପୁର୍ନବାର ଉପୁଜିବାକୁ ଥିବା କଳହ ଓ ପ୍ରତିରୋଧ କରିବା ପୂର୍ବରୁ ହୋଇଥିବା କଳହର କ୍ଷତିଗ୍ରସ୍ତ ଅଞ୍ଚଳକୁ ସନ୍ତୁଳିତ କରିବା, ଯୁଦ୍ଧ ପରବର୍ତ୍ତୀ ପୁର୍ନଃଗଠନ ଅସ୍ଥା ବିରତି, ଯୁଦ୍ଧରତ ବ୍ୟକ୍ତିମାନଙ୍କୁ ଯୁଦ୍ଧ ପାଇଁ

ନିରୁତ୍ସାହିତ କରି ପୁନଃସମନ୍ୱିତ କରିବା ଏବଂ ଶାନ୍ତି ଚୁକ୍ତିକୁ ଦୃଢ଼ଭାବରେ ଆଗକୁ ବଢ଼ାଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହେବା ବିଧେୟ ।

☞ **ସମାଧାନମୂଳକ ଆଲୋଚନା –** ସମାଧାନମୂଳକ ଆଲୋଚନା ହେଉଛି ବାରମ୍ବାର ଆଲୋଚକ ଦ୍ୱାରା ସମାଧାନର ସୂତ୍ର ବାହାର କରି ପ୍ରତ୍ୟେକ ପକ୍ଷ ଦ୍ୱାରା ଗ୍ରହଣୀୟ ଚୁକ୍ତିବଦ୍ଧତା, ଯାହାକି ପରସ୍ପର ଜ୍ଞାତରେ କିଛି ମତପାର୍ଥକ୍ୟ ଥିବା ସ୍ୱାର୍ଥ, ବିଭିନ୍ନ ସଂସ୍କୃତିରୁ ଆସିଥିବା ଲୋକମାନେ ଭିନ୍ନ ଭିନ୍ନ ପ୍ରଣାଳୀ ଓ କାର୍ଯ୍ୟଶୈଳୀ ବ୍ୟବହାର କରି ସମାଧାନ ମୂଳକ  ଆଲୋଚନାରେ କୃତକାର୍ଯ୍ୟ ହୁଅନ୍ତି ।

☞ **ସହଭାଷୀ କାର୍ଯ୍ୟପନ୍ଥା –** ସହଭାଷୀ କାର୍ଯ୍ୟପନ୍ଥା କହିଲେ, ଏହା କେବଳ କେତେକ ପ୍ରାର୍ଥୀମାନଙ୍କୁ ପ୍ରଶିକ୍ଷଣଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷଣୀୟ ବିଷୟ ବସ୍ତୁ ନୁହେଁ । ବରଂ ଏହା ସହଭାଷୀ ମାନଙ୍କ ଅନୁଭୂତି  ଓ ଜ୍ଞାନ, ଯହାକି ଏକ ଭାଗୀଦାରୀ ଆଧାରିତ ତାଲିମ ଶିକ୍ଷଣୀୟ ପ୍ରକ୍ରିୟାକୁ ଖୋରାକ ଯୋଗାଏ ଓ ଶକ୍ତିଯୁକ୍ତ କରେ । ଏହି ଅଂଶଗ୍ରହଣକାରୀମାନଙ୍କୁ ଉପସ୍ଥାପନା, ଆଲୋଚକ ଅଭିନୟ ଏବଂ ନାଟିକା ସ୍ୱତନ୍ତ୍ର ଘଟଣା ଓ କାର୍ଯ୍ୟକଳାପ ଦ୍ୱାରା କରାଯାଇଥାଏ । କାର୍ଯ୍ୟପନ୍ଥା ଅଂଶ ଗ୍ରହଣକାରୀମାନଙ୍କ ଶିକ୍ଷଣୀୟ ପ୍ରଣାଳୀକୁ ସେମାନଙ୍କ ଆବଶ୍ୟକତା ଓ ଜିଜ୍ଞାସା ଓତଃପ୍ରୋତ ଭାବେ ଜଡ଼ିତ ଓ କେନ୍ଦ୍ରିଭୁତ କରିଥାଏ । ବିଧ୍ୱଂସକାରୀ କଳହକୁ ରୂପାନ୍ତିକରଣ କରି ଚୀରସ୍ଥାୟୀ ଓ ଶାନ୍ତି ପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ପାଇଁ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟପନ୍ଥାକୁ ସୃଷ୍ଟି ଓ ଧାରଣ କରେ । ପ୍ରଚଳିତ ଶାନ୍ତି ବୁଝାମଣା ପୂର୍ବରୁ ବା ପରେ ଘଟିଯାଇଥିବା ଘଟଣା ବା କାର୍ଯ୍ୟାବଳୀ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ବ୍ୟାପକ ଭାବେ ଅନ୍ତର୍ଭୁକ୍ତ  । ଏହି ଅନୁଚିନ୍ତାରେ ଶାନ୍ତିକୁ କେବେବି ଏକ ସ୍ଥାଣୁ ପରିସ୍ଥିତି ଦୃଷ୍ଟିଭଙ୍ଗୀରେ ଦେଖାଯାଇ ନପାରେ ବରଂ ଏକ ଚଳନଶୀଳ ପ୍ରକ୍ରିୟାଭାବେ ଦେଖାଯାଇପାରେ । ଯେଭଳି ଏକ ଯୁଗନିର୍ମାଣ ନିମନ୍ତେ ପୁଞ୍ଜୀ ଓ ବିଭିନ୍ନ ଆନୁସଙ୍ଗିକ ସାମଗ୍ରୀ ଆବଶ୍ୟକ ଯଥା ସ୍ଥାପତ୍ୟ, ରୂପରେଖ, ମଜୁରୀଆଙ୍କ ସଂଯୋଜନା, ଶକ୍ତ ମୂଳଦୁଆ ଏବଂ ନିୟମିତ ମରାମତି ବା ଦେଖାଶୁଣାର ଆବଶ୍ୟକ ହୋଇଥାଏ । ଶାନ୍ତି ପ୍ରତିଷ୍ଠା ଏକ ପ୍ରକ୍ରିୟା, ଯେଉଁଥିରେ ଲୋକଙ୍କୁ ସାମିଲ କରିବା ପୂର୍ଣ୍ଣାଙ୍ଗ ଭାବେ ଏକ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନୁହେଁ ।

☞ **କଳହର ଢ଼ାଞ୍ଚାଗତ ମୂଳ କାରଣ –** ଏହି କାର୍ଯ୍ୟକଳାପ ଦ୍ୱାରା ଆଇନକୁ ନିୟମର ସ୍ୱାଧୀନ କାର୍ଯ୍ୟାନୁଷ୍ଠାନ ସ୍ଥାପନ କରିବା ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାକୁ ବିଚାରମୁକ୍ତ କରିବା । ସହଯୋଗୀ ଓ କ୍ଷମତା ଆବଣ୍ଟନ ପ୍ରଶାସନିକ ସେବା ପାଇବ, ଦଳଗତଙ୍କ ମଧ୍ୟରେ ପରସ୍ପର ପ୍ରତି ଆନୁଗତ୍ୟ ସୃଷ୍ଟି କରିବା, ମାନବ ଅଧିକାରକୁ ସୁରକ୍ଷାଦେବା ପାଇଁ ନାକାରାତ୍ମକ ଗତାନୁଗତିକ ଚିନ୍ତାଧାରାକୁ  ଆତ୍ମଶାନ୍ତି କରିଦିଏ ।

☞ **ରିଲିଫ ସହାୟତା –** ରିଲିଫ ସହାୟତା କହିଲେ ପ୍ରାକୃତିକ ବା ମନୁଷ୍ୟକୃତ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ବା ପ୍ରଭାବିତ ହୋଇଥବା ଲୋକଙ୍କ ଧନଜୀବନ ରକ୍ଷା କରିବା ପାଇଁ ସ୍ୱଳ୍ପକାଳୀନ ଅତି ଆବଶ୍ୟକ ସହାୟତା ଯୋଗାଇଦେବା ।

☞ **ବୈଧାନିକ ନିୟମ ବା ଆଇନ –** ଯେକୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରଣୀତ ଆଇନ ବା ନିୟମ ହିଁ ମୂଳଦୁଆ ମୌଳିକ ନୀତି ନିୟମ । ନିୟମ ବା ଆଇନ ଜନସାଧାରଣଙ୍କ ବିଭିନ୍ନ ନାଗରିକ ଓ ରାଜନୈତିକ ବା ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ଅଧିକାରକୁ ନିଶ୍ଚିତ କରିଥାଏ । ଏହାଦ୍ୱାରା ନାଗରୀକମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବା

ତଥା ରାଷ୍ଟ୍ରର ଢ଼ାଞ୍ଚା । ବିଭିନ୍ନ ବ୍ୟକ୍ତିଗତ ବିଶେଷଙ୍କ କ୍ଷମତାକୁ ସୁସଙ୍ଗଠିତ କରିବା ପାଇଁ, ଏସବୁ କ୍ଷମତା ପରିଧି ନିର୍ଣ୍ଣୟ କରେ ।

☞ **ଚୀରସ୍ଥାୟୀତ୍ୱ** - ଚୀରସ୍ଥାୟୀତ୍ୱ କହିଲେ ଶାନ୍ତି ପ୍ରତିଷ୍ଠା ଓ ପୁନଃମିଳନ ପ୍ରୟାସକୁ କେବଳ ଆରମ୍ଭ କରିବା ନୁହେଁ ବରଂ ଜୀବନରଶେଷ ପର୍ଯ୍ୟନ୍ତ ସତଃ ପ୍ରବୃତ ଭାବେ ବା ସକ୍ରିୟଭାବେ ଚାଲୁ ରହିବା । ଏହା ବିଧ୍ୱଂସ ପରିବର୍ତ୍ତେ ଶାନ୍ତି ବିକାଶର ସୃଷ୍ଟି ।

☞ **ରୂପାନ୍ତିକରଣ –** ରୁପାନ୍ତିକରଣ କହିଲେ ଗୋଟିଏ ଅବସ୍ଥାରୁ ଅନ୍ୟଗୋଟିଏ ଅବସ୍ଥାକୁ ପରିର୍ତ୍ତିତ ହେବା । କଳହ ଦୃଷ୍ଟିକୋଣରୁ ରୂପାନ୍ତିକରଣର ପ୍ରକୃତ ଅର୍ଥ, ଏହା ସୁପ୍ତ ଅବସ୍ଥାରୁ ଅନିଚ୍ଛାକୁ, ତାପରେ ଅପୋଷବୁଝାମଣା ଓ ଗତିଶୀଳ ଶାନ୍ତିପୂର୍ଣ୍ଣ ସମ୍ପର୍କ ନିବିଡ଼କୁ ଅଗ୍ରସର ହେବା ।

☞ **ହିଂସାତ୍ମକ କହଳ –** ଗୋଟିଏ ପକ୍ଷ ଯଦି ଅନ୍ୟପକ୍ଷର ସ୍ୱାର୍ଥ ହାସଲ କରେ, ବାଧା ସୃଷ୍ଟିକରେ ଏବଂ ଏଥି ନିମନ୍ତେ ଯେତେବେଳେ କୌଣସି କଳହରରେ ସଂଶ୍ଳିଷ୍ଟ ପକ୍ଷମାନବ ଶାନ୍ତିପୂର୍ଣ୍ଣ ବୁଝାମଣାରେ ସମାଧାନ କରି  ଗୋଟିଏ ପକ୍ଷ ଅପର ପକ୍ଷରେ ସ୍ୱାର୍ଥହାସଲ ପାଇଥିବା ସାମର୍ଥ୍ୟକୁ ବ୍ୟର୍ଥ କରିଦେବା । ପ୍ରତିରୋଧ କଲେ ହିଂସାତ୍ମକ କଳହର ସୂତ୍ରପାତ ହୁଏ ।

☞ **ଦୁର୍ନିତୀ ଶ୍ରେଣୀର ଦଳ** - ଆମରାଷ୍ଟ୍ରଦ୍ୱାରା ବା ସମାଜ ନାର୍ଯ୍ୟା ଅଧିକାର ବା ସୁବିଧାରୁ ବଞ୍ଚିତ ତଥା ସେମାନଙ୍କୁ ଅଣଦେଖା କରାଯାଇଥାଏ । ସେହି ଦଳ ବା ଲୋକଙ୍କୁ ଆମେ ଦୁର୍ବଳ କ୍ରମରେ ଦଳ ବା ସୁବିଧା ଓ ସୁଯୋଗ ପାଇନଥିବା ଦଳ ବୋଲି କହୁ । ବେଳେବେଳେ ଗରୀବ, ସଂଖ୍ୟାଲଘୁ ସ୍ୱତନ୍ତ୍ର ଗୋଷ୍ଠୀ, ଶରଣାର୍ଥୀ ବା ଲୋକମାନେ କଳହ ହେତୁ ନିଜ ଅଞ୍ଚଳ ଭିତରେ ସ୍ଥଗିତ ହୋଇଥିବା ଲୋକମାନେ ଓ ମହିଳା ଓ ଶିଶୁମାନେ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ଏହିସବୁ ଭାବପ୍ରକାଶକ ଶବ୍ଦଗୁଡ଼ିକୁ ଏହି ପୁସ୍ତିକାରେ ବ୍ୟବହୃତ ହୋଇଛି, କାରଣ ଏସବୁ କ୍ଷେତ୍ର ପ୍ରଯୁଜ୍ୟ ଅଟେ । କିନ୍ତୁ ଏହି ଶବ୍ଦ ଆଲୋଚନା ସାପେକ୍ଷ ଏବଂ ପ୍ରଶ୍ନବାଚୀ ପାଇଁ ଉନ୍ମୁକ୍ତ । କେତେକଙ୍କ ମତରେ ଏହି ଶବ୍ଦ ସବୁର ଐତିହାସିକ  ଓ ସାଂସ୍କୃତିକ ଅଭିଜ୍ଞତା ସମ୍ପୂର୍ଣ୍ଣ ରୂପେ ଆଧାରିତ ନୁହେଁ ବରଂ ପାଶ୍ଚାତ୍ୟ ଦେଶ କୈନ୍ଦ୍ରିକ ଶବ୍ଦାବଳୀ କେତେକ ଯୁକ୍ତିବାଢ଼ନ୍ତି । ଏହା ଏକ ସାର୍ବଜନୀନ ବ୍ୟବହୃତ ଶବ୍ଦ, କାରଣ ଆନ୍ତର୍ଜାତିକ ଚୁକ୍ତି ବଦ୍ଧତାରେ ମଧ୍ୟ ଏହିସବୁର ବ୍ୟବହାର ରହିଛି । କେତୋଟି ଭାଷାରେ ରହିଛି ଏହିସବୁ ଶବ୍ଦାବଳୀର ପ୍ରକୃତ ଅର୍ଥ ପ୍ରକାଶ ପାଏ ନାହଁ, କାରଣ ଏହାର ଆକ୍ଷରିକ ଅନୁବାଦ ହୋଇପାରେ ନାହିଁ । ଆପଣ ଏହିସବୁକୁ ଯେଭଳି ଭାବରେ ବୁଝି ପାରନ୍ତି କିନ୍ତୁ କଳହ ଓ ଶାନ୍ତି ରୂପେ ବ୍ୟବହୃତ ଭାଷା ପ୍ରବୃତ୍ତି ଅର୍ଥକୁ ଆପଣ ଏବଂ ଶିକ୍ଷାର୍ଥୀ ବା ତାଲିମ ପ୍ରାର୍ଥୀ ବୁଝିବା ଅତି ଗୁରୁତ୍ୱପୂର୍ଣ୍ଣ ।

**ପ୍ରଶିକ୍ଷଣ ଉପକରଣ:-**

ଇଣ୍ଟେରନେଟ୍‌ରେ ଅନେକ ତାଲିମ ପଦ୍ଧତି ଓ ସହାୟିକାର ଉଦାହରଣ ଉପଲବ୍ଧ ଅଟେ । ନିମ୍ନରେ ପ୍ରଦତ୍ତ  ଉପକରଣ  ଗୁଡ଼ିକ ଆରମ୍ଭ ମାତ୍ର । ତାଲିମ ପ୍ରାର୍ଥୀ ନିଜର ଅନ୍ତଃନିହିତ ଜ୍ଞାନର ପରିସର ବୃଦ୍ଧି କରିବା ପାଇଁ ନିମ୍ନ ପ୍ରଦତ୍ତ ବିଷୟବସ୍ତୁକୁ ଅଧ୍ୟାୟନ କରିବା ଶ୍ରେୟସ୍କର ।

# ଭାଗ – ୧

# କଳହ ରୂପାନ୍ତିକରଣ ଏବଂ ଶାନ୍ତିସ୍ଥାପନା

**ଭାଗ – ୧ ର ଲକ୍ଷ୍ୟ:**

୧. ତାଲିମ ନିମନ୍ତେ ଏକ ଶିକ୍ଷଣୀୟ ଦଳ ଗଠନ କରିବା ।

୨. କଳହ, ହିଂସା ଓ ଶାନ୍ତି ବିଷୟରେ ସମସ୍ତଙ୍କ ଚୁକ୍ତି ଓ ବୁଝାମଣା ସୃଷ୍ଟି କରିବା ।

**ଭାଗ-୧ ର ସାରାଂଶ (୧.୫ ଦିନ)**

| ଅଧିବେଶନ | ଉପକରଣ | କାର୍ଯ୍ୟାବଳୀ |
|---|---|---|
| ଅଧିବେଶନ-୧<br>୩୦ ମିନିଟ୍ | ବିବରଣୀ ଫର୍ଦ୍ଦ<br>କଲମ, କାର୍ଡ଼ | ଶୁଭେଚ୍ଛା ଜଣାଇବା, ତାଲିମ ବିଷୟରେ ଧାରଣା ଦେବା ଓ ଶିକ୍ଷା ଗ୍ରହଣ ପାଇଁ ଚୁକ୍ତିବଦ୍ଧ ହେବା |
| ଅଧିବେଶନ-୨<br>୩୦ ମିନିଟ୍ | ବିବରଣୀ ଫର୍ଦ୍ଦ<br>ଓ କଲମ | ଭାଗ-୧ ର ଉପକ୍ରମ: କଳହ ଓ ହିଂସାର ଏକ ସର୍ବସମ୍ମତି ପରିଭାଷା ସୃଷ୍ଟି କରିବା<br>– ଉପସ୍ସ୍ଥାପନା: ଭାଗ – ୧ ର ପରିଚୟ ପ୍ରଦାନ<br>– ଅନୁଶୀଳନ: କଳହ, ହିଂସା ଓ ଶାନ୍ତିର ଏକ ସର୍ବସମ୍ମତ ପରିଭାଷା ସୃଷ୍ଟି କରିବା । |
| ଅଧିବେଶନ-<br>୩<br>୪୫ ମିନିଟ୍ | ବିବରଣୀ ପର୍ଦ୍ଦ<br>କଲମ, ଲିଖିତ<br>ବକ୍ତବ୍ୟ-୧ | କଳହ କ'ଣ ?<br>– ଉପସ୍ଥାପନା: କଳହର ସଜ୍ଞା<br>– ଅନୁଶୀଳନ: କଳହର ବିଭିନ୍ନ ରୂପକୁ ଚିହ୍ନଟ କରିବା<br>– କଳହ ବର୍ଗକ୍ଷେତ୍ରକୁ ପରିଚିତ କରିବା । ଦଳିୟ ଚର୍ଚା<br>- ଦଳିୟ ଚର୍ଚା<br>- ଦଳିୟ ଆଲୋଚନା |
| ଅଧିବେଶନ-୪<br>୪୫ ମିନିଟ୍ | ବିବରଣୀ ପର୍ଦ୍ଦ<br>କଲମ ଲିଖିତ<br>ବକ୍ତବ୍ୟ-୨ | ହିଂସା ଓ ଶାନ୍ତି<br>– ଉପସ୍ଥାପନା: ହିଂସାକୁ ବର୍ଣ୍ଣନା କରିବା<br>– ଅନୁଶୀଳନ: ହିଂସାର ବିଭିନ୍ନ ରୂପକୁ ଚିହ୍ନଟ କରିବା<br>– ହିଂସାର ତ୍ରିଭୂଜ ଉପ-ବିବରଣୀକୁ ବୁଝେଇବା<br>– ଉପସ୍ଥାପନା: ଶାନ୍ତିର ଭାବାତ୍ମକ ବିଷୟବସ୍ତୁକୁ ବୁଝେଇବା |
| ଅଧିବେଶନ-୫<br>୧୫ ମିନିଟ୍ | ଭାଗର<br>ସମୀକ୍ଷା ଫର୍ମ | ଭାବର ସମୀକ୍ଷା ଓ ପୁନରାବୃତ୍ତି |

**ଅଧିବେଶନ – ୧: ଶୁଭେଚ୍ଛା ଜଣାଇବା, ତାଲିମ ବିଷୟରେ ଧାରଣା ଦେବା ଓ ଶିକ୍ଷା ଗ୍ରହଣ ପାଇଁ ଚୁକ୍ତିବଦ୍ଧ ହେବା**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ଅଧିବେଶନ-୧<br>୩୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, କାର୍ଡ଼ | ⇒ ତାଲିମ ବିଷୟରେ ଧାରଣା ଦେବା<br>⇒ ଅଂଶଗ୍ରହଣ କାରୀଙ୍କ ଜିଜ୍ଞାସା ଓ ଆଶାକୁ ଜାଣିବା<br>⇒ ଅଂଶ ଗ୍ରହଣକାରୀଙ୍କ ସହ ଶିକ୍ଷଣୀୟ ଚୁକ୍ତି ବିଷୟରେ ଏକମତ ସୃଷ୍ଟି କରିବା |

**ଶୁଭେଚ୍ଛା ଓ ଧାରଣା ଦେବା (୨୫ ମିନିଟ୍):**

ଅଂଶ ଗ୍ରହଣକାରୀଙ୍କୁ ସ୍ୱାଗତ କରିବା । ଅଂଶ ଗ୍ରହଣ କାରୀଙ୍କ ପରିଚୟ ପ୍ରଦାନ । ତାଲିମଦାତାଙ୍କ ପରିଚୟ ପ୍ରଦାନ ।

**ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ (୫ମିନିଟ୍) :**

ଉଦ୍ଦେଶ୍ୟକୁ ପ୍ରଦର୍ଶନ କରିବା ଓ ତାଲିମର ଭାଗ ଗୁଡ଼ିକର ସାରାଂଶକୁ ବିବରଣୀ ଫର୍ଦ୍ଦରେ ପ୍ରଦର୍ଶନ କରିବା । ଏହି ଉଦ୍ଦେଶ୍ୟ ଯେପରି ତାଲିମର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରିଦୃଷ୍ଟ ତାହା ନିଶ୍ଚିତ କରିବା ।

**ଅଂଶଗ୍ରହଣ କାରୀଙ୍କୁ ଜାଣିବା ପାଇଁ ରହିଥିବା ଆଶା ବା ଆକାଂକ୍ଷା (୨୫ ମିନିଟ୍):** ଅଂଶ ଗ୍ରହଣକାରୀଙ୍କୁ ତିନି ଦଳରେ ବିଭକ୍ତ କରି, ଏହି ତାଲିମରୁ ଜାଣିବାକୁ ଥିବା ଆଶା ବା ଆକାଂକ୍ଷା ବିଷୟ ଆଲୋଚନା କରିବାକୁ କୁହାଯାଇପାରେ । ସେମାନଙ୍କୁ ଆଗୁଆ ଭାବିବାକୁ ଉତ୍ସାହିତ କରାଯାଉ, ଏବଂ ଯେଉଁ ଶିକ୍ଷଣୀୟ ବିଷୟକୁ ସେମାନେ ଭିନ୍ନ ଭାବରେ କାର୍ଯ୍ୟକରିବା ପାଇଁ ଚାହାନ୍ତି ତାହା କାରାନ୍ତୁ । ପ୍ରତ୍ୟେକଙ୍କୁ ସେମାନଙ୍କର ଜାଣିବାକୁ ରହିଥିବା ଆକାଂକ୍ଷାକୁ ବିବରଣୀ ଫର୍ଦ୍ଦରେ ଏକାଠି ଲିପିବଦ୍ଦ୍ଧ କରାଯାଉ । ସମସ୍ତ ଆକାଂକ୍ଷାର ସାରଣୀ ପ୍ରସ୍ତୁତି କରି ତା'ର ସାରାଂଶକୁ ଚିହ୍ନଟ କରିବା ଏବଂ ସେସବକୁ ଏହି ତାଲିମ କାର୍ଯ୍ୟକ୍ରମର କେଉଁ କେଉଁ ବିଷୟ ସହ ସାମଞ୍ଜସ୍ୟ ରହିଛି ତାହା ଜଣେଇବା । ଯଦି କୌଣସି ବିଷୟରେ ରହିଥିବା ଆକାଂକ୍ଷା ଏହି ତାଲିମର ପାଠ୍ୟର ଅଂଶ ବିଶେଷ ନ ହୁଏ ତେବେ ସେଗୁଡ଼ିକୁ ଅନ୍ୟ ଏକ ବିବରଣୀ ଫର୍ଦ୍ଦରେ ସେଗୁଡ଼ିକୁ ଲିପିବଦ୍ଧ କରି ତାଲିମରେ ଶେଷ ଅଧିବେଶନରେ ଆଲୋଚନା କରାଯାଇପାରେ । ଏଭଳି ଆକାଂକ୍ଷା ଗୁଡ଼ିକୁ ତାଲିମ ବ୍ୟାପି ଚାଲୁଥିବା ତାଲିମ ସମୟ ନିର୍ଘଣ୍ଟ ପରେ ମଧ ଆଲୋଚନା ପରିସର ଭୁକ୍ତ ହେବ କି, ସେ ବିଷୟରେ ଅଂଶଗ୍ରହଣକାରୀ ମାନେ ଭାବିବା ପାଇଁ ପରାମର୍ଶ ଦିଆଯାଇପାରେ ।

**ଅଂଶଗ୍ରହଣକାରୀଙ୍କ ଉଦବେଗ ବା ଭାବାତ୍ମକ ଚିନ୍ତା (୧୦ ମିନିଟ୍):**

ଯଦି ଅଂଶ ଗ୍ରହଣକାରୀଙ୍କ କିଛି ଉଦବେଗ ବା କୌଣସି ବିଷୟରେ ଥିବା ଚିନ୍ତା ଥାଏ, ତାକୁ ମଧ ବିବରଣୀ ଫର୍ଦ୍ଦରେ ଲିପିବଦ୍ଧ କରାଯାଇପାରେ ।

ଅଂଶ ଗ୍ରହଣକାରୀଙ୍କ ଉଦବେଗ ଚିନ୍ତା ପ୍ରକଟ ହେଉଥିବା ବିଷୟକୁ ସମାଧାନ ପାଇଁ ଏକ ଶିକ୍ଷଣୀୟ ଚୁକ୍ତିବଦ୍ଧତା କରାଯାଇପାରେ ।

**ଶିକ୍ଷଣୀୟ ଚୁକ୍ତିବଦ୍ଧତା ସୃଷ୍ଟି କରିବା:**

ଏହି ତାଲିମରେ ସହଜ ଓ ବିନା କୌଣସି ଚାପରେ ଶିକ୍ଷାଗ୍ରହଣ କରିବା ପାଇଁ କେଉଁ ପ୍ରକାର ଆଚରଣ ଦଳ ପାଇଁ ଉପଯୁକ୍ତ ତା'କୁ ଚିହ୍ନଟ କରିବା ପାଇଁ ଅଂଶ ଗ୍ରହଣକାରୀମାନଙ୍କୁ ପୂର୍ବ ଅଧିବେଶନ ଗଠିତ ହୋଇଥିବା ଦଳ ଗୁଡ଼ିକୁ ଫେରିଯାଇ ଆଲୋଚନା ଓ ପର୍ଯ୍ୟାଲୋଚନା କରିବାପାଇଁ ପରାମର୍ଶ ଦିଆଯାଇପାରେ । ଅଂଶ ଗ୍ରହଣକାରୀମାନଙ୍କ ପାଇଁ ଏକ ଏଭଳି ପରିବେଶରେ ସୃଷ୍ଟି କରିବା ଆବଶ୍ୟକ, ଯେଉଁଠି ବିଶ୍ୱାସ ଓ ଭରସାର ସହ ହୃଦୟ ଖୋଲା ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇପାରିବ । ଯଦ୍ୱାରା ସେମାନେ ସାଧାରଣ ଭାବେ ଭାବବିଠାରୁ ଅତିଉର୍ଦ୍ଧ୍ୱକୁ ଯାଇ ଭାବିପାରୁ ନଥିବା ବିଷୟ ଭାବିପାରବେ ଏବଂ ଅକୁହା କଥା ମଧ୍ୟ କହିପାରିବା । ଏହା କଷ୍ଟସାଧ୍ୟ କିନ୍ତୁ ଜରୁରୀ ବିଷୟ ଅଟେ । ଏହି ଶିକ୍ଷଣୀୟ ପ୍ରକ୍ରିୟାରେ ସମସ୍ୟାମୂଖୀ ବାକଯୁଦ୍ଧଠାରୁ ଦୁରରେ ରହିବାପାଇଁ ସମୟ ବିତାଇବା ଆବଶ୍ୟକ । ଆମେ ସୁନିଶ୍ଚିତ କରିବା ଦରକାର, ଯାହାକି ବାଦାନୁବାଦ କରିବା ବିଷୟଟି ପାପ ସନ୍ଦର୍ପ ଅନ୍ତର୍ଗତ ଅନ୍ୟକୁ ପ୍ରତିରୋଧ ନକରି ଆଚରଣର ଉପାଦାନ, ଅନ୍ୟକୁ ପ୍ରତିରୋଧ ନକରି ଶୁଣିବା, ଅନ୍ୟପ୍ରତି ସମ୍ମାନ ଦେଖାଇବା ଏବଂ ବ୍ୟକ୍ତି କୈନ୍ଦ୍ରିକ ନହୋଇ ସମସ୍ୟା ବା ପ୍ରସଙ୍ଗ କୈନ୍ଦ୍ରିକ ହେବା ବିଧେୟ ଏସବୁଥିରେ ଆମେ ହୁଏତ ଏକମତ ହୋଇନପାରୁ ।

ଅଂଶଗ୍ରହଣ କାରୀଙ୍କୁ ହୃଦବୋଧ କରାଇବା ଦରକାର ଯଦ୍ୱାରା ଶିକ୍ଷାଗ୍ରହଣ ନିମିତ୍ତ ଏହା ଏକ ସ୍ୱତନ୍ତ୍ର ଶିକ୍ଷଣୀୟ ସଂସ୍କୃତି ଯାହାକି ଆପଣମାନଙ୍କ ମଧ୍ୟରେ ରହିଥିବା ସୀମିତଜ୍ଞାନ ପରିସରକୁ ପ୍ରସାରିତ କରିପାରିବ । ଉଦାହରଣ ସ୍ୱରୂପ: ଆମେ କିପରି ମହିଳା ସଂଖ୍ୟା ଲଘୁଙ୍କ ସ୍ୱରକୁ ଶୁଣିପାରିବା । ଆମେ ଜଣେ ବ୍ୟକ୍ତିଙ୍କ ପ୍ରଭାବକୁ କିପରି ସୀମାବଦ୍ଧ କରିପାରିବା ।

୧୦ ମିନିଟ ପରେ ତିନୋଟି ଦଳକୁ ଆଚରଣ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରକାଶ କରିବାକୁ କୁହାଯାଉ ଏବଂ ତାଲିମଦାତା ଏହାକୁ ବିବରଣୀ ଫର୍ଦ୍ଦରେ ଲିପିବଦ୍ଧ କରନ୍ତୁ । ତାଲିକାଟି ପ୍ରସ୍ତୁତ ହୋଇସାରିବା ପରେ ସମସ୍ତେ ଏହିସବୁ ଆଚରଣ ଗୁଡ଼ିକ ସହ ଏକମତ କି ନାହିଁ ପ୍ରଶ୍ନ କରାଯାଉ, ଏବଂ ଆବଶ୍ୟକ ପଡ଼ିଲେ ପୁଣି ସଜା ଦିଆଯାଉ ।

ଏହି ତାଲିକାକୁ ବିବରଣୀ ଫର୍ଦ୍ଦରେ ଲେଖାଯାଇ ତାଲିମରେ ଅନ୍ତିମ ଦିନ ପର୍ଯ୍ୟନ୍ତ ପ୍ରଦର୍ଶନ କରାଯାଉ ।

**ଶିକ୍ଷଣୀୟ ଚୁକ୍ତିରେ ଏକମତ ନଥିବା ଦେଖି ସହ କାର୍ଯ୍ୟ କରିବା:**

ଯଦି କୌଣସି ଅଂଶ ଗ୍ରହଣକାରୀ ଏଶିକ୍ଷଣୀୟ ଚୁକ୍ତିରେ ଏକମତ ନୁହନ୍ତି, ତେବେ କେଉଁ କାରଣରୁ ସେ ଏକମତ ନୁହନ୍ତି ତାହା ବୁଝିବାକୁ ଯତ୍ନ ନେବା ଆବଶ୍ୟକ ଏବଂ ସମାଧାନର ପନ୍ଥା ବାହାର କରିବା ଆବଶ୍ୟକ । ଯଦି ଆପଣ ଦେଖନ୍ତି ଯେ, ଦଳଗୁଡ଼ିକ ଲିଙ୍ଗଗତ, ବର୍ଣ୍ଣଗତ, ଧର୍ମୀୟ ନା ରାଜନୈତିକ ଦୃଷ୍ଟିକୋଣରୁ ଯଦି ବିଭକ୍ତ ହେଉଥାନ୍ତି, ତେବେ ଆପଣ ଜଣେ ସ୍ମରଣକାରୀ ଭାବରେ ପୁନର୍ବାର ଦଳଗୁଡ଼ିକୁ ଛୋଟ ଦଳରେ ବିଭକ୍ତ କରି ଆଲୋଚନା ମାଧ୍ୟମରେ ସେମାନଙ୍କୁ ପରାମର୍ଶ ଦେଇ ଖୋଜି ବାହାର କରିବାକୁ କୁହନ୍ତୁ । ସ୍ୱତନ୍ତ୍ର ସଭ୍ୟ ଦଳକୁ ଏହି ଶିକ୍ଷଣୀୟ ଚୁକ୍ତି ଉପରେ ଆଲୋଚନା କରିବା ପାଇଁ କୁହନ୍ତୁ ।

**ଅଧିବେଶନ – ୨ ଭାଗର ପରିଚୟ**

**କଳହ ଓ ହିଂସାର ଏକ ସାଧାରଣ ବା ସମସ୍ତେ ବୁଝିବାଭଳି ଭାଷା ସୃଷ୍ଟି କରିବା**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୩୦ ମିନିଟ୍ | ବିବରଣୀ ଫର୍ଦ୍ଦ<br>କଲମ | ⇒ ଭାଗ - ୧ର ଅଭିପ୍ରାୟ ବୁଝିବା<br>⇒ କଳହ, ହିଂସା ଓ ଶାନ୍ତିର ଭାବକୁ ବୁଝିବା |

**ଉପସ୍ଥାପନା- ଭାଗ -୧ ପରିଚୟ (୧୦ ମିନିଟ୍):**

ଭାଗ -୧ ରେ ପ୍ରସ୍ତୁତି କରାଯାଇଥିବା ଉଦ୍ଦେଶ୍ୟକୁ ବିବରଣୀ ଫର୍ଦ୍ଦରେ ପ୍ରଦର୍ଶିତ କରାଯାଉ । ଏହା ଆଲୋଚନା ନିମନ୍ତେ ନୁହେଁ, ବରଂ ସମୁଦାୟ ମାନାଙ୍କ/ଭାଗ ପାଇଁ ଗୋଷ୍ଠିଭିତ୍ତିକ ଅନୁଷ୍ଠାନ ଗୁଡ଼ିକ କଳହପୂର୍ଣ୍ଣ ଓ ହିଂସାତ୍ମକ ବିଷୟ ପାଇଁ ନିଷ୍ପତ୍ତି ନେବାରେ ଏକ ମୂଳଦୁଆ । ପ୍ରଭାବଶାଳୀ କର୍ମ ଏକ ଉତ୍ତମ ବିଶ୍ଳେଷଣ ଉପରେ ନିର୍ଭର କରିଥାଏ । ସାଧାରଣ ମଣିଷ ଭାବରେ ହୁଏତ ଆମେ ଅନୁଭବ କରିପାରୁ ବା ନ କରିପାରୁ, କିନ୍ତୁ ଆମେ ସବୁବେଳେ ଆମର ନୀରିକ୍ଷଣ ବାକ୍ୟ ଏବଂ କାର୍ଯ୍ୟ ମାଧ୍ୟମରେ ଆମର ପରିସ୍ଥିତିକୁ ବିଶ୍ଳେଷଣ କରୁଥାଉ ।

ଏହି ଭାଗ ସହାୟତାରେ, କଳହ ଓ ହିଂସା ବିଷୟରେ ଅବଗତ ହେବା ପାଇଁ ବିଭିନ୍ନ ଦୃଷ୍ଟିକୋଣରୁ କେତେକ ଉପକରଣ ଜରିୟାରେ ଆମେ ସମସ୍ତେ ମିଳିମିଶି ଆମ ପରିସ୍ଥିତିକୁ ଜାଣିବା । ଏହା ଆମ୍ଭମାନଙ୍କୁ ଆମ ପରିସ୍ଥିତିକୁ ପଦ୍ଧତି ଅନୁଯାୟୀ ବିଶ୍ଳେଷଣ କରିବାରେ ସାହାଯ୍ୟ କରିବ ।

**ଅନୁଶୀଳନ: କଳହ, ହିଂସା ଓ ଶାନ୍ତିର ଏକ ସାଧାରଣ ପରିଭାଷା ସୃଷ୍ଟି କରିବା – ୨୦ ମିନିଟ୍:**

ଯଦି ଆବଶ୍ୟକ ମନେ କର ତେବେ ପୁରୁଷ ଓ ମହିଳା ଭାବରେ ଦୁଇଟି ଦଳ କିମ୍ଵା ଗୋଟିଏ ଦଳ କରି ୨୦ ମିନିଟ୍ ପାଇଁ ଭାବନାକୁ ମନ୍ଥନ କରିବା । କଳହ କହିଲେ କ'ଣ ବୁଝ, ତାହା ନିଜ ମନରେ କି ଭାବ ଜାତ ହୁଏ । ଅଂଶ ଗ୍ରହଣକାରୀଙ୍କୁ ନିଜର ଟିପ୍‌ପଣୀ ନଦେଇ ସେମାନେ କହୁଥିବା ଖଣ୍ଡ କାବ୍ୟ ଓ ମନ୍ତବ୍ୟକୁ ବିବରଣୀ ଫର୍ଦ୍ଦରେ ଲେଖନ୍ତୁ । ଏହି ଶବ୍ଦାବଳୀ ଓ ଖଣ୍ଡକାବ୍ୟ ଗୁଡ଼ିକ କଳହର ହିଂସାତ୍ମକ ଓ ଅହିଂସାତ୍ମକ ବିଷୟ ବସ୍ତୁକୁ ପ୍ରତିଫଳନ କରିବ ।

କଳହ ଓ ହିଂସା ବିଷୟରେ ଥିବା ଧାରଣାକୁ ଅଲଗା ଅଲଗା କରିବା ଦ୍ଵାରା ସରଳ ଓ ସୁବିଧା ଜନକ ହେବ ।

**ଅଧିବେଶନ – ୩ କଳହ ବିଷୟରେ ଧାରଣା**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୪୫ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବକ୍ତବ୍ୟ | ⇒ କଳହର ସାଧାରଣ ସଜ୍ଞା ବିଷୟରେ ପରିଚୟ କରାଇବା । ସ<br>⇒ ବିଭିନ୍ନ କଳହ ବିଷୟରେ ଧାରଣା ପାଇବା |

**ଉପସ୍ଥାପନା- କଳହର ସଜ୍ଞାକୁ ବର୍ଣ୍ଣନା କରିବା (୫ ମିନିଟ୍):**

ଗୋଟିଏ ବିବରଣୀ ଫର୍ଦ୍ଦରେ କଳହର ସଙ୍ଗା ଲେଖନ୍ତୁ: "କଳହ କହିଲେ ଦୁଇ ବା ତତୁର୍ଦ୍ଧ ପକ୍ଷରେ ଥିବା ବିପରିତ ସମ୍ପର୍କ, ଯାହା ସେମାନେ ଭାବୁଥିବା ଓ ସେମାନଙ୍କଠାରେ ରହିଥିବା ପରସ୍ପର ପ୍ରତି ଅହେତୁକ ଉଦ୍ଦେଶ୍ୟ ସମୂହକୁ ବୁଝାଏ"।

କଳହ ହେଉଛି ବିପରିତ ସମ୍ପର୍କଗତ ବିଷୟ ଯାହା ମୁଁ, ଆମ୍ଭେମାନେ, ସେମାନେ ଏବଂ ଅନ୍ୟମାନେ ଏହିଭଳି ସମ୍ପର୍କକୁ ଗୁରୁତ୍ୱାରୋପ କରେ । କଳହ ଜୀବନର ଏକ ବାସ୍ତବ ଅଙ୍ଗ, ଯାହାକି କ୍ଷତିଜନକ ନୁହେଁ ଯେତେବେଳେ କଳହର ସଂଶ୍ଳିଷ୍ଟ ବ୍ୟକ୍ତି ବା ଦଳ ନିଜର ଉଦ୍ଦେଶ୍ୟ ସଫଳ ପାଇଁ ହିଂସା ବା ବଳପ୍ରୟୋଗ କରନ୍ତି, ସେତିକିବେଳେ କଳହ ଏକ ସମସ୍ୟା ଭବରେ ଉଭା ହୁଏ । ଯେତେବେଳେ ଅପରପକ୍ଷ କ'ଣ କରିବାକୁ ଚାହେଁ ବା ଚେଷ୍ଟାକରେ, ସେଥିପ୍ରତି ଆପଣମାନଙ୍କ ମଧ୍ୟରେ ରହିଥିବା ଚିନ୍ତା ବା ଭାବନା ମଧ୍ୟ କଳହରେ ପରିବର୍ତ୍ତନ ହୋଇପାରେ ଏବଂ ସେତେବେଳେ ଭରସା ଯୋଗାଯୋଗ କ୍ଷୁର୍ଣ୍ଣ ହୋଇଯାଏ ଓ ଅପରପକ୍ଷ ବିଷୟରେ ଅନେକ ଆଶଙ୍କା ଜାତ ନିଜ ମନରେ ହୁଏ ।

**କଳହର ପ୍ରକାର ଭେଦ**

**କଳହ ବର୍ଗକ୍ଷେତ୍ରର ଉପକ୍ରମ (୧୫ ମିନିଟ):** ଆପଣ ଯାହା କହନ୍ତି ତାହା ବିବାରଣୀ ଫର୍ଦ୍ଦରେ "କଳହ ବର୍ଗକ୍ଷେତ୍ର'କୁ ଚିତ୍ର ମାଧ୍ୟମରେ ଆଙ୍କି ଦେଖାନ୍ତ । ପ୍ରଦର୍ଶିତ ବର୍ଗକ୍ଷେତ୍ରକୁ ବର୍ଣ୍ଣନା କରନ୍ତୁ ଏବଂ ଦୃଷ୍ଟାନ୍ତ ଦ୍ୱାରା କଳହକୁ ପ୍ରତିନିଧିତ୍ୱ କରୁଥିବା ପ୍ରତିଟି ବର୍ଗକ୍ଷେତ୍ରକୁ ବୁଝାନ୍ତୁ ।

ତାଲିମ ପୂର୍ବରୁ ଆପଣ ଏହି ନତୁବା ସହିତ ଅତି ପରିଚିତ ହୋଇଥିବା ଆବଶ୍ୟକ । ଯଦି ଆବଶ୍ୟକ ହୁଏ, ଚରିକୁଟକୁ ବିବରଣୀ ଫର୍ଦ୍ଦରେ ଲେଖିରଖନ୍ତୁ । ପ୍ରତ୍ୟେକଟି କଳହ ବର୍ଗକ୍ଷେତ୍ର ବ୍ୟବହାରିକର ଉଦାହରଣ ନିମ୍ନରେ ପ୍ରଦତ୍ତ ହୋଇଛି ।

**କଳହ ବିହୀନ:** ଆଜିର ଏହି ଦଳ ଯେପରି ସେହିପରି ଏହା ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ପ୍ରତ୍ୟେକେ ସେମାନଙ୍କ ଉଦ୍ଦେଶ୍ୟ ଓ ଆଚରଣକୁ ଆଦାନପ୍ରଦାନ କରିବାରେ ଏକ ସ୍ୱଳ୍ପକାଳୀନ ପୋଷାକ ଅଟେ । ଆମେ ସମସ୍ତେ ଉପସ୍ଥିତି ଏକାଗ୍ରତା ଭାବରେ ପରସ୍ପରକୁ ସମ୍ମାନ ଦେଇ ଆମର ଶିକ୍ଷଣୀୟ ଉଦ୍ଦେଶ୍ୟ ଆକଳନରେ ସମସ୍ତେ ଏକମତ ।

**ସୁପ୍ତ ବା ନିଷ୍କ୍ରିୟ କଳହ:** ଉଦାହରଣ ସ୍ୱରୂପ ଗୋଟିଏ ଉଗ୍ରବାଦୀ ଦଳ, ଗୋଟିଏ ଗୋଷ୍ଠିରେ ଥିବା ଏକ ବିଦ୍ୟାଳୟରେ ବାଳିକାମାନଙ୍କର ଶିକ୍ଷାଲାଗ କରିବା ଅନାବଶ୍ୟକ ବୋଲି ମନ୍ତବ୍ୟ ଦିଅନ୍ତି ।

ଉପରୋକ୍ତ ଉଦାହରଣକୁ ବ୍ୟବହାର କରି କୁହାଯାଇପାରେ, ବାଳିକାମାନଙ୍କର ଶିକ୍ଷାର ଆବଶ୍ୟକତା ନାହିଁ ବୋଲି ଉଗ୍ରବାଦୀମାନଙ୍କର ଏହି ବିଶ୍ୱାସକୁ ଗୋଷ୍ଠିର ଲୋକମାନେ ଗ୍ରହଣ କର୍ ନ ଥିବାରୁ ଉଗ୍ରବାଦୀମାନେ ଏହା ବିରୁଦ୍ଧରେ ପଦକ୍ଷେପ ନେବାପାଇଁ ନିଷ୍ପତ୍ତି ନିଅନ୍ତି । ଯଦିବାଳିକାମାନେ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି, ତେବେ ବିଦ୍ୟାଳୟକୁ ଧ୍ୱଂସ କରିଦେବାର ଧମକ ଶିକ୍ଷକମାନଙ୍କୁ ଦିବାଲୋକରେ ଦେଇ ଅପମାନିତ କରନ୍ତି ।

**ଖୋଲା ବା ଉନ୍ମୁକ୍ତ କଳହ:** ସ୍କୁଲରେ ପଢ଼ିବା ପାଇଁ ବାଳିକା ମାନଙ୍କୁ ବାଦ ଦିଆଯାଏ ଏବଂ ନାମ ଲେଖା ନ ଯାଏ, ତବେ ପିଲାମାନଙ୍କ ପରିବାର ଏବଂ ଶିକ୍ଷକମାନଙ୍କର ପରିସ୍ଥିତି ହିଂସାତ୍ମକ ହେବ ବୋଲି ଶିକ୍ଷକମାନଙ୍କୁ ଭୟଭୀତ କରିବା । ଯାହା ଫଳରେ ଗୋଷ୍ଠୀର ସେହି ପିଲାମାନଙ୍କ ପରିବାର ବର୍ଗମାନଙ୍କୁ ଉଗ୍ରବାଦୀମାନେ ଆକ୍ରମଣ କରନ୍ତି । ପରିସ୍ଥିତି ଏକ ସଂଘର୍ଷ ରୂପେ ହିଂସାରେ ପରିଣତ ହେବ ।

## ଦଳୀୟ କାର୍ଯ୍ୟକ୍ରମ (୧୦ ମିନିଟ୍)

କଳହପୂର୍ଣ୍ଣ କ୍ଷେତ୍ରକୁ ଉପସ୍ଥାପନା କରି ଅଂଶ ଗ୍ରହଣକାରୀମାନଙ୍କ ମଧ୍ୟରୁ କେତେକଙ୍କୁ ତିନି ବା ଚାରି ଜଣ ବିଶିଷ୍ଟ ଛୋଟ ଦଳ ଗଠନ କର, ଗୋଟିଏ ଗୋଷ୍ଠିର ଥିବା ବାସ୍ତବ ଜୀବନର କଳହକୁ ଚିହ୍ନଟ ଓ ଆଲୋଚିତ ବର୍ଗକ୍ଷେତ୍ରରେ ବ୍ୟବହାର କରିବାକୁ ମାନଚିତ୍ର ମାଧ୍ୟମରେ ପ୍ରକାଶ କରିବା ।

ପ୍ରତ୍ୟେକଙ୍କୁ କଥିତ ବକ୍ତବ୍ୟ ଦିଅନ୍ତି ଓ ଦଳମାନଙ୍କ ମଧ୍ୟରେ ବାଣ୍ଟିଦିଅନ୍ତି । ଯଦି ଆବଶ୍ୟକ ହୁଏ, ଦଳ ଗୁଡ଼ିକୁ ବିସ୍ତୃତଭାବେ ବୁଝିବା ପାଇଁ ସାହାଯ୍ୟ କରନ୍ତୁ । ପ୍ରତି ଦଳ ଯେପରି ଗୋଟିଏ ବର୍ଗକ୍ଷେତ୍ରରେ ଗୋଟିଏ ଉଦାହରଣ ଦେଇପାରିବେ ତାହା ନିଶ୍ଚିତ କରନ୍ତୁ । ସେମାନଙ୍କୁ କ'ଣ କରିବାକୁ ହେବ ତାହା ପୂର୍ବରୁ ଏକ ବିବରଣୀ ଫର୍ଦ୍ଦରେ ଲିଖିତ ଭାବେ ଦଳୀୟ ଆଲୋଚନା ସମୟରେ ଏହାକୁ ପ୍ରଦର୍ଶନ କରନ୍ତୁ ।

## ଉପସ୍ଥାପନ: କଳହର ବିଭିନ୍ନ ସ୍ତର (୧୫ ମିନିଟ୍)

୧. ବ୍ୟକ୍ତିଗତ
୨. ଦୁଇ ବା ତତୋଧିକ ବ୍ୟକ୍ତି ବିଶେଷ
୩. ଦଳୀୟ
୪. ଆନ୍ତର୍ଦଳୀୟ
୫. ଜାତୀୟ
୬. ଆନ୍ତର୍ଜାତୀୟ

**କଳହର କାରଣ:** ଏହି ସମସ୍ତ ଉପାଦାନ କଳହ ପରିସ୍ଥିତିକୁ ସୃଷ୍ଟି କରିବା ପାଇଁ ଦାୟୀ ।

**୧. ବ୍ୟବସ୍ଥିତ ଏବଂ ତାଞ୍ଚାନୁମୋଦିତ କାରଣ:** ବ୍ୟବସ୍ଥା ଓ ଡାଞ୍ଚାଦ୍ୱାରା ସ୍ଥିରିକୃତ ଅନ୍ତର୍ନିହିତ ଥିବା ବ୍ୟାପକ ବିଷୟ ଯାହା ସମାୟାନୁକ୍ରମେ ସମାଜର ଗୋଟିଏ ଆବଶ୍ୟକ ଉପାଦାନ ରୂପେ ପରିହିତ ହୋଇଥାଏ । ଯେମିତିକି ସାଂସ୍କୃତିକ ବିଶ୍ୱାସ ଓ ପରମ୍ପରା ଯାହା କଳହର ପୂର୍ବବର୍ତ୍ତୀ ପରିସ୍ଥିତି ସୃଷ୍ଟି କରିପାରେ ।

*ଉଦାହରଣ:* ଅସମାନତା, ରାଜନୈତିକ ଅଂଶ ଗ୍ରହଣରେ ଅଭାବ, ରାଜନୈତିକ ଓ ସାମାଜିକ ସୁଯୋଗରୁ ବଞ୍ଚିତ, ଦୟନୀୟ ଶାସନ ବ୍ୟବସ୍ଥା, ଇତ୍ୟାଦି ।

୨. **<u>ଆସନ୍ନ କାରଣ:</u>** ଏହା ବ୍ୟବସ୍ଥିତ ଓ ଢାଞ୍ଚାନୁମୋଦିତ କାରଣ ସମୁହର ପରିଣାମ ସ୍ୱରୂପ ଅଟେ । ଏହା ହିଂସାତ୍ମକ କଳହର ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ଅନେକ ସମୟରେ ଏହା ଗମ୍ଭୀର ସମସ୍ୟା ର ସୂଚକ ଅଟେ ।

*ଉଦାହରଣ:* ନିୟନ୍ତ୍ରଣ ବିହୀନ ନିରାପତ୍ତା ବ୍ୟବସ୍ଥା, ବ୍ୟାପକ ସ୍ତରରେ ମାନବ ଅଧିକାରର ହନନ, ପଡୋଶୀ ରାଷ୍ଟ୍ର ସମୂହ ସହିତ ସଂପର୍କରେ ଅସ୍ଥିରତା, ଇତ୍ୟାଦି ।

୩. **<u>ଅନୁପ୍ରେରକ (Triggers/ବନ୍ଧୁକର ଘୋଡା/ଉତେଜକ):</u>** କେବଳ ଗୋଟିଏ ଦୁଃର୍ଘଟଣା ଯାହା କଳହକୁ ଗୋଟିଏ ଭୟାବହ ରୂପ ଦେଇଥାଏ ।

*ଉଦାହରଣ:* ନିର୍ବାଚନ ସମୟର ହିଂସା କୌଣସି ନେତା ବା ନେତ୍ରୀଙ୍କର ମୃତ୍ୟୁ ଦଣ୍ଡାଦେଶ/ହତ୍ୟା, ଇତ୍ୟାଦି ।

**ଅଧିବେଶନ – ୪ ହିଂସା ଓ ଶାନ୍ତି**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୪୫ ମିନିଟ୍ | ବିବରଣୀ ଫର୍ଦ୍ଦ,<br>କଲମ, ଲିଖିତ ବକ୍ତବ୍ୟ | ⇒ ହିଂସାର ଏକ ସାଧାରଣ ପରିଭାଷାର ପରିଚୟ<br>⇒ ହିଂସାକୁ ପରିଦୃଷ୍ଟ ହେଉଥିବା ଅବସ୍ଥାରୁ ଅଧିକ ରୂପେ ବୁଝିବା |

**ଉପସ୍ଥାପନ: ହିଂସାର ସଜ୍ଞାକୁ ବର୍ଣ୍ଣନା କରିବା (୫ମିନିଟ୍)**

ବିବରଣୀ ଫର୍ଦ୍ଦରେ ହିଂସାର ସଜ୍ଞା ଲେଖନ୍ତୁ ।

ହିଂସା ଏକ କାର୍ଯ୍ୟ, ବାକ୍ୟ, ମାନସିକତା, ବ୍ୟବସ୍ଥା ବା ଢ଼ାଞ୍ଚା ଯାହାକି ଏକମାନବୀୟ ଅଧିକାର ଗତ ପ୍ରଯତ୍ନ ଶକ୍ତି ବ୍ୟବହାରରେ ଶାରୀରିକ, ମାନସିକ, ସାମାଜି, ପରିବେଶ ଗତ କ୍ଷତି ପହଞ୍ଚଇଥାଏ ତଥା ପ୍ରତିରୋଧ କରିଥାଏ । ହିଂସା କହଲେ ଅନିଷ୍ଟ କରିବା, କ୍ଷତି କରିବା ତଥା ଅପକାର କରିବା ।

**<u>ହିଂସା:</u>** ହିଂସା ଏକ ଶକ୍ତି/ବଳ ଯାହା ଜୀବନ ବା ଜୀବନ ଧାରଣର ମାନ ପାଇଁ କ୍ଷତିକାରାଇଥାଏ ।

| **ଶକ୍ତି** | **କ୍ଷମତା** |
|---|---|
| – ସକାରାତ୍ମକ (ଜୀବନଦାୟକ ବା ଜୀବନ ସଂରକ୍ଷକ)<br>– ନକାରାତ୍ମକ (ଧ୍ୱଂସାତ୍ମକ) | – ସକାରାତ୍ମକ (ଅନ୍ୟମାନଙ୍କ ସହ କ୍ଷମତା)<br>– ନାକାରାତ୍ମକ (ଅନ୍ୟମାନାଙ୍କ ଉପରେ କ୍ଷମତା) |

ହିଂସା ସର୍ବଦା ନାକାରାତ୍ମକ ଅଟେ

**ହିଂସା ସେଇଠି ଥାଏ:-**

– ଯେଉଁଠି ଜୀବନ, ଯଶ, ନାମ ଓ ସମ୍ପତ୍ତିର ଇଚ୍ଛାକୃତ ବିନଷ୍ଟ ହୋଇଥାଏ ।

– ଯେଉଁଠି ବ୍ୟବସ୍ଥା ଓ ଢାଞ୍ଚାଦ୍ୱାରା ସମ୍ଭାବ୍ୟ ବ୍ୟକ୍ତିତ୍ୱକୁ ସୀମାବଦ୍ଧ କରାଯାଇଥାଏ ।

– ଯେଉଁଠି ଏକ ମଣିଷକୁ ଏକ ବସ୍ତୁରୂପେ ଦେଖାଯାଇ ଥାଏ ।

**ହିଂସା ସମୟରେ ସାଧାରଣ ମନୁଷ୍ୟର ଆଚରଣ/ବ୍ୟବହାର ।**

| <u>ସ୍ତର</u> | **ନିଷ୍କ୍ରିୟ ରହିବା** | **ପ୍ରତିହିଂସା** |
|---|---|---|
| ପ୍ରକୃତି/ସ୍ୱଭାବ | ପରିସ୍ଥିତି ସମୁଖୀନ କରିବାରେ ଅସାମର୍ଥ୍ୟତା/ପ୍ରତିରୋଧ ବିହୀନ/ ସହିଯିବା, ଉଦାସୀନତା, ଦାସତ୍ତ୍ୱ ମନଭାବ | ସମାନ ମାଧ୍ୟମ ଅବଲମ୍ବନ କରି ଅପେକ୍ଷାକୃତ ଅଧିକ ଗୁରୁତ୍ୱର ସହିତ ନିଜ ପ୍ରତିକ୍ରୟାକୁ ପ୍ରକାଶ କରିବା |
| କାରଣ | ସହାୟତା, ଭୟ, ଅସଙ୍ଗଠିତ, ଗୋଷ୍ଠି ଭାବାନା ବିହିନତା, ସାଂସ୍କୃତିକ ଭିନ ଭିନ୍ନତା, ସଂକୀର୍ଣ୍ଣ ଦାୟୀତ୍ତ୍ୱବୋଧ, ଅଜ୍ଞତା, ନିଜକୁ ସଂକୁଚିତ କରି ରଖିବା, ଅନ୍ୟମାନଙ୍କ ଚାପରେ ରହିବା/ ବଶତା ସୀକାର କରିବା | ଅନ୍ୟାୟ ଦୃଷ୍ଟିଗୋଚର ହୋଇଥାଏ, ନ୍ୟାୟର କାରଣ ହୋଇଥାଏ, ନ୍ୟାୟର ପୁନଃ ପ୍ରତିଷ୍ଠା ହୋଇଥାଏ, ସ୍ୱତଃପ୍ରବୃତ୍ତ ଭାବେ ଜୀବନ ସୁରକ୍ଷା, ଆବଶ୍ୟକତା ସମୟରେ, ନିରୁପାୟ ଅବସ୍ଥାରେ, ଫଳାଫଳ ପାଇବା ଆଶାରେ, ଆତ୍ମ ସୁରକ୍ଷା ଓ ଅନ୍ୟର ପ୍ରତିରକ୍ଷା ସମୟରେ |
| ଫଳାଫଳ | ଅନ୍ୟାୟ ଅବାଧ୍ୟ ହୋଇ ରହିଯାଏ, ଆକ୍ରମଣକାରୀ ପ୍ରତିବନ୍ଧନ ବିହୀନ ଆଚରଣ ପ୍ରତିପୋଷଣ କରିଥାଏ, ଭୟ/ଉଗ୍ର ସ୍ଥିତି ସୃଷ୍ଟି କରିଥାଏ, ସବୁ ସମୟରେ ଦୁରେଇ ରହିଥାଏ | ଆମେ ହିଂସାର ବଳୟ ମଧ୍ୟରେ ରହିଥାଉ, ଏହାଦ୍ୱାରା ହିଂସାକାରୀକୁ କରୁଥିବା ହିଂସାର ନୈତିକ ବଳ ମିଳିଥାଏ, ହିଂସାକାରୀ ପୁନର୍ବାର ସେହିଭଳି ଆଚରଣ କରୁ ବୋଲି ସୁଯୋଗ ଦେଉ, ଆମେ ଅଧିକ ହିଂସାକୁ ଆମନ୍ତ୍ରଣ କରିଥାଉ, ହିଂସାର କ୍ରମଶଃ ବୃଦ୍ଧି ହୋଇଥାଏ, ହିଂସାରେ ଯାହା ଆମେ ହାସଲ କରିଥାଉ, ତାହା ହିଂସାକୁ ବଳବତ୍ତର କରିଥାଏ |
| ଚରମ ପରିଣତି / ସମୂହ ମନୋଭାବ/ କର୍ତ୍ତବ୍ୟ | ନିଷ୍କ୍ରିୟତା ଏକ ହିଂସାତ୍ମକ ସ୍ଥିତିର ଉତ୍ସ ଅଟେ । ବିଶେଷ ଭାବରେ ନିଷ୍କ୍ରିୟ ବ୍ୟକ୍ତି ଜଣେ ଅନ୍ୟାୟର ସମର୍ଥକ ହୋଇ ରହିଯାଏ । | ସାଧାରଣତଃ ମୂଳ ହିଂସାକାରିଙ୍କୁ ଆମେ ପ୍ରଶ୍ନ କରିଥାଉ କିନ୍ତୁ ପ୍ରତିହିଂସା କାରିଙ୍କୁ ନୁହେଁ ।<br>ଆମେ ପ୍ରତିହିଂସା କାରିଙ୍କୁ ପ୍ରଶ୍ନ କରିବା ଉଚିତ । |

**କ୍ରିୟାଶୀଳ ଅହିଂସା**

**ସଜ୍ଞା:** ସତ୍ୟର ବଳ ଓ ପ୍ରେମର ଶକ୍ତିକୁ ଭିତ୍ତିକରି ମନ୍ଦତା ଉପରେ ଜୟଲାଭ, ନ୍ୟାୟ ହାସଲ ଏବଂ ଭାତୃତ୍ୱ ସମ୍ପର୍କର ପୂନଃସ୍ଥାପନ କରିବା ଲକ୍ଷନେଇ ବ୍ୟକ୍ତିଗତ, ସାମାଜିକ ଓ ଅନ୍ତର୍ଜାତିକ ସ୍ଥରରେ ପରିବର୍ତ୍ତନ ପ୍ରକ୍ରିୟାକୁ କ୍ରିୟାଶୀଳ ଅହିଂସା କୁହାଯାଏ ।

**ପରିକଳ୍ପନା:** ବିଜୟ କିମ୍ବା ପରାଜୟ ଏହାର ଲକ୍ଷ ନୁହେଁ, ବରଂ ପରିସ୍ଥିତିର ସତ୍ୟତାକୁ ଅନ୍ୱେଷଣ କରିବା ଏହାର ଲକ୍ଷ ।

- ସତ୍ୟର ଶକ୍ତି ତଥା ପ୍ରେମର ସାମର୍ଥ୍ୟ ଉପରେ ଆଧାରିତ ବ୍ୟକ୍ତିଗତ, ସାମାଜିକ ତଥା ଅନ୍ତର୍ଜାତିକ ପରିବର୍ତ୍ତନର ଏକ ପ୍ରଣାଳୀ ଯାହାର ଲକ୍ଷ୍ୟ ମନ୍ଦତା ଉପରେ ଜୟଲାଭ, ନ୍ୟାୟ ହାସଲ ଏବଂ ଭାତୃତ୍ୱର ପୂନଃସ୍ଥାପନ ଅଟେ ।
- ଏହା ଜୟ-ଜୟ ସ୍ଥିତି ସୃଷ୍ଟି କରିଥାଏ ।
- ଶତୃକୁ ଦମନ ନ କରି ଶତୃତା କୁ ଦମନ କରିବା ଏହାର ଲକ୍ଷ୍ୟ ।
- ଏହା ବିଶ୍ୱାସ କରେ ଯେ, ଉଭୟ ପିଡ଼ିତ ଓ ଆକ୍ରମଣକାରୀ ସମାନ ମଣିଷତ୍ୱର ଅଧିକାରୀ ।
- ଏହା ଅନ୍ୟାୟ ବିରୁଦ୍ଧରେ ନିଷ୍କ୍ରିୟ ନ ହୋଇ ବିସ୍ମୟବାଚକ ଅଟେ ।
- ଅନ୍ୟାୟ ପରିସ୍ଥିତି ର ପ୍ରତିକାର ଉପରେ ଏହା ଜୋର ଦେଇଥାଏ ।
- ଏଥିରେ ମନୁଷ୍ୟ ର ଉତ୍ତରଦାୟିତ୍ୱ ପରିପ୍ରକାଶ ପାଇଥାଏ ।
- ଏହା ହିଂସା ର ଯୁକ୍ତି କୁ ବୁଝି ବିକଳ୍ପ ଖୋଜିବାହାର କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ।
- ଏହା ସୃଜନଶୀଳ ।

**ସିଦ୍ଧାନ୍ତ**

- ଜୀବନ ହେଉଛି ପବିତ୍ର । ମନୁଷ୍ୟ ଜୀବନ ହେଉଛି ଅମୂଲ୍ୟ ।
- ଏହା ବ୍ୟକ୍ତିର ନୈତିକତା ଉପରେ ବିଶ୍ୱସ କରେ ।
- ଏହା ସତ୍ୟ ଓ ପ୍ରେମର ବଳ ଉପରେ ଆଧାରିତ ।
- ନ୍ୟାୟ ଓ ବନ୍ଧୁତ୍ୱର ପୁନଃସ୍ଥାପନ ନିମନ୍ତେ ବିଭିନ୍ନ ମାଧ୍ୟମ/କାର୍ଯ୍ୟପନ୍ଥା ର ଆବିଷ୍କାର ।
- ସହିବା ନିମନ୍ତେ ଇଛା ପୋଷଣ କରିବା ତଥା ନିଜର ଜୀବନ ପ୍ରତି ବିପନ୍ନ କୁ ଭ୍ରୁକ୍ଷେପ ନ କରିବା ।
- ଯେଉଁ ସ୍ଥାନରେ ଲୋକେ ନିଜର ଅଧିକାରରୁ ବଞ୍ଚିତ ହୋଇ ଅନ୍ୟାୟର ଯନ୍ତ୍ରଣା ରେ ଅଧିଷ୍ଠିତ ହୋଇ ପଡ଼ନ୍ତି ସେଠାରୁ ଏହା ଆରମ୍ଭ ହୁଏ ।

**ଅନୁଶୀଳନ:**

**ହିଂସାର ବିଭିନ୍ନ ପ୍ରକାରଭେଦକୁ ଚିହ୍ନଟ କରିବା । ହିଂସାତ୍ମକ ତ୍ରିଭୂଜ ଉପକରଣକୁ ପରିଚିତ କରାଇବା (୩୦ ମିନିଟ୍):**

ଗୋଟିଏ ବୃହତ୍ତ ତ୍ରିଭୂଜକୁ ବିବରଣୀ ଫର୍ଦ୍ଦରେ ଆଙ୍କି ହିଂସାତ୍ମକ ତ୍ରିଭୂଜକୁ ପରିଚିତ କରାନ୍ତୁ । ତିନୋଟି କୋଣକୁ ନାମକରଣ କରନ୍ତୁ,

(କ) ମାନସିକତା

(ଖ) ଆଚରଣ

(ଗ) ପ୍ରସଙ୍ଗ

ଲିଖିତ ବକ୍ତବ୍ୟ – ୨ ସାହାଯ୍ୟରେ କ. ଖ. ଗ. କୋଣକୁ ସବିଶେଷ ବୁଝେଇ ଦିଅନ୍ତୁ ।

**(କ) ମାନସିକତା –** ଯାହା ଆମେ ଭାବୁ, ଅନୁଭବ କରୁ ଓ ବିଶ୍ୱାସ କରୁ । ଉଦାହରଣ ସ୍ୱରୂପ- ଭୟ, ବିଶ୍ୱାସ, ବ୍ୟବସ୍ଥା ଓ ସାଂସ୍କୃତିକ ଚଳନୀ

**(ଖ) ଆଚରଣ –** ଆମେ ଯାହା ଦେଖୁ । ଉଦାହରଣ ସ୍ୱରୂପ- ସୁଖ ସାରିବା, ଗୁଳିକରିବା, ଅବହେଳା କରିବା, ଦୁଷ୍କର୍ମ କରିବା, ଲୁଟିନେବା, ହତ୍ୟାକରିବା ଏବଂ ବାଛବିଚାର କରିବା ।

**(ଗ) ପ୍ରସଙ୍ଗ:–** ବ୍ୟବସ୍ଥା ବା ଢ଼ାଞ୍ଚା ଯାହାକି ବାଛ ବିଚାର କରିବା ପାଇଁ ଭୟଭିତ ହେବା । ଉଦାହରଣ ସ୍ୱରୂପ:- ଆଇନ, ସାମାଜିକ ନିୟମ (ପରିବାରରେ ପ୍ରଚଳିତ ସମ୍ପର୍କ) ବିଧାନ, ସାଂସ୍କୃତିକ ଚଳନୀ । ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ହିଂସାର ଉଦାହରଣ ଦେବା ପାଇଁ ଆହ୍ୱାନ କରନ୍ତୁ ଏବଂ ସେଗୁଡ଼ିକ ତ୍ରିଭୂଜର କେଉଁ ସ୍ଥଳରେ ଲେଖାଯିବ ତାହା ପ୍ରଶ୍ନକରି ଲେଖନ୍ତୁ ।

ଯଦି ଅଂଶ ଗ୍ରହଣକାରୀମାନେ ଉଦାହରଣ ଦିଅନ୍ତି ଯାହାକି ଆଗତ ଯେଉଁ ସ୍ଥାନ ସ୍ଥାନୀତ କରନ୍ତି ତାହା ବୁଝେଇବା ଏବଂ ଏଥିରେ ସମସ୍ତଙ୍କ ମତ ଗ୍ରହଣ କରନ୍ତୁ । ଯଦି ନୁହେଁ, କାହିଁକି ଏହା ସେହି ସ୍ଥାନରେ ରଖା ନ ଯିବ, ପ୍ରଶ୍ନମାଧମରେ  ସ୍ୱଷ୍ଟିକରଣ କରନ୍ତୁ । ଯଦି କୌଣସି ଉଦାହରଣରେ ଆପଣ ସନ୍ତୁଷ୍ଟ ନୁହଁନ୍ତି, ତେବେ ଅଂଶ ଗ୍ରହଣକାରୀ ଯେଉଁଠି କହନ୍ତି ସେହି ସ୍ଥାନରେ ଲେଖନ୍ତୁ ।

ଏହା ସହ ଏକ ରେଖା ଟାଣନ୍ତୁ ଯାହାକି ଅନ୍ୟତ୍ର ରେଖାଙ୍କିତ କରାଯିବ ଉଚିତ । ତ୍ରିଭୂଜର ଗୋଟିଏ କୋଣ ଅନ୍ୟ ଗୋଟିଏ କୋଣକୁ କିପରି ପ୍ରଭାବିତ କରେ ତାହା ଅଂଶଗହଣକାରୀଙ୍କୁ ଅବଗତ କରାନ୍ତୁ । ସେସବୁ କିପରି ଏକ ଅଚରଣକୁ ବାନ୍ଧି ରଖନ୍ତି ଓ ସମ୍ପର୍କ ସୃଷ୍ଟି କରନ୍ତି ତାହା ଉପରେ ଗୁରୁତ୍ୱ ଆରୋପ କରନ୍ତୁ । ଆମେ ଗୋଷ୍ଠିଭିତ୍ତିକ ଅନୁଷ୍ଠାନ ଭାବରେ ଏକ ବା ଅନେକ ବିଷୟ ଉପରେ କାର୍ଯ୍ୟ କରିଥାଉ । ଅଂଶ ଗ୍ରହଣକାରୀମାନଙ୍କୁ ଆହ୍ୱାନ କରି ଚିତ୍ରରେ ଦର୍ଶା ଯାଇଥିବା ବିଷୟ ସବୁ ମଧ୍ୟରୁ, ଆମେ କେଉଁ ବିଷୟରେ କାର୍ଯ୍ୟକରୁ ତାକୁ ଚିହ୍ନଟ କରିବାକୁ କୁହନ୍ତି । ଏହା ଆମ କାର୍ଯ୍ୟର ବ୍ୟାକୁଳତାକୁ ବୁଝିବାରେ ସାହାଯ୍ୟ କରିବ । ତ୍ରିଭୂଜର ମଧଭାଗରେ ଗୋଟିଏ ରେଖା ଟାଣି ଉପସ୍ଥାପନାକୁ ସମାପ୍ତ କରନ୍ତୁ, ଏବଂ ସେହି ରେଖାର ଉପରଭାଗରେ "ଦୃଶ୍ୟମାନ ହିଂସା" ଲେଖନ୍ତୁ । ପ୍ରତ୍ୟେକ ଅଂଶ ଗ୍ରହଣକାରୀଙ୍କ ଲିଖିତ ବକ୍ତବ୍ୟ – ୨ ପ୍ରଦାନ କରନ୍ତୁ ।

**ଉପସ୍ଥାପନ:- ଶାନ୍ତିର ପ୍ରମୁଖ ବିଷୟକ ପରିଚିତ କରିବା (୧୦ମିନିଟ୍):** 'ନକରାତ୍ମକ ଶାନ୍ତି' ର ବାସ୍ତବତା ଉପରେ ଦୃଷ୍ଟି ଆକର୍ଷଣ କରନ୍ତୁ, ଯାହାକି ଆମେ ଯଦି ହିଂସାତ୍ମକ ଆଚରଣକୁ କେବଳ ବନ୍ଦ କରିବ, ତେବେ ତାହାହିଁ ଏକ ପ୍ରକାର ଯାହାକୁ ଆମେ ନକରାତ୍ମକ ବୋଲି କହିଥାଉ । ଶାନ୍ତିର ଏହି ଅବସ୍ଥା ମଧ୍ୟରେ ଅନ୍ତରାଳରେ ଥିବା ମାନସିକତା ଢ଼ାଞ୍ଚାକୁ ବଦଳାଇବା ପାଇଁ କାର୍ଯ୍ୟ କରିବାର ସୁଯୋଗ ରହିଛି । ଏହି ଗଭୀର କାରଣ ଉପରେ କାର୍ଯ୍ୟ କରିବା ଦ୍ୱାରା ଆମେ ସାକାରାତ୍ମକ ବା ଚୀରସ୍ଥାୟୀ ଶାନ୍ତିର ନିକଟବର୍ତ୍ତୀ ହୋଇଥାଉ ।

ଅଂଶ ଗ୍ରହଣକାରୀମାନଙ୍କୁ ପଚାରି ବୁଝନ୍ତୁ, ସେମାନଙ୍କ ଦୈନନ୍ଦିନ ଜୀବନରେ ତଥା ନିଜର କାର୍ଯ୍ୟ ଓ ପରିସ୍ଥିତି ମଧ୍ୟରେ ଏଭଳି କିଛି କଳହ ଅଛି ଯାହାକି ଉଦାହରଣରେ ସ୍ଥାନ ଦେଇ କଳହ ବିଶ୍ଳେଷଣ ମାଧ୍ୟମରେ ବୁଝିବା ଓ ତାର ସମାଧାନ ପାଇଁ ଆଲୋଚନା କରିବା ।


### *ଶାନ୍ତି କହିଲେ କ'ଣ ?*

ଶାନ୍ତି ଶତୃତାର ଅନୁପସ୍ଥିତି କିମ୍ବା ସଦ୍‌ଭାବନାର ଏକ ସ୍ଥିତି ହୋଇପାରେ । ଶାନ୍ତି ଏକ ଅହିଂସାତ୍ମକ ଜୀବନ ଶୈଳୀ ମଧ୍ୟ ହୋଇପାରେ । ହିଂସାତ୍ମକ କଳହ ର ବିରାମ ସ୍ଥିତକୁ ପରିପ୍ରକାଶ ନିମନ୍ତେ ଶାନ୍ତି ଶବ୍ଦ ବ୍ୟବହୃତ ହୁଏ । ଶାନ୍ତି ଲୋକମାନଙ୍କ ମଧ୍ୟରେ ଥିବା ସମ୍ମାନୀୟ, ନ୍ୟାୟୀକ ତଥା ସଦ୍‌ଭାବନା ପୂର୍ଣ୍ଣ ସମ୍ପର୍କ କୁ ବର୍ଣ୍ଣନା କରିଥାଏ । ଶାନ୍ତି ଅଧ୍ୟୟନରେ ଶାନ୍ତିର ବିଭିନ୍ନ ସିଦ୍ଧାନ୍ତ ସବୁ ଉପଲବ୍ଧ । ଜାତି, ଧର୍ମ, ସଂସ୍କୃତି ବା ଅଧ୍ୟୟନ ବିଷୟବସ୍ତୁ କୁ ଆଧାର କରି ଶାନ୍ତିର ବିଭିନ୍ନ ସଙ୍ଗା ହୋଇପାରେ ।

### ଶାନ୍ତି ସ୍ଥାପନାର ବିଭିନ୍ନ ପରିଭାଷା

- କଳହ ନିବାରଣର ଲକ୍ଷ୍ୟ ହେଉଛି ହିଂସାତ୍ମକ କଳହ ର ହଠାତ ଆବିର୍ଭାବକୁ ନିବାରଣ କରିବା ।
- କଳହ ପରିଚାଳନା ସଂପୃକ୍ତ ଦଳ ଗୁଡ଼ିକର ସକାରାତ୍ମକ ବ୍ୟବହାରିକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେଇ ଭବିଷ୍ୟତର ହିଂସାକୁ ସୀମିତ ଏବଂ ଦୂରେଇ ରଖିବାର ଲକ୍ଷ୍ୟ ରଖିଥାଏ ।
- କଳହ ସମାଧାନ, କଳହ ର କାରଣ ଗୁଡ଼ିକୁ ସମ୍ବୋଧନ କରେ ଏବଂ ବିରୋଧୀଙ୍କ ମଧ୍ୟରେ ନୂତନ ଓ ଦୀର୍ଘସ୍ଥାୟୀ ସମ୍ପର୍କ ସ୍ଥାପନର ଅନ୍ୱେଷଣ କରିଥାଏ ।
- କଳହ ବନ୍ଦୋବସ୍ତ ଏକ ଶାନ୍ତି ରାଜିନାମା କରି ହିଂସାଯୁକ୍ତ ବ୍ୟବହାରକୁ ସମାପ୍ତ କରିବାର ଲକ୍ଷ୍ୟ ରଖିଥାଏ ।
- ଶାନ୍ତି ରଖିବା ଏବଂ କଳହକୁ ସକାରାତ୍ମକ ରୂପେ ବ୍ୟବହାର କରାଯାଇ ପାରିବ ବୋଲି ସ୍ୱୀକାର କରିବା ହେଉଛି ଶାନ୍ତି ।
- ବନ୍ଧୁତ୍ୱର ପୁନଃସ୍ଥାପନ, ଅନୁଷ୍ଠାନ ଗଠନ, ରାଜନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ଦ୍ୱାରା କଳହର ମୂଳ କାରଣ ସମ୍ବୋଧନ କରି ଶାନ୍ତି ସ୍ଥାପନା ଦୀର୍ଘସ୍ଥାୟୀ ଶାନ୍ତି ସ୍ଥାପନ କରିଥାଏ ।

## କଳହ ରୂପାନ୍ତରୀକରଣ




କଳହର ବ୍ୟାପକ ସାମାଜିକ ଓ ରାଜନୈତିକ ଉତ୍ସଗୁଡ଼ିକୁ ସମ୍ବୋଧନ କରେ ଏବଂ ଯୁଦ୍ଧର ନକାରାତ୍ମକ ଶକ୍ତିକୁ ସକାରାତ୍ମକ ସାମାଜିକ ଓ ରାଜାନୈତିକ ପରିବର୍ତ୍ତନରେ ପରିଣତ କରେ । ଭିନ୍ନ ସମୟରେ ଓ ଭିନ୍ନ ପରିସ୍ଥିତିରେ ଏହା ଏକ ବା ଅନେକ କୌଶଳ ଗୁଡ଼ିକୁ ସଂପୃକ୍ତ କରିପାରେ । ହିଂସାର ହ୍ରାସ ଏବଂ ସାମାଜିକ ନ୍ୟାୟ ଓ ଦୀର୍ଘସ୍ଥାୟୀ ଶାନ୍ତିର ସୁରକ୍ଷା ତଥା ପ୍ରୋତ୍ସାହନ ଏହାର ଲକ୍ଷ୍ୟ । ଏହା ସମସ୍ତ ପରିସରରେ ସମସ୍ତ ସ୍ତର ଏବଂ ସମସ୍ତ କାରକମାନଙ୍କ ସହିତ କାର୍ଯ୍ୟ କାରିବା ପାଇଁ ଆବଶ୍ୟକ ହେଇଥାଏ । କଳହ ଯୋଗୁଁ ପ୍ରଭାବିତ ମାନଙ୍କ ପ୍ରତି ଉତ୍ତରଦାୟୀ ରହିବା ଦରକାର କିନ୍ତୁ ଦୀର୍ଘ ସ୍ଥାୟୀତ୍ୱ ନିମନ୍ତେ ସଂଯୋଗୀକରଣ ଓ ପରସ୍ପର ସହିତ ସଂଯୁକ୍ତ ହେବା ଆବଶ୍ୟକ । ଏହା ସମ୍ପର୍କ, ବ୍ୟବହାର, ଆଭିମୁଖ୍ୟ ଏବଂ ସଂରଚନାକୁ ନକାରାତ୍ମକ ରୁ ସକାରାତ୍ମକରେ ପରିବର୍ତ୍ତନ କରିବାର ଏକ ଧାରାବାହିକ ପ୍ରକ୍ରିୟା । ଶିକ୍ଷା ଗ୍ରହଣ ଗୋଟିଏ ଅତ୍ୟାବଶ୍ୟକ ଉପାଦାନ ଯେହେତୁ କଳହ ଗତିଶୀଳ ଏବଂ କଳହ ରୂପାନ୍ତରୀକରଣ ଗୋଟିଏ ନିରନ୍ତର ପ୍ରକ୍ରିୟା । ମହତ୍ତ୍ୱପୂର୍ଣ୍ଣ ଭାବେ ଏହା ଆମ ନିଜଠାରୁ ଆରମ୍ଭ ହୁଏ । ଏହା କଳହ ସହିତ ନିୟୋଜିତ ରହିବାର ଗୋଟିଏ ବହୁମୂଖୀ ଓ ସଂପୁର୍ଣ୍ଣତା କୁ ଦେଖୁଥିବା ପ୍ରକ୍ରିୟା । ଏହା ସମୟୋଚିତ ହସ୍ତକ୍ଷେପ, ସାଂସ୍କୃତିକ ପୃଷ୍ଠଭୂମି ପ୍ରତି ସମ୍ମାନ, ଧୌର୍ଯ୍ୟ ଓ ନିରନ୍ତର ଚେଷ୍ଟା ଏବଂ କଳହ ର ଏକ ବ୍ୟାପକତାକୁ ବୁଝିବା ଶକ୍ତି ପାଇଁ ଆବଶ୍ୟକ କରେ ।

**ଶାନ୍ତି ସ୍ଥାପନ:** ଦୀର୍ଘକାଳୀନ ପଦକ୍ଷେପ ସମୂହ ଯାହା ଦୀର୍ଘସ୍ଥାୟୀ ଶାନ୍ତି ପ୍ରାପ୍ତି ନିମନ୍ତେ କଳହ ର ବ୍ୟବସ୍ଥାଗତ ଓ ଢାଞ୍ଚା ସମ୍ବନ୍ଧୀୟ ଉତ୍ସ ଗୁଡ଼ିକ ଉପରେ ମନୋଯୋଗ କରିଥାଏ; ଅତୀତରେ ହୋଇଥିବା ଅଭିଯୋଗ ର କାରଣ ମାନ ଓ କଳହର ମୂଳ କାରଣ ଗୁଡ଼ିକ ଉତ୍ପାଟନ ନିମନ୍ତେ କାର୍ଯ୍ୟକ୍ରମ ସମୂହ ହାତକୁ ନେବା ଏବଂ କଳହ ଉପରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଏକ ଅହିଂସାତ୍ମକ ବିକାଶ ଦିଗରେ ଲୋକଙ୍କର ଆଚରଣରେ ପରିବର୍ତ୍ତନର ଗୋଟିଏ ନିରନ୍ତର ପ୍ରକ୍ରିୟା । ବନ୍ଧୁତ୍ୱର ପୁନଃସ୍ଥାପନ, ଅନୁଷ୍ଠାନ ଗଠନ, ରାଜନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ଦ୍ୱାରା କଳହର ମୂଳ କାରଣ ସବୁକୁ ସମ୍ବୋଧନ କରି ଶାନ୍ତି ସ୍ଥାପନା ପାଇଁ ଏକ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିଥାଏ ।

**ଶାନ୍ତି ସ୍ଥାପନା ଏବଂ ମାନବ ଅଧିକାର:** ମାନବ ଅଧିକାର ଓ ଶାନ୍ତି ମ୍ଧ୍ୟରେ ଗଭୀର ସର୍ମ୍ପକ ରହିଛି । ଯେଉଁଠି ମାନବ ଅଧିକାରର ହନନ ହୁଏ, ସେଠି କେବେ ଶାନ୍ତି ରହି ପାରିବ ନାହିଁ । ଅନ୍ୟ ଅର୍ଥରେ ମାନବ ଅଧିକାର ସୁରକ୍ଷିତ ହେଲେ ହିଁ ଶାନ୍ତି ସ୍ଥାପନ ହୋଇପାରିବ । କଳହର ମୂଳ ଉତ୍ସ ହେଉଛି ମାନବ ଅଧିକାର ହନନ । ଯେଉଁଠି ଅଧିକାର ହନନ ହୁ, ସେଠି ପରିଣାମ ସ୍ୱରୂପ କଳହ ହେବା ସୁନିଶ୍ଚିତ । ଅଧିକାର ହନନର ମାତ୍ରା କଳହର ତୀବ୍ରତା ନିରୂପଣ କରିଥାଏ । ଅର୍ଥାତ ଅଧିକାର ଯେତେ ବେଶୀ ମାତ୍ରାରେ ହନନ ହେବ କଳହ ମଧ ସେତେ ବ୍ୟାପକ ରୂପ ନେବ । ଯେଉଁଠି ମନୁଷ୍ୟର ଅଧିକାର ସୁରକ୍ଷିତ, ସେଠି ଶାନ୍ତି ମଧ ବିଦ୍ୟମାନ । ଶାନ୍ତି ସ୍ଥାପନା ଏବଂ ମାନବ ଅଧିକାର ପରସ୍ପର ପରିପୂରକ ।

### ଅଧିବେଶନ – ୫ ସମାପନ ଏବଂ ଭାଗ ମୂଲ୍ୟାଙ୍କନ

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୫ ମିନିଟ୍ | ଭାଗ ମୂଲ୍ୟାଙ୍କନ ଫର୍ମ | – କଳହ, ହିଂସା, ଶାନ୍ତି ଏବଂ ଶାନ୍ତିସ୍ଥାପନ ସମ୍ବନ୍ଧରେ ଜାଣିବାର ଏକ ସାଧାରଣ ପରିଭାଷାର ଉପକ୍ରମ<br>– କଳହ ଓ ଶାନ୍ତି ମଧରେ ଥିବା ସର୍ମ୍ପର୍କକୁ ଚିହ୍ନିବା |

**ଭାଗ - ୧ କୁ ସଂକ୍ଷିପ୍ତରେ ପୁନରାବୃତି କରନ୍ତୁ ଏବଂ ଭାଗ - ୨ ନିମନ୍ତେ ଆଗକୁ ଦେଖନ୍ତୁ (୫ ମିନିଟ):**

କଳହ, ହିଂସା, ଶାନ୍ତି, ଶାନ୍ତି ରୂପାନ୍ତରୀକରଣ ଏବଂ ଶାନ୍ତିସ୍ଥାପନ ଉପରେ ସଂକ୍ଷିପ୍ତରେ କହିବା ପାଇଁ ଅଂଶ ଗ୍ରହଣକାରୀମାନଙ୍କୁ କହନ୍ତୁ । ଯାହା କୁହାଯାଏ ସେସବୁକୁ ସମସ୍ତଙ୍କ ଆଗରେ ଲେଖିବା ପାଇଁ ଜଣକୁ ମୋନାନୀତ କରନ୍ତୁ ।

ଉଦାହରଣ ମାଧମରେ ସେଗୁଡିକୁ ପୁନର୍ବାର କୁହନ୍ତୁ ଏବଂ ଅଂଶ ଗ୍ରହଣକରିମାନଙ୍କୁ ତାଙ୍କର ମତାମତ ପଚାରନ୍ତୁ । ଆଗାମୀ ଭାଗ/ମାପାଙ୍କର ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରନ୍ତୁ ।

**ସମାପନ (୫ ମିନିଟ):** ଅଂଶ ଗ୍ରହଣକାରୀଙ୍କ ମଧରେ ଯଦି କିଛି ପ୍ରଶ୍ନ ଥାଏ, ତେବେ ସେମାନଙ୍କୁ ଉତ୍ତର ଦିଅନ୍ତୁ । ଅଂଶ ଗ୍ରହଣକାରୀମାନଙ୍କୁ ଏକ କୋଣରୁ ଅନ୍ୟ କୋଣ ଯାଏଁ ଧାଡିରେ ଛିଡା ହେବାପାଇଁ କୁହନ୍ତୁ । ଧାଡି ହେବା ପୂର୍ବରୁ ସେମାନଙ୍କୁ କୁହନ୍ତୁ ଯେପରି ସେମାନେ ସନ୍ତୁଷ୍ଟ କୋଣ ଠାରୁ ଅସନ୍ତୁଷ୍ଟ କୋଣ ଯାଏଁ ଛିଡା ହେବେ । ଧାଡିକୁ ପୁନର୍ବାର ସଜାଡ଼ିବା ପାଇଁ ତାଲିମଦାତ୍ତା ପ୍ରୟାସ କରନ୍ତୁ । ଚେଷ୍ଟା କରନ୍ତୁ କେତେକଙ୍କ ଅସନ୍ତୁଷ୍ଟତାକୁ ଚିହ୍ନିବା ଓ ଜାଣିବା ପାଇଁ ।

**ଲିଖିତ ମାପାଙ୍କ ମୁଲ୍ୟାଙ୍କନ (୫ ମିନିଟ):** ମାପାଙ୍କ ମୁଲ୍ୟାଙ୍କନ ଫର୍ମ ଗୁଡିକୁ ସମସ୍ତଙ୍କୁ ଦିଅନ୍ତୁ ଏବଂ ସେମାନଙ୍କୁ ଅନୁରୋଧ କରନ୍ତୁ ଯେପରି ସେମାନେ ତାହା ପୂରଣ କରିବେ । ଏସବୁ କରିବା ପୂର୍ବରୁ, ଏହା କରିବାର ଉଦ୍ଦେଶ୍ୟ ତାଲିମ ଦାତ୍ତା ସମସ୍ତଙ୍କୁ ଜଣାଇବେ । ଶେଷରେ, ଆଗାମୀ ମାପାଙ୍କର ସମୟ ଏବଂ ସ୍ଥାନ ଉପରେ ତାଲିମଦାତ୍ତା କହିବେ ।

### ବିବରଣୀ ପତ୍ର – ୧: ବର୍ଗକ୍ଷେତ୍ର ଜରିଆରେ କଳହ ବୁଝିବା

ସଜ୍ଞା: "ଦୁଇ ବା ତତୁର୍ଦ୍ଧ ବ୍ୟକ୍ତି ଅବା ଦଳ ମଧରେ ଥିବା ସର୍ମ୍ପକ ଯାହାର ବିପରୀତ ଭାବନା କିମ୍ବା ଚିନ୍ତାଧାରାର ଲକ୍ଷ ଥାଏ ତାହାକୁ କଳହ କୁହାଯାଏ" ।

କଳହକୁ ବୁଝିବାକୁ ହେଲେ, ଆମକୁ ଦୁଇଟି ଉପାଦାନର ସାହାଯ୍ୟ ନେବାକୁ ପଡିବ, ଯଥା: 'ଆଚରଣ' (ଯେକୌଣସି ସର୍ମ୍ପକ ପାଇଁ ଏହା ଅତି ଆବଶ୍ୟକ); ଏବଂ 'ଲକ୍ଷ' (ତୁମେ ଯାହା ହାସଲ କରିବା ପାଇଁ ଚାହ) । ତଳେ ଦିଆଯାଇଥିବା ପ୍ରତିରୂପ ବିଭିର୍ଣ୍ଣ କଳହ ଏହି

ଦୁଇଟି ଉପାଦାନ ଜରିଆରେ ଚିହ୍ନଟ କରାଯାଇ ପାରେ । 'ସଙ୍ଗତ' କହିଲେ ଏକତାନର ସହିତ କୁ ବୁଝାଏ; 'ଅସଙ୍ଗତ' କହିଲେ ବିରୋଧ ମନଭାବକୁ ବୁଝାଏ ।


**ଲକ୍ଷ ଏବଂ ଆଚରଣ ସଙ୍ଗତତା/ସୁସଙ୍ଗତି**

| ଆଚରଣ | ଲକ୍ଷ: ସଙ୍ଗତ ଲକ୍ଷ | ଲକ୍ଷ: ଅସଙ୍ଗତ ଲକ୍ଷ |
|---|---|---|
| ସଙ୍ଗତ ଆଚରଣ | କେଉଁଭଳି ଆମେ ସଂଗତ ଲକ୍ଷ ଏବଂ ସଂଗତ ଆଚରଣକୁ ବର୍ଣନା କରିପାରିବ ? | ସୁପ୍ତ / ଲୁକ୍କାୟିତ କଳହ |
| ଅସଙ୍ଗତ ଆଚରଣ | ପୃଷ୍ଠତାନ / ବହିଃ ତଳ କଳହ | ଖୋଲା କଳହ |

**ବିବରଣୀ ପତ୍ର - ୨: ତ୍ରିଭୁଜ ମାଧ୍ୟମରେ ହିଂସାକୁ ବୁଝିବା**

**ଆଚରଣ:**

**ହତ୍ୟା, ତାଡନା, ଧମକ, ଡର, ଯନ୍ତ୍ରଣା**



# ଭାଗ – ୨
# କଳହ ଚିହ୍ନଟ ଏବଂ ବିଶ୍ଳେଷଣ

**ଭାଗ – ୨ ର ଲକ୍ଷ୍ୟ:**

- କଳହ ବିଷୟକୁ ବିଶ୍ଳେଷଣର ସହଯୋଗୀତାର ଉପକରଣକୁ ଶିଖିବା ଓ ବ୍ୟବହାର କରିବା ।
- କଳହ ବିଶ୍ଳେଷଣ ବିଷୟବସ୍ତୁର ବିଶ୍ଳେଷଣ କରିବା ଓ କାର୍ଯ୍ୟକ୍ରମର ପ୍ରବେଶ ପଥ କେତେବେଳ କିପରି ବ୍ୟବହାର କରିବା ।

| ଅଧିବେଶନ | ଉପକରଣ | କାର୍ଯ୍ୟାବଳୀ |
|---|---|---|
| ଅଧିବେଶନ-୧<br>୩୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ (ପୃଷ୍ଠା-୮୦-୮୯ ଦେଖ) | କଳହ ବିଶ୍ଳେଷଣର ପରିଚୟ<br>⇒ ଅନୁଶୀଳନ: କଳହ ଚିହ୍ନଟ ଉପରେ ସଚେତନ ହେବା ପାଇଁ କାର୍ଯ୍ୟ<br>⇒ ଉପସ୍ଥାପନା: କଳହ ବିଶ୍ଳେଷଣକୁ ପରିଚୟ କରେଇବା |
| ଅଧିବେଶନ-୨<br>୧୫୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବ୍କ୍ତବ୍ୟ - ୩ | କଳହ ମାନଚିତ୍ର ବିଶ୍ଳେଷଣ ଉପକରଣ: କଳହ ପ୍ରସଙ୍ଗକୁ ମାନଚିତ୍ରରେ ପ୍ରଦର୍ଶନ କରି ବୁଝେଇବା<br>⇒ କଳହ ପ୍ରାସଙ୍ଗିକ ମାନଚିତ୍ର<br>⇒ ଅନୁଶୀଳନ: ବିଶ୍ଳେଷଣକାରୀ ଦଳ ସୃଷ୍ଟିକରିବା<br>⇒ ଅନୁଶୀଳନ: କଳହ ପ୍ରାସଙ୍ଗିକ ମାନଚିତ୍ର<br>⇒ ସଭ୍ୟମଣ୍ଡଳୀ ଓ ପୁନରାବୃତି |
| ଅଧିବେଶନ-୩<br>୯୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବକ୍ତବ୍ୟ -୪ | କଳହ କ. ଖ. ଗ. ତ୍ରିଭୁଜ ବିଶ୍ଳେଷଣ ଉପକରଣ<br>⇒ ଭାଗ ଗୁଡ଼ିକର ଉଦ୍ଦେଶ୍ୟକୁ ପୁନଃ ଆଲୋଚନା କରିବା ଏବଂ ଅନ୍ୟ ଭାଗ ଗୁଡ଼ିକୁ ଶ୍ରେଣୀଭୂକ୍ତ କରିବା ।<br>⇒ ଉପସ୍ଥାପନା: ମନୋଭାବ, ଆଚରଣ, ପ୍ରସଙ୍ଗର ବିଶ୍ଳେଷଣ ଉପକରଣକୁ ବୁଝେଇବା ।<br>⇒ ଅନୁଶୀଳନ:- କଳହରେ ଜଡ଼ିତ ବ୍ୟକ୍ତି ବିଶ୍ଳେଷଣକୁ ବୁଝିବା |
| ଅଧିବେଶନ-୪<br>୮୫ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବକ୍ତବ୍ୟ -୫ | କଳହ ବୃକ୍ଷ ବିଶ୍ଳେଷଣ ଉପକରଣ: କଳହର କାରଣ, ଉତେଜକ ଓ ପରିମାଣ ବା ପଡୁଥିବା ପ୍ରଭାବ ।<br>⇒ ଉପସ୍ଥାପନା: ଅଧିବେଶନ ଓ କଳହ ବୃକ୍ଷ ବିଶ୍ଳେଷଣ ଉପକରଣ ବିଷୟରେ ବୁଝେଇବା ।<br>⇒ ଅନୁଶୀଳନ: କଳହ ବୃକ୍ଷର ବ୍ୟବହାର<br>⇒ ସଭ୍ୟମଣ୍ଡଳୀ ଓ ପୁନରାବୃତି |

| | | |
|---|---|---|
| ଅଧିବେଶନ-୫<br>୩୦ ମିନିଟ୍ | ବିବରଣୀ ଫର୍ଦ୍ଦ,<br>କଲମ, ଲିଖିତ<br>ବକ୍ତବ୍ୟ -୬ | କଳହ ସମାୟରେଖା ବିଶ୍ଳେଷଣ ଉପକରଣ<br>- ଉପସ୍ଥାପନା: କଳହ ସମୟରେଖା ବିଶ୍ଳେଷଣ ଉପକରଣ ବୁଝିବା ।<br>- ଅନୁଶୀଳନ: ବ୍ୟବହାରରେ ଭିନ୍ନତା<br>- ସଭ୍ୟମଣ୍ଡଳୀ ଓ ପୁନରାବୃତି |
| ଅଧିବେଶନ-୬<br>୩୦ ମିନିଟ୍ | ବିବରଣୀ ଫର୍ଦ୍ଦ,<br>କଲମ, ଲିଖିତ<br>ବକ୍ତବ୍ୟ -୭ | ଆବଶ୍ୟକ ଏବଂ ଭୟ ଆବଷ୍ଟନ ଜନିତ କଳହ ବିଶ୍ଳେଷଣ ଉପକରଣ<br>- ଉପସ୍ଥାପନା: ଆବଶ୍ୟକ ଏବଂ ଭୟ ଆବଷ୍ଟନ ବିଶ୍ଳେଷଣ ଉପକରଣର ପରିଚୟ ଓ ଉଦ୍ଧେସ୍ୟ<br>- ଆବଶ୍ୟକ ଏବଂ ଭୟ ଆବଷ୍ଟନ ବିଶ୍ଳେଷଣ ଉପକରଣର ଉଦାହରଣ ସହିତ ବ୍ୟବହାର<br>- ଉପକରଣର ବ୍ୟବହାର ନିମନ୍ତେ କ୍ରମାନୁସାରେ ନିର୍ଦ୍ଦେଶାବଳୀ |
| ଅଧିବେଶନ-୭<br>୧୫ ମିନିଟ୍ | ଭାଗର ସମୀକ୍ଷା ଫର୍ମ | ଭାବର ସମୀକ୍ଷା ଓ ପୁନରାବୃତି |

**ଅଧିବେଶନ – ୧: କଳହ ବିଶ୍ଳେଷଣର ପରିଚୟ**

| ସମୟ | ଉପକରଣ | ଉଦ୍ଧେଶ୍ୟ |
|---|---|---|
| ୩୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ | ବିଶ୍ଳେଷଣର ଚିନ୍ତାଧାରାକୁ ପୁନଃ ଦୃଢ଼ କରିବା । |

**ଅନୁଶୀଳନ – ସତେଜ କରିବା (୧୫ ମିନିଟ୍):**

ସତେଜ କର୍ମ ଓ ଲିଙ୍ଗଗତ ସବେଦନଶୀଳତା:- ଦୟାକରି ପୁରୁଷ ଓ ମହିଳା ମଧରେ ରହିଥିବା ସଂସ୍କୃତିଗତ ବୈଷମ୍ୟତାକୁ ଦୃଷ୍ଟିରେ ରଖନ୍ତୁ ତଥା ପରସ୍ପରକୁ ସ୍ପର୍ଶ କରିବାରେ ଯଦି କିଛି ବାରଣ ଥାଏ, ତାହାକୁ ସଂବେଦନଶୀଳ ଭାବେ ନିଆଯାଉ । ହୁଏତ ଏକ ପ୍ରକାର କାର୍ଯ୍ୟକୁ ପୁରୁଷଙ୍କ ପାଇଁ ଦୁଇଦିନ କରି ଅଲଗା ଅଲଗା କରାଯାଇ ପାରେ (ଗୋଟିଏ ପୁରୁଷ ଦଳ ସହ ମହିଳା ଦଳ ସହ ଗୋଟିଏ ନିଜେ ନିରୀକ୍ଷଣ କରିବା ପାଇଁ ଓ ମତାମତ ଦେବାପାଇଁ ଆପଣ ପୁରୁଷଙ୍କୁ କିମ୍ବା ମହିଳାଙ୍କୁ କାର୍ଯ୍ୟକରିବାକୁ ନିୟନ୍ତ୍ରଣ କରି ପାରନ୍ତି । ଏହିଭଳି ସତେଜକ କର୍ମକୁ ଲୋକଙ୍କ ଲକ୍ଷ୍ୟଭଦ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ଉପସ୍ଥାପନା – କଳହ ବିଶ୍ଳେଷଣର ପରିଚୟ (୧୫ ମିନିଟ୍):**

ଅଂଶଗ୍ରହଣ କାରୀମାନେ ଯେଉଁଠାରେ ବାସ କରନ୍ତି ବା କାର୍ଯ୍ୟ କରିବାକୁ ଚାହାନ୍ତି ସେହି ପରିସ୍ଥିତି କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛନ୍ତି, ଏବିଷୟରେ ଅବଗତ ସେମାନଙ୍କୁ ପ୍ରଶ୍ନ କରନ୍ତୁ ।

ସେମାନେ ନେଇଥିବା ମତଗୁଡ଼ିକୁ ତାଲିକା ଭୂକ୍ତ କରି ବିବାରଣୀ ଫର୍ଦ୍ଦରେ ଲିପିବଦ୍ଧ କରନ୍ତୁ ,ଏବଂ ତାର ସାରାଂଶ ବାହାର କରନ୍ତୁ । ସେହି ପରିସ୍ଥିତିରେ ପରୋକ୍ଷ ବା ପ୍ରତ୍ୟକ୍ଷଭାବେ ଜଡ଼ିତ ଥିବା ଲୋକମାନଙ୍କ ସମ୍ପର୍କ, ସମସ୍ୟା ଓ ଶକ୍ତି ବିଷୟରେ ବିଶ୍ଳେଷଣର ପ୍ରଥମ ଉପକରଣକୁ ଗୁରୁତ୍ୱାରୋପ କରନ୍ତୁ ।

## କଳହ ବିଶ୍ଳେଷଣ କ'ଣ ?

- ଏହା ପୃଷ୍ଠଭୂମି, କାରଣମାନକର୍ତ୍ତାସମୂହ ଏବଂ ପରିବର୍ତ୍ତନୀୟ କଳହ ର ଗୋଟିଏ ପ୍ରଣାଳୀଗତ ଅଧ୍ୟୟନ ।
- ବିଭିନ୍ନ ଦୃଷ୍ଟିଭଙ୍ଗୀରୁ କଳହ ର ବାସ୍ତବତା କୁ ପର୍ଯ୍ୟବେକ୍ଷଣ କରି ଉପଲବ୍ଧି କରିବାର ଏକ ବ୍ୟବହାରିକ କାର୍ଯ୍ୟଧାରୀ ଯାହାକି ପ୍ରଣାଳୀ ସମୂହ ର ବିକାଶ ତଥା ଯୋଜନା ପ୍ରସ୍ତୁତି ନିମନ୍ତେ ଏକ ଭିତ୍ତିଭୂମି ସ୍ଥାପନ କରିପାରେ ।
- ଥରକେ ସମ୍ପାଦିତ ହେଉଥିବା କର୍ଯ୍ୟ ନୁହେଁ; କିନ୍ତୁ ପରିସ୍ଥିତିରେ ପରିବର୍ତ୍ତନ ଅନୁଯାୟୀ ନିରବଚ୍ଛିନ୍ନ ଭାବେ ସମ୍ପାଦିତ ହେଉଥିବା ଏକ କାର୍ଯ୍ୟଧାରୀ ।
- ଏକାଧିକ ସରଳ ବ୍ୟବହାରିକ ତଥା ଉପଯୋଗୀ ପଦ୍ଧତି ଓ କୌଶଳର ସାହାଯ୍ୟ ନେଇ ଏହାକୁ ସଂପାଦନ କରାଯାଇପାରେ ।

## କାହିଁକି କଳହ ବିଶ୍ଳେଷଣ କରିବା ?

- ପରିସ୍ଥିତିର ଅନ୍ତରାଳ ଓ ଇତିହାସ ସହିତ ସାଂପ୍ରତିକ ଘଟଣାବଳୀ କୁ ବୁଝିବା ନିମନ୍ତେ । କେବଳ ମାତ୍ର ମୁଖ୍ୟ ସୁସ୍ପଷ୍ଟ ଦଳ ନୁହେଁ କିନ୍ତୁ ପ୍ରାସଙ୍ଗିକ ଭାବେ ଜଡିତ ଥିବା ସମସ୍ତ ଦଳର ଚିହ୍ନଟ କରିବା ।
- ସମସ୍ତ ଦଳର ଦୃଷ୍ଟିଭଙ୍ଗୀ କୁ ଅନୁଧ୍ୟାନ କରିବା ସହିତ ସେମାନେ ଏକ ଆରେକ ସହିତ କି ଭଳି ଭାବରେ ଜଡ଼ିତ ତାହା ବିଷୟରେ ଅଧିକରୁ ଅଧିକ ଜାଣିବା ।
- କଳହ ପରିସ୍ଥିତିକୁ ଉଗ୍ରତର ହେବାର ନିମନ୍ତେ ସହାୟକ ହେଉଥିବା ଉପାଦାନ ଓ ପ୍ରବୃତ୍ତି ଗୁଡ଼ିକର ଚିହ୍ନଟ କରିବା ।
- କଳହକୁ ସକାରାତ୍ମକ ଭାବରେ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ପଦକ୍ଷେପ ନିମିତ୍ତ ସମ୍ଭବପର ପ୍ରବେଶର ସୁଯୋଗକୁ ଚିହ୍ନଟ କରିବା । ଉଭୟ ବିଫଳତା ଏବଂ ସଫଳତାରୁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ।

କଳହକୁ ଚିହ୍ନିବା ପାଇଁ, ଏହି ଭାଗରେ ୫ଟି କଳହ ବିଶ୍ଳେଷଣ ଉପକରଣ ତଳେ ଦର୍ଶା ଯାଇଛି:

1. କଳହ ମାନଚିତ୍ର ବିଶ୍ଳେଷଣ ଉପକରଣ (Conflict Mapping Analysis Tool)
2. କଳହ କଖଗ ତ୍ରିଭୁଜ ବିଶ୍ଳେଷଣ ଉପକରଣ (Conflict ABC Triangle Analysis Tool)
3. କଳହ ବୃକ୍ଷ ବିଶ୍ଳେଷଣ ଉପକରଣ (Conflict Tree Analysis Tool)
4. କଳହ ସମୟାରେଖା ବିଶ୍ଳେଷଣ ଉପକରଣ (Conflict Time-line Analysis Tool)
5. ଆବଶ୍ୟକ ଏବଂ ଭୟ ଆବଣ୍ଟନ ଜନିତ କଳହ ବିଶ୍ଳେଷଣ ଉପକରଣ (Needs and Fear Mapping Analysis Tool)

## ଅଧିବେଶନ-୨: କଳହ ମାନଚିତ୍ର ବିଶ୍ଳେଷଣ ଉପକରଣ

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୫୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବକ୍ତବ୍ୟ-୩ | କଳହ ସୂଚୀ ବା ବିଷୟବସ୍ତୁକୁ ମାନଚିତ୍ରଣ କରିବା ପରିଚୟ ଦେବା ।<br>କଳହ ଜନିତ ସମସ୍ୟା, ଗୁଡ଼ିକୁ କଳହର ମାନଚିତ୍ରଣ କରିବା । |

### ଉପସ୍ଥାପନା: କଳହ ସୂଚୀର ମାନଚିତ୍ରର ପରିଚୟ ଦେବା – (୩୦ ମିନିଟ୍)

କଳହ ସଂଶ୍ଳିଷ୍ଟ ଲୋକଙ୍କ ସମ୍ପର୍କ ଓ କ୍ଷମତାକୁ କଳହ ମାନଚିତ୍ରଣ ମାଧ୍ୟମରେ ଚିହ୍ନଟ କରିବା ଏହା ଚଳନଶୀଳ ନ ହୋଇ ପରିସ୍ଥିତି ଅନୁଯାୟୀ ବାରମ୍ବାର ପରିବର୍ତ୍ତିତ ହୋଇପାରେ ।

ଅଂଶ ଗ୍ରହଣକାରୀମାନଙ୍କୁ ଏକ ବୃତ୍ତ ଆଙ୍କିବାକୁ କହନ୍ତୁ ଯାହାକି କଳହ ପ୍ରସଙ୍ଗରେ ଜଡ଼ିତ ଥିବା ଲୋକଙ୍କୁ ପ୍ରତିନିଧିତ୍ୱ କରୁଥିବେ । ସେହି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କଳହର ଜଡ଼ିତ ଲୋକର କ୍ଷମତାର ପ୍ରଭାବ ମୁତାବକ ବୃତ୍ତଟିରେ ଆକାର ଆଙ୍କିବାକୁ କୁହନ୍ତୁ । ଯେଉଁମାନେ ଏଥିରେ ଜଡ଼ିତ ଅଟନ୍ତି, ସେମାନଙ୍କୁ ଏକ ରେଖା ମାଧ୍ୟମର ସଂଯୋଗ କରନ୍ତୁ ଯାହାକି ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କର ଘନିଷ୍ଠତା ଦିଗକୁ ପରିପ୍ରକାଶ କରିପାରିବ । ସମ୍ପର୍କରେ ଘନିଷ୍ଠତା କହିଁକି ଏହିଭଳି ରହିଚି ତା'କୁ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ ବିଷୟ ।

ମାନଚିତ୍ରରେ ପ୍ରଦର୍ଶିତ ହେଉଥିବା ପ୍ରତ୍ୟେକଟି ସମ୍ପର୍କରେ ଅର୍ନ୍ତନିହିତ ସମସ୍ୟାକୁ ଅଂଶ ଗ୍ରହଣକାରୀମାନେ ନାମକରଣ କରିବା ଆବଶ୍ୟକ ।

ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମସ୍ତ ଅଂଶ ଗ୍ରହଣକାରୀ ନିଜକୁ ବା ସେମାନଙ୍କ ଅନୁଷ୍ଠାନକୁ ମାନଚିତ୍ରରେ ସ୍ଥାନିତ କରିବେ । ମାନଚିତ୍ରଣ ହୋଇଥିବା ବିଭିନ୍ନ ଜଡ଼ିତ ବ୍ୟକ୍ତିକୁ ସମ୍ପର୍କ ଓ ସମସ୍ୟାକୁ ସତେଜକ କରିବେ । ଆପଣ ଯେଉଁଭଳି ଭାବରେ ଦୃଷ୍ଟାନ୍ତ ଦ୍ୱାରା କଥା କହନ୍ତି ତାହାକୁ ତିନି ବା ଚାରୋଟି ବିଶିଷ୍ଟ ଚିତ୍ରକୁ ପ୍ରଦର୍ଶନ କରନ୍ତୁ ।

ପ୍ରତ୍ୟେକଟି ସଂଯୋଗ ରେଖାକୁ ଦୃଷ୍ଟାନ୍ତ ଦ୍ୱାରା ପ୍ରକାଶ କରିବା ପାଇଁ ନିଶ୍ଚିତ କରନ୍ତୁ । କେବଳ ଗୋଟିଏ ଉଦାହରଣ ପ୍ରୟୋଗ ନ କରିବାକୁ ଚେଷ୍ଟା କରନ୍ତୁ । କାରଣ ଆପଣ ବିଷୟ ବସ୍ତୁର ଦୃଷ୍ଟାନ୍ତ ଦେଉନାହନ୍ତି, ଗୋଟିଏ ଉପକରଣକୁ ବୁଝେଇବାକୁ ଚେଷ୍ଟା କରୁଛନ୍ତି । ଆପଣଙ୍କ ସରଳ ଚିତ୍ରଟିକୁ ଲିଖିତ ବକ୍ତବ୍ୟ ଦୃଷ୍ଟିକୋଣରେ ଦେଖନ୍ତୁ ।

କଳହ ମାନଚିତ୍ର ଏକ କୌଶଳ ଏହା ଗୋଟିଏ କଳହ ଅବସ୍ଥାକୁ ସ୍ୱଷ୍ଟ ରୂପେ ସୁଚାଉଥିବା ଦୃଶ୍ୟମାନ:

୧. କେଉଁ କେଉଁ ପକ୍ଷମାନେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ ।

୨. କଳହ ଥିବା ପକ୍ଷମାନଙ୍କ ମଧ୍ୟରେ ତଥା ଭିତରେ କେଉଁ ଭଳି ସଂପର୍କ ରହିଅଛି ।

୩. କିଏ ଶକ୍ତିଶାଳୀ/ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଏବଂ ସେହି ଶକ୍ତିର ଉତ୍ସ ସବୁ କେଉଁଟା ।

୪. ଅବସ୍ଥିତି ସନ୍ଧି ତଥା ସମ୍ଭାବିତ ସନ୍ଧି ସବୁକୁ ନିରୀକ୍ଷଣ କରିବା ।

୫. ମାନଚିତ୍ର ରେ ତମେ କେଉଁଠି ?

**<u>କଳହ ଚିତ୍ରଣ କରିବା ନିମନ୍ତେ ପ୍ରସ୍ତାବିତ ପଦକ୍ଷେପ :</u>**

– ନିଜର କ୍ଷୁଦ୍ର ଦଳ ମଧ୍ୟରେ ପ୍ରାସଙ୍ଗିକ ଭାବରେ ନିଜେ ସୁପରିଚିତ ଥିବା ଗୋଟିଏ ନିର୍ଦ୍ଦିଷ୍ଟ କଳହ ପରିସ୍ଥିତି ଉପରେ ସମ୍ମତ ହୁଅନ୍ତୁ ।

– ପ୍ରଥମେ କଳହରେ ଥିବା ମୁଖ୍ୟ ପକ୍ଷ ମାନଙ୍କୁ ଚିହ୍ନଟ କରନ୍ତୁ, ତାପରେ ଅନ୍ୟାନ ପକ୍ଷ ସମସ୍ତ ଯେଉଁମାନେ କି ବ୍ୟକ୍ତିବିଶେଷ, ଦଳ ବା ସଙ୍ଗଠନ (ସରକାରୀ ଓ ବେସରକାରୀ) ଇତ୍ୟାଦି ହୋଇ ପାରନ୍ତି ଏବଂ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କଳହ ସହିତ ଜଡ଼ିତ ଥିବେ କିମ୍ବା କଳହ ଯୋଗୁଁ ପ୍ରଭାବିତ ହୋଇଥିବେ ।

– ସଙ୍କେତ ସମୂହକୁ ବ୍ୟବହାର କରି, ସେମାନଙ୍କ ମଧ୍ୟରେ ଥିବା ସଂପର୍କ କୁ ସୂଚିତ କରି ପକ୍ଷମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରନ୍ତୁ ।

– ମାନଚିତ୍ର ମଧ୍ୟରେ ନିଜର ଅବସ୍ଥିତିକୁ ଦର୍ଶାଇବା ଭୁଲନ୍ତୁ ନାହିଁ ।

– ଗୋଟିଏ ଆୟତକ୍ଷେତ୍ର ମଧ୍ୟରେ କଳହ ର ମୁଖ୍ୟ ବିଚାର୍ଯ୍ୟ ବିଷୟ କୁ ଲେଖନ୍ତୁ ।

**ଅନଶୀଳନ:- ବିଶ୍ଲେଷଣକୁ ଗଠନ କରିବା (୧୫ ମିନିଟ୍):**

ଅଂଶଗ୍ରହଣକାରୀଙ୍କୁ ନେଇ ସର୍ବାଧିକ ଦେଶ ବିଶିଷ୍ଟ ଛୋଟ ଦଳ ଗଠନ କରନ୍ତି ।

ଏହି ବିଶ୍ଲେଷଣ ପାଇଁ ଆଲୋଚନା ନିମନ୍ତେ କେଉଁ କଳହ ପ୍ରସଙ୍ଗ ସମସ୍ୟାକୁ ନେବେ ସେଥି ନିମନ୍ତେ ନିଷ୍ପତ୍ତି ନେବା ପାଇଁ ୧୫ ମିନିଟ ବିତାଇବା ପାଇଁ କୁହନ୍ତୁ । ଏହା ଏକ ସତ୍ୟ କଳହ ହେବା ଆବଶ୍ୟକ, ଯାହାକି ଦଳ ମଧ୍ଯରୁ ଅନ୍ତତଃ ଜଣେ ସେ ବିଷୟରେ ଭଲ ଭାବେ ଜାଣିଥିବେ । ସୁତରାଂ ଏହା ଦୃଶ୍ୟମାନ ହେଉଥିବା ବା ଗୋଷ୍ଠୀ ମଧ୍ୟରେ ଅନୁଭବ କରିଥିବା କଳହ ହେବା ଆବଶ୍ୟକ ।

ଅଂଶ ଗ୍ରହଣକାରୀଙ୍କୁ ଦଳର ନିପୁଣ ବ୍ୟକ୍ତିତ୍ୱ ଭାବରେ ଭୂମିକା ନେବା ପାଇଁ କୁହନ୍ତୁ । ଅନ୍ୟମାନେ ସେହି ବିଶ୍ଲେଷଣରେ ଦଳର ନିପୁଣ ବ୍ୟକ୍ତିଙ୍କ ବିଶ୍ଲେଷଣରେ ଆବଶ୍ୟକ ଅନୁଯାୟୀ ମତପ୍ରକାଶ କରି ଏକ ବିଶ୍ଲେଷଣର ନିର୍ଣ୍ଣୟ କରିବା ଆପଣ ଏହା ନିଶ୍ଚିତ କରନ୍ତୁ ଯେ ଅଂଶ ଗ୍ରହଣକାରୀ ମାନେ ଉପକରଣ ବିଷୟରେ ବିଶେଷ ଆଲୋଚନା ନ କରି ସେମାନଙ୍କ ପ୍ରଶ୍ନକୁ ଉପକରଣ ବିଷୟରେ ଆଲୋଚନା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ।

ଆପଣ ଦଳଗୁଡ଼ିକର ଆଲୋଚନା ବିଷୟରେ ସେମାନଙ୍କ ନିକଟକୁ ଯାଇ ଉପକରଣ ବ୍ୟବହାର ବିଷୟରେ ବୁଝାଇ ଦିଅନ୍ତି । ଆନ୍ତର୍ଜାତିକ ବା ରାଷ୍ଟ୍ରୀୟ କଳହ ଆଲୋଚନା ପାଇଁ ଚୟନ ନ କରିବାକୁ ପରାମର୍ଶ ଦିଅନ୍ତି ।

ଆମେ ଏଭଳି କଳହ ପ୍ରସଙ୍ଗକୁ ନେବା ଆବଶ୍ୟକ, ଯାହାକି ବିଶ୍ଲେଷଣ ଦ୍ୱାରା ଅଂଶ ଗ୍ରହଣକାରୀମାନେ ଭଲଭାବରେ ବୁଝିପାରିବେ ଓ ସେବିଶେଷ କାର୍ଯ୍ୟ କରିପାରିବେ । ଯେତେବେଳେ ପ୍ରତିଟି ଦଳ ସେହି କଳହ ପ୍ରସଙ୍ଗକୁ ଚୟନ କରିବେ

ସେମାନେ ତାହା ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିପାରିବେ । ସେଗୁଡ଼ିକକୁ ଏକ ସାରଣୀରେ ଲେଖାଯାଉ ଏବଂ ଦଳର ନାମ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଲେଖାଯାଉ ।

ଦଳ ଗୁଡ଼ିକ ଯେପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାନଚିତ୍ରଟିକୁ ଚିତ୍ରଣ କରିବେ ସେଥିପାଇଁ ଯତ୍ନବାନ ହବାକୁ ପରାମର୍ଶ ଦିଅନ୍ତି ।

ପତିଟି ଦଳ ନିଜ ବିଶ୍ଳେଷଣକୁ ତାଲିମାର୍ଥୀ ମାନଙ୍କ ନିକଟରେ ବର୍ଣ୍ଣନା କରିବା ପାଇଁ ଗୁରୁତ୍ୱାରୋପ କରନ୍ତୁ । ସେମାନେ ନିଶ୍ଚିତ ହେବେ ଯେ, ଏହି ସମସ୍ତ ବିଷୟରେ ସେମାନେ ସୁପରିଚିତ ।

ଦଳଗୁଡ଼ିକୁ ଖୋଲାଖୋଲି ଆଲୋଚନା ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ବସିବା ସକାଶେ କୁହାଯାଇପାରେ, ଯାହାକି ଗୋଟିଏ ଦଳ ର ଆଲୋଚନା ଅନ୍ୟଦଳ ପାଇଁ ବାଧା ନକରେ । ଯଦି ତାଲିମ କେନ୍ଦ୍ରର କକ୍ଷରେ ଆବଶ୍ୟକ ଅନୁଯାୟୀ ସ୍ଥାନ ନ ଥାଏ, ତେବେ ସବୁ ଦଳକୁ ଗୋଟିଏ ସ୍ଥାନରେ ବସିବାପାଇଁ କୁହନ୍ତୁ । ଏହା ସେହି ତାଲିମ କେନ୍ଦ୍ରକୁ ଚଳଚଞ୍ଚଳ ରଖିପାରିବ ଏବଂ ତାଲିମ ଦାତା ତାଲିମମାର୍ଥୀମାନଙ୍କ ପାଇଁ ସହଜରେ ଉପଲବ୍ଧ ହେଇପାରିବ ।

**ଅନୁଶୀଳନ:- କଳହ ବିଷୟ ବସ୍ତୁ ମାନଚିତ୍ର (୯୦ ମିନିଟ୍):**

ପ୍ରତି ଦଳକୁ ମାନଚିତ୍ରର ସରଞ୍ଜାମ ପ୍ରଦାନ କରନ୍ତୁ ଏବଂ ଲିଖିତ ବକ୍ତବ୍ୟ – ୩ କୁ ମଧ୍ୟ ପ୍ରତ୍ୟେକ ତାଲିମାର୍ଥୀଙ୍କ ମଧ୍ୟରେ ବାଣ୍ଟିଦିଅନ୍ତୁ ।

ମାନଚିତ୍ରର ସରଞ୍ଜାମ: ପ୍ରତିଟି ଦଳ ପାଇଁ ତାଲିମ ପୂର୍ବରୁ ଚିତ୍ରଣ ସରଞ୍ଜାମ ପ୍ରଦାନ କରିବା ଆବଶ୍ୟକ । ପ୍ରତିଟି ସରଞ୍ଜାମ ପ୍ୟାକେଟରେ, ବିଭିନ୍ନ ଆକାରର ବୃତ୍ତ ପ୍ରତ୍ୟେକ ଦଳକୁ ଭିନ୍ନ ଭିନ୍ନ ଆକାରରେ ଦିଆଯାଉ । ଗୋଟିଏ ଅଠା ଥିବା କାଠି ବା ଅଠା ଲେପିତ ଫିତା ବା ଟେପ୍ ତିନୋଟି ଅଲଗା ଅଲଗା ରଙ୍ଗରେ କାଳି କଲମ, ଗେଟିଏ ପେନସିଲ ଓ ବିବରଣୀ ଫର୍ଦ୍ଦ, ଗୋଟିଏ କାଗଜ । ଭିନ୍ନ ଭିନ୍ନ ଆକାରର ବୃତ୍ତ ପାଇଁ ପ୍ରଦତ୍ତ ଲେଖି, ବକ୍ତବ୍ୟକୁ ବିଚାରକୁ ନିଆଯାଉଛି । ଅଂଶ ଗ୍ରହଣକାରୀଙ୍କ ଆବଶ୍ୟକ ମୁତାବକ ଆଉ କିଛି ଭିନ୍ନ ରଙ୍ଗର କାଗଜ, କେତୋଟି କଇଁଚି ସବୁ ନିଜ ପାଖରେ ରଖନ୍ତୁ ।

ଦଳଗତ ଆଲୋଚନ ପାଇଁ ଏସବୁ ସରଞ୍ଜାମ ସେମାନଙ୍କୁ ପ୍ରଦାନ କରନ୍ତୁ । ଦଳ ଗୁଡ଼ିକ ଯେପରି କଳହ ପରିସ୍ଥିତିକୁ ଜଣେ ବା ଦୁଇଜଣଙ୍କ ମତାମତରେ ସୀମିତ ନ ରଖି, ପରିସ୍ଥିତିକୁ ଆଲୋଚନା ନ କରି ଦଳର ସମସ୍ତଙ୍କ ମଧ୍ୟରେ ଆଲୋଚନା ପାଇଁ ସହାୟକ ହୁଅନ୍ତୁ । ସେମାନେ କିଭଳି ଦୁଇଟିଯାକ ମତାମତକୁ ଗୋଟିଏ ଫର୍ଦ୍ଦ କାଗଜରେ ପ୍ରଦର୍ଶନ କରିପାରିବେ, ଏଥି ନିମନ୍ତେ ଧ୍ୟାନ ଦିଅନ୍ତୁ । ଏଥିରେ ଦଳର ସମସ୍ତ ଏକମତ ହେବା ଜରୁରୀ ନୁହେ, ବରଂ ଭିନ୍ନ ଭିନ୍ନ ଦୃଷ୍ଟିକୋଣର ମତାମତକୁ ଉଲ୍ଲେଖ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ । ଆମେ ଏହି ପରିସ୍ଥିତିରେ ବାସ୍ତବତା ପରିବ୍ୟାପ୍ତ ଦୃଷ୍ଟିଭଙ୍ଗୀକୁ ଜାଣିବା ଜରୁରୀ ଅଟେ । ତାଲିମାର୍ଥୀଙ୍କୁ ଉତ୍ସାହିତ କରାଯାଉ, ଯେପରିକି ସେମାନେ କଳହ ପରିସ୍ଥିତିର ସମ୍ପର୍କ ବିଷୟରେ ନିଜ ନିଜ ମଧ୍ୟରେ ଥିବା ମତ ପାର୍ଥକ୍ୟକୁ ଲିଖିତ ବକ୍ତବ୍ୟରେ ଥିବା ସଙ୍କେତ ବ୍ୟବହାର କରିପାରିବେ ।

ଦଳୀୟ ଆଲୋଚନା ପାଇଁ ପ୍ରଦତ୍ତ କାର୍ଯ୍ୟକୁ ବିବରଣୀ ଫର୍ଦ୍ଦରେ ଲେଖିବା ଓ ଆଲୋଚନା ସମୟରେ ତାକୁ ପ୍ରଦର୍ଶନୀ ଭାବରେ ଝୁଲାଇ ରଖନ୍ତୁ ।

ଏହି ଅଭ୍ୟାସର ଶେଷଭାଗରେ ପ୍ରତଟି ଦଳକୁ ନୀରିକ୍ଷଣ କରି ସେମାନେ ଏହି ପ୍ରଦତ୍ତ କାର୍ଯ୍ୟ କରିବାପାଇଁ ପଡ଼ିବ, ତେଣୁ ତାହା ସବୁ ବୁଝାଇ ଦିଅନ୍ତୁ ।

ପ୍ରଦତ୍ତ କାଯ୍ୟଟିକୁ ଉପସ୍ଥାପନ କରିବାର ବିଭିନ୍ନ ସୋପାନରେ ଦଳଗୁଡ଼ିକୁ ପରିଚାଳନା କରିବା:-

ଯେଉଁ ଦଳ ସେମାନଙ୍କ ବିଶ୍ଳେଷଣ ସମାପ୍ତ କରିଥାନ୍ତି, ସେମାନଙ୍କୁ ପୁର୍ନବାର ନିରୀକ୍ଷଣ କରିବାକୁ ପରାମର୍ଶ ଦିଅନ୍ତୁ । ସେମାନେ ନିଜ ନିଜକୁ ସେହି ମାନଚିତ୍ରରେ ସ୍ଥାନୀତ କରିଛନ୍ତି କି ? ଆଲୋଚିତ ସମସ୍ତ ସମ୍ପର୍କରେ ସମସ୍ୟା ପୂର୍ଣ୍ଣ ପ୍ରସଙ୍ଗ ରହିଛି କି ? ସେଥିରେ କୌଣସି ପାର୍ଶ୍ୱଛାୟାଥିବା ଜଡ଼ିତ ବ୍ୟକ୍ତି ଅଛନ୍ତିକି ? ଏହି ମାନଚିତ୍ର ବା ଅନୁଶୀଳନ ଦ୍ୱାରା ଯେଉଁବ୍ୟକ୍ତି ବିଶେଷଙ୍କ ବିଷୟ ଆଲୋଚନା ହୋଇଛି (ଦକ୍ଷବ୍ୟକ୍ତି) ? କୌଣସି ନୂତନ ବିଷୟ ଲୋକଲୋଚନାକୁ ଆସିଛି କି ?

**ସଭ୍ୟ ମଣ୍ଡଳୀ ଓ ଉପସଂହାର (୧୫ ମିନିଟ୍):**

ସମସ୍ତ ଛୋଟ ଦଳଗୁଡ଼ିକୁ ମିଶାଇ ଏକ ବଡ଼ ଦଳ ଗଠନ କରିବାକୁ କୁହନ୍ତୁ । ପ୍ରତିଟି ଦଳ ର ମାନଚିତ୍ରକୁ ନିରୀକ୍ଷଣ କରନ୍ତୁ ଏବଂ ପ୍ରତ୍ୟେକଟି ଦଳର ଆଲୋଚ୍ୟ ମାନଚିତ୍ର ବିଷୟ ସାମୂହକୁ ପଚାରି ବୁଝନ୍ତୁ । ଏହି ଉପକରଣର ଅଗ୍ରଗତି ବିଷୟରେ ଯେକୌଣସି ପ୍ରଶ୍ନର ଉତ୍ତର ଦିଅନ୍ତୁ ।

**ଅଧିବେଶନ-୩ କଳହ କ.ଖ.ଗ. ତ୍ରିଭୁଜ ବିଶ୍ଳେଷଣ ଉପକରଣ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୯୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବକ୍ତବ୍ୟ - ୪ | ⇒ କଳହରରେ ପ୍ରମୂଖ ଭୂମିକା ନେଇଥିବା ବ୍ୟକ୍ତିମାନଙ୍କ ବିଷୟରେ ବିଶ୍ଳେଷଣ କରିବା<br>⇒ ସେହିବ୍ୟକ୍ତି ବିଶେଷମାନଙ୍କ ମାନସିକତା ଆଚରଣ ଓ ପ୍ରାସଙ୍ଗିକତା ବିଷୟକୁ ବିସ୍ତାରିତ ଭାବେ ଜାଣିବାର ପ୍ରୟାସ । |

**କଳହର ଉଦ୍ଦେଶ୍ୟକୁ ପୁନଃ ଅଧ୍ୟୟନ କରିବା ଓ ଦିଆଯାଇଥିବା ବିଷୟକୁ ଉଲ୍ଲେଖ କରନ୍ତୁ (୧୫ ମିନିଟ୍):**

ପୂର୍ବ ଅଧିବେଶନ ବିଷୟରେ ଯଦି କାହାର କିଛି ପ୍ରଶ୍ନ ଥାଏ, ପ୍ରାକାଶ କରିବାକୁ କୁହାଯାଉ । ଭାଗ/ମାନଙ୍କ-୧ ଉଦ୍ଦେଶ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରନ୍ତୁ । ଭାଗ/ମାନଙ୍କ-୧ ରେ ଆଉ କେଉଁ ବିଷୟ ବାଦ ଦିଆଯାଇଛଇ ଯାହା ଆଲୋଚନା ହେବା ଉଲ୍ଲେଖ କରନ୍ତୁ । ବିଶ୍ଳେଷଣର ଦୁଇଗୋଟି ଅତିରିକ୍ତ ଉପକରଣକୁ ଶିଖିବା ଓ ତାକୁ ପ୍ରୟୋଗ କରିବା । ସମସ୍ତ ତିନିଟି ଉପକରଣ ଆଲୋଚନା ସମୟରେ ଅଂଶ ଗ୍ରହଣକାରୀମାନେ ପୂର୍ବ ନିର୍ଦ୍ଧାରିତ ଦଳରେ ରହିବା ଉଚିତ୍ । ଯେପରି ଅଂଶ ଗ୍ରହଣକାରୀମାନଙ୍କ ମଧ୍ୟରେ ତାଲିମ କାର୍ଯ୍ୟକ୍ରମର ପ୍ରକ୍ରିୟାରେ ବହୁତ ଆଗକୁ ଭାବିବାର ଉତେଜନା ସୃଷ୍ଟିହେବାର ପରିବେଶ ସୃଷ୍ଟି ନହୋଇ ଏହି ପ୍ରକ୍ରିୟାରେ ସୋପାନ ପରେ ଆଗେଇ ପାରିବେ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ।

ଆପଣ ମନେ ରଖନ୍ତୁ ଯେ, ଆପଣ କର୍ମୀମାନଙ୍କ ସହ କାର୍ଯ୍ୟ କରୁଛନ୍ତି, ଯେଉଁମାନେ କାର୍ଯ୍ୟବାଦୀ ସେସମୟରେ ଏହି ତାଲିମ ପ୍ରକ୍ରିୟାକୁ ମନ୍ଥର ଗତିରେ ସଙ୍ଗଠିତ ଭାବେ ପରିଚାଳନା କରିବା ଗରୁତ୍ୱପୂର୍ଣ୍ଣ ଅଟେ ।

**ଉପସ୍ଥାପନା:- ବିଶ୍ଲେଷଣ ଉପକରଣ, ମାନସିକତା, ଆଚରର ଓ ପ୍ରାସଙ୍ଗିକ ବଷୟ ବସ୍ତୁ (୨୦ ମିନିଟ୍)**

ଆପଣ ଦ୍ୱିତୀୟ ବିଶ୍ଲେଷଣ ଉପକରଣର ଉପକ୍ରମ ବର୍ଣ୍ଣନା କରିବା ବିଷୟରେ ଅଂଶ ଗ୍ରହଣକାରୀମାନଙ୍କୁ ଜଣାଇ ଦିଅନ୍ତୁ । ଏହି ଉପକରଣକୁ ପୂର୍ବରୁ ଆଲୋଚିତ କଳହ ମାନଚିତ୍ରଣର ଉପକରଣ ଅଭ୍ୟାସରେ ପ୍ରୟୋଗ କରାଇବେ । ସମସ୍ତେଙ୍କୁ ପୂର୍ବ ନିର୍ଦ୍ଧାରିତ ଦଳରେ ରହି ଅଂଶଗ୍ରହଣ କରିବା ପାଇ କହିବେ ।

(ଲିଖିତ ବକ୍ତବ୍ୟ-୪) ସମ୍ପର୍କିତ ବିଷୟକୁ ଆଧାର କରି ବିବରଣୀ ଫର୍ଦ୍ଦରେ ଏକ ବଡ଼ ତ୍ରିଭୂଜ ଅଙ୍କନ କରନ୍ତୁ । ପ୍ରତ୍ୟେକଟି କୋଣଗୁଡ଼ିକର ନାମକରଣ କରନ୍ତୁ ।

ତାଲିମାର୍ଥୀମାନଙ୍କୁ ବୁଝାଇ ଦିଆଯାଉ ଯେ ଏହି ଉପକରଣ  ଦ୍ୱାରା କଳହର ପ୍ରତ୍ୟୋକ୍ଷ୍ୟଭାବେ ଜଡ଼ିତ ପକ୍ଷମାନଙ୍କ  ଦୃଷ୍ଟିଭଙ୍ଗୀ ସୁସ୍ପଷ୍ଟ ହୋଇପାରିବ । ଏହି ଉପକରଣଟି ପୂର୍ବରୁ ବର୍ଣ୍ଣୀତ ଭାଗ/ମାନଙ୍କରେ ଦର୍ଶାଇଯାଇଥିବା ହିଂସାତ୍ମକ ତ୍ରିଭୂଜ ସହ ସମାନ ଅଟେ କିନ୍ତୁ ଏହାର ପ୍ରୟୋଗ ଅଲଗା ଅଟେ ।

ଏହି ତ୍ରିଭୂଜରେ ପ୍ରଦର୍ଶିତ ବିଭିନ୍ନ ସୋପାନ ସାହାଯ୍ୟରେ ମାନସିକତା, ଆଚରଣ ଓ ପ୍ରାସଙ୍ଗିକ ବିଷୟରେ ଅର୍ଥକୁ ବୁଝେଇ ଦିଅନ୍ତୁ ତ୍ରିଭୂଜଟି କଳହର ସଂଶ୍ଲିଷ୍ଟ ଥିବା ବ୍ୟକ୍ତି ମାନଙ୍କୁ କଳହ ପ୍ରାସଙ୍ଗିକ ପରିସ୍ଥିତିରେ ନିଜେ ନିଜକୁ କିପରି ଭାବନ୍ତି ସେ ବିଷୟରେ ବିସ୍ତୃତଭାବେ ଜାଣିବାକୁ ସାହାଯ୍ୟ କରେ ।

ଏହି ବିଶ୍ଲେଷଣଟି କଳହକୁ ବୁଝିବା ପାଇଁ କଳହର ସଂଶ୍ଲିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟିଭଙ୍ଗୀକୁ ଜାଣିଏ, ଯାଇକି ସଂଶ୍ଲିଷ୍ଟ ବ୍ୟକ୍ତିମାନେ କଳହ ପ୍ରସଙ୍ଗ ମଧ୍ୟରେ ଜଡ଼ିତ ତତ୍ ସଙ୍ଗେ ସଙ୍ଗେ ସେମାନଙ୍କର ମାନସିକତା ଓ ଆଚରଣକୁ ଜାଣାଏ । ଏହି ତିନୋଟିଯାକ ଉପାଦାନ ପରସ୍ପରକୁ ପ୍ରଭାବିତ କରିଥାଆନ୍ତି ।


ଉଦାହରଣ ସରୂପ, ଏକ ପ୍ରାସଙ୍ଗିକ ବିଷୟ  ଯାହା ଗୋଟିଏ ପକ୍ଷରେ ଦାବିପୂର୍ଣ୍ଣ ଆବଶ୍ୟକତାକୁ ଅଣଦେଖା କରେ, ତେବେ ତାର ଅପରପକ୍ଷର ଅବସାଦ ପୂର୍ଣ୍ଣ ମାନସିକତାର ପରିସ୍ଥିତି ସୃଷ୍ଟି କରିଥାଏ । ସେହି ଅବସାଦ ପୂର୍ଣ୍ଣ ଜଳ ଅପର ପକ୍ଷକୁ ବିରୋଧ କରିବାପାଇଁ ନିଷ୍ପତ୍ତି ନେଇପାରେ । ଏଭଳି ଆଚରଣ କରିବାଦ୍ୱାରା ବିରୋଧାତ୍ମକ ପରିସ୍ଥିତିକୁ ଆୟତାଧିନ କରିବାପାଇଁ ଏକ ପକ୍ଷ ହସ୍ତକ୍ଷେପ କରିବ । ଯାହାଫଳରେ ସେହି ପକ୍ଷର ମାନସିକତା ଦୃଢ଼ିଭୂତ ହେବ, ଯେ ସେମାନଙ୍କୁ ଏକ ବର୍ହିଭୂତ ଗୋଷ୍ଠୀ ଭାବରେ ରଖାଯାଇଛି । ଏହି ତ୍ରିଭୂଜ ଆମକୁ ସେହି କଳହର ଜଡ଼ିତ ବ୍ୟକ୍ତିବିଶେଷ ବିଷୟରେ ଆମେ କ'ଣ ଜାଣିଛୁ ଏବଂ କ'ଣ ଜାଣିନାହୁଁ ବୁଝିବାରେ ସାହାଯ୍ୟ କରିବ ।

ଆମେ ଯେତେବେଳେ କଳହର ଜଡ଼ିତ ବ୍ୟକ୍ତିବିଶେଷମାନଙ୍କ ସହକାର୍ଯ୍ୟ କରିବା ଯୋଜନା କରିବା, ତେବେ ଏହା ଆମ୍ଭମାନଙ୍କୁ ପ୍ରତ୍ୟେକ କଳହରେ ଜଡ଼ିତ ବ୍ୟକ୍ତିତ୍ୱମାନଙ୍କ ଦୃଷ୍ଟିକୋଣକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ । ଯଦି ସମ୍ପର୍କରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଉଛି କି ନାହିଁ ତାହା ଦେଖିବା ଆବଶ୍ୟକ ।

ଏହି ଅନୁଶୀଳନ, ପ୍ରଭାବ ବିସ୍ତାର କରୁଥିବା ଓ  ପ୍ରଭାବିତ ହେଉଥିବା ବ୍ୟକ୍ତିମାନଙ୍କ ବିଶ୍ଳେଷଣକୁ ଏହି ଅନୁଶୀଳନ ମଧ୍ୟମରେ ରହିଥିବା ପ୍ରଭେଦକୁ ବୁଝେଇବ ।

ଏହି ଉପକରଣକୁ ଦୃଷ୍ଟାନ୍ତମୂଳକ ଭାବେ ଉଦାହରଣ ଦ୍ୱାରା ବୁଝାଯାଏ ।

ଉଦାହରଣ – ୧




**ଅଧିବେଶନ-୪ କଳହ ବୃକ୍ଷ ବିଶ୍ଳେଷଣ ଉପକରଣ: କଳହର କାରଣ, ଉତେଜକ ଓ ପରିମାଣ ବା ପଡୁଥିବା ପ୍ରଭାବ ।**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୮୫ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ, ଲିଖିତ ବକ୍ତବ୍ୟ - ୫ | - ଉପସ୍ଥାପନା: ଅଧିବେଶନ ଓ କଳହ ବୃକ୍ଷ ବିଶ୍ଳେଷଣ ଉପକରଣ ବିଷୟରେ ବୁଝିବା ।<br>- ଅନୁଶୀଳନ: କଳହ ବୃକ୍ଷର ବ୍ୟବହାର<br>- ସଭ୍ୟମଣ୍ଡଳୀ ଓ ପୁନରାବୃତ୍ତି |


**ଉପସ୍ଥାପନା: ଅଧିବେଶନ ଓ କଳହ ବୃକ୍ଷ ବିଶ୍ଳେଷଣ ପରିଚୟ ଦେବା (୧୫ ମିନିଟ୍):**

**କଳହ ବୃକ୍ଷ ବିଶ୍ଳେଷଣ ପଦ୍ଧତି:**

– ଗୋଟିଏ କଳହ ବିଶ୍ଳେଷଣ ପଦ୍ଧତି ଯାହା ଦ୍ୱାରା ଗୋଟିଏ ଗଛର ଚିତ୍ରକୁ ବ୍ୟବହାର କରି ମୁଖ୍ୟ କଳହ ବିଚାର୍ଯ୍ୟ ଗୁଡିକୁ ବଛା ଯାଇଥାଏ ।

– କଳହ ର ପ୍ରଭାବ ଗୁଡ଼ିକ, ମୂଳ କାରଣ ସବୁ ଏବଂ ପ୍ରଧାନ ବିଚାର୍ଯ୍ୟ ମଧ୍ୟରେ ଥିବା ପାରସ୍ପରିକ କ୍ରିୟା କୁ କଳ୍ପନା କରିବା ।

**<u>ପ୍ରଦର୍ଶକ ପ୍ରଶ୍ନାବଳୀ</u>**




– ପ୍ରଧାନ ସମସ୍ୟା/ବିଚାର୍ଯ୍ୟ ବିଷୟ କ'ଣ ?

– ମୂଳ କାରଣ ମାନ କ'ଣ ?

– କଳହ ର ପରିଣାମ ସ୍ୱରୂପ ପ୍ରଭାବ ଗୁଡ଼ିକ କ'ଣ ?

– ନିଜ ଦଳର ମନଯୋଗ ନିମନ୍ତେ କେଉଁ ବିଚାର୍ଯ୍ୟ ବିଷୟଟି ଗୁରୁତ୍ୱପୂର୍ଣ୍ଣ ?

– ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଆମେ କେବଳ କଳହ ର ଦୃଶ୍ୟମାନ କାରଣ ଗୁଡ଼ିକ ଚିହ୍ନଟ କରିବା ନାହିଁ କିନ୍ତୁ ଗଭୀର ଅନୁଧ୍ୟାନ ଦ୍ୱାରା ଅଦୃଶ୍ୟ କାରଣମାନ ଏବଂ ଅଧିକନ୍ତୁ କଳହ ର ଉତ୍ସ ସବୁକୁ ଖୋଜି ବାହାର କରିବା । (ନିରନ୍ତର ପ୍ରଶ୍ନ କରନ୍ତୁ କାହିଁକି, କାହିଁକି, କାହିଁକି)

– ଜଣେ ଶାନ୍ତି ସ୍ଥାପକ ଭାବରେ ଆମେ କେବଳ କଳହ ର ପ୍ରଭାବସବୁ ଉପରେ କାର୍ଯ୍ୟ କରୁ ନାହୁଁ କିନ୍ତୁ କିପରି କଳହ ର ମୂଳ କାରଣ ସବୁ ଉପରେ ମନୋଯୋଗ କରିପାରିବା ସେଥି ପ୍ରତି ଅଧିକ ଧ୍ୟାନ ଦେବା ।

***ଉଦାହରଣ :***

– ଗୋଟିଏ ବୃକ୍ଷକୁ ନଷ୍ଟ କରିବାକୁ ହେଲେ କେବଳ ମୁଖ୍ୟ ଗଣ୍ଡିକୁ କାଟି ଦେଲେ ଯଥେଷ୍ଟ ନୁହେଁ, ଯେହେତୁ ସେ ସ୍ଥାନରେ ନୂଆ ଶାଖା ସବୁ ସୃଷ୍ଟି ହୋଇପାରେ । ତେଣୁ ସଂପୂର୍ଣ୍ଣ ବୃକ୍ଷକୁ ଉପାଡ଼ିବା ଆବଶ୍ୟକ ।

କଳହ ବୃକ୍ଷର ପରିଚୟ ଦେଇ ସାରିବା ପରେ, ଅଂଶ ଗ୍ରହଣକରିମାନଙ୍କୁ ଦଳ ମଧରେ ଅଭ୍ୟାସ କରିବା ପାଇଁ କହିବେ । ଦଳଗୁଡ଼ିକୁ ସାହାଯ୍ୟ କରନ୍ତୁ ଯେପରି ସେମାନେ ବିଭିନ୍ନ ସମସ୍ୟା ମାଧ୍ୟମରେ ଏବଂ ସେମାନଙ୍କ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିପାରିବେ । ସେମାନଙ୍କୁ ଅଞ୍ଚଳ କିମ୍ବା ଗୋଷ୍ଠୀ କ୍ରମେ ଦଳ ଗଠନ କରନ୍ତୁ । ଦଳ ମଧରେ ଆଲୋଚନା କରିବା ପୂର୍ବରୁ, ସେମାନଙ୍କୁ ପୁନର୍ବାର କଳହ ବୃକ୍ଷ ସମ୍ବନ୍ଧରେ ବୁଝାନ୍ତୁ ।

**କଳହ ବୃକ୍ଷ ବିଶ୍ଳେଷଣ ଉପକରଣ:**

ବିବରଣୀ ଫର୍ଦ୍ଧ ମାଧ୍ୟମରେ (ବିବରଣୀ ପତ୍ର - ୫) କଳହ ବୃକ୍ଷକୁ ଉପସ୍ଥାପନା କରନ୍ତୁ:

- ଯେଉଁ ପରିସ୍ଥିତି ଆମକୁ ଦେଖାଯାଏ ତାହା ହେଉଛି କଳହର ଫଳାଫଳ
- ଯେଉଁ ଉପାଦାନ ବର୍ତ୍ତମାନର ପରିସ୍ତିତିକୁ ବଢ଼େଇବାରେ ସାହାଯ୍ୟ କରେ ତାହା କଳହର ମୂଳ କାରଣ
- ମୁଖ୍ୟ ଅସୁବିଧା ଯାହା ଆମେ ଯେଣେଇବା ପାଇଁ ଚାହୁଁ ତାହା ମୂଳ ସମସ୍ୟା

ଏହି ଅଧିବେଶନରେ, ସମସ୍ତେ ବୁଝିବା ଭଳି ଉଦାହରଣ ମାଧ୍ୟମରେ ବୁଝେଇବାକୁ ପଡିବ ।

**ଅନୁଶୀଳନ: କଳହ ବୃକ୍ଷର ବ୍ୟବହାର (୫୦ ମିନିଟ)**

ଅଂଶ ଗ୍ରହଣକାରୀମାନଙ୍କୁ ନିଜ ନିଜ ବେଶେଷଣ ଦଳକୁ ପ୍ରତ୍ୟାବର୍ତ୍ତନ କରିବାପାଇଁ କୁହନ୍ତୁ । ଯାହା ସେମାନେ କରି ଆସୁଛନ୍ତି ସେହି କଳହକୁ ବିଶ୍ଳେଷଣ କରିବା ପାଇଁ କୁହନ୍ତୁ । ବିବରଣୀ ପତ୍ର - ୫ ସମସ୍ତଙ୍କୁ ପ୍ରଦାନ କରନ୍ତୁ ।

**ସଭ୍ୟମଣ୍ଡଳୀ ଓ ପୁନରାବୃତ୍ତି (୨୦ ମିନିଟ):** ସମସ୍ତ ଦଳ ସମ୍ମୁଖରେ ଗୋଟି ଗୋଟି କରି ସେମାନଙ୍କୁ ସେମାନେ କରିଥିବା କଳହ ବୃକ୍ଷ ବିଶ୍ଳେଷଣକୁ ଉପସ୍ଥାପନା କରିବାପାଇଁ କୁହନ୍ତୁ । ସେମାନଙ୍କୁ ଏହା ଉପରେ ଅଧିକ ଆଲୋଚନା କରିବା ପାଇଁ ଉତ୍ସାହିତ କରନ୍ତୁ ।

**କଳହ କିପରି ବୃକ୍ଷ ଆକାରରେ ବିଶ୍ଳେଷିତ ହେଇଛି, ତାହାର ଉଦାହରଣ:**

ଫଳାଫଳ
- ଜଳ ପୂର୍ଣ୍ଣ ଜମି ବାବଦକୁ ନେଇ କଳହ
- ଜଳକୁ ନେଇ କଳହ
- ଏହି ସମସ୍ୟା କଳହର ଅନ୍ୟଏକ ସମସ୍ୟା
- ଜଳ ଜନିତ ବିଭିର୍ଣ୍ଣ ରୋଗ
- ଲୋକଙ୍କ ପ୍ରତିକ୍ରିୟା
- ଗୃହପାଳିତ ପଶୁ ଓ ପକ୍ଷୀଙ୍କ ମୃତ୍ୟୁ
- ଦରିଦ୍ରତା ବୃଦ୍ଧି

ମୁଖ୍ୟ ସମସ୍ୟା

ଅସମାନ ଜଳ ପହଞ୍ଚ


↓

ବିମୋଚକ/ ଉତେଜକ (Trigger)

↓

ଦୁର୍ଭିକ୍ଷ, ଦୂଷିତ ଜଳ, ଆଞ୍ଚଳିକ ସମସ୍ୟାର ସମାଧାନ କରିବା କଷ୍ଟ ସାଧ

ମୂଳ କାରଣ
- ନିମ୍ନ ସ୍ଥରର କୃଷି
- ବିଭିନ୍ନ ସରକାରୀ ସୁବିଧା ଉପରେ ସ୍ଵଳ୍ପ ଜ୍ଞାନ
- ସଚେତନତାର ଅଭାବ
- ଜଳ ସଂରକ୍ଷଣରୁ ବଞ୍ଚିତ
- ଜନସଂଖ୍ୟା ବୃଦ୍ଧି ଓ ତୁଳନାତ୍ମକ କାମ ଜଳ୍ଉତ୍ସ
- ବାତାବରଣର ପରିବର୍ତ୍ତନ
- ଆଞ୍ଚଳିକ ସରକାରର ପକ୍ଷପାତିତା



**ଅଧିବେଶନ-୫ କଳହ ସମାୟାରେଖା ବିଶ୍ଳେଷଣ ଉପକରଣ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୨୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ | - ଉପସ୍ଥାପନା: କଳହ ସମୟରେଖା ବିଶ୍ଳେଷଣ ଉପକରଣ ବୁଝିବା ।<br>- ଅନୁଶୀଳନ: ବ୍ୟବହାରରେ ଭିନ୍ନତା<br>- ସଭ୍ୟମଣ୍ଡଳୀ ଓ ପୁନରାବୃତି |

**ସମୟରେଖା କ'ଣ ?**

☞ ଘଟଣା ଗୁଡ଼ିକ ଘଟିଥିବା ସମୟ – ବର୍ଷ, ମାସ ବା ଦିନ ଆଧାରରେ ଦର୍ଶାଉଥିବା କଳହ ର ସ୍ୱଷ୍ଟ ଉପସ୍ଥାପନା ଯେଉଁଠି ଘଟଣା ଗୁଡ଼ିକୁ କାଳାନୁକ୍ରମିକ ଭାବରେ ସଜା ଯାଇଥାଏ ।

☞ କଳହ ରେ ଥିବା ଦଳ ଗୁଡ଼ିକର ଅନେକ ସମୟରେ ସଂପୁର୍ଣ୍ଣ ରୂପେ ଭିନ୍ନ ଅନୁଭୂତି ଓ ପୂର୍ବଧାରଣା ରହିଥାଏ : ସେମାନେ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ପ୍ରସଙ୍ଗ କ୍ରମେ ତଥା ଭିନ୍ନ ଇତିହାସର ସହିତ କଳହ କୁ ଦେଖନ୍ତି ଓ ବୁଝନ୍ତି ।

☞ କଳହ ର ବିପକ୍ଷ ପାର୍ଶ୍ୱରେ ଥିବା ଲୋକ ସମସ୍ତେ ଭିନ୍ନ ଭିନ୍ନ ଘଟଣା କୁ ଗୁରୁତ୍ୱ ପ୍ରଦାନ କରିପାରନ୍ତି ଏବଂ ତା ସହିତ ବିରୋଧ ଭାବାପନ୍ନ ଆବେଗକୁ ସଂଲଗ୍ନ କରିପାରନ୍ତି ।

☞ ସମୟରେଖା କୁ ବ୍ୟବହାର କରିବାର ଲକ୍ଷ୍ୟ ଗୋଟିଏ ସଠିକ ଇତିହାସ ରେ ଉପନୀତ ହେବା ନିମନ୍ତେ ଚେଷ୍ଟା ନୁହେଁ କିନ୍ତୁ ଜଡିତ ଥିବା ଲୋକମାନଙ୍କ ର ପୂର୍ବଧାରଣା କୁ ବୁଝିବା ଓ ସ୍ୱଷ୍ଟ କରିବା ଅଟେ ।

☞ ପ୍ରତ୍ୟେକ ପକ୍ଷ ନିମନ୍ତେ କେଉଁ ଘଟଣା ଗୁଡ଼ିକ ସବୁଠୁ ଗୁରୁତପୂର୍ଣ୍ଣ ତାହା ଚିହ୍ନଟ କରିବା ।

☞ ପ୍ରତ୍ୟେକ ବିଭିନ୍ନ ପରିସ୍ଥିତିରେ ଅନ୍ୟର ଇତିହାସ ଓ ଉପଲବ୍ଧି କୁ ଜାଣିବା ଦ୍ୱାରା ସେହି ପରିସ୍ଥିତିକୁ ପୁଙ୍ଖାନୁ ପୁଙ୍ଖ ଭାବରେ ଜାଣିବା ଓ ବୁଝିବାର କୌଶଳ ବୃଦ୍ଧି କରିବେ ।

☞ ଲକ୍ଷ୍ୟ ହେଉଛି ଗୋଟିଏ ନିର୍ଦ୍ଧିଷ୍ଟ ସ୍ଥାନରେ ପହଞ୍ଚିବା ଯେଉଁଠି କଳହ ରେ ଥିବା ପକ୍ଷମାନେ ଏକ ଆରେକ ର ସଠିକ ଉପଲବ୍ଧି କୁ ସ୍ୱୀକାର କରିପାରୁଥିବେ, ଯଦିଓ ତାହା ତାଙ୍କ ନିଜର ଉପଲବ୍ଧି କୁ ବିରୋଧ କରୁଥବ ।

**ବ୍ୟବହାରରେ ଭିନ୍ନତା :**

✓ ପକ୍ଷମାନେ ନିଜେ ନିଜେ ବ୍ୟବହାର କରିବେ ଓ ଏକ ଆରେକ କୁ ଜଣେଇବେ ।

✓ ତା ସଙ୍ଗେ ସଙ୍ଗେ ପ୍ରତ୍ୟେକ ପକ୍ଷ ଗୁରୁତ୍ୱ ଦେଉଥିବା ପ୍ରମୁଖ ଘଟଣା ଗୁଡ଼ିକୁ ନେଇ ଗୋଟିଏ ଆଲୋଚନା କରିବେ ।

✓ ସେହି ସମୟ ମଧ୍ୟରେ ଶାନ୍ତି ଉଦ୍ୟମ ନିମନ୍ତେ ଗୋଟିଏ ରେଖାକୁ ଯୋଗ କରିବେ ।

***ସମୟରେଖା କୁ ବ୍ୟବହାର କରି କଳହ ବିଶ୍ଳେଷଣର ଗୋଟିଏ ଉଦାହରଣ:***

ବିଚାର୍ଯ୍ୟ ବିଷୟ – ଭୂମି ଛଡ଼େଇ ନେବା ନେଇ ଆଦିବାସି ଓ ଦଳିତମାନଙ୍କ ମଧ୍ୟରେ କଳହ

| ମାଝିଗୁଡ଼ା ଆଦିବାସି | ବର୍ଷ | ମାଝିଗୁଡ଼ା ଦଳିତ |
|---|---|---|
| ୩୫ ଟି କନ୍ଧ ଆଦିବାସି ପରିବାର ରହୁଥିଲେ । | ୧୯୬୦ | |
| | ୧୯୮୦ | ୧୫ଟି ଦଳିତ ପରିବାର ଆସି ରହିବା ଆରମ୍ଭ କଲେ |
| ଦଳିତମାନେ ଆମ ଜମିକୁ ଜବରଦଖଲ କରିବେ ବୋଲି ଭାବି ଆଦିବାସି ମାନେ ଦଳିତ ମାନଙ୍କ ବସତି ସ୍ଥାପନାକୁ ବିରୋଧ କଲେ । | ୨୦୦୦ | ବସତିସ୍ଥାନ ଉପରେ ମାଲିକାନା ସତ୍ତ୍ୱ ପାଇଁ ଦଳିତମାନେ ରାଜସ୍ୱ ବିଭାଗରେ ଆବେଦନ କଲେ |
| ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଆଦିବାସି ମାନେ ଜମି ଛଡ଼େଇ ନେଇ ଚାଷ କରିବା ଆରମ୍ଭ କଲେ । ଶତୃତାର ସୂତ୍ରପାତ ହେଲା । | ୨୦୦୧ ରୁ ୨୦୦୭ | ଦଳିତମାନେ ଆଦିବାସି ମାନଙ୍କ ବିରୁଦ୍ଧରେ କେସ ଦରଜ କଲେ । ଶତୃତାର ସୂତ୍ରପାତ ହେଲା |
| ପୋଲିସ ଓ ଆଦିବାସିଙ୍କ ସଂଘର୍ଷରେ ୮ ଜଣ ଆଦିବାସି ଓ ୩ ଜଣ ପୋଲିସ କର୍ମଚାରୀ ମୃତ୍ୟୁ ବରଣ କଲେ । | ମାର୍ଚ୍ଚ ୨୦୦୮ | ସମସ୍ତ ଦଳିତ ପରିବାର ଦାୟନ ଛାଡ଼ି ପଳେଇଲେ |
| ଜମି ଆଦିବାସି ମାନଙ୍କ କବଳକୁ ଆସିଲା । | ମଇ ୨୦୦୮ | |
| ୩୫ ଜଣ ଆଦିବାସି ଗିରଫ ହୋଇ ଜେଲ୍ କୁ ଗଲେ । | ୨୦୦୯ | |
| ୩ ଜଣ ଆଦିବାସି ଜେଲ୍ ରୁ ମୁକୁଳିଲେ । | ଏପ୍ରିଲ ୨୦୧୨ | ଦଳିତ ମାନେ ନିଷ୍କ୍ରିୟ ହୋଇ ରହିଲେ । |

**ଅଧିବେଶନ - ୬: ଆବଶ୍ୟକ ଏବଂ ଭୟ ଆବଣ୍ଟନ ଜନିତ କଳହ ବିଶ୍ଳେଷଣ ଉପକରଣ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୨୦ ମିନିଟ | ବିବରଣୀ ଫର୍ଦ୍ଦ, କଲମ | - ଉପସ୍ଥାପନା: ଆବଶ୍ୟକ ଏବଂ ଭୟ ଆବଣ୍ଟନ ଜନିତ କଳହ ବିଶ୍ଳେଷଣ ଉପକରଣର ପରିଚୟ ଓ ଉଦ୍ଧେସ୍ୟ<br>- ଆବଶ୍ୟକ ଏବଂ ଭୟ ଆବଣ୍ଟନ ବିଶ୍ଳେଷଣ ଉପକରଣର ଉଦାହରଣ ସହିତ ବ୍ୟବହାର<br>- ଉପକରଣର ବ୍ୟବହାର ନିମନ୍ତେ କ୍ରମାନୁସାରେ ନିର୍ଦ୍ଦେଶାବଳୀ |

**ଉପସ୍ଥାପନା: ଆବଶ୍ୟକ ଏବଂ ଭୟ ଆବଣ୍ଟନ**

ଆବଶ୍ୟକ ଏବଂ ଭୟ ଆବଣ୍ଟନ ହେଉଛି କର୍ତ୍ତା ଓ ସେମାନଙ୍କ ସମସ୍ୟା, ଆଗ୍ରହ, ଆବଶ୍ୟକ, ଭୟ, ମାଧ୍ୟମ ଏବଂ ବିକଳ୍ପ ସମୂହ ଉପରେ ଗୁରୁତ୍ୱ ଦେବା । ଏହା କର୍ତ୍ତାମାନଙ୍କ ସମାନତା ଏବଂ ଭିନ୍ନତାକୁ ସମ୍ପୂର୍ଣ୍ଣଭାବେ ତୁଳନା କରିଥାଏ । ଆବଶ୍ୟକ ଏବଂ ଭୟ ଆବଣ୍ଟନ ଏକ କର୍ତ୍ତା ବିଶିଷ୍ଟ ମନ୍ତବ୍ୟ ଦେବା ଉପକରଣ । ପ୍ରତ୍ୟେକ କର୍ତ୍ତାଙ୍କ ପାଇଁ ତଳେ ଏକ ସାରଣୀ ମାଧ୍ୟମରେ ସେମାନଙ୍କ ସମସ୍ୟା, ଆଗ୍ରହ, ଆଶା, ଆବଶ୍ୟକ, ଭୟ, ମାଧ୍ୟମ ଏବଂ ବିକଳ୍ପ ସମୂହକୁ ନେଇ ଲିଷ୍ଟ କରାଯାଇଛି । ଏହା ବ୍ୟବହାର କରାଯାଇ ପାରିବ (୧) ଜଣେ କର୍ତ୍ତା ଦ୍ୱାରା କଳହକୁ ବିଶ୍ଳେଷଣ କରିବା, ଅନ୍ୟ କର୍ତ୍ତାର ମନ୍ତବ୍ୟକୁ କାଳ୍ପନିକ ଭାବରେ ଲେଖି ରଖିବା, (୨) ତୃତୀୟ ପକ୍ଷ ନିଜ ଭାବନାରୁ କର୍ତ୍ତାଙ୍କୁ ନେଇ କାଳ୍ପନିକ ଭାବରେ ମନ୍ତବ୍ୟ ଦେବା, (୩) ଧ୍ୟାନ କରିବା ସମୟରେ, ସାରାଂଶ ସାରଣୀ ବ୍ୟବହାର କରିପାରିବା ଯେପରି ଉଦାହରଣ ସ୍ୱରୂପ "ସମସ୍ୟା ଓ ଆଗ୍ରହ ସହିତ", ବିବରଣୀ ଫର୍ଦ୍ଦରେ, ଯେଣେ ବ୍ୟକ୍ତିର ଲିଖିତ ସମସ୍ୟା ଓ

ଅଗ୍ରହରୁ, ଏକ କଳହ ପକ୍ଷ ନିର୍ଦ୍ଧିଷ୍ଟ ହେବେଯେ, ସେମାନଙ୍କର ମନ୍ତବ୍ୟ ଶ୍ରବଣ ଯୋଗ୍ୟ ହେଇଛି, (୪) ଏହା କଳହ ଜନିତ ପରିବର୍ତ୍ତନର ଏକ ଅନୁଶୀଳନ, ଯେତେବେଳେ ଜଣେ କର୍ତ୍ତା ଅନ୍ୟ କର୍ତ୍ତାର ସାରଣୀକୁ ବଣ୍ଟନ କରନ୍ତି, ଏବଂ ସେମାନେ "ନିଜ" ଏବଂ "ଅନ୍ୟ ପକ୍ଷ" ର ପ୍ରତିଛବି ଆଦାନ ପ୍ରଦାନ କରନ୍ତି । ଏହି ଶେଷ ଅଭ୍ୟାସରେ ବୁଝାବଣା, ବିଶ୍ୱାସ ଏବଂ ଭରସା କିଛି ମାତ୍ରାରେ ଦରକାର ।

**ଉପକରଣର ଉଦ୍ଧେସ୍ୟ:**

- ତୁଳନାତ୍ମକ ଫର୍ମାଟ ମାଧ୍ୟମରେ କର୍ତ୍ତାମାନଙ୍କ ଗୁଣକୁ ସୁନିଶ୍ଚିତ କରିବା
- ସୁପ୍ତ ଅବସ୍ଥା ଛାଡି ଆବଶ୍ୟକ ଏବଂ ଭୟ ଉପରେ ଗୁରୁତ୍ୱ ଦେବା, ଏବଂ ଅପାତତଃ ବିକଳ୍ପ ପନ୍ଥା ଅବଲମ୍ବନ କରିବା ସହିତ ଏହାର ସମ୍ମୁଖୀନ କରିବା
- ପରସ୍ପରର ମନ୍ତବ୍ୟକୁ ବୁଝିବା ପାଣି ସାହାଯ୍ୟ କରିବା
- ଆଲୋଚନାକୁ କ୍ରିୟାଶୀଳ କରିବା

**ତଳଲିଖିତ ଉଦାହରଣ ଏକ ଯୋଜନା ଯାହା ଏକ କୃଷି ପାଇଁ ଜଳସେଚନ ଅନୁସୁଚୀ**

| ପକ୍ଷ | ସମସ୍ୟା | ଆଗ୍ରହ/ ଆବଶ୍ୟକ | ଭୟ | ମାଧ୍ୟମ | ବିକଳ୍ପ |
|---|---|---|---|---|---|
| ଜଳସେଚିତ କୃଷକ | ଜଳସେଚନ ଅନୁସୁଚୀ/ଯୋଜନା ପାଇଁ ପୁଞ୍ଜି/ଅର୍ଥ | ଆୟ ଉପାର୍ଜନ | ଜଳସେଚନ ଅନୁସୁଚୀ ବନ୍ଦହେବ, ସେମାନେ ତାଙ୍କର ଚାକିରୀ ଛାଡ଼ିବେ | ଦଳଗତ ଉଦ୍ଧେସ୍ୟ (ରାଜନୈତିକ) | ସମ୍ଭାଷଣ ପ୍ରକ୍ରିୟାରେ ଯୋଗଦେବା, ଲୋକଙ୍କ କୃଷି ଉଦ୍ୟଗ କ୍ଷେତ୍ରରେ ନିଯୁକ୍ତି ପାଇଁ ପ୍ରସ୍ତାବ ଦେବା |
| କୃଷକ | ସେମାନଙ୍କ ଗୃହପାଳିତ ପଶୁ ପାଇଁ ଜଳ ପହଞ୍ଚ | ଜୀବିକା ଏବଂ ଜୀବିତ/ବଞ୍ଚିବାର ଆଶା | ସେମାନଙ୍କର ଗୃହପାଳିତ ପଶୁ ବଞ୍ଚିପାରିବେ ନାହିଁ, ସେମାନେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ପଡିବ | ଦଳଗତ ଉଦ୍ୟମ, ଗୃହପାଳିତ ପଶୁଙ୍କ ପାଇଁ ଜଳସେଚିତ କ୍ଷେତ୍ରରେ ସ୍ଥାନ ଦେବା | ସମ୍ଭାଷଣରେ ଯୋଗଦେଇ ଜଳପାଇଁ ଏକ ସୁଡଙ୍ଗୀର ପ୍ରସ୍ତାବ ଦେବା |
| ବିକାଶ ସଂଯୋଗ ସଂସ୍ଥା | "Do No Harm" ପ୍ରକ୍ରିୟାରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା | ନିଜ ଗୃହରେ ନିର୍ଦ୍ଦେଶ, ଆୟ ଏବଂ ସ୍ଥିତିକୁ ପୂରଣ କରିବା ପାଇଁ ଇଛାପୋଷଣ କରିବା | ପ୍ରକଳ୍ପ ବିଫଳ ହେବା ଏବଂ ସଂସ୍ଥାକୁ ଦୋଷାରୋପ କରିବା | ଆର୍ଥିକ ସହାୟତା, ସଂଗଠନ କରିବା ଶକ୍ତି | ବିଭିର୍ଣ୍ଣ ପକ୍ଷକୁ ଏକାଠି କରି ସମସ୍ୟା ଉପରେ ଆଲୋଚନା କରିବା |
| ସରକାର | ଆର୍ଥିକ ବିକାଶ ବିନା ସାମାଜିକ ଅଶାନ୍ତି | ପୁନ୍ନ-ନିର୍ବାଚନ, ଲୋକପ୍ରିୟତା | ଗୋଷ୍ଠୀ ଭିତ୍ତିକ ବିବାଦ, ଅଶାନ୍ତି, ବିକାଶରୁ ବଞ୍ଚିତ | ଆର୍ଥିକ, ରାଜନୈତିକ ଏବଂ ଆଇନଗତ ମାଧ୍ୟମ | ସମ୍ଭାଷଣ ପ୍ରକ୍ରିୟାକୁ ପ୍ରଭାବିତ କରିବା, ତ୍ରୁଟି ସୁଧାର ପାଇଁ କ୍ଷତି ପୂରଣ |

**ଉପକରଣର ବ୍ୟବହାର ନିମନ୍ତେ କ୍ରମାନୁସାରେ ନିର୍ଦ୍ଦେଶାବଳୀ**

୧. ପ୍ରଦତ୍ତ ସ୍ତମ୍ଭକୁ ଏକ ସାରଣୀ ଭାବରେ ଅଙ୍କନ କର: ସମସ୍ୟା, ଆଗ୍ରହ, ଆବଶ୍ୟକ, ଭୟ, ମାଧ୍ୟମ ଏବଂ ବିକଳ୍ପ

୨. (କ) କଳହ ପକ୍ଷ କିମ୍ବା ତୃତୀୟ ପକ୍ଷ ଉକ୍ତ ସାରଣୀକୁ କଳହ ବିଶ୍ଳେଷଣ ଉପକରଣ ଭାବେ ପୂରଣ କରିବେ,

(ଖ) ଛୋଟ କର୍ମଶାଳାରେ, ପ୍ରତ୍ୟେକ କଳହ ପକ୍ଷ ନିଜ ନିଜ ସ୍ଥିତି ଆଧାରରେ ଏହି ସାରଣୀକୁ ପୂରଣ କରିବେ । ସମସ୍ତ ସାରଣୀକୁ ଦଳ ମଧ୍ୟରେ ଆଲୋଚନା କରିବେ । ସୁଗମ କର୍ତ୍ତା ସ୍ପଷ୍ଟ ଭାବେ ଆଗ୍ରହର (କାହିଁକି ଲୋକ କିଛି ଚାହାନ୍ତି) ଗୁରୁତ୍ୱତାକୁ ବୁଝିବେ କିନ୍ତୁ ପଦବୀ ନାହିଁ (କ'ଣ ଲୋକ କୁହନ୍ତି ସେମାନଙ୍କ ଇଚ୍ଛା ପାଇଁ) । ଆବଶ୍ୟକ ମୁତାବକ ନିକଟ ଭବିଷ୍ୟତରେ ବିକଳ୍ପ ଗୁଡିକ ଅନୁଭବ ହେଇନ ପରେ ।

(ଗ) ମଧ୍ୟମ କର୍ମଶାଳାରେ, ପ୍ରତ୍ୟେକ କଳହ ପକ୍ଷ ଅନ୍ୟ ପକ୍ଷର ସାରଣୀକୁ ପୂରଣ କରନ୍ତି । ଏହା ସେମାନଙ୍କ ଭାବନାକୁ ପରିବର୍ତ୍ତନ କରିବାରେ ସାହାଯ୍ୟ କରେ । ଏହା କିଛି ସମୟ ଅବା ମୁହୂର୍ତ୍ତ ପାଇଁ ଅନ୍ୟମାନଙ୍କ ପରିସ୍ଥିତିରେ ନିଜକୁ ରଖି ଅନୁଭବ କରିବାରେ ସହାୟ ହୁଏ । ଭରଷା, ଆବଶ୍ୟକ, ନଚେତ ଗତାନୁଗତିକା ପ୍ରତିରୂପ/ପକ୍ଷପାତିତା ଛବି ପ୍ରଭାବିତ କରିପାରେ ।

୩. (ଖ) ଏବଂ (ଗ) କ୍ଷେତ୍ରରେ, ଉକ୍ତ ସାରଣୀକୁ ବହୁ ମାତ୍ରାରେ ଆଲୋଚନା କରିବାରେ ସୁଯୋଗ ସୃଷ୍ଟିକରେ । ପ୍ରତ୍ୟେକ କଳହ ପକ୍ଷଙ୍କୁ "ନିଜ" ଏବଂ "ଅନ୍ୟ ପକ୍ଷ" ର ଛବି ଉପରେ କହିବା ପାଇଁ ସୁଯୋଗ ଦିଏ ।

**ଅଧିବେଶନ - ୭: ସମାପନ ଏବଂ ଭାଗ ମୂଲ୍ୟାଙ୍କନ**

| ସମୟ ନିର୍ଘଣ୍ଟ | ସମ୍ବଳ | ଉଦ୍ଦେଶ୍ୟ |
|---|---|---|
| ୧୫ ମିନିଟ | ଭାଗ ମୂଲ୍ୟାଙ୍କନ ଫର୍ମ | - କଳହ ବିଶ୍ଳେଷଣ ଉପକରଣ ମଧ୍ୟରେ ଥିବା ସମ୍ପର୍କର ଅନୁଧ୍ୟାନ<br>- କଳହ ବିଶ୍ଳେଷଣ ଉପକରଣ ଏବଂ ଆଗତ ଭାଗ ମଧ୍ୟରେ ଥିବା ସମ୍ପର୍କର ପରିଚୟ ପ୍ରଦାନ |

**ଭାଗ - ୨ କୁ ସଂକ୍ଷିପ୍ତରେ ପୁନରାବୃତି କରନ୍ତୁ ଏବଂ ଭାଗ - ୩ ନିମନ୍ତେ ଆଗକୁ ଦେଖନ୍ତୁ (୫ ମିନିଟ):**

ପ୍ରତି କଳହ ବିଶ୍ଳେଷଣ ଉପକରଣର ଗୋଟିଏ ଲେଖାଏଁ ବିବରଣୀ ଫରଦକୁ କାନ୍ଥ କିମ୍ବା ବୋର୍ଡ଼ ରେ ରଖନ୍ତୁ ।

ସମସ୍ତ ବିବରଣୀ ଫରଦକୁ ଗୋଟି ଗୋଟି କରି ବୁଲି ଦେଖନ୍ତୁ ଏବଂ ପ୍ରତ୍ୟେକ କଳହ ବେଶ୍ଳେଷଣ ଉପକରଣ ବିଷୟ ଉପରେ ସଂକ୍ଷିପ୍ତରେ ପୁନରାବୃତି କରନ୍ତୁ । କହିବା ସମୟରେ ସମସ୍ତ ଅଂଶ ଗ୍ରହଣକାରୀଙ୍କ ମନ୍ତବ୍ୟ ଉଦାହରଣ ମାଧ୍ୟମରେ ସ୍ଥାନ ଦିଅନ୍ତୁ ।

ଆଗାମୀ ଭାଗ/ମାପାଙ୍କର ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରନ୍ତୁ ।

**ସମାପନ (୫ ମିନିଟ):** ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଯଦି କିଛି ପ୍ରଶ୍ନ ଥାଏ, ତେବେ ସେମାନଙ୍କ ଉତ୍ତର ଦିଅନ୍ତୁ । ଅଂଶଗ୍ରହଣକାରୀମାନଙ୍କୁ ଏକ କୋଣରୁ ଅନ୍ୟ କୋଣ ଯାଏଁ ଧାଡିରେ ଛିଡା ହେବାପାଇଁ କୁହନ୍ତୁ । ଧାଡି ହେବା ପୂର୍ବରୁ ସେମାନଙ୍କୁ କୁହନ୍ତୁ ଯେପରି ସେମାନେ ସନ୍ତୁଷ୍ଟ କୋଣଠାରୁ ଅସନ୍ତୁଷ୍ଟ କୋଣ ଯାଏଁ ଛିଡା ହେବେ । ଧାଡିକୁ ପୁନର୍ବାର ସଜାଡ଼ିବା ପାଇଁ ତାଲିମଦାତ୍ତା ପ୍ରୟାସ କରନ୍ତୁ । ଚେଷ୍ଟା କରନ୍ତୁ କେତେକଙ୍କ ଅସନ୍ତୁଷ୍ଟତାକୁ ଚିହ୍ନିବା ଓ ଜାଣିବା ପାଇଁ ।

**ଲିଖିତ ମାପାଙ୍କ ମୁଲ୍ୟାଙ୍କନ (୫ ମିନିଟ):** ମାପାଙ୍କ ମୁଲ୍ୟାଙ୍କନ ଫର୍ମ ଗୁଡିକୁ ସମସ୍ତଙ୍କୁ ଦିଅନ୍ତୁ ଏବଂ ସେମାନଙ୍କୁ ଅନୁରୋଧ କରନ୍ତୁ ଯେପରି ସେମାନେ ତାହା ପୂରଣ କରିବେ । ଏସବୁ କରିବା ପୂର୍ବରୁ, ଏହା କରିବାର ଉଦ୍ଦେଶ୍ୟ ତାଲିମଦାତ୍ତା ସମସ୍ତଙ୍କୁ ଜଣାଇବେ ।

ଶେଷରେ, ଆଗାମୀ ମାପାଙ୍କର ସମୟ ଏବଂ ସ୍ଥାନ ଉପରେ ତାଲିମଦାତ୍ତା କହିବେ ।

## ବିବରଣ ପତ୍ର – ୩ : କଳହ ପ୍ରାସଙ୍ଗିକ ମାନଚିତ୍ର

ଦଳମାନଙ୍କ କଳହ ଗୁଡିକର ପରିସ୍ଥିତି ସେମାନଙ୍କ ସମ୍ପର୍କ, ସମସ୍ୟା ସମୂହ ଏବଂ ସେହି ମାନଚିତ୍ରଣ ଏକ ପ୍ରବିଧି ଅଟେ । ପରିସ୍ଥିତିରେ ସେମାନଙ୍କ ଶକ୍ତିର ପରିମାଣ ଦେଖାଇବା ନିମନ୍ତେ ମାନଚିତ୍ରଣ ଏକ ପ୍ରବିଧି ଅଟେ । ଯେଉଁମାନେ ଏହାର ମୂଲ୍ୟାୟନ କରନ୍ତି, ସେମାନେ ଯେପରି ପରିସ୍ଥିତିକୁ ବୁଝିପାରିବେ ସେହି ବିଷୟରେ ଏହା ପ୍ରତିଫଳନ କରେ ।

ପରିସ୍ଥିତିକୁ ଉତ୍ତମ ରୂପେ ବୁଝିବା ନିମନ୍ତେ, ଦଳଗୁଡିକ ମଧ୍ୟରେ ସଂପର୍କକୁ ଅପୃକ ସ୍ୱଷ୍ଟ ଭାବରେ ଦେଖିବା ନିମନ୍ତେ ଏବଂ ଅତୀତରେ ସେ ବିଷୟରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଖୋଜି ବାହାର କରିବା ନିମନ୍ତେ ମାନଚିତ୍ରଣ ସହାୟକ ହୋଇଥାଏ । ଏହା କେବଳ ଆମ୍ଭେମାନେ କ'ଣ ଜାଣୁ ତାହା ଦେଖାଏ ନାହିଁ, କିନ୍ତୁ ଆମ୍ଭେମାନେ କ'ଣ ଖୋଜି ବାହାର କରିବା ଆବଶ୍ୟକ ତାହା ଜଣାଇ ଥାଏ ।

ଅନେକ ସମୟରେ ମୂଲ୍ୟାୟନ ଓ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ପ୍ରଥମେ ମାନଚିତ୍ରଣ ସହାୟକ ହୋଇଥାଏ । ପରବର୍ତ୍ତୀ ସମୟରେ, ଏହାର ପରବର୍ତ୍ତୀ ଯୋଜନାର ଉନ୍ନତିକରଣ କୌଶଳ ପ୍ରସ୍ତୁତିର ସହାୟକ ହୋଇଥାଏ । ଏହା କାର୍ଯ୍ୟ କରିବା ନିମନ୍ତେ ପ୍ରବେଶ ବିନ୍ଦୁ ଚିହ୍ନଟ କରିବାରେ ସହାୟକ ହୋଇଥାଏ ।

ମାନଚିତ୍ରଣ ଏକ ପ୍ରବିଧି ଅଟେ । ଯେଉଁଠାରେ କଳହ ଚିତ୍ରଦ୍ୱାରା ଉପସ୍ଥାପିତ ହୁଏ, ଦଳଗୁଡିକ ସମସ୍ୟା ସଂପର୍କିତ ବିଷୟ ଓ ପରସ୍ପର ମଧ୍ୟରେ ଦଳଗୁଡିକର ସମ୍ପର୍କକୁ ଠିକ୍ ଭାବରେ ଉପସ୍ଥାପନ କରେ । ଭିନ୍ନ ଭିନ୍ନ ଦୃଷ୍ଟିକୋଣ ଥିବାଲୋକମାନେ ଯଦି ସେମାନଙ୍କର ଉପସ୍ଥିତିକୁ ମାନଚିତ୍ରଣ କରନ୍ତି, ତେବେ ସେମାନେ ପରସ୍ପର ପରସ୍ପରର ଅନୁଭୂତିକୁ ଜାଣିପାରିବେ ଓ ଉପଲବଧି କରିପାରିବେ ।

ଏକ ପରିସ୍ଥିତିକୁ ମାନଚିତ୍ରଣ କରିବା ନିମନ୍ତେ –

(୧) କ'ଣ, କେତେବେଳେ ଓ କେଉଁ ଦୃଷ୍ଟିକୋଣରୁ ମାନଚିତ୍ରଣ କରିବାକୁ ଯାଉଛ ନିର୍ଦ୍ଧାରଣ କର : ଏକ ନିର୍ଦ୍ଧିଷ୍ଟ ସମସ୍ୟା କିମ୍ବା ଏକ ଭୌତିକ ସ୍ଥାନ, ଯାହା ବିଷୟରେ ତୁମ୍ଭେମାନେ ଅଧିକ ଗଭୀର ଭାବରେ ବୁଝିବା ଆବଶ୍ୟକ । ତୁମ୍ଭର ମାନଚିତ୍ରଣ ଆଙ୍କିବା ସମୟରେ, ସମସ୍ତ ଦଳ ଓ ସମସ୍ୟାକୁ ସେଥିରେ ଯୋଗ କରିବା ନିମନ୍ତେ ଚେଷ୍ଟାକର । ଏହା ଦେଖାଇବା ନିମନ୍ତେ ରାସ୍ତା ଖୋଜିବା ସମୟରେ ସର୍ବନାତ୍ମକ ହୁଅ । ବିଭିନ୍ନ ଦୃଷ୍ଟିକୋଣକୁ ଏକାଠି କରିବା ନିମନ୍ତେ ଚେଷ୍ଟା କରିବା କଳହ ଉପରେ କାର୍ଯ୍ୟ କରିବାର ବାସ୍ତବତା ଅଟେ । ଏହା ଏକ ଉତ୍ତମ ଶୃଙ୍ଖଳା (ଯେତେବେଳେ ସମ୍ଭବତଃ) ପଚାର ଯେଉଁମାନେ ଏହି ଚିନ୍ତାଧାରା ରଖନ୍ତି ସେମାନେ ଅନ୍ୟ ଦଳ ସହିତ ସେମାନଙ୍କ ସମ୍ପର୍କ ବିଷୟରେ ତୁମ୍ଭର ବ୍ୟାଖ୍ୟାକୁ ବାସ୍ତବରେ ଗ୍ରହଣ କରନ୍ତି ।

(୨) ନିଜକୁ ଓ ନିଜ ସଂସ୍ଥାକୁ ମାନଚିତ୍ରଣରେ ସ୍ଥାନିତ ଦେବାକୁ ଭୁଲନ୍ତୁ ନାହିଁ । ନିଜକୁ ମାନଚିତ୍ରଣରେ ସ୍ଥାନ ଦେବା ଏକ ଉତ୍ତମ ସ୍ମରଣୀୟ ଯେ, ତୁମ୍ଭେ ଏହି ପରିସ୍ଥିତିର ଅଂଶୀ ଅଟ । କେବଳ ଉପରେ ନୁହେଁ, କିନ୍ତୁ ଯେତେବେଳେ ତୁମେ ଏହା ମୂଲ୍ୟାୟନ କରିଥାଅ । ତୁମ୍ଭେ ଓ ତୁମ ସଂସ୍ଥା ଅନ୍ୟମାନଙ୍କ ଦ୍ୱାରା ନିଶ୍ଚିତ ଭାବରେ ଉପଲବଧି କରାଯାଇଥାନ୍ତି । ତୁମ୍ଭର ସେମାନଙ୍କ ସହିତ ସମ୍ପର୍କ ଥାଇପାରେ, ଯେଉଁମାନେ ତୁମକୁ ଥିବା ସଂପୃକ୍ତ ଦଳ ସହିତ କାର୍ଯ୍ୟ କରିବା ନିମନ୍ତେ ସୁଯୋଗ ଦେଇପାରନ୍ତି ଓ ଦ୍ୱାର ଉନ୍ମୁକ୍ତ କରିପାରନ୍ତି ।


୩) ମାନଚିତ୍ରଣ ଗତିଶୀଳ ନୁହେଁ : ମାନଚିତ୍ରଣ ଏକ ନିର୍ଦ୍ଦିଷ୍ଟ ସମୟର ପରିସ୍ଥିତିକୁ ପ୍ରତିଫଳନ କରେ, ଏବଂ ଏହା କାର୍ଯ୍ୟକରିବା ନିମନ୍ତେ ସୂଚାଏ । କ'ଣ କରାଯାଇ ପାରିବ ? କିଏ ଏହା ଉତ୍ତମ ଭାବରେ କରିପାରିବ ? କେଉଁ ସମୟଟି ଉପଯୁକ୍ତ ସମୟ ହେବ ? ଏହା ପୂର୍ବରୁ କ'ଣ ଭିତ୍ତିଭୂମି ଗଠନ କରିବାକୁ ହେବ ? ଏହାପେ କ'ଣ ଏହାର ଗଠନ ରହିବ ? ମାନଚିତ୍ରଣ ପ୍ରସ୍ତୁତି କରିବା ସମୟରେ ଏହି ପ୍ରଶ୍ନ ଗୁଡିକର ପରୀକ୍ଷା କରିବା ଆବଶ୍ୟକ ।

ମାନଚିତ୍ରଣ : ଉଦାହରଣ

ପରବର୍ତ୍ତୀ ସମୟରେ କଳହ ମାନଚିତ୍ର କିପରି ଦେଖାଯାଏ ତାହାର ଏକ ଉଦାହରଣ ଦର୍ଶାଯାଇଛି । ତୁମେ ବର୍ତ୍ତମାନ ଯେଉଁ ପରିସ୍ଥିତି ଉପରେ କାର୍ଯ୍ୟ କରୁଛୁ ତାହାର ଏକ ମାନଚିତ୍ରଣ ପ୍ରସ୍ତୁତି କରିବା ପାଇଁ ଚେଷ୍ଟା କରନ୍ତୁ ।

କେତେକ ପ୍ରଶ୍ନ ତୁମେ ପଚାରିପାର :

- କେଉଁମାନେ ଏହି କଳହର ମୂଖ୍ୟ ଦଳ ଗୁଡିକ ଅଟନ୍ତି
- ଅନ୍ୟ କେଉଁ ଦଳଗୁଡିକ ଯେ କୌଣସି ଭାବରେ ଏହି କଳହ ସହିତ ସଂପୃକ୍ତ ଅଟନ୍ତି ବା ଅଂଶୀ ଅଟନ୍ତି ? ଗୁରୁତ୍ୱ ବିହୀନ ଦଳ କି ଅବା ବାହ୍ୟ ଦଳ ?
- ଏହି ଦଳଗୁଡିକ ମଧ୍ୟରେ ସମ୍ପର୍କ କ'ଣ ଓ କିପରି ସେମାନେ ଏହି ମାନଚିତ୍ରରେ ଉପସ୍ଥାପିତ ହେବେ ?
- ମନେକର - ସନ୍ଧି, ନିକଟ ସମ୍ବନ୍ଧ, ଭଗ୍ନ ସମ୍ପର୍କ, ମୁକାବିଲା କରୁଥିବା ଦଳ
- ଦଳଗୁଡିକ ମଧ୍ୟରେ ମୂଖ୍ୟ ସମସ୍ୟା ସମୂହ କ'ଣ ସେସବୁ ମାନଚିତ୍ରରେ ଦର୍ଶାଯିବା ଆବଶ୍ୟକ ।
- ତୁମେ ଓ ତୁମ ସଂସ୍ଥା କିପରି ଭାବରେ ଏହି ଦଳଗୁଡିକ ସହିତ ସଂଶ୍ଳିଷ୍ଟ ? ତୁମର ଏପରି ସ୍ୱତନ୍ତ୍ର ସଂପର୍କ ରହିବ ଯେ ତୁମକୁ ଏହି କଳହ ପରିସ୍ଥିତିରେ କାର୍ଯ୍ୟ କରିବା ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିବ ?




**ବ୍ୟବହୃତ ସଙ୍କେତ :**

| | |
|---|---|
| ○ | ପକ୍ଷ (ବ୍ୟକ୍ତିବିଶେଷ, ଦଳ ସମୂହ, ସଙ୍ଗଠନ ଇତ୍ୟାଦି): ଯାହାର ଯେତେ ବଡ ଆକାର ସେ ସେତେ ଶକ୍ତିଶାଳୀ |
| ———————— | ସମ୍ପର୍କ ବା ସଂଯୋଗ ଥିବାର ସୂଚନା |
| ════════ | ଘନିଷ୍ଠ ସମ୍ପର୍କ ବା ସଂଯୋଗ ଥିବାର ସୂଚନା |
| ————————→ | ଜଣକର ଆଉ ଜଣଙ୍କ ଉପରେ ପ୍ରଭାବ ଥିବାର ସଙ୍କେତ |
| ———/——— | ଭଗ୍ନସମ୍ପର୍କ ର ସୂଚକ |
| ------------------ | ଅନିଶ୍ଚିତ ବା ଅନୈପଚାରିକ ସମ୍ପର୍କ |
| /\/\/\/\/\/ | ଦୁଇ ପକ୍ଷ ମଧ୍ୟରେ ଥିବା ମତାନ୍ତର ସୂଚକ |

## ବିବରଣ ପତ୍ର – ୪ : କ.ଖ.ଗ. ତ୍ରିଭୁଜ

କଖଗ ତ୍ରିଭୁଜ, ପ୍ରତ୍ୟେକ ଦଳ ମାନଙ୍କର ମନୋଭାବ, ବ୍ୟବହାର ଓ ସେହି ପ୍ରସଙ୍ଗ ଯାହା ସେମାନେ ପରିଚାଳନା କରୁଛନ୍ତି ତାହା ଗଭୀର ଭାବରେ ଜାଣିବାରେ ସହାୟକ ହୋଇଥାଏ । ଏବଂ ଏହି କାରକ ଗୁଡିକ ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଏ, ଓ ଏକ ଚାଲୁରହିଥିବା ଚକ୍ର ସୃଷ୍ଟି କରେ । ଯେତେବେଳେ ଏବଂ ଉପକରଣ ଗୁଡିକ ବ୍ୟବହାର କରାଯାଏ, ପ୍ରତ୍ୟେକ ଦଳର ମୁଖ୍ୟ ଆବଶ୍ୟକତା କ'ଣ ରହିଛି ଓ ସେମାନଙ୍କ ମୁଖ୍ୟ ଭୟ କ'ଣ ତାହା ଚିହ୍ନଟ କରିବା ଅତିଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହି ଉପକରଣ ପ୍ରକ୍ରିୟାର ପ୍ରାରମ୍ଭରେ ବ୍ୟବହାର କରିବାଦ୍ୱାରା ବିଭିନ୍ନ ଦଳକୁ କ'ଣ ପ୍ରେରଣା ଯୋଗାଏ ତାହାର ଅନ୍ତଦୃଷ୍ଟି ଲାଭ କରିବା ନିମନ୍ତେ ସହାୟକ ହୋଇଥାଏ । ଯେତେବେଳେ ଏହା ପରବର୍ତ୍ତୀ ସମୟରେ ମୂଲ୍ୟାୟନ ବ୍ୟବହାର ପ୍ରକ୍ରିୟା ବ୍ୟବହାର କରାଯାଏ, ତେବେ ମଧ୍ୟକ୍ଷେପ କରିବା ନିମନ୍ତେ ଯେଉଁ ସବୁ ବିଷୟ ଅବିଲମ୍ବନ କରିବା ଆବଶ୍ୟକ ସେହି କାରକ ଗୁଡିକକୁ ଚିହ୍ନଟ କରିବାରେ ସହାୟକ ହୋଇଥାଏ । ପୁଣି ତ୍ରିଭୁଜର ଗୋଟିଏ ସ୍ଥାନର ପରିବର୍ତ୍ତନ ଅନ୍ୟ ସ୍ଥାନ ଉପରେ କିପରି ପ୍ରଭାବ ପକାଏ ତାହାର ଆମ୍ଭମାନଙ୍କ ମନରେ ଜାତ କରିବା ନିମନ୍ତେ ସହାୟକ ହୋଇଥାଏ । ଏହି ଉପକରଣ ମନରେ କଳହ ସମ୍ବେଦନଶୀଳ ମଧ୍ୟକ୍ଷେପ ସୃଷ୍ଟି କରିବା ନିମନ୍ତେ ସହାନୁଭୂତି ଓ ପ୍ରଧାନ ଅଂଶର କାରକ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଏହି ମୂଲ୍ୟାୟନ କଳହର ତିନି ଗୋଟି ବୃହତ୍ତ ଭାଗର ଉପରେ ଆଧାରିତ । ପ୍ରସଙ୍ଗ ବା ପରିସ୍ଥିତି ସଂପୃକ୍ତ ଥିବା ଦଳର ବ୍ୟବହାର ଓ ସେମାନଙ୍କର ମନୋଭାବ । ଏଗୁଡିକ ତ୍ରିଭୂଜର କୋଣ ଗୁଡିକ ଭାବରେ ଉପସ୍ଥାପନ କରାଯାଇଛି ।




*ବ୍ୟବହାର - ବୟାନବାଜୀ, ଅପରାଧ, ଅପମାନ, ଆକ୍ରମଣ*

*ପ୍ରସଂଙ୍ଗ - ଐତିହାସିକ, ସାମାଜିକ, ଆର୍ଥୀକ, ପୃଷ୍ଠଭୂମି*

*ମନୋଭାବ - ଗ୍ରହଣ ବୋଧ, ପକ୍ଷପାତ, ଅନୁଭବ, ବିଶ୍ୱାସ*

ଏହି ତିନିଗୋଟି କାରକ ପରସ୍ପରକୁ ପ୍ରଭାବିତ କରେ । ଅତଏବ ଏହିସ୍ତର ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସୁଚାଉ ଅଛି । ଏତଦ୍ ବ୍ୟତୀତ, ଜଣେ ବ୍ୟକ୍ତି କିମ୍ବା ଦଳର ବ୍ୟବହାର ଅନ୍ୟ ବ୍ୟକ୍ତି ବା ଦଳର ମନୋଭାବ ଉପରେ ପ୍ରଭାବ ପକାଏ । ଉଦାହରଣ ସ୍ୱରୂପ ଯଦି ଚାକିରୀ ଆବଶ୍ୟକ କରୁଥିବା ଏକ ଦଳ ଚାକିରୀ ଦାବି କରି ଅନେକ ବିରୋଧ ପ୍ରଦର୍ଶନ କରନ୍ତି, ବ୍ୟବସାୟୀ ମାଲିକମାନେ ଅପରିହାର୍ଯ୍ୟ ହୁଅନ୍ତି ଓ ଦାବିକୁ ପ୍ରତିରୋଧ କରିବା ନିମନ୍ତେ ପ୍ରତିକ୍ରିୟାଶିଳ ହୁଅନ୍ତି । ଥାହା ମନୋଭାବ ଏହି ପ୍ରସଙ୍ଗରେ ତାର ପ୍ରଭାବ ପକାଇଥାଏ । ଉଦାହରଣ ସ୍ୱରୂପ, ବ୍ୟବସାୟୀ ମାଲିକମାନେ ଚାକିରୀଦାବି ବିଷୟରେ ଏପରି ନାରାଜ ହୁଅନ୍ତି ଯେ, ସେମାନେ ଏପରି ନିୟମ ବା ବିଧାନ ପ୍ରସ୍ତୁତ କରନ୍ତି ଯେ, ସମସ୍ତ ଚାକିରୀ ଆବେଦନ ପତ୍ର ଏ ପ୍ରକାର ଭାଷାରେ ପୂର୍ଣ୍ଣ କରାଯିବ ଯାହା ଚାକିରୀ ଚାହୁଁଥିବା ବ୍ୟକ୍ତି ଜାଣିପାରିବେ ନାହିଁ । ଏହି ସରକାରୀ ନିୟମ ପ୍ରସଙ୍ଗ ଫେରି ସେହି ଦଳର ବ୍ୟବହାର ଓ ମନୋଭାବ ଉପରେ ପ୍ରଭାବ ପକାଇବ । ଯଦି ଏହି ଦଳ ପରିସ୍ଥିତିରେ ଯଦି ଉନ୍ନତ ଘଟିବାକୁ ହୁଏ ତେବେ ଏହି ତ୍ରିଭୁଜର ପ୍ରତ୍ୟେକ କୋଣରେ ପରିବର୍ତ୍ତନର ଆବଶ୍ୟକ ।

**ଏହି ଉପକରଣ କିପରି ବ୍ୟବହାର କରିବେ -**

୧. ପ୍ରତ୍ୟେକ ବୃହତ୍ତ ଦଳର ପ୍ରସଙ୍ଗ ନିମନ୍ତେ ଏକ ପୃଥକ୍ କଖଗ ତ୍ରିଭୁଜ ଅଙ୍କନ କର ।

୨. ପ୍ରତ୍ୟେକ ତ୍ରିଭୁଜରେ ଦଳର ଦୃଷ୍ଟିକୋଣରୁ ସେମାନଙ୍କ ମନୋଭାବ, ବ୍ୟବହାର ଓ ପ୍ରସଙ୍ଗ ସହିତ ସମ୍ପର୍କ ଥିବା ମୂଖ୍ୟ ସମସ୍ୟ ଗୁଡିକର ତାଲିକା କର । (ଯଦି ଦଳଗୁଡିକ ଏହି ମୂଲ୍ୟାୟନରେ ଅଂଶ ଗ୍ରହଣ କରନ୍ତି, ତେବେ ସେମାନେ ନିଜ ନିମନ୍ତେ ନିଜ ନିଜ ଦୃଷ୍ଟିକୋଣରୁ ପ୍ରତେକେ ଗୋଟିଏ ଗୋଟିଏ ତ୍ରିଭୁଜ ଅଙ୍କନ କରିପାରିବେ)

୩. ପ୍ରତ୍ୟେକ ତ୍ରିଭୁଜର ମଧ୍ୟରେ ସେମାନଙ୍କ ଦୃଷ୍ଟିକୋଣରୁ ସେହି ଦଳର ମୂଖ୍ୟ ଆବଶ୍ୟକ ଓ ଭୟ ଲେଖ ।


୪. ତ୍ରିଭୁଜକୁ ତୁଳନା କର ଦଳଗୁଡିକର ଉପଲବଧି ଅନୁଯାୟୀ ସାଦୃଶ୍ୟ ଓ ଭିନ୍ନତା ଲେଖ । ତୁମେ କାର୍ଯ୍ୟ ବିକଳ୍ପ ପ୍ରସ୍ତୁତ କରିବା ସମୟରେ ଏହା ସହାୟକ ହେବ ।

**ବିବରଣ ପତ୍ର – ୫: କଳହକାରଣ ସମୂହ, ପ୍ରଭାବ, ପ୍ରବର୍ତ୍ତନ ର ବୋଧ ଏକ ବୃକ୍ଷ**

କଳହ ବୃକ୍ଷର ବ୍ୟବହାର, କଳହର କାରଣ ଓ ଏହାର ପ୍ରଭାବ ଆଲୋଚନା କରିବା ନିମନ୍ତେ ଉତ୍ତେଜନା ସୃଷ୍ଟି କରେ । ଏହା ଏକ ଦଳକୁ ଏହାର ମୂଖ୍ୟ ସମସ୍ୟା ଉପରେ ସଂସ୍କୃତି ପ୍ରଦାନ ନିମନ୍ତେ ଏବଂ ଏହାର ପ୍ରବଞ୍ଚନ ଘଟଣା ଯାହା କଳହର ପ୍ରଗଢତାକୁ ବୃଦ୍ଧି କରେ ଓ ହିଂସାର ପ୍ରକୋପକୁ ବଢାଏ, ସେସବୁ ବିଷୟରେ ଚିନ୍ତା କରିବା ନିମନ୍ତେ ଏହା ସହାୟକ ହୋଇଥାଏ । କଳହ ସମସ୍ୟାର ପ୍ରାଥମିକତା ଦୃଷ୍ଟି କୋଣରୁ ନିଷ୍ପତି ଗ୍ରହଣ କରିବା ନିମନ୍ତେ ଦଳଗୁଡିକୁ ବା ଗୋଷ୍ଠୀକୁ ସହାୟକ କରେ । କଳହର କାରଣ ଗୁଡିକ ଓ ପ୍ରଭାବ ପରସ୍ପର ପରିପୂରକ । ଏହା ସଂସ୍ଥା ଦ୍ୱାରା ଆଲୋକପାତ କରାଯିବା ଆବଶ୍ୟକ । କଳହ ବୃକ୍ଷ, ଏକ ଦଳ ସଂସ୍ଥା ବା ଗୋଷ୍ଠୀ ସେମାନଙ୍କର ପରିସ୍ଥିତିର ସମସ୍ୟା ବିଷୟରେ ନିଷ୍ପତି ପ୍ରକାଶ କରିବା ଆବଶ୍ୟକ କରନ୍ତି କିମ୍ବା ଏକ ଦଳ ସହିତ ଯେ, କଳହ ସମସ୍ୟାର ବର୍‌ରେ ନିଷ୍ପତି ଗ୍ରହଣ କରନ୍ତି । ସେହି ସମୟରେ ତାହା ବାବହାର୍ଯ୍ୟ ଅଟେ । କଳହ ବୃକ୍ଷ ବ୍ୟକ୍ତିଗତ ବିଷୟରେ ବ୍ୟବହାର ହେବ । ଅନ୍ୟପକ୍ଷ ଦଳ ସହିତ ସାମୂହିକ ଭାବରେ ଉତ୍ତମ ଭାବରେ ବ୍ୟବହୃତ ହୁଏ । ଯଦି ଆପଣ କଳହ ବୃକ୍ଷ ସହିତ

ଗୋଷ୍ଠୀ ଙ୍କ କାର୍ଯ୍ୟରେ ପରିଚିତ, ତେବେ ଆପଣ ଜାଣିବେ ଯେ, କଳହ ମୂଲ୍ୟାୟନରେ ଏହାର ବ୍ୟବହାର ଚିହ୍ନଟ କରିପାରିବେ । ଅନେକ କଳହର, ପ୍ରଶ୍ନ ଗୁଡିକର ବିକଳ୍ପ ରହିଥାଏ ।

କଳହ ବୃକ୍ଷ ଏକ ଦଳ, ସଂସ୍ଥା, ବା ଗୋଷ୍ଠୀ ସେମାନଙ୍କର ପରିସ୍ଥିତିରେ ସମସ୍ୟା ବିଷୟରେ ସମ୍ମତି ପ୍ରକାଶ ବିଷୟରେ ନିଷ୍ପତ୍ତି ଗ୍ରହଣ କରନ୍ତି । ସେହି ସମୟରେ ତାହା ବ୍ୟବହାର୍ଯ୍ୟ ଅଟେ । କଳହ ବୃକ୍ଷ ବ୍ୟକ୍ତିଗତ ବିଷୟରେ ବ୍ୟବହାର ହେବା ଅପେକ୍ଷା ଦଳ ସହିତ ସାମୂହି ଭାବରେ ଉତ୍ତମ ଭାବରେ ବ୍ୟବହୃତ ହୁଏ । ଯଦି ଆପଣ କଳହ ବୃକ୍ଷ ସହିତ ଗୋଷ୍ଠୀ କାର୍ଯ୍ୟରେ ପରିଚିତ, ତେବେ ଆପଣ ଜାଣିବେ ଯେ, କଳହ ମୂଲ୍ୟାୟନରେ ଏହାର ବ୍ୟବାହର ମଧ୍ୟ ଚିହ୍ନଟ କରିପରିବେ । ଅନେକ କଳହରେ ପ୍ରଶ୍ନ ଗୁଡିକର ବିକଳ୍ପ ରହିଥାଏ ।




- ✓ ଏହି ସମସ୍ୟାରୁ ଉପୁଜିଥିବା ପ୍ରଭାବ ଗୁଡିକ କ'ଣ ?
- ✓ ଏହାର ମୂଳକାରଣ ସମୂହ କ'ଣ? ପରିସ୍ଥିତିକୁ ଅଧିକ ଖରାପ କରୁଥିବା ଘଟଣା ସମୂହ କ'ଣ ? (ପରିସ୍ଥିତି ଉପୁଜାଉଥିବା ଘଟଣା ଗୁଡିକ କ'ଣ )
- ✓ ମୂଳ ସମସ୍ୟା କ'ଣ ?
- ✓ ଆମ ଦଳ ନିମନ୍ତେ କେଉଁ ମୂଖ୍ୟ ସମସ୍ୟା ଗୁରୁତ୍ୱପୂର୍ଣ୍ଣ ଅଟେ ?

କଳହ ବୃକ୍ଷ ମୁଖ୍ୟ ସମସ୍ୟା ଚିହ୍ନଟ କରିବା ନିମନ୍ତେ ସୂତ୍ର କରିଥାଏ ଏବଂ ଏହା ତିନିଭାଗରେ ବିଭକ୍ତ କରିବା ନିମନ୍ତେ ସହାୟକ ହୁଏ ।

୧. ମୂଳ ସମସ୍ୟା

୨. ମୂଖ୍ୟ ଓ ଆସନ୍ନ କାରଣ ସମୂହ

୩. ପ୍ରଭାବ ସମୂହ

**ଏହି ଉପକରଣ କିପରି ବ୍ୟବହାର କରିବେ:**

୧. ଏକ ବୃହତ କାଗଜ ଉପରେ ମୂଳ, ଓ ଶାଖାଗୁଡିକ ଥିବା ଏକ ବୃକ୍ଷର ଚିତ୍ର ଅଙ୍କନ କରନ୍ତୁ । ଗଣ୍ଡିକୁ ମୂଳ ସମସ୍ୟା (ସମୂହ) ରେ ନାମିତ କରନ୍ତୁ । ମୂଳକୁ ମୂଖ୍ୟ କାରଣ ସମୂହ (ସମସ୍ୟାର ମୂଳ କାରଣଗୁଡିକ) ରେ ଭାବରେ ଏବଂ ଶାଖାଗୁଡିକୁ ଏହାର ପ୍ରଭାବ (ଯାହା ଆମ୍ଭେ ଦେଖୁ ଭାବରେ ।

୨. ବିଚାରକୁ ନିଆଯାଉଥିବା ବିଷୟରେ ଚିହ୍ନଟ କରନ୍ତି ଯଥା – ମୂଳ ସମସ୍ୟା ସମୂହ (ପ୍ରକୃତି ସମସ୍ୟା ଅନେକ ସମୟରେ ସ୍ୱଚ୍ଛ ଦୃଶ୍ୟ) – ଏହାର ପ୍ରଭାବ ଗୁଡିକ ( ଯାହା ଆପଣ ଦେଖୁଛନ୍ତି) ସମସ୍ତ ସମସ୍ୟା ଏକ କାର୍ଡ ବା ପତ୍ରକରେ ଲେଖନ୍ତୁ ।

○ ଯଦି ଏହା ମୂଳ ସମସ୍ୟା, କାର୍ଡଟି ଗଣ୍ଡିରେ ସ୍ଥାପନ କରନ୍ତୁ ।

○ ଯଦି ଏହା ମୂଳ କାରଣ, କାର୍ଡଟି ମୂଳରେ ସ୍ଥାପନ କରନ୍ତୁ ।

○ ଯଦି ଏହା ପ୍ରଭାବ, କାର୍ଡଟି ଶାଖା ଗୁଡିକରେ ସ୍ଥାପନ କରନ୍ତୁ ।

କାର୍ଡ ଗୁଡିକ ବୃକ୍ଷ ଉପରେ ସ୍ଥାପନ କରିବା ପରେ, କେଉଁଠାରେ ପ୍ରତ୍ୟେକ ସମସ୍ୟା ନିହିତ ଅଛି, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇପାରେ ।

୩. ବୃକ୍ଷ ଉପରେ ଥରେ ସମସ୍ତ କାର୍ଡ ସ୍ଥାପନ କଲା ପରେ, ବୃକ୍ଷ ମୂଳରେ ଥିବା ମୁଖ୍ୟ ସମସ୍ୟା ସମୂହ ଶାଖାଗୁଡିକରେ ଥିବା ପ୍ରଭାବ ସମୂହ ଯୋଡନ୍ତୁ । କେଉଁ ଘଟଣାବଳୀ ପରିସ୍ଥିତିକୁ ଅତି ଖରାପ କରିଅଛି ? ସେହି କାରକ ଗୁଡିକ ପ୍ରାରମ୍ଭିକ ଘଟଣାବଳୀ, ଏହି ପ୍ରାରମ୍ଭିକ ଘଟଣାବଳୀ କାଗଜରେ ଏକ ପାର୍ଶ୍ୱରେ ଲେଖନ୍ତୁ । ଯେତେବେଳେ ଆପଣଙ୍କର ମଧ୍ୟକ୍ଷେପ ଯୋଜନା କରିବା ସମୟରେ ଏହାର କାରକ ଗୁଡିକ ଉପରୁ ଦୃଷ୍ଟିଦେବା ଆବଶ୍ୟକ ।

୪. ଅଂଶ ଗ୍ରହଣକାରୀଙ୍କୁ ନିଜର ସଂସ୍ଥାକୁ ଏକ ଜୀବନ୍ତ ଜୀବ ଭାବରେ ଦେଖାଇବା ନିମନ୍ତେ କୁହନ୍ତୁ (ଉଦାହରଣ ସ୍ୱରୂପ, ପକ୍ଷୀ, ପ୍ରଜାପତି, କୀଟ, କିମ୍ୱା ଲତା) । ଏବ ବର୍ତ୍ତମାନର ସମସ୍ୟା ସହିତ ସାମଞ୍ଜସ୍ୟ ଥିବା ବୃକ୍ଷରେ ଅଂଶ ଉପରେ ତାହା ଉପସ୍ଥାପନ କରନ୍ତୁ । ସଂସ୍ଥାର କେନ୍ଦ୍ର ଦୃଷ୍ଟି ମୁଖ୍ୟତଃ ପ୍ରଭାବ (ଶାଖାଗୁଡିକ ଉପରେ) କାରଣ ସମୂହ ଉପରେ (ମୂଳଗୁଡିକ) ଅଥବା ମୁଖ୍ୟ ସମସ୍ୟା ଉପରେ (ଗଣ୍ଡି).

# ଭାଗ – ୩

## କଳହ ସମ୍ବେଦନଶୀଳତା

**ଭାଗ – ୩ ର ଲକ୍ଷ୍ୟ:**

- କଳହ ସମ୍ବେଦନଶୀଳତା ବ୍ୟାଖା କରିବା ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ, କିପରି କଳହ ସମ୍ବେଦନଶୀଳତାର ନିକଟରେ ପହଞ୍ଚିବ (ଶାନ୍ତିପ୍ରତିଷ୍ଠା, ସୁରକ୍ଷା, ନ୍ୟାୟ, ମାନବିକତା ଓ ଉନ୍ନୟନ କାର୍ଯ୍ୟ) ଏହି କାର୍ଯ୍ୟର ନକରାତ୍ମକ ପ୍ରଭାବ ହ୍ରାସକରିବାରେ ଓ ସକରାତ୍ମକ ପ୍ରଭାବ ବୃଦ୍ଧି କରିବାରେ ସହାୟକ ହୁଏ ।
- ସଙ୍ଗଠନ କାର୍ଯ୍ୟରେ କଳହ-ସମ୍ବଦନଶୀଳତାର ପ୍ରୟୋଗ ପହଞ୍ଚିବା ନିମନ୍ତେ ସହାୟକ ହୁଏ ।
- କଳହ ବିଶ୍ଳେଷଣ ଉପକରଣ ବ୍ୟବହାର କରିବା ନିମନ୍ତେ ସହାୟକ ହେବ ।
- ମୂଖ୍ୟ ବିଚାରକ ବିଷୟ ସମୂହ, ଶାନ୍ତି ପ୍ରତିଷ୍ଠା ପ୍ରସ୍ତୁତି ସମୟରେ ବୋଧ ପାଇବା ନିମନ୍ତେ ଏବଂ ଉନ୍ନୟନର ପଦକ୍ଷେପ ସମୂହ, ଯାହା ସମସ୍ୟା ସୃଷ୍ଟିକରୁଥିବା ଆଶିଂକ କିମ୍ୱା ହିଂସା ସପକ୍ଷ କିମ୍ୱା କ୍ଷତି କରିବା ହ୍ରାସ କରେ ।

**ଭାଗ ୩ ର ସାଧାରଣ ସମୀକ୍ଷା (୧ ଦିବସ)**

| ଅଧିବେଶନ | ଉପକରଣ | କାର୍ଯ୍ୟାବଳୀ |
|---|---|---|
| ଅଧିବେଶନ-୧<br>୨୫ ମିନିଟ୍ | ବିବରଣୀ ଫର୍ଦ୍ଦ ଓ<br>କଲମ | ଭାଗ ୩ ର ପରିଚୟ |
| ଅଧିବେଶନ-୨<br>୬୦ ମିନିଟ୍ | ବିବରଣୀ ଫର୍ଦ୍ଦ ଓ<br>କଲମ | କଳହ କମ୍ବେଦନଶୀଳତା କ'ଣ ?<br>⇒ ଉପସ୍ଥାପନା ଓ ସାମୁହିକ ଆଲୋଚନା |
| ଅଧିବେଶନ-୩<br>୬୦ ମିନିଟ୍ | ବିବରଣୀ ଫର୍ଦ୍ଦ ଓ<br>କଲମ | କଳହ କମ୍ବେଦନଶୀଳତାର କାର୍ଯ୍ୟପ୍ରସ୍ତୁତର ଉଦାହରଣ<br>⇒ ପ୍ରଶିକ୍ଷକଙ୍କ ପରିଚୟ ଓ ସାମୂହିକ ଆଲୋଚନା |
| ଅଧିବେଶନ-୪<br>୧୯୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ ଓ ଲିଖିତ ବ୍କ୍ତବ୍ୟ - | କଳହ କମ୍ବେଦନଶୀଳତାର ଓ କାର୍ଯ୍ୟକ୍ରମର ପରିକଳ୍ପନା<br>⇒ ଅଭ୍ୟାସ - କାର୍ଯ୍ୟକ୍ରମର ପରିକଳ୍ପନା ନିମନ୍ତେ କଳହ ବୃକ୍ଷ ଉପରେ କାର୍ଯ୍ୟ କରିବା । |
| ଅଧିବେଶନ-୫<br>୭୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ ଓ ଲିଖିତ ବ୍କ୍ତବ୍ୟ - | ଦଳ ଉପସ୍ଥାପନା ଓ ପ୍ରତିପୁଷ୍ଟି<br>⇒ ଅଭ୍ୟାସ - ଦଳଗତ ଆଲୋଚନା |
| ଅଧିବେଶନ-୬<br>୧୫ ମିନିଟ୍ | ଭାଗର ସମୀକ୍ଷା ଫର୍ମ | ଭାଗର ସମୀକ୍ଷା ଓ ପୁନରାବୃତି |

**ଅଧିବେଶନ- ୧: ଭାଗ ୩ ର ପରିଚୟ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୫ ମିନିଟ୍ | ବିବରଣୀ ଫର୍ଦ୍ଦ ଓ କଲମ | ⇒ ଭାଗ ୨ ର ପୁନଃରାବୃତ୍ତି<br>⇒ ଭାଗ ୩ ର ପରିଚୟ |

**ଅଂଶଗ୍ରହଣକାରୀ ଦଳ ଦ୍ୱାରା ପୂର୍ବ ଭାଗରେ ଶିଖିଥିବା ବିଷୟର ଉପସ୍ଥାପନା ଓ ପରବର୍ତ୍ତୀ ଭାଗ ଉପରେ ଆଲୋଚନା:**

***ଭାଗ ୨ର ସାଧାରଣ ସମୀକ୍ଷା (୧୫ ମିନିଟ୍):*** - ଏହି ଭାଗରେ, ପ୍ରଥମେ ଆମେ କଳହ-ସମ୍ବେଦନଶୀଳତାର ଅର୍ଥକୁ ଆବିଷ୍କାର କରିବା ଓ ଏହା କାହିଁକି ଶାନ୍ତି ପ୍ରତିଷ୍ଠାରେ ଜରିୟାରେ ଉନ୍ନୟନ ଏବଂ ମାନବିକତାର ପଦକ୍ଷେପ ନିମନ୍ତେ ଗୁରୁତ୍ୱ ପୂର୍ଣ୍ଣ ହୋଇ ପାରିବ ? ଭାଗ-୨ ରେ କଳହ ବୃକ୍ଷ ବିଶ୍ଳେଷଣ ହୋଇଥିବା ଉଦାହରଣ ବ୍ୟବହାର କରି ତାଲିମ ଦାତା ଏକ ଉଦାହରଣ ମାଧମରେ କଳହ ସମ୍ବେଦନଶୀଳତାକୁ ବୁଝାଏ । ଛୋଟ ଦଳ ପ୍ରସ୍ତୁତ କରି ତାଲିମର ଅଂଶଗ୍ରହଣକାରୀ ଗୋଟିଏ କାର୍ଯ୍ୟକ୍ରମରେ କଳହ ସମ୍ବେଦନଶୀଳର ଦୃଷ୍ଟିପାତ କରିବେ । ସେମାନେ ସେମାନଙ୍କର ମନ୍ତବ୍ୟ ଗୁଡିକ କାର୍ଯାଶାଳାରେ ଅନ୍ୟ ଅଂଶଗ୍ରହଣକାରୀଙ୍କ ନିକଟରେ ଉପସ୍ଥାପନା କରିବେ ।

**ଅଧିବେଶନ - ୨ କଳହ ସମ୍ବେଦନଶୀଳତା କ'ଣ ?**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୬୦ ମିନିଟ୍ | ବିବରଣୀ ଫର୍ଦ୍ଦ ଓ କଲମ | ⇒ କଳହ କମ୍ବେଦନଶୀଳତାର ଅର୍ଥ ଓ ଏହାର ଗୁରୁତ୍ୱ କ'ଣ ତାହା ଜାଣିବା ପାଇଁ ଆଲୋଚନା କରିବା |

**ଉପସ୍ଥାପନା ଓ ସାମୂହିକ ଆଲୋଚନା – (୬୦ ମିନିଟ୍)**

କଳହ-ସମ୍ବେଦନଶୀଳତା ବିଷୟରେ ଅଂଶଗ୍ରହଣକାରୀମାନେ କ'ଣ ବୁଝନ୍ତି, ତାହା ପଚାରି ଆଲୋଚନା ଆରମ୍ଭ କରି ପାରିବେ । ଏହା ଉପରେ ଅଧିକ ସମୟ ନିୟୋଜିତ କରନ୍ତୁ ନାହିଁ କିମ୍ବା ଏହାର ସର୍ବଶେଷ ତଥ୍ୟ ମଧକୁ ଯାଆନ୍ତୁ ନାହିଁ । କଳହ ସେମାନଙ୍କର ଧାରଣା ଓ ଟିପଣୀ ତଥ୍ୟ ଫର୍ଦ୍ଦ ଉପରେ ଲେଖନ୍ତୁ । ସେଗୁଡିକ ଅଧିବେଶନ ସମୟରେ ଉଦ୍ଧୃତ କରନ୍ତୁ ।

**କଳହ ସମ୍ବେଦନଶୀଳ କହିଲେ ଆମେ କ'ଣ ବୁଝୁ ?**

କଳହ ସମ୍ବେଦନଶୀଳତାର ଦୃଷ୍ଟିକୋଣ (ପ୍ରବେଶଦ୍ୱାର) ଆପଣ ପରିଚାଳନା କରୁଥିବା କଳହ ବିଶ୍ଳେଷଣ ସହିତ ସଂଶ୍ଳିଷ୍ଟ ଅଟେ, (ଯଥା, ମୂଳ କଳହର କାରକ, ଚାଳକ, ଓ ଗତିଶିଳ) ଯାହା କଳହ ଉପୁଜିବାରେ ପ୍ରଭାବ ପକାଇଥାଏ ଏବଂ ଏହା ଶାନ୍ତି ଓ କଳହ ଉପରେ ସକରାତ୍ମକ ପ୍ରଭାବକୁ ବୃଦ୍ଧି କରିଥାଏ ।

**କାହିଁକି ଏକ କଳହ ସମ୍ବେଦନଶୀଳ ପ୍ରବେଶଦ୍ୱାର ଗୁରୁତ୍ୱପୂର୍ଣ୍ଣ ଅଟେ ?**

- ✓ କାର୍ଯ୍ୟକ୍ରମ ପ୍ରସ୍ତୁତି ସମୟରେ, ହିଂସାକୁ ପ୍ରୋତ୍ସାହିତ କରେ ନାହିଁ ତାହା ନିଶ୍ଚିତ କରିବାରେ ଏହା ସହାୟକ ହୁଏ ।
- ✓ କଳହ ବିଶ୍ଳେଷଣ ଉପକରଣ ବ୍ୟବହାର କରିବା ଦ୍ୱାରା, ଆମ୍ଭେମାନେ ଯେଉଁ କଳହ ସମସ୍ୟା ଉପରେ କାର୍ଯ୍ୟ କରୁ ତାହା ବିଷୟରେ ଅଧିକ ଜାଣିପାରୁ ।
- ✓ କ୍ରୋଧ, ଘୃଣା, ଅବିଶ୍ୱାସ ଓ ଗୋଷ୍ଠୀ ସମୂହ ମଧ୍ୟରେ ଅଶାନ୍ତିର ବାତାବରଣ ଯାହା କଳହ ପରିସ୍ଥିତିକୁ ବ୍ୟାପକ କରେ, ଏହି ବାତାବରଣ ଉପରେ ପ୍ରତିଫଳିତ ଆମ୍ଭମାନଙ୍କୁ ଆମ କାର୍ଯ୍ୟରେ ପ୍ରଭାବକୁ ଜାଣିବା ପାଇଁ ସାହାର୍ଯ୍ୟ କରେ ।
- ✓ ଏହା ମୂଖ୍ୟ ନିର୍ଣ୍ଣୟକର୍ତ୍ତା, ସ୍ଥାନୀୟ ବର୍ଗ, ଶକ୍ତି ବିନାଶକାରୀ (ଯେଉଁମାନେ ନିଜଲାଭ ନିମନ୍ତେ କଳହକୁ ଅଧିକ ଖରାପ କରିବା ନିମନ୍ତେ ଚେଷ୍ଟା କରନ୍ତି ) ଏବଂ ହିତାଧିକାରୀଙ୍କୁ ଚିହ୍ନଟ କରେ ।
- ✓ ଅଳ୍ପାବିଧି ଓ ଦୀର୍ଘାବିଧିରେ ଏହା ସଠିକ୍ କାର୍ଯ୍ୟକ୍ରମ ସମ୍ପର୍କ ନିମନ୍ତେ ସହାୟକ ହୋଇଥାଏ । ଏହା ସାଧନ କେନ୍ଦ୍ର ଓ ହିତଧିକାରୀ ମଧ୍ୟରେ ଥିବା ପରିଚାଳନା ଓ କଳହ ସମ୍ବନ୍ଧୀୟ କ୍ରିୟାବିଧି ସହିତ ସଂଶ୍ଳିଷ୍ଟ ଅଟେ । ସାଧାରଣ ନାଗରୀକ ଓ ସୈନ୍ୟ ଅଭିନେତା ମଧ୍ୟରେ ଥିବା ସମ୍ପର୍କର ସହିତ ସଂଶ୍ଳିଷ୍ଟ ଅଟେ ।
- ✓ ତୁଳନାଙ୍କ ଚିହ୍ନଟ କରିବା ଓ ପ୍ରତିପକ୍ଷମାନଙ୍କ ଉପରେ ଏକ ସେତୁ ଗଠନ କରିବା ଦ୍ୱାରା ଆମ କାର୍ଯ୍ୟକ୍ରମ ମାପିବା ଓ ହିଂସାକୁ ସମର୍ଥନ କରିବା କାରକକୁ ହ୍ରାସ କରେ ।
- ✓ କଳହ ବିଷୟରେ ଅଧିକ ଚିନ୍ତାକରିବା ଦ୍ୱାରା ଆମେ ଉତ୍ତମ ଭାବରେ ହିତାଧିକାରୀମାନଙ୍କୁ ଏବଂ ଆମ୍ଭ ନିଜ କର୍ମକର୍ତ୍ତାମାନଙ୍କୁ ସୁରକ୍ଷା ଦେବାରେ ନିଶ୍ଚିତତା ଦେଇପାରେ ।
- ✓ ଏହା ପାରଦର୍ଶିତା, ଉତ୍ତମଦାୟୀତା, ଏବଂ ସମାବେଶୀ ପ୍ରକ୍ରିୟା ପ୍ରୋତ୍ସାହିତ ଓ ପ୍ରୋନ୍ନତି କରେ ।
- ✓ କଳହ ସମ୍ବେଦନଶୀଳର ଦୃଷ୍ଟିକୋଣ ଦ୍ୱାରା ଏକ ଉତ୍ତମ ଚିନ୍ତା ଆପଣଙ୍କ ଅନୁଷ୍ଠାନର ପଦମର୍ଯ୍ୟାଦାକୁ ବୃଦ୍ଧି କରେ ।

ଆପଣମାନେ ଅଂଶଗ୍ରହଣକାରୀମାନଙ୍କ ସହିତ, ଅନୁଷ୍ଠାନର କଳହ ପ୍ରସଙ୍ଗ ଉପରେ ପ୍ରଭାବ ପକାଉଥିବା ଏକ କାର୍ଯ୍ୟକ୍ରମର ରଙ୍ଗାବଳୀ ଉପରେ ଆଲୋଚନା କରିପାରିବେ ।

**କ୍ଷତି କରେ, କ୍ଷତି କରେ ନାହିଁ, କିଛି ଉତ୍ତମ କାର୍ଯ୍ୟକରେ:** ଯଦି ଏକ କାର୍ଯ୍ୟକ୍ରମର ଫଳାଫଳ କ୍ଷତି କରେ କିମ୍ବା ପରିସ୍ଥିତିକୁ ଅଧିକ ଖରାପ କରେ, ତାହାହେଲେ ଅନୁଷ୍ଠାନ, କଳହ ସମ୍ବେଦନଶୀଳ ଦୃଷ୍ଟିକୋଣ ବ୍ୟବହାର କରିନାହିଁ । ଏହା ରାଜନୈତିକ ବିଷୟରେ କାହିଁକି ହୋଇପାରେ ଏବଂ ନିହିତ ସ୍ୱାର୍ଥ (ଗୁପ୍ରକାରଣ), ହିତାଧିକାର ଶକ୍ତିପୃଷ୍ଠ ଉପରେ ଏକ ଅପଦ୍ୱାନ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ । ଆପଣଙ୍କୁ କ୍ଷତି ନ କରି କିମ୍ବା ପରିସ୍ଥିତିକୁ ଅଧିକ ଖରାପ ନକରାଇ, ଏକ କଳହ ସମ୍ବେଦନଶୀଳ ଦୃଷ୍ଟିକୋଣ କ୍ଷେତ୍ରରେ ଅନୁଷ୍ଠାନର ହସ୍ତକ୍ଷେପ ମଧ୍ୟସ୍ତ ରୂପେ ପ୍ରଭାବ ଶାନ୍ତି ଓ କଳହର ବିଶ୍ଳେଷଣ ଦ୍ୱାରା ନିଶ୍ଚିତ କରିଥାଏ । ଯେତେବେଳେ ଆପଣଙ୍କର କାର୍ଯ୍ୟକ୍ରମ ଦ୍ୱାରା ଉଭୟ ଉନ୍ନୟନ ସମ୍ବନ୍ଦୀୟ ପ୍ରକଳ୍ପରେ ସକରାତ୍ମକ ଶାନ୍ତି ପ୍ରୟୋଗ ଦ୍ୱାରା ହେଉ ଏବଂ ଅଂଶଗ୍ରହଣ ଦ୍ୱାରା ଅଭ୍ୟନ୍ତରଣ ସମ୍ବନ୍ଧ ଓ ଗୋଷ୍ଠୀ ସମୂହ ଗଠନ କରିବା, ଏବଂ ଭବିଷ୍ୟତ କଳହକୁ ଭାଙ୍ଗିବା ନିମନ୍ତେ ସହାୟକ ହେବା ଏକ ଉତ୍ତମ

ଫଳ ଅଟେ । ଏହି ସ୍ଥାନୀୟ କଳହରେ, ସଂଯୋଗକାରୀ ଓ ବିଭେଦକାରୀ ସମୂହ ପରିଭାଷା ଶବ୍ଦର ବ୍ୟାଖ୍ୟା କରିବା ଆବଶ୍ୟକ ଅଟେ ।

ସଂଯୋଗକାରୀ ସମୂହ ସେମାନେ ଅଟନ୍ତି, ଯେଉଁମାନେ କଳହ ସମୟରେ ମଧ୍ୟ ଦଳ ଗୁଡିକୁ ଏକାଠି ଯୋଡିଥା'ନ୍ତି ।
ଏହା ପରିବାର କିମ୍ବା କାର୍ଯ୍ୟସମ୍ବନ୍ଧୀୟ ହୋଇପାରେ, ଉଦାହରଣ ସ୍ୱରୂପ; ବଜାରକୁ ଯିବାର ଆବଶ୍ୟକତା ଅଛି, ତେବେ ଗୋଷ୍ଠୀ ସମୂହ ଓ ଅନ୍ୟାନ୍ୟ ଲୋକ ଆପଣମାନଙ୍କୁ ସହଯୋଗ କିମ୍ବା ପ୍ରୋତ୍ସାହନ କରନ୍ତି ।
ବିଭେଦକାରୀ ସମୂହ ସେମାନେ ଅଟନ୍ତି, ଯେଉଁମାନେ ସମସ୍ୟା ସମୂହ କିମ୍ବା ଉତ୍ତେଜନା ସୃଷ୍ଟିକାରୀ ହୋଇପାରନ୍ତି, ଅଚୁକ୍ତି ହୋଇପାରନ୍ତି, ଦଳ ମଧ୍ୟରେ କଳହ ଓ ତାପାରେ ହିଂସା ସୃଷ୍ଟିକରିବାର ମୂଳକାରଣ ହୁଅନ୍ତି, ଉଭୟ ଆଭ୍ୟନ୍ତରୀଣ (ସ୍ଥାନୀୟ ରାଜନିତି ଏବଂ ଜମିଦାର) ଏବଂ ବାହ୍ୟ (ଜାତୀୟ ରାଜନୀତି ଓ ବାହ୍ୟ ଶକ୍ତି) ସମସ୍ୟା ସମୂହ । ଆପଣ ଏହି ପ୍ରଶ୍ନ ପଚାରିବା ଆବଶ୍ୟକ; କିପରି ସଠିକ୍ ଭାବରେ ଲୋକଙ୍କ ମଧ୍ୟରେ ଦଳଭେଦ କରିପାରେ? ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ? ମନେ ରଖନ୍ତୁ ସଂଯୋଗକାରୀ ଓ ବିଭେଦକାରୀ ନର୍ଦ୍ଧାରିତ ସମୟ ମଧ୍ୟରେ ପରିବର୍ତ୍ତନ ହୁଅନ୍ତି । ଅତଏବ ସେମାନେ କଳହ ବିଶ୍ଳେଷଣ କରିବା ସମୟରେ ସବୁବେଳେ ଜାଣି ରଖିବା ଆବଶ୍ୟକ ।

**ଅଧିବେଶନ - ୩ କଳହ ସମ୍ବେଦନଶୀଳ କାର୍ଯ୍ୟ ପ୍ରସ୍ତୁତି**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୬୦ ମିନିଟ୍ | ବିବରଣୀ ଫର୍ଦ୍ଦ ଓ କଲମ | ⇒ ଭାଗ-୨ ର ନିର୍ଦ୍ଦିଷ୍ଟ ଉଦାହରଣ ବ୍ୟବହାର କରି ବ୍ୟାଖ୍ୟା ଓ ଆଲୋଚନା କରିବା, ପ୍ରକଳ୍ପ ପରିକଳ୍ପନା ଚିନ୍ତା କରିବା ସମୟରେ କିପରି ଏକ କଳହ ସମ୍ବେଦନଶୀଳ ଦୃଷ୍ଟିକୋଣ ବ୍ୟବହୃତ କରାଯାଏ । |

**ପ୍ରଶିକ୍ଷକଙ୍କ ପରିଚୟ ଓ ସାମୂହିକ ଆଲୋଚନା (୬୦ ମିନିଟ୍):**


ଏକ ପ୍ରଶିକ୍ଷକ ଭାବରେ ଆପଣ ନିମ୍ନଲିଖିତ ବାକ୍ୟ ଦ୍ୱାରା ଆପଣଙ୍କ ପରିଚୟ ଦେଇ ପାରନ୍ତି (ଅବଶ୍ୟ ଭାଷା ଓ ଶବ୍ଦ ପ୍ରୟୋଗରେ ନିଜସ୍ୱ ଶୈଳି ପ୍ରୟୋଗ କରିବେ) ।
ଏକ ମୁଖ୍ୟ ସମସ୍ୟାକୁ ଚିହ୍ନଟ କରୁଥିବା କଳହ ବୃକ୍ଷର (ଭାଗ - ୨) ଉଦାହରଣ ବ୍ୟବହାର କରି, ଆମ୍ଭେମାନେ ଚିନ୍ତା କରିବା ଯେ, କଳହ ବୃକ୍ଷର ଯେକୌଣସି ସ୍ତରରେ କାର୍ଯ୍ୟ କରିବାବେଳେ ମୂଳ ସମସ୍ୟା ସମୂହ, ପ୍ରଭାବ ଗୁଡିକ, କାର୍ଯ୍ୟ ପ୍ରସ୍ତୁତି ଓ ପ୍ରକଳ୍ପ ପରିକଳ୍ପନା ସମ୍ବନ୍ଧିୟ ବିଷୟ ସମୂହକୁ କଳହ - ସମ୍ବେଦନଶୀଳ ଯବକାଚ ଦ୍ୱାରା କାର୍ଯ୍ୟ କରିବା ନିମନ୍ତେ ଚିନ୍ତା କରିପାରିବା । ଜଳ ଜନୀତ କଳହ ଏବଂ ହିଂସା ରୋକିବା ଭଳି କଳହ ବୃକ୍ଷର ପ୍ରଭାବ ସ୍ତର ଉପରେ କାର୍ଯ୍ୟ କରିପାରିବା ସକରାତ୍ମକ ଶାନ୍ତି ପାଇଁ କାର୍ଯ୍ୟକରିବା ନିମନ୍ତେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଯେ, ଆମ୍ଭେମାନେ ପରିବର୍ତ୍ତୀତ ମୂଳକାରଣ ସମୂହକୁ କୌଣସି ଶକ୍ତି ଜରିଆରେ ହିଂସାର ସମ୍ଭାବନା ମାତ୍ରା ଅହିଂସାତ୍ମକ ହୋଇଥାଏ ।

ସାଧାରଣତଃ ! ସମସ୍ତ ସ୍ତରରେ ସମାନ ସମୟରେ କାର୍ଯ୍ୟ ପ୍ରାରମ୍ଭ କରିବା ସମ୍ଭବପର ନୁହେଁ । ଯଦି ଆମ୍ଭେମାନେ କଳହ ବୃକ୍ଷର ଉଦାହରଣକୁ ଲକ୍ଷ୍ୟକରୁ, ମୂଳକାରଣ ମଧ୍ୟରୁ ଗୋଟିଏ ଭାଗ ପରିବର୍ତ୍ତନ - ଆମ୍ଭଠାରୁ ନିଜକୁ ବ୍ୟାଖ୍ୟା କରିବାରେ ଅତି ବଡ ଓ ଦୂରତାରେ ରହେ ।

ଆମ୍ଭେମାନେ ଚିନ୍ତାକରିବା ଆବଶ୍ୟକ, କେଉଁ ସମସ୍ୟା ସମୂହ ଦେଇ ଆମ୍ଭେମାନେ ପ୍ରତେକ୍ଷ ଭାବରେ କାର୍ଯ୍ୟକରି ପାରିବା ଏବଂ ଅନ୍ୟମାନଙ୍କ ସହିତ ଭାଗୀଦାର ହୋଇ କେଉଁ ଉପରେ କାର୍ଯ୍ୟ କରିବା ଆବଶ୍ୟକ । ଏହାର ସାହାଯ୍ୟ ନିମନ୍ତେ, ଆମ୍ଭେମାନେ ଭାଗ-୨ କଳହ ପ୍ରସଙ୍ଗ ମାନଚିତ୍ରରେ କରିଥିବା କାର୍ଯ୍ୟକୁ ପୁନର୍ବାର ଧାନ ଦେବା ଆବଶ୍ୟକ । ଅନ୍ୟ ହିତଧାରକ ଓ ଚିହ୍ନଟ କରିଥିବା କଳହ ସମସ୍ୟା ସମୂହର ପ୍ରକାର ସମ୍ପର୍କିତ ମାନଚିତ୍ରରେ ଯେଉଁ ସ୍ଥାନରେ ଆମ୍ଭେମାନେ ଅଙ୍କନ କରିପାରିବା ।

**ନିମ୍ନରେ ଥିବା ପ୍ରଶ୍ନଗୁଡିକୁ ଧାନ ଦିଅନ୍ତୁ ।**

- ☞ ଆମ୍ଭେମାନେ କଳହ ସମସ୍ୟା ଉପରେ କାର୍ଯ୍ୟ କରିବା ସମୟରେ କାହା ସିହତ ଆମ୍ଭମାନଙ୍କର ସମ୍ବନ୍ଧ ରହିଛି ?
- ☞ କାହାକୁ ଆମ୍ଭେମାନେ ପ୍ରତ୍ୟକ୍ଷ ଭାବରେ ଏଥିରେ ନିୟୋଜିତ କରିପାରିବା ?
- ☞ କଳହରେ ସଂପୃକ୍ତ ଦଳଦ୍ୱାରା କିପରି ଆମ୍ଭେମାନେ ଗ୍ରହଣବୋଧ ହେବା ?




କଳହ-ସମ୍ବେଦନଶୀଳ କାର୍ଯ୍ୟକ୍ରମ ପରିକଳ୍ପନା ବିଷୟରେ ଚିନ୍ତା କରିବା ସମୟରେ ଏହି ଗୁରୁତ୍ୱ କାରକଗୁଡିକ ପ୍ରତି ଧାନ ଦେବା ଆବଶ୍ୟକ ।

ଦିଆଯାଇଥିବା କଳହ ବୃକ୍ଷକୁ ବ୍ୟବହାର କରି, ଆମ୍ଭେମାନେ ଜଳ ଜନିତ କଳହର ପ୍ରଭାବର ସ୍ତରକୁ ଉଦାହରଣରେ ନେଉ । ଏକ କଳହର ସମ୍ବେଦନଶୀଳ କାର୍ଯ୍ୟ ପ୍ରସ୍ତୁତି ଦୃଷ୍ଟିକୋଣରୁ ଏହା ପ୍ରାଞ୍ଜଳ ଭାବରେ ଅନୁସନ୍ଧାନ କରିବା । (ଦଳର ନିକଟରେ ଆଲୋଚନା କରିବା) ମୂଖ୍ୟ ସମସ୍ୟା ଯୋଡିବାରେ ୨ ରୁ ୩ ମିନିଟ୍ ସମୟ ନିଅନ୍ତୁ । ଆପଣ ଯେଉଁ ପ୍ରଭାବ ଚୟନ କରିଛନ୍ତି (ଦଳ ଭିତରେ କଳହ), କେତେକ ପ୍ରାରମ୍ଭିକ କାରକ (ଦୁର୍ଭିକ୍ଷ, ଦୂଷିତ ଦଳ ଉତ୍ସ ସମୂହ) ଏବଂ ଏହା ମୂଳ କାରଣ ସମୂହ (ଜନସଂଖ୍ୟା, ଜଳବାୟୁ, ପରିବର୍ତ୍ତନ, କୃଷିର ଖରାପ କାର୍ଯ୍ୟ ପ୍ରଣାଳୀ, ଇତ୍ୟାଦି) ତାଲିମରେ ଅଂଶଗ୍ରହଣକାରୀଙ୍କୁ ବୁଝାନ୍ତୁ ଯେପରି ଏକ ଉନ୍ନୟନ ସକଳ୍ପ ପଦକ୍ଷେପରେ ପ୍ରୟୋଗ ଦ୍ୱାରା ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଚିନ୍ତା କରାଯାଇପାରେ । ଉଦାହରଣ ସ୍ୱରୂପ ଯେଉଁମାନେ ଜଳ ନିକଟକୁ ଯିବା ନିମନ୍ତେ ପ୍ରତିରୋଧ କରନ୍ତି, ସେହି ଦଳର ସ୍ଥାନ

ମାନଙ୍କରେ ନଳକୂପ ଖୋଳିବା ନିମନ୍ତେ ପ୍ରସ୍ତାବ ଉପସ୍ଥାପନା କରିବା । ଏହି ପ୍ରକାରେ ସାଧାରଣ ସମସ୍ୟାର ସମାଧାନ କରିପାରିବା ଯାହା କଳହ ସମ୍ବେଦନ ଦୃଷ୍ଟି କୋଣରୁ ବିକଳ୍ପ ଚିନ୍ତା କରିବା ସାହାଯ୍ୟ କରିବ ।

ଏହି ରଣନିତି ଅବଲମ୍ବନ କରିବା ସମୟରେ ଏଥି ସହିତ ସଂଶ୍ଲିଷ୍ଟ ସମ୍ଭାବ୍ୟ ଆଶଙ୍କା ସମୂହ ଓ ଏହାର ପରବର୍ତ୍ତୀ କଳହ ସୃଷ୍ଟି କରିପାରେ କି ନାହିଁ ସେ ବିଷୟରେ ଚିନ୍ତାକରିବା ଆବଶ୍ୟକ ।

ଗୋଟିଏ ଆଶଙ୍କା ଏହା ଯେ, ନୂତନ କୂପ ଖନନ ଜଳସ୍ତରର ହିତ କାରକ ହୋଇପାରେ । ସମ୍ଭବତଃ ପୂର୍ବସ୍ଥିତ କୂପଗୁଡିକର ଜଳହ୍ରାସ ବୃଦ୍ଧି ପାଇପାରେ ଯାହା ପରବର୍ତ୍ତୀ ଉତ୍ତେଜନାର କାରଣ ହୋଇପାରେ । ଅନ୍ୟ ଆଶଙ୍କା ଏହା ହୋଇପାରେ ଯେ ଗୋଟିଏ ଦଳ (ଏକ 'କ') କୁ ସମର୍ଥନ କରି ନୂତନ ଦଳ ବିପକ୍ଷରେ କାର୍ଯ୍ୟ କରିବା ଦ୍ୱାରା (ଦଳ 'ଖ') କଳ୍ପନା କରିବେ ଯେ, ଆମେ ସେମାନଙ୍କୁ ଅଣଦେଖା  କରୁଛୁ ଓ ଦଳ 'ଖ'ର ଆବଶ୍ୟକତାକୁ ପ୍ରଥମେ ଗ୍ରହଣ କରିଥିବାରୁ ଏହା ତାଙ୍କ ପ୍ରତି ପକ୍ଷପାତ କରୁଛୁ । ଏହାଦ୍ୱାରା ଦଳ 'ଖ' ପ୍ରକଳ୍ପର ହାନି କରିବା ସହିତ ପରବର୍ତ୍ତୀ କଳହର ବୃଦ୍ଧି କରିପାରନ୍ତି ।

କଳହ-ସମ୍ବେଦନଶୀଳତାର ସନ୍ଦର୍ଭରେ ଏହି ସମସ୍ତ ଆଶଙ୍କାଗୁଡିକ ଦ୍ୱାରା ଆମ୍ଭେମାନେ ଚିନ୍ତା କରିପାରିବା ଯେ, କିପରି କଳହ ଗୁଡିକ ପ୍ରକଳ୍ପର ପରିକଳ୍ପନାରେ ପ୍ରଭାବ ପକାଇପାରେ ।

ଉଦାହରଣ ସ୍ୱରୂପ, ଯଦି ଆମ୍ଭେମାନଙ୍କର ଗୋଷ୍ଠୀର ଦୁଇ ଦଳର ନେତୃବର୍ଗ ସହିତ ସୁସମ୍ପର୍କ ରହିଛି ତାହାହେଲେ ପାରଦର୍ଶିତା ସହିତ ଓ ପରସ୍ପର ସମସ୍ୟା ବିଷୟରେ କ'ଣ ଅନୁଭବ କରନ୍ତି ତାହା ସ୍ଥିର କରିବା ନିମନ୍ତେ ଦଳ ଦ୍ୱୟ ସହିତ ଆଲୋଚନା କରି କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ । ଅଧିକ ଦଳ ସହିତ ସେମାନଙ୍କର ସମସ୍ୟା ଯେପରି ସମାଧାନ ହେବ ଏଥିରେ ସେମାନେ ଏକମତ ଅଟନ୍ତି କି ? ଯଦି ସେମାନେ ସେଥିରେ ସମ୍ମତ, ତାହାହେଲେ ଆମ୍ଭେମାନେ ଜଣେ ଭୂଗର୍ଭ ଜଳଶାସ୍ତ୍ରୀଙ୍କୁ ସ୍ୱଚ୍ଛଜଳ ସମ୍ଭବପର ଏକ ସ୍ଥାନ ଚିହ୍ନଟ ନିମନ୍ତେ ନିର୍ଦ୍ଦେଶ ଦେବା, ଏବଂ ଏହି ଖନନ ଜଳସ୍ତର ଯେପରି ହ୍ରାସ ନପାଏ, ତାହା ପ୍ରତି ସଚେତନ ହେବା । ଭୂଗର୍ଭ ଜଳଶାସ୍ତ୍ରୀଙ୍କର ଚୟନ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ଯଦି ଭୂଗର୍ଭ ଜଳଶାସ୍ତ୍ରୀମାନଙ୍କ ସର୍ବେକ୍ଷଣ ଏଠାରେ କୂପ ଖନନ କରିବା ସଠିକ୍ ଧାରଣା ନୁହେଁ ବୋଲି ବିବରଣ କରେ, ସେହି ପରିସ୍ଥିତିରେ କିପରି ଆମେ ଜଳର ବିକଳ୍ପ ପନ୍ଥା ଅବଲମ୍ବନ କରିବା ? ପରବର୍ତ୍ତୀ ଉତ୍ତେଜନା ସୃଷ୍ଟି ଯେପରି ନ ହୁଏ, ସେଥି ନିମନ୍ତେ କଳହ-ସମ୍ବେଦନଶିଳ ଦୃଷ୍ଟିରେ ରଖି, ଦୁଇ ଦଳର ନେତୃବର୍ଗଙ୍କୁ  ଏକାଠି କରନ୍ତୁ । ଭୂଗର୍ଭ ଜଳ  ଉପରେ ଆଲୋଚନା ନିମନ୍ତେ ସମ୍ଭବତଃ ଏକ ସ୍ୱତନ୍ତ୍ର ପରାମର୍ଷଦାତାର ସହାଯ୍ୟ ଗ୍ରହଣ କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ଏକ ଚୁକ୍ତିର ମଧ୍ୟସ୍ଥତା ସ୍ଥାପନ କରନ୍ତୁ । ଯଦି ସେହି ସ୍ୱତନ୍ତ୍ର ଭୂଗର୍ଭ ଜଳଶାସ୍ତ୍ରୀଙ୍କ ସର୍ବେକ୍ଷଣ ପ୍ରସ୍ତାବିତ କରେ ଯେ କୂପ ଖନନ ଏକ ସଠିକ୍ ଚିନ୍ତା ନୁହେଁ, ତେବେ ପରବର୍ତ୍ତୀ ମଧ୍ୟସ୍ଥତା ଗୋଷ୍ଠୀ ସମୂହକୁ ପୂର୍ବସ୍ଥିତ ଜଳ ସ୍ରୋତ ବୃଦ୍ଧିର ଉପାୟ ଖୋଜିବା ନିମନ୍ତେ ଆଲୋଚନା କରନ୍ତୁ ।

କଳହ-ସମ୍ବେଦନଶୀଳ ଦୃଷ୍ଟିକୋଣର ମୂଖ୍ୟ ପ୍ରସଙ୍ଗଗୁଡିକ ଚିହ୍ନିତ କରାଯାଇପାରେ । କଳହ-ସମ୍ବେଦନଶୀଳ ହେବା ନିମନ୍ତେ ଆମ୍ଭେମାନେ ରଣନୀତିର ଶ୍ରେଣୀ ଗୁଡିକ ମିଳିତ କରିବା ଆବଶ୍ୟକ ହୋଇପାରେ । ଜଳ କଳହ ପ୍ରକଳ୍ପ ବ୍ୟାଖ୍ୟାନରେ, ଉଭୟ ଉନ୍ନୟନ ଓ କଥୋପକଥନ (ମଧ୍ୟସ୍ଥତା) ର ବାହ୍ୟ ମଧ୍ୟସ୍ଥ ପାରଦର୍ଶୀ ହେବା ଓ ଉତ୍ସାହଜନକ ଅଂଶଗ୍ରହଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏକ କଳହ ବିଶ୍ଳେଷଣରେ, ଆମ୍ଭେ କ'ଣ କରିପାରିବା ଓ କେଉଁ ବିଷୟକୁ ଗ୍ରହଣ କରିବା ଆବଶ୍ୟକ, ସେ ବିଷୟରେ ଚିନ୍ତା କରିବା ନିମନ୍ତେ ସହାୟକ ହେବ । ମଧ୍ୟସ୍ଥ ରଣନୀତି ଚିନ୍ତା କରିବା, ସମାଧାନରେ କଖଗ ତ୍ରିଭୁଜ ବିଶ୍ଳେଷଣ ବ୍ୟବହାର ପରିସ୍ଥିତିକୁ ଉଭୟ ଜଳର ଦୃଷ୍ଟିକୋଣରୁ ଦୃଷ୍ଟିପାତ କରିବା ନିମନ୍ତେ ଆବଶ୍ୟକ ମଧ୍ୟ ହେବ ।

**ଅଧିବେଶନ – ୪ କଳହ କମ୍ବେଦନଶୀଳତାର ଓ କାର୍ଯ୍ୟକ୍ରମର ପରିକଳ୍ପନା**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୯୦ ମିନିଟ୍ | ବିବରଣୀ ଫର୍ଦ୍ଦ, କଲମ ଓ ବିବରଣ ପତ୍ର ୬ | ⇒ କାର୍ଯ୍ୟକ୍ରମ କିମ୍ବା ପ୍ରକଳ୍ପ ପରିକଳ୍ପନା ସମୟରେ ଏକ କଳହ ସମ୍ବେଦନଶିଳ ବ୍ୟବହାରର ଅଭ୍ୟାସ । |

**ଅଭ୍ୟାସ – କାର୍ଯ୍ୟକ୍ରମ ପରିକଳ୍ପନା ନିମନ୍ତେ କଳହ-ବୃକ୍ଷ ଉପରେ କାର୍ଯ୍ୟ କରିବ (୧୯୦ ମିନିଟ୍):**

ଭାଗ ୨ ର କଳହ ବୃକ୍ଷ ବିଶ୍ଳେଷଣରେ ତାଲିମର ଅଂଶୀଦାରମାନଙ୍କୁ ଗୋଟିଏ ଦଳରେ ରଖିବା ।

ଭାଗ ୨ ରୁ ଆସିଥିବା କଳହ ବୃକ୍ଷର ଏକ ପ୍ରଭାବ ଚୟନ କରିବା ନିମନ୍ତେ ସେମାନଙ୍କୁ ନିମନ୍ତ୍ରଣ କରନ୍ତୁ । ଅଧିବେଶନ ୩ ର କାର୍ଯ୍ୟକ୍ରମର ଉଦାହରଣର ଆଲୋଚନା ଅନୁଯାୟୀ କଳହ-ସମ୍ବେଦନଶୀଳ ଖନନ ଦ୍ୱାରା ଏଥି ନିମନ୍ତେ ଏକ ପ୍ରକଳ୍ପ ପରିକଳ୍ପନା କରିବା ନିମନ୍ତେ ଚିନ୍ତା କରିବା ପାଇଁ ସେମାନଙ୍କୁ କୁହନ୍ତୁ ।

ଯଦି ସମୟ ରହିଛି, ସେମାନଙ୍କର କଳହ-ବୃକ୍ଷର ଅନ୍ୟସ୍ତରରୁ କାରକ ଗୁଡିକ ନେଇପାରିବେ ଏବଂ ସେହି ପ୍ରକ୍ରିୟା ପୁନରାବୃତ୍ତି କରିପାରିବେ । ଅଂଶୀଦାରମାନେ ବିବରଣ ପତ୍ର ୬ ଦିଅନ୍ତୁ । ତାହା ସମ୍ବେଦନଶୀଳ ଉନ୍ନୟନ ଓ ସହାୟକ କ୍ଷେତ୍ରଗୁଡିକର କାର୍ଯ୍ୟ ପ୍ରସ୍ତୁତି ଦୃଷ୍ଟିକୋଣ ଗୁଡିକର ଉଦାହରଣ ଗୁଡିକ ଅଟେ ।

**ଅଧିବେଶନ – ୫ ଦଳ ପ୍ରଦର୍ଶନ ସମୂହ ଓ ପ୍ରତିପୁଷ୍ଟି**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୭୦ ମିନିଟ୍ | ବିବରଣୀ ଫର୍ଦ୍ଦ ଓ କଲମ | ⇒ ଏକ କାର୍ଯ୍ୟକ୍ରମ ଓ ପ୍ରକଳ୍ପ ପ୍ରଭୃତି ସମାଧିରେ ଏକ କଳହ-ସମ୍ବେଦନଶୀଳ ଦୃଷ୍ଟିକୋଣ ବ୍ୟବହାର ଅଭ୍ୟାସ |

ଅଭ୍ୟାସ – ଦଳଗତ ପ୍ରଦର୍ଶନ (୭୦ ମିନିଟ୍) ପ୍ରତ୍ୟେକ କ୍ଷୁଦ୍ରଜଳ ମାନଙ୍କ ନିମନ୍ତେ ସେମାନଙ୍କର ପ୍ରଦର୍ଶନ ଓ ଆଲୋଚନା ପାଇଁ ୧୫ ମିନିଟ୍ ସମୟ ରହିଛି ।

**ଅଧିବେଶନ – ୬ ସମାପନ ଓ ଭାଗ ମୂଲ୍ୟାୟନ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୫ ମିନିଟ୍ | ଭାଗ ମୂଲ୍ୟାଙ୍କନ ଫର୍ମ | ⇒ କଳହ – ସମ୍ବେଦନଶୀଳର ଗୁରୁତ୍ୱକୁ ପ୍ରଚଳିତ କରିବା କାର୍ଯ୍ୟ ପ୍ରସ୍ତୁତି ନିମନ୍ତେ କଳହ-ସମ୍ବେଦନଶୀଳ ଦୃଷ୍ଟିକୋଣ । |

**ଭାଗ - ୩ ପୁନରାଲୋଚନା ଭାଗ ୪ ଆଡକୁ ଦୃଷ୍ଟିଆକର୍ଷଣ କରିବା (୫ ମିନିଟ୍):**

ବିବରଣ ଫର୍ଦ୍ଦ ଗୁଡିକୁ ଲକ୍ଷ୍ୟକରି ଆପଣ କୋଠରୀର ମୂଲ୍ୟାୟନ ଚଳାନ୍ତୁ । ଅଂଶୀଦାରମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଉଦ୍ଦେଶଗୁଡିକ ଭାଗର ଉଦ୍ଦେଶ ସମୂହ, ଅନୁବନ୍ଧ ଶିକ୍ଷା ବିଶ୍ଳେଷଣ ଉପକରଣର ବ୍ୟବହାର ଓ କିପରି ଏକ ସମ୍ପୂର୍ଣ୍ଣ ବିଶ୍ଳେଷଣ ନିମନ୍ତେ ଅଂଶଗ୍ରହଣ କରିଛନ୍ତି । ପରବର୍ତ୍ତୀ ଭାଗର କେଉଁ ବିଷୟ ଆଲୋଚନା କରାଯିବ ବ୍ୟାଖ୍ୟା କରନ୍ତୁ ।

**ସମାପନ (୫ ମିନିଟ୍):** ଅଂଶଗ୍ରହଣକାରୀମାନଙ୍କୁ ପଚାରନ୍ତୁ ଯଦି ସେମାନଙ୍କର ଅତିରିକ୍ତ ପ୍ରଶ୍ନସମୂହ ରହିଛିକି ? ଅବା ସେମାନେ ଭାଗ ଦ୍ୱାରା ଶିଖିଥିବା ବିଷୟରେ ପରିତୃପ୍ତ ଅଟନ୍ତି କି ?

**ଲିଖିତ ଭାଗ ମୂଲ୍ୟାଙ୍କନ (୫ ମିନିଟ୍):** ଭାଗ ମୂଲ୍ୟାଙ୍କନ ଫର୍ମ ହସ୍ତାନ୍ତର କରନ୍ତୁ ଏବଂ ସେମାନଙ୍କୁ କୁହନ୍ତୁ ଯେପରି ସେମାନେ ତାହା ପୂରଣ କରିପାରିବେ ।

**ବିବରଣ ପତ୍ର ୬ - କାର୍ଯ୍ୟ ପ୍ରସ୍ତୁତିରେ କଳହ-ସମ୍ବେଦନଶୀଳ ଦୃଷ୍ଟିକୋଣ ଗୁଡିକର ଉଦାହରଣ ସମୂହ**

**<u>ଉଦାହରଣ - ୧ ବ୍ୟକ୍ତିଙ୍କ ଲିଙ୍ଗ ହେତୁକ ସଜ୍ଞା:</u>**

ଲିଙ୍ଗ ହେତୁକ ସଜ୍ଞାର ଦୃଷ୍ଟିକୋଣ କାର୍ଯ୍ୟକୁ ଏକୀଭୂତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଗୁରୁତ୍ୱପୂର୍ଣ୍ଣ ବିଚାର ଗୁଡିକ ଯାହା ଲିଙ୍ଗ ଏବଂ କଳହ-ସମ୍ବେଦନଶୀଳତା ସମସ୍ୟାକୁ ଯୋଡେ, ଯାହା ସୁରକ୍ଷା, ପ୍ରସିଦ୍ଧ ଓ ସଂସ୍କୃତିକ ଗତିଶିଳତା ଏବଂ ସହାୟକ କାର୍ଯ୍ୟକାରୀ ଏବଂ ଗୋଷ୍ଠୀ ଯାହା ସହିତ ସେମାନେ କାର୍ଯ୍ୟ କରୁଛନ୍ତି ।

**କଳହ - ସମ୍ବେଦନଶୀଳ ସମସ୍ୟା ସମୂହ:**

୧. କଳହ ପରିସ୍ଥିତି ଗୁଡିକରେ ନିର୍ଦ୍ଦିଷ୍ଟ ଭାବରେ ମହିଳାମାନେ ଅସୁରକ୍ଷିତ ଅଟନ୍ତି । ଦାସତ୍ୱ ନିମନ୍ତେ ଅନୁକୁଳ ଅପହରଣ, ବିକ୍ରୟ ଏବଂ ସୈନ୍ୟ ଶ୍ରେଣୀର ଆବଶ୍ୟକତା ନିମନ୍ତେ, ଯୌନ ନିର୍ଯ୍ୟାତନା ଏବଂ ମହିଳାଙ୍କୁ ବଳତ୍କାର ଏବଂ ଏହି ସନ୍ଦର୍ଭରେ ପିଲାମାନେ ଶିକାର ମଧ୍ୟରେ ରହନ୍ତି । ପିଡିତାମାନଙ୍କ ଉପରେ ଏହି ବାଧାଜନକ ପ୍ରଭାବ ବ୍ୟତୀତ, ଏହି ପ୍ରକାର କାର୍ଯ୍ୟଗୁଡିକର ପ୍ରସାର ପ୍ରଭାବିତ ଗୋଷ୍ଠି ଗୁଡିକର ମଧ୍ୟ ସନ୍ଦେହ ସୃଷ୍ଟି କରିବା ଦ୍ୱାରା ଭୟ, ଘୃଣା ଏବଂ ପ୍ରତିଶୋଧର ବିଚାର ବ୍ୟାପକ ସାମାଜିକୁ ପ୍ରଭାବିତ କରେ । ଏହା ଗୋଷ୍ଠୀ ଗୁଡିକର ସମ୍ପର୍କ ମଧ୍ୟରେ କଳହ ରୂପ ପୁରୁଷକ୍ରମେ ରହିପାରେ ।

୨. ଯୌନ ନିର୍ଯ୍ୟାତନା, ବଳପୂର୍ବକ ଦେହ ବ୍ୟବସାୟ ର ପ୍ରସାର ସହାୟକ କର୍ମୀ ଏବଂ ଶାନ୍ତି ମାପକ କଳହ । ବିପତ୍ତି ପ୍ରଭାବିତ ଗୋଷ୍ଠୀର ଅସୁରକ୍ଷିତ ମହିଳା ଓ ପିଲାମାନଙ୍କ ନିମନ୍ତେ ସଂଶ୍ଳିଷ୍ଟ ଥିବା ଅନେକ ପ୍ରସଙ୍ଗରେ ପ୍ରଲେଖିତ । ଏହି ଅପରାଧ ଓ ଅବୈଧତାର ଘଟଣାବଳୀ, ସହାୟକ କର୍ମୀ ଏବଂ ପ୍ରଭାବିତ ଗୋଷ୍ଠୀ ମଧ୍ୟରେ ସମ୍ଭବତଃ ବିଶ୍ୱାସ ନଷ୍ଟକରେ ଓ ଉତ୍ତେଜନା ସୃଷ୍ଟିକରେ ।

୩. ଅନେକ ସମାଜରେ ପୁରୁଷ ଓ ସ୍ତ୍ରୀ ମାନଙ୍କ ଭୂମିକା ନିର୍ବାହ ନିମନ୍ତେ, ସଂସ୍କୃତିକ ଓ ଧାର୍ମିୟ ମାନଦର୍ଶ ଗୁଡିକ ଅନୁମୋଦନ ପୂର୍ବକ ଲାଗୁକରାଯାଇଛି । କିପରି ସେମାନେ ପରସ୍ପରଠାରୁ ଭିନ୍ନ ଏବଂ ସେମାନଙ୍କ ମଧ୍ୟରେ କିପରି କଥାବାର୍ତ୍ତା କରିବେ । ଏହା ଆନ୍ତର୍ଜାତୀୟ ଜରୁରୀକାଳୀନ ସହାୟକ କର୍ମୀର ସାମାଜିକ ଅନୁଶାସନ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ । ଯେତେବେଳେ ଜଣେ କର୍ମୀ ଅବେଧାନ କିମ୍ବା ଉଦ୍ଦେଶ ମୂଳକ ଭାବେ ସମାଜର ପୋଷିତା ମାନଦଣ୍ଡ ଭଙ୍ଗ କରନ୍ତି ସେହି ସାମୟରେ ପ୍ରଭାବିତ ଗୋଷ୍ଠୀମାନଙ୍କ ମଧ୍ୟରେ ସମ୍ପର୍କ ହ୍ରାସ କରେ ସମସ୍ତ ସମାଜ ସେବକ ପ୍ରତି । ଏହା ଜୁରୀରି କାଳୀନ ପ୍ରସ୍ତୁତି ଉପରେ ପ୍ରଭାବ ପକାଇପାରେ ।

୪. ଓଡିଶାର ଗଜପତି ଜିଲ୍ଲା ଅଞ୍ଚଚଳରେ, ଲିଙ୍ଗଭିତ୍ତିକ କଳହ ଗୁଡିକ ରହିଅଛି । ଯଥା - ଘରୋଇ ହିଂସା ପରିଚୟଭିତ୍ତିକ କଳହ - ଜାତିଗତ, ଅର୍ଗଗତ, ବିଂଶଗ. ଭାଷା, ଇତ୍ୟାଦି, ଏବଂ ସମ୍ବଳଗତ କଳହ - ଜଳ, ଜମି, ଜଙ୍ଗଲ ଏବଂ ସାଧାରଣ ପହଞ୍ଚ ।

୫. ଓଡିଶାର ଗଜପତି ଜିଲ୍ଲା ଅଞ୍ଚଳରେ କେତେକ ଗୋଷ୍ଠୀ ମହିଳା ଶିକ୍ଷା ବିରୋଧି ରହିଥିଲେ ଏବଂ ଝିଅମାନଙ୍କୁ ଯିବା ବିଦ୍ୟାଳୟ ଯିବା ନିମନ୍ତେ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ ।

**ଉଦାହରଣ – ୨ ଜଳ ସଫେଇ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ପ୍ରୋତ୍ସାହନରେ କଳହ-ସମ୍ବେଦନଶୀଳତା:**

ଜଳ, ସଫେଇ, ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ସମସ୍ତ ଲୋକଙ୍କର ଯଥେଷ୍ଟ ପରିମାଣରେ ସୁରକ୍ଷିତ ସମ ପହଞ୍ଚ ରହିଛି । ପାନିୟ ନିମନ୍ତେ, ବ୍ୟକ୍ତିଗତ ଓ ଘରୋଇ ସଫେଇ ବ୍ୟବସ୍ଥା ପାଇଁ ଜଳ ମନୁଷ୍ୟର ଏକ ମୌଳିକ ଆବଶ୍ୟକତା ଅଟେ । ଯାହା ଜୀବନ ଧାରଣ ସ୍ୱାସ୍ଥ୍ୟ ଏବଂ ମାନବଗାରିମା ନିମନ୍ତେ ଆତ୍ୟାବଶ୍ୟକ । ଏହି କ୍ଷେତ୍ରରେ ସମ୍ପର୍କିତ ଜରୁରୀ କାଳୀନ ସହାୟତା କାର୍ଯ୍ୟକ୍ରମ ଜଳ ଯୋଗାଣ ବ୍ୟବସ୍ଥା, ଏବଂ ଏହା ସମ୍ପର୍କିତ ବସ୍ତୁସମୂହ, ପାନୀୟ ଉପଯୋଗୀ ଜଳର ନିଶ୍ଚିତତା ନିମନ୍ତେ ଜଳ ବିଶୁଦ୍ଧ କରଣ ବ୍ୟବସ୍ଥା ପୌଉଚାଳୟ ବ୍ୟବସ୍ଥା, ମଳତ୍ୟାଗ ବ୍ୟବସ୍ଥା, ରୋଗାଣୁବାହାକ ନିୟନ୍ତ୍ରଣ ବ୍ୟବସ୍ଥା, ପର୍ଯ୍ୟାବରଣ ଅପଶିଷ୍ଟ ନିୟନ୍ତ୍ରଣ ବ୍ୟବସ୍ଥା ଓ ଜଳବିକାଶ ବ୍ୟବସ୍ଥା ।

**କଳହ-ସମ୍ବେଦନଶୀଳ ସମସ୍ୟା ସମୂହ –**

(୧) ଯେତେବେଳେ ଲୋକମାନେ ମୌଳିକ ଆବଶ୍ୟକତା ନିମନ୍ତେ ପ୍ରତିକୁଳହିତା ର ସମ୍ମୁଖୀନ ହୁଅନ୍ତି, ସେହି ସମୟରେ ହିଂସାତ୍ମକ କଳହର ଆଶଙ୍କା ଅତ୍ୟାଧିକ ଥାଏ । ଯଥା ନିଅଣ୍ଟ ଜଳ ଯୋଗାଣର ବ୍ୟବସ୍ଥା କିମ୍ବା ଜଳର ସୀମିତ ପହଞ୍ଚ ।

(୨) ପ୍ରଥମ ୩୦ ଦିନ ଜରୁରୀକାଳୀନ ପ୍ରତିକ୍ରିୟା ସମୟରେ, ଶୌଚାଳୟ ଓ ଜଳଯୋଗାଣର ସମିଷ୍ଟ ସଂଖ୍ୟାର ଆବଶ୍ୟକତା ପୂର୍ବ ସୂଚିତ କରିବା ସବୁବେଳେ ସମ୍ଭବପର ନୁହେଁ । କାରଣ ଅନେକ ସମୟରେ ପ୍ରଭାବିତ ଲୋକମାନଙ୍କର ସଂଖ୍ୟା ବୃଦ୍ଧି ଓ ହ୍ରାସ ହୋଇଥାଏ । ପ୍ରାଥମିକ ସ୍ତମ୍ଭର ଜରୁରୀ ସମୂହ ଅର୍ଥାତ୍ ଜଳଯୋଗାଣ ଏବଂ ସଫେଇବ୍ୟବସ୍ଥା ଲୋକ ସଂଖ୍ୟା ବୃଦ୍ଧି ଅନୁଯାୟୀ ଦ୍ରୁତଭାବରେ ବୋଝ ସଦୃଶ ହେବ ।

(୩) ସସ୍କୃତି ଓ ଧର୍ମ ପରମ୍ପରାରେ ଜଳ ସ୍ୱଚ୍ଛତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଅନେକ ସମାଜରେ, ଜଳର ବ୍ୟବହାର, କେତେକ ଜଳ ଉତ୍ସର ପହଞ୍ଚ ଓ ଶୌଚାଳୟ ବ୍ୟବସ୍ଥା, ଶ୍ରେଣୀ ଲିଙ୍ଗ, ଜାତି ଓ ସଂଜାତି ବିଷୟକ ରେଖା ଉପରେ ଅଧିକ ବିଭେଦ ସୃଷ୍ଟି କରିପାରେ । ଜରୁରୀ କାଳୀନ ପରିସ୍ଥିତିରେ ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଲୋକମାନେ ସେହି ଗୋଟିଏ ଜଳ ଉତ୍ସ ଓ ଶୌଚାଳୟ ଅନେକ ସମୟରେ ବ୍ୟବହାର କରିବାକୁ ପଡିଥାଏ । ଯେତେବେଳେ ଏପରି ବ୍ୟବହାରିକ ବ୍ୟବସ୍ଥା ଉତ୍ପନ୍ନ ହୁଏ, ସେହି ସୁବିଧାଗୁଡିକ ସମାଜର ଗ୍ରହଣୀୟ ମାନଦଣ୍ଡରେ ବିରୋଧ ଜନ୍ମାଏ, ଏବଂ କଳହ ଉତ୍ତେଜନା ଓ ଶକ୍ତି ବୃଦ୍ଧି ପାଇଥାଏ ।

(୪) ଅନେକ ସମାଜର ଶୌଚାଳୟ ପରିଷ୍କାର ସୁବିଧା ଗୁଡିକ ଓ ପର୍ଯ୍ୟାବରଣ ଅପଶିଷ୍ଟ କାର୍ଯ୍ୟଗୁଡିକ ନିର୍ଦ୍ଧିଷ୍ଟ ଶ୍ରେଣୀ ବା ଜାତିକୁ ସମର୍ପଣ କରାଯାଇଥାଏ । ଜରୁରୀ କାଳୀନ ପ୍ରସଙ୍ଗରେ, ଏହି କାର୍ଯ୍ୟର ଭାଗ ସବୁବେଳେ ସମ୍ଭବପର ନୁହେଁ । ଗ୍ରହଣୀୟ ମାନଦଣ୍ଡର ଆହ୍ୱାନ ଉତ୍ତେଜନା ଓ କଳହ ତୀବ୍ର କରେ ।

(୫) ଯେତେବେଳେ ଏକ ଜଳ ଉତ୍ସ ବିପତ୍ତି ଜନିତ କାରଣରୁ ପଛୁଆ/ତଳ ବର୍ଗର ଲୋକମାନଙ୍କ ନିମନ୍ତେ ଯାହା ଅନ୍ୟ ଅପ୍ରଭାବିତ ଗୋଷ୍ଠୀର ଅଟେ, ସେତେବେଳେ ଅପ୍ରଭାବିତ ଗୋଷ୍ଠୀ ଦ୍ୱାରା ଦୃଷ୍ଟିପାତ କରାଯାଇପାରେ ଯେ, ସେମାନଙ୍କର ଜଳର ଉତ୍ସ ହ୍ରାସ ପାଉଅଛି କିମ୍ବା ଦୂଷିତ ହେଉଅଛି ।

(୬) ଏକ ଜରୁରୀ କାଳୀନ ପରିସ୍ଥିତରେ ସ୍ଥାନୀୟ ଜଳ ଉତ୍ସର ଅତ୍ୟଧିକ ବ୍ୟବହାର ଦୀର୍ଘମିଆଦି ପରିବେଶ ସମସ୍ୟା ସୃଷ୍ଟି ହୋଇପାରେ ଯାହା ଉନ୍ନୟନ, ଦରିଦ୍ରତା ଓ କଳହ ଉପରେ ପ୍ରଭାବ ପକାଇପାରେ ।

(୭) ଯେତେବେଳେ ଏକ ପ୍ରଭାବିତ ସମସ୍ୟା ଅପ୍ରଭାବିତ ଗୋଷ୍ଠୀ ପ୍ରତିବାସୀର ପ୍ରତି ଅନୁଭୂତି ହୁଏ, ଜରୁରୀକାଳୀନ ଜଳ ଯୋଗାଣ ଓ ପରିମଳ ସୁବିଧା ଗୁଡିକରେ ସେତେବେଳେ ଅସମତା ମନଭାବା ଆଡକୁ କଢାଇନେବାର ଆଶଙ୍କା ରହିଛି ।

(୮) ଏକ ରାଜନୈତିକ ଉପକରଣ ଭାବରେ ଜଳ ଶୋଷଣ କିମ୍ବା ଏକ କୌଶଳୀର ଅସ୍ତ୍ରଭାବେ ବ୍ୟବହାର କରାଯାଇପାରେ । ଜଳ ଯୋଗାଣର ନିୟନ୍ତ୍ରଣ ବିଭିନ୍ନ ଜଳ ଉପରେ ରମ୍ପ ପକାଏ, କିମ୍ବା ଏକ ନିର୍ଦ୍ଦିଷ୍ଟ ସ୍ଥାନ ଛାଡିବା ନିମନ୍ତେ ଜଳ ପ୍ରୟୋଗ କରେ ।

(୯) ଶିବିର ରେ ଥିବା ବିସ୍ଥାପିତ ଜନସଂଖ୍ୟା ନିମନ୍ତେ ଜରୁରୀକାଳୀନ ଜଳଉତ୍ସଗୁଡିକ ସୁରକ୍ଷାର ଆଶଙ୍କା ଏବଂ କଳହ ପରିସ୍ଥିତିରେ ଶକ୍ତି ଯୁକ୍ତ ଆକ୍ରମଣକାରୀ ମାନଙ୍କର ଶିକାର ହୁଅନ୍ତି ।

(୧୦) କେତେକ କଳହ ସମ୍ପର୍କିତ ଜରୁକାଳୀନ କାରଣ ଗୁଡିକ ଜଳ ଉତ୍ସ ସମୂହର ପ୍ରତିକଳହିତା ଉପରେ ଆଧାରିତ । ଜଳ ଯୋଗାଣରୁ ପ୍ରାବଧାନ କିମ୍ବା ପୁନରୁଦ୍ଧାର ସେହି ପ୍ରସଙ୍ଗରେ ରାଜନୈତିକ ଓ ସୁରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ସମୂହ ବୃଦ୍ଧି ପାଇଥାଏ ।

**ମାର୍ଗଦର୍ଶୀ ଟିପପଣୀ:**

୧. ଜରୁରୀକାଳୀନ ଜଳ ଓ ସ୍ୱଚ୍ଛତା କର୍ମୀ ମୌଳିକ ପ୍ରତିକ୍ଷଣ ଦ୍ୱାରା ପ୍ରାପ୍ତ ନିଜ କ୍ଷେତ୍ରରେ ଥିବା କଳହ ସମସ୍ୟା ଗୁଡିକ ପାଇଁ ଆବଶ୍ୟକ ଶକ୍ତି ବିଷୟରେ ଜାଣିବା ଆବଶ୍ୟକ ।

୨. ଜଳ ଓ ସ୍ୱଚ୍ଛତାର ଆବଶ୍ୟକତାର ପ୍ରାଥମିକ ବିଶ୍ଳେଷଣ ଏକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ କଳହ ସମ୍ବନ୍ଧୀୟ ସମସ୍ୟା ଗୁଡିକ ଓ ସମ୍ପର୍କୀତ ବିଷୟ ଗୁଡିକର ମୂଲ୍ୟାୟନକୁ ସଂଶ୍ଳିଷ୍ଟ କରିବା ଆବଶ୍ୟକ ।

୩. ଜଳ ଉତ୍ସକୁ ନେଇ କଳହ, ସଂସ୍କୃତି ଓ ଧାର୍ମିକ ସାମ୍ପ୍ରଦାୟିକ ଅନ୍ତରର ଏକ ଇତିହାସ ଉପରେ ଜଳ ଓ ସ୍ୱାଚ୍ଛତାର ବ୍ୟବସ୍ଥାର ଓ ଏହାର ପହଞ୍ଚ ଉପରେ ନିଦ୍ଧିଷ୍ଟ ଭାବରେ ଧ୍ୟାନ କରିବା ଆବଶ୍ୟକ ।

୪. ସମସ୍ତ କ୍ଷେତ୍ରରେ ନିର୍ଦ୍ଦିଷ୍ଟ କଳହ ସମସ୍ୟାଗୁଡିକ ଜଳ ପରିକଳ୍ପନା ସ୍ତରରେ ଆଲୋଚନା ହେବା ଆବଶ୍ୟକ ଓ ପ୍ରତିକ୍ରିୟା ତଥ୍ୟପୂର୍ଣ୍ଣ ରହିବା ଆବଶ୍ୟକ ।

୫. ଜଳ ଓ ସ୍ୱଚ୍ଛତା କ୍ଷେତ୍ରରେ କୌଣସି ପରିବର୍ତ୍ତନ ଯାହା କଳହର ପ୍ରଭାବ ପକାଇଥାଏ, ସେଥିପ୍ରତି ଶାନ୍ତି କମିଟି ଧ୍ୟାନି ଦେବା ଆବଶ୍ୟକ । ଜଳ ଯୋଗାଣ ବ୍ୟବସ୍ଥା ଉତ୍ସ ସମୂହ ଉପରେ ଅଧିକ ଦୃଷ୍ଟି ଦେବା ସହିତ ବିଭିନ୍ନ ଗୋଷ୍ଠୀ ସାମୂହର ଆଗମ, ପହଞ୍ଚ ଓ ସମବଣ୍ଟନ ପ୍ରତି ନିଶ୍ଚିତ କରିବା ବିଧେୟ ।

# ଭାଗ – ୪

# କଥୋପକଥନ – ମଧ୍ୟସ୍ଥତା, ଶାନ୍ତିଚୁକ୍ତି ଏବଂ ଶାନ୍ତିପ୍ରତିଷ୍ଠା

**ଭାଗ ୪ ର ଲକ୍ଷ୍ୟ**

- ➠ ଶାନ୍ତି ସ୍ଥାପନର ଉପକରଣ ଭାବରେ ମଧ୍ୟସ୍ଥତା ଏବଂ ଶାନ୍ତିଚୁକ୍ତିର ଅର୍ଥ ଉପରେ ଆଲୋଚନା କରିବା ।
- ➠ ମଧ୍ୟସ୍ଥତା ନିମନ୍ତେ କେତେକ ସିଦ୍ଧାନ୍ତ ଓ ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିବା ।
- ➠ ମଧ୍ୟସ୍ଥତା ଭାବରେ ବ୍ୟକ୍ତି ସମୂହ ଏବଂ ଗୋଷ୍ଠୀ ଭିତ୍ତିକ ସଙ୍ଗଠନ ଗୁଡ଼ିକ (CBOs) କାର୍ଯ୍ୟ କରିପାରିବେ, ସେହି ବିଷୟରେ ଆଲୋଚନା କରିବା ।
- ➠ ମଧ୍ୟସ୍ଥତା କୌଶଳ ଗୁଡ଼ିକ ଅଭ୍ୟାସ କରିବା ।
- ➠ ଏକ ସ୍ଥାନୀୟ ମଧ୍ୟସ୍ଥତା ପ୍ରକ୍ରିୟା ପରିକଳ୍ପନା ନିମନ୍ତେ ଚିନ୍ତା କରିବା ।
- ➠ ମଧ୍ୟସ୍ଥତା ଏବଂ ଶାନ୍ତିଚୁକ୍ତିରେ କାର୍ଯ୍ୟକରିବା ସମୟରେ ଥିବା ଆଶଙ୍କା ଏବଂ ସମ୍ଭାବନା ଗୁଡ଼ିକ ଉପରେ ଦୃଷ୍ଟିପାତ କରିବା ।

କଳହ ରୂପାନ୍ତିକରଣ ଏବଂ ଶାନ୍ତିସ୍ଥାପନ ପ୍ରଶିକ୍ଷଣ ଦେବା ସମୟରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଚାର ଗୁଡ଼ିକ ରଖିବା, ପଦକ୍ଷେପ ଏବଂ ପଦ୍ଧତି ଗୁଡ଼ିକ ଯାହା ଅଂଶଗ୍ରହଣକାରୀ ମାନଙ୍କର ଦକ୍ଷତାରେ ଦୃଢ଼ଭାବରେ ରୋପିତ କାର୍ଯ୍ୟରେ ବ୍ୟବହାର କରିବା । ପ୍ରଶିକ୍ଷକ ଭାବରେ ଆପଣ କ୍ରମାଗତ ଭାବରେ ଅଂଶଗ୍ରହଣକାରୀ ମାନଙ୍କ ସହିତ ଯା ଞ୍ଚ କରିବା ଆବଶ୍ୟକ ଯେଉଁ ସାମଗ୍ରୀ ଆପଣ ବ୍ୟବହାର କରୁଛନ୍ତି ସେମାନଙ୍କ ଦୃଷ୍ଟି କୋଣରୁ ତାହା ବ୍ୟବହାରୀକ ଏବଂ ଯଥାର୍ଥବାଦୀ ।

**ଭାଗ ୪ର ସାଧାରଣ ସମୀକ୍ଷା (ଦିବସ – ୧ )**

| **ଅଧିବେଶନ** | **ଉପକରଣ** | **କାର୍ଯ୍ୟାବଳୀ** |
|---|---|---|
| ଅଧିବେଶନ – ୧<br>୨୦ ମିନିଟ୍ | ବିବରଣ ଫର୍ଦ୍ଦ ଓ କଲମ | ପୂର୍ବ ଭାଗର ସମୀକ୍ଷା ଏବଂ ଭାଗ ୪ର ପରିଚୟ । |
| ଅଧିବେଶନ ୨<br>୯୦ ମିନିଟ୍ | ବିବରଣ ପତ୍ର – ୭ | ମଧ୍ୟସ୍ଥତାର ମୌଳିକ ଧାରଣା ସମୂହ, ଶାନ୍ତିଚୁକ୍ତି ଏବଂ ଶାନ୍ତିସ୍ଥାପନ<br>⇒ ଶାନ୍ତିସ୍ଥାପନ, ଶାନ୍ତିଚୁକ୍ତି, ମଧ୍ୟସ୍ଥତାର ପରିଚୟ ।<br>⇒ ଅଭ୍ୟାସ – ସ୍ଥାନୀୟ ପ୍ରସଙ୍ଗରେ ଅନୁକୂଳର ଶବ୍ଦ ପରିଭାଷା<br>⇒ କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମ ।<br>⇒ ଦଳୀୟ ଉପସ୍ଥାପନା । |
| ଅଧିବେଶନ ୩<br>୧୨୦ ମିନିଟ୍ | ବିବରଣ ଫର୍ଦ୍ଦ, କଲମ, ବିବରଣ | **ମଧ୍ୟସ୍ଥତା ଅଭ୍ୟାସର ପରିଚୟ :**<br>⇒ ଅଭ୍ୟାସ – ମଧ୍ୟସ୍ଥତାର ମୌଳିକ ସିଦ୍ଧାନ୍ତ ସମୂହ । |

| | | |
|---|---|---|
| | ପତ୍ର - ୮ | ⇒ ମଧ୍ୟସ୍ଥତାର ମୌଳିକ ସିଦ୍ଧାନ୍ତ ସମୂହର ପରିଚୟ ।<br>⇒ କ୍ଷୁଦ୍ର ଦଳୀୟ ଆଲୋଚନା ।<br>⇒ ଦଳୀୟ ଉପସ୍ଥାପନା ।<br>⇒ ଅଭ୍ୟାସ - ଗୋଷ୍ଠୀ ଭିତ୍ତିକ ସଙ୍ଗଠନ ଏକ ମଧ୍ୟସ୍ଥ ଭାବରେ ପ୍ରଦର୍ଶନର ଭୂମିକା ।<br>⇒ କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମ ।<br>⇒ ଦଳୀୟ ଉପସ୍ଥାପନା ।<br>⇒ ଅଭ୍ୟାସ - ମଧ୍ୟସ୍ଥତାର ସମସ୍ୟା ସମୂହ ଓ ବିଶ୍ଳେଷଣ ।<br>⇒ କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମ ।<br>⇒ ଦଳୀୟ ଉପସ୍ଥାପନା । |
| ଅଧିବେଶନ ୪<br>୯୦ ମିନିଟ୍ | ବିବରଣ ଫର୍ଦ୍ଦ,<br>କଲମ,<br>ବିବରଣ ପତ୍ର – ୯, ବିବରଣ ପତ୍ର – ୧୦ ଓ ବିବରଣ ପତ୍ର – ୧୧ | ମଧ୍ୟସ୍ଥତା ନିମନ୍ତେ ପ୍ରସ୍ତୁତି :<br>⇒ ଅଭ୍ୟାସ - ମଧ୍ୟସ୍ଥତା ପ୍ରକ୍ରିୟା<br>⇒ ପରିଚୟ<br>⇒ କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମର ପରିଚୟ - ମଧ୍ୟସ୍ଥତା ଆଦର୍ଶର ଆଲୋଚନା ।<br>⇒ କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମ ।<br>⇒ ଦଳୀୟ ଉପସ୍ଥାପନା ।<br>⇒ ଅଭ୍ୟାସ - ସକ୍ରୀୟ ଶ୍ରବଣ<br>⇒ ପରିଚୟ<br>⇒ ପର୍ଯ୍ୟାୟ – ୧<br>⇒ ପର୍ଯ୍ୟାୟ – ୨<br>⇒ ସାମୂହିକ ଆଲୋଚନା |
| ଅଧିବେଶନ ୫<br>୮୫ ମିନିଟ୍ | ବିବରଣ ଫର୍ଦ୍ଦ,<br>କଲମ<br>ବିବରଣ ପତ୍ର ୧୨ | ମଧ୍ୟସ୍ଥତା ଅଭିନୟ ଭୂମିକା :<br>⇒ ଅଭ୍ୟାସ - ମଧ୍ୟସ୍ଥତା ଅଭିନୟ ଭୂମିକା<br>⇒ ଓଡିଶାର ଗୋଷ୍ଠୀ ସମୂହ ବିଶେଷତଃ ଗଜପତି ଜିଲ୍ଲା ଉପରେ ସ୍ଥାନୀୟ କଳହର ଦୃଶ୍ୟଲେଖ ଏବଂ ଆଧାରିତ ପ୍ରକ୍ରିୟାର ଉପସ୍ଥାପନା ନିର୍ବାରଣ ।<br>⇒ ଅଭିନୟ ଭୂମିକା ପ୍ରସ୍ତୁତି |

| | | |
|---|---|---|
| | | ⇒ ମଧ୍ୟସ୍ଥତା ଅଭିନୟ ଭୂମିକା ।<br>⇒ ସାମୂହିକ ଆଲୋଚନା । |
| ଅଧିବେଶନ ୬<br>୧୫ ମିନିଟ୍ | ବିବରଣୀ ଫର୍ଦ୍ଦ ଓ କଲମ | ⇒ ଭାଗର ସମୀକ୍ଷା ଓ ପୁନରାବୃତି |

**ଅଧିବେଶନ - ୧ ପୂର୍ବ ଭାଗର ପୁନଃଆଲୋଚନା ଏବଂ ଭାଗ ୪ର ପରିଚୟ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୨୦ ମିନିଟ୍ | ବିବରଣ ଫର୍ଦ୍ଦ ଓ କଲମ | ⇒ ପୂର୍ବ ଭାଗର ପୁନଃଆଲୋଚନା ।<br>⇒ ୩ର ପରିଚୟ ନିମନ୍ତେ । |

**ଅଂଶଗ୍ରହଣକାରୀ ଦଳ ଶିଖିଥିବା ପୂର୍ବ ଭାଗର ଉପସ୍ଥାପନା ଏବଂ ପରବର୍ତ୍ତୀ ଆଲୋଚନା । (୧୫ ମିନିଟ୍):**

***ଭାଗ - ୪ର ପୁନଃଆଲୋଚନା (୫ ମିନିଟ୍):*** ଭାଗ ୨ ଏବଂ ୩ ରେ ଆଲୋଚନା କରାଯାଇଥିବା କଳହ ବିଶ୍ଳେଷଣ ଓ କଳହ ସମ୍ବେଦନଶୀଳତା କାର୍ଯ୍ୟରୁ ଏହି ଭାଗର ଉଦ୍ଭବ ହୋଇଛି । ଏହା ତୃତୀୟ ଦଳର ମଧ୍ୟକ୍ଷେପ/ହସ୍ତକ୍ଷେପର ପରିଚାଳନା ସମ୍ବନ୍ଧୀୟ ଦୃଷ୍ଟିକୋଣ ଉପରେ ଅଧିକ ଦୃଷ୍ଟିଆକର୍ଷଣ କରେ । ନିର୍ଦ୍ଦିଷ୍ଟ ଭାବରେ ମଧ୍ୟସ୍ଥତା କିମ୍ବା ତୃତୀୟ ଦଳ ହସ୍ତକ୍ଷେପ ଉପରେ, ଆମ୍ଭେମାନେ ଶାନ୍ତିଚୁକ୍ତି, ମଧ୍ୟସ୍ଥତା ଏବଂ ଶାନ୍ତିସ୍ଥାପନର ସଙ୍ଗା ଗୁଡିକ ଏବଂ ସେଗୁଡିକ ସଂଯୁକ୍ତ ନହୋଇ କିପରି ପରସ୍ପର ଠାରୁ ଭିନ୍ନ, ସେ ବିଷୟରେ ଆଲୋଚନା କରି ଆରମ୍ଭ କରିବା । ଏହାପରେ କିପରି ଆପଣମାନେ ମଧ୍ୟସ୍ଥତା ଭାବରେ କଳହ ସମାଧାନକାରୀ ଭାବରେ କାର୍ଯ୍ୟକରି ପାରିବା । ଗୋଷ୍ଠୀ ଭିତ୍ତିକ ସଙ୍ଗଠନମାନଙ୍କର ଭୂମିକା, ଶାନ୍ତିସ୍ଥାପନ ପ୍ରକ୍ରିୟାରେ ଉତ୍ତରଦାୟୀ ସମସ୍ୟାଗୁଡିକର ପ୍ରକାର ଉପରେ ଆମ୍ଭେମାନେ ଦୃଷ୍ଟିପାତ କରିବା ।

ଏଥି ଉତ୍ତାରେ ଆମ୍ଭେମାନେ ଆଲୋଚନା କରିବା ଏବଂ ଯାହା ଆମେ ଗୋଷ୍ଠୀ ସ୍ତରରେ ଅନୁଭବ କରିଆସୁଛୁ ସେହି ପରିସ୍ଥିତିକୁ ଖାପ ଖୁଆଇଲାଭଳି ଆବଶ୍ୟକ ଅନୁଯାୟୀ ଚିନ୍ତାକରି ଅଙ୍ଗୀକାର କରିବା, ନଚେତ୍ ପ୍ରତ୍ୟାଖ୍ୟାନ କରିବା । ଆମ୍ଭେମାନେ ମଧ ଏକ କୌଶଳ ଅଭ୍ୟାସ କରିବା, ଯାହା ମଧ୍ୟସ୍ଥତା ନିମନ୍ତେ ଅତି ଗୁରୁତ୍ୱ ପୂର୍ଣ୍ଣ ଅଟେ ଯଥା ସକ୍ରୀୟ କର୍ଣ୍ଣପାତ । ଶେଷରେ, ଏହି ଭାଗ ଜଣେ ମଧ୍ୟସ୍ଥତା ଅଭିନୟ ଭୂମିକା ସହିତ ସମାପନ କରିବା । ଏହାପରେ ଭାଗ ୩ରୁ ଶିକ୍ଷା କରିଥିବା ବିଷୟବସ୍ତୁକୁ ଦୃଷ୍ଟିପାତ କରି ସାମୂହିକ ଆଲୋଚନା କରିବା ।

ପୁନର୍ବାର ଅଂଶଗ୍ରହଣକାରୀମାନଙ୍କୁ ଏକ କଳହ ସମାଧାନକାରୀ, ମଧ୍ୟସ୍ଥତା କିମ୍ବା ଶାନ୍ତିଚୁକ୍ତି କରିଥିବା ଅନୁଭୂତି ଥିବା ଭଳି ଭାଗ-୪ ର ପ୍ରାରମ୍ଭରେ ପରିଚୟ ଦେବା । ଏହିଗୁଡିକୁ ଉଲ୍ଲିଖିତ କରାଯାଉଥିବା କିନ୍ତୁ ପୁନର୍ବାର ପଚାରିବା ଦ୍ୱାରା ସମସ୍ତଙ୍କର ସ୍ମରଣ ଶକ୍ତିକୁ ତାଜା କରିବ ଏବଂ ରହିଥିବା ଅନୁଭୂତିକୁ ସ୍ୱୀକାର କରିବ ।

**ଅଧିବେଶନ - ୨ ମଧ୍ୟସ୍ଥତା, ଶାନ୍ତିଚୁକ୍ତି ଏବଂ** ଶାନ୍ତିସ୍ଥାପନର **ମୌଳିକ ସିଦ୍ଧାନ୍ତ ସମୂହ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୯୦ ମିନିଟ୍ | ବିବରଣ ପତ୍ର-୭ | ⇒ ଶାନ୍ତିସ୍ଥାପନ, ମଧ୍ୟସ୍ଥତା ଏବଂ ଶାନ୍ତିଚୁକ୍ତିର ଆଲୋଚନା କରିବା ।<br>⇒ ସ୍ଥାନୀୟ ପ୍ରସଙ୍ଗରେ ଏହି ଧାରଣା ଗୁଡିକ କିପରି ବୋଧ କରାଯାଇପାରିବ ଏବଂ ଅନ୍ୟ ତୃତୀୟ ଦଳ ଭୂମିକା ଗୁଡିକ ସବୁ କ'ଣ ରହିପାରେ ତାହା ଆଲୋଚନା କରିବା । |

**ଶାନ୍ତିସ୍ଥାପନ, ଶାନ୍ତିଚୁକ୍ତି ଏବଂ ମଧ୍ୟସ୍ଥତାର ପରିଚୟ (୨୦ ମିନିଟ୍)**

ପ୍ରଶିକ୍ଷକ ବିବରଣ ପତ୍ର - ୭ କୁ ବ୍ୟବହାର କରି ଶବ୍ଦ ପରିଭାଷାର ପରିଚୟ ତଥା ଆଲୋଚନାକରି ଶାନ୍ତିସ୍ଥାପନର ସଂକ୍ଷିପ୍ତ ପରିଚୟ ସହିତ ଅଧିବେଶନଟିକୁ ଆରମ୍ଭ କରନ୍ତୁ ।

ଶାନ୍ତିଚୁକ୍ତି ଏବଂ ମଧ୍ୟସ୍ଥତା କିପରି ଶାନ୍ତିସ୍ଥାପନର ପକ୍ଷ ସମୂହ, ତାହା ବ୍ୟାଖ୍ୟା କରନ୍ତୁ । ଆଲୋଚନା ସମୟରେ ବ୍ୟାଖ୍ୟା କରନ୍ତୁ ଯେ, ଉପସ୍ଥାପିତ ନମୁନାରେ, ମଧ୍ୟସ୍ଥମାନେ କଳହ ପକ୍ଷ କ'ଣ କରିବେ, ତାହା କୁହନ୍ତି ନାହିଁ, ମଧ୍ୟସ୍ଥ ଭାବରେ ଆପଣ ସମସ୍ତ ପକ୍ଷର କଳହ ବୃତ୍ତାନ୍ତ ଶ୍ରବଣ କରନ୍ତୁ ଏବଂ ଏହା ଚିନ୍ତା କରିବା ସମ୍ଭବ ଯେ, ଆପଣଙ୍କର ଉପଦେଶ ଦେବା ନିମନ୍ତେ ଏବଂ ସମାଧାନ କରିବା ନିମନ୍ତେ ଆପଣଙ୍କ ନିକଟରେ ଯଥେଷ୍ଟ ସୂଚନା ରହିଅଛି । ଆପଣମାନେ ଏହା କାହିଁକି ଏକ ଉତ୍ତମ ଧାରଣ ନୁହେଁ, ଆପଣମାନେ ତାଲିମ ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନା କରିପାରିବେ । ମନେରଖନ୍ତୁ ଯେ, କଳହ ଦଳଗୁଡିକ କାର୍ଯ୍ୟ କରିବା ନିମନ୍ତେ ଏବଂ ସେମାନଙ୍କର ନିଜର ସମାଧାନଗୁଡିକ ନିଜସ୍ୱ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

**ଅଭ୍ୟାସ : ସ୍ଥାନୀୟ ପ୍ରସଙ୍ଗରେ ଉପଯୋଗୀ ପରିଭାଷିକ ଶବ୍ଦ ଶାନ୍ତିଚୁକ୍ତି ଓ ମଧ୍ୟସ୍ଥତା**

**କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମ (୪୦ ମିନିଟ୍):** ଅଂଶଗ୍ରହଣକାରୀମାନଙ୍କୁ ଶାନ୍ତିସ୍ଥାପନ ପରିଭାଷିକ ଉପରେ ସେମାନଙ୍କର ବୋଧ ଆଲୋଚନା କରନ୍ତୁ । ଅନ୍ୟ ତୃତୀୟ ପକ୍ଷର ଭୂମିକା ଗୁଡିକ କ'ଣ ? ସେମାନଙ୍କ ଗୋଷ୍ଠୀ ଉପରେ ଆଲୋଚନା କରନ୍ତୁ । ସେମାନଙ୍କ ଗୋଷ୍ଠିଗୁଡିକ ମଧ୍ୟରୁ ବ୍ୟବହାର ହେଉଥିବା ନିର୍ଦ୍ଦିଷ୍ଟ କାର୍ଯ୍ୟଗୁଡିକ ଉଦାହରଣ ସହିତ ଅଂଶଗ୍ରହଣକାରୀମାନଙ୍କୁ ଚିନ୍ତା କରିବା ନିମନ୍ତେ କୁହନ୍ତୁ । ଅଂଶଗ୍ରହଣକାରୀମାନଙ୍କୁ ବିବରଣ ପତ୍ର ୭ ହସ୍ତାନ୍ତର କରନ୍ତୁ ।

**ଦଳୀୟ ଉପସ୍ଥାପନା (୩୦ ମିନିଟ୍):** ଗୋଟିଏ ଦଳ ୧୦ ମିନିଟ୍ ଉପସ୍ଥାପନା କରିବେ ପରବର୍ତ୍ତୀ ପର୍ଯ୍ୟାୟରେ ୧୫ ମିନିଟ୍ ସାମୂହିକ ଆଲୋଚନା କରାଯିବ ।

ସମସ୍ତ ଅଂଶଗ୍ରହଣକାରୀ ଦଳଗୁଡିକ ଗୋଟିଏ ପ୍ରଦର୍ଶନ କରନ୍ତୁ ବୋଲି ଆପଣ କୁହନ୍ତୁ । ଆପଣ ସମସ୍ତ ଦଳକୁ କହିପାରନ୍ତି ଯେ, ତାଲିମ ସମୟ ମଧ୍ୟରେ ପ୍ରଶିକ୍ଷକଙ୍କର ଉପସ୍ଥାପନାରେ ସଂଶ୍ଲିଷ୍ଟ ହେବା ନିମନ୍ତେ ଯୋଗ ରହିବ ଓ ସାମୂହିକ ଆଲୋଚନାରେ ସେମାନଙ୍କର ସ୍ୱର ଶୁଣାଯିବ ।

ଯେପରି ଅଂଶଗ୍ରହଣକାରୀମାନେ ଶାନ୍ତିଚୁକ୍ତି, ମଧ୍ୟସ୍ଥତା ଏବଂ କଥାବାର୍ତ୍ତା ପାରିଭାଷିକ ଶବ୍ଦର ଅର୍ଥ ବୁଝି ପାରବେ ଓ ସମସ୍ତେ ଏକା ଅନୁଭବ କରିବେ, ତାହା ନିଶ୍ଚିତ କରିବେ । ଅଂଶଗ୍ରହଣକାରୀମାନଙ୍କର ଏହି ପାରିଭାଷିକ ଶବ୍ଦଗୁଡିକର ସାଧାରଣ ବୋଧ ରହିଛି କି ? ଜଣେ ଅଂଶଗ୍ରହଣକାରୀମାନଙ୍କର ଅନୁଭୂତିରେ ସୁହାଇଲା ଭଳି ପାରିଭାଷିକ ଶବ୍ଦକୁ ପରିଦର୍ଶନ କିମ୍ବା ସଂଶୋଧନ କରିବା ଉଚିତ୍ । ମନେ ରଖନ୍ତୁ, ଅଂଶଗ୍ରହଣକାରୀମାନଙ୍କୁ ଏକ ନୂତନ ଜ୍ଞାନ ଓ କୌଶଳ ଗୁଡିକ ଯୋଗାଇବା ଆପଣଙ୍କର କାର୍ଯ୍ୟ, ଯାହା ସେମାନଙ୍କୁ କଥାବାର୍ତ୍ତା ସମୟରେ ଅଧିକ କାର୍ଯ୍ୟସାଧକ ରୂପରେ ବ୍ୟବହୃତ ହେବାରେ ସହାୟକ ହେବ ।

**ଅଧିବେଶନ ୩: ମଧ୍ୟସ୍ଥତା ଅଭ୍ୟାସର ପରିଚୟ**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୨୦ ମିନିଟ୍ | ବିବରଣ ଫର୍ଦ୍ଦ, କଲମ ଓ ବିବରଣ ପତ୍ର - ୮ | ⇒ ଅଂଶଗ୍ରହଣକାରୀମାନେ ଓ CBO ମାନେ କିପରି ସେମାନଙ୍କର ମଧ୍ୟସ୍ଥତା କାର୍ଯ୍ୟଉନ୍ନୟନ କରିପାରିବେ, ସେ ବିଷୟରେ ଚିନ୍ତା କରିବା ନିମନ୍ତେ ସେମାନଙ୍କୁ ସାହାଯ୍ୟ କରିବା ।<br>⇒ କଳହର ପ୍ରକାର ଓ ସମସ୍ୟା ଗୁଡିକ ଯାହା ମଧ୍ୟସ୍ଥତା ମଧ୍ୟକ୍ଷେପ ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଏ, ସେହି ବିଷୟରେ ଆଲୋଚନା କରି ପାରିବା ।<br>⇒ ଜଡିତ ଆଂଶିକ ସମୂହ ଓ ମଧ୍ୟସ୍ଥତା ହସ୍ତକ୍ଷେପ କେତେ ପରିମାଣରେ ସମ୍ଭବ, ସେହି ବିଷୟରେ ଚିନ୍ତା କରିବା । |

**ଅଭ୍ୟାସ : ମଧ୍ୟସ୍ଥତାର ମୌଳିକ ସିଦ୍ଧାନ୍ତ ସମୂହ**

**ମୌଳିକ ସିଦ୍ଧାନ୍ତ ସମୂହର ପରିଚୟ ( ୧୦ ମିନିଟ୍ ):**

ବିବରଣ ପତ୍ର - ୮ ବ୍ୟବହାର କରି, ପ୍ରଶିକ୍ଷକ ମଧ୍ୟସ୍ଥତାର ମୌଳିକ ସିଦ୍ଧାନ୍ତ ସମୂହର ସଂକ୍ଷିପ୍ତ ବିବରଣ ପ୍ରସ୍ତୁତି କରିବେ ।

**କ୍ଷୁଦ୍ର ଦଳୀୟ ଆଲୋଚନା (୨୦ ମିନିଟ୍ ):** ଅଂଶଗ୍ରହଣକାରୀମାନଙ୍କୁ ବିବରଣ ପତ୍ର-୮ ହସ୍ତାନ୍ତର କରନ୍ତୁ । ଦଳ ଆଲୋଚନା କରିବା ଆବଶ୍ୟକ ଯେ, ବିବରଣ ପତ୍ରରେ ଥିବା ସିଦ୍ଧାନ୍ତର ତାଲିକା ସେମାନଙ୍କ ଦ୍ୱାରା ଗ୍ରହଣୀୟ କି ନୁହେଁ । ମଧ୍ୟସ୍ଥତା ଅଭ୍ୟାସର ଅନୁଭୂତିରେ କିଛି ଯୋଗ କିମ୍ବା ବାହାର କରିବା ନିମନ୍ତେ ପସନ୍ଦ କରିବେ ।

**ଦଳୀୟ ଉପସ୍ଥାପନା (୧୦ ମିନିଟ୍):** ଗୋଟିଏ ଦଳ ୫ ମିନିଟ୍ ଉପସ୍ଥାପନା କରିପାରିବେ । ଏହାପରେ ୫ ମିନିଟ୍ ସାମୂହିକ ଆଲୋଚନା କରାଯାଇପାରିବ ।

ଅଂଶଗ୍ରହଣକାରୀମାନଙ୍କ ଏପରି ପରିଭୂତି ବିଷୟରେ ଆଲୋଚନା କରନ୍ତୁ, ଯେଉଁଥିରେ ମଧ୍ୟସ୍ଥତା ଅଧିକ ପ୍ରଭାବ ପକାଇପାରିବ । ଉଦାହରଣ ସ୍ୱରୂପ, ଯେତେବେଳେ କଳହରେ ଥିବା ଦଳଗୁଡିକ ଓକିଲମାନଙ୍କୁ ସହାୟତା ନିମନ୍ତେ ଅସଲ କିମ୍ବା ବିଧିକ ପ୍ରକ୍ରିୟାରେ ଜଡିତ ହେବାନିମନ୍ତେ ଇଚ୍ଛୁକ ନୁହଁନ୍ତି, ଯେତେବେଳେ ସେମାନେ ପରସ୍ପର ସହିତ ସମ୍ପର୍କ ବଜାଇ ରଖିବା ନିମନ୍ତେ ଇଚ୍ଛା କରନ୍ତି, ସେତେବେଳେ ସେମାନେ କଳହ ବିଷୟରେ କ୍ଳାନ୍ତହାଇ ଯାଆନ୍ତି, ଏବଂ ଦେଖନ୍ତି ଯେ ଏଥିରେ ସଂପୃକ୍ତ ଥିବା ସମସ୍ତଙ୍କ ନିମନ୍ତେ ବିପଦ ଯେତେବେଳେ ଉଭୟ ଦଳ ଉପରେ ଉତ୍ତମ ମନୋଭାବ ଥାଏ, ତାହା ମଧ୍ୟ ଆଲୋଚନା କରନ୍ତୁ କେତେବେଳେ ମଧ୍ୟସ୍ଥତାର ନୁହେଁ । ଉଦାହରଣ ସ୍ୱରୂପ, ଯେତେବେଳେ ଏକ ଦଳ ଅନିଚ୍ଛୁକ ସେତେବେଳେ କେବଳ ଅଂଶୀ ଓ ଚୁକ୍ତି ରକ୍ଷା କରିବାରେ ଅକ୍ଷମ ଏହା ଗୋଟିଏ ଦଳର ହିତ ନିମନ୍ତେ ସମାଧାନ କରାଯାଏ ନାହିଁ ଯେଉଁଠାରେ ହିଂସାର ଆଂଶକା ରହିଛି ।

**ଅଭ୍ୟାସ :** ଗୋଷ୍ଠୀ ଭିତ୍ତିକ ସଙ୍ଗଠନ ଜଣେ ମଧ୍ୟସ୍ଥ ଭାବରେ ପ୍ରଦର୍ଶନର ଭୂମିକା

**କ୍ଷୁଦ୍ରଦଳୀୟ କାର୍ଯ୍ୟକ୍ରମ (୧୫ ମିନିଟ୍)**: ଗୋଟିଏ ଦଳ ଏକ ୫ ମିନିଟ୍ ଦର୍ଶନ କରିବେ । ଏହାପରେ ଦଶ ମିନିଟ୍ ସାମୂହିକ ଆଲୋଚନା କରାଯାଏ ।

ସାମୂହିକ ଆଲୋଚନାରେ ଅନ୍ୟ ଦଳଗୁଡିକ ସେମାନଙ୍କର ଆଲୋଚନା କିପରି ପଦର୍ଶନ କରିଥିବେ, ଦଳ ଭିନ୍ନ ହେବାପରେ ସେହି ସମୟରେ କହିବା ନିମନ୍ତେ ଅନୁମତି ପ୍ରଦାନ କରିବେ । ପରିଷଦନ ନିମନ୍ତେ ବିଶେଷ ଫର୍ଦ ବ୍ୟବହାର କରନ୍ତୁ ।

**ଅଭ୍ୟାସ - ମଧ୍ୟସ୍ଥତା ସମସ୍ୟା ସମୂହର ବିଶ୍ଳେଷଣ**

**କ୍ଷୁଦ୍ରଦଳୀୟ କାର୍ଯ୍ୟକ୍ରମ (୨୫ ମିନିଟ୍ )**: ଅଧିବେଶନ-୩ ରେ କରିଥିବା କାର୍ଯ୍ୟରେ ଅନେକ ସମସ୍ୟାସମୂହର ବିଶ୍ଳେଷଣ ଉପକରଣ ବ୍ୟବହାରକରି ଅଂଶଗ୍ରହଣକାରୀମାନେ ସମସ୍ୟଗୁଡିକ ଚିହ୍ନଟ କରନ୍ତୁ, ଯାହା ମଧ୍ୟସ୍ଥତା ପ୍ରକ୍ରିୟାରେ ଉତ୍ତର ହେବ ।

**ଦଳୀୟ ଉପସ୍ଥାପନା (୧୦ ମିନିଟ୍):** ଗୋଟିଏ ଦଳ ୫ ମିନିଟ୍ ଲେଖାଏଁ ଉପସ୍ଥାପନା ଓ ପରବର୍ତ୍ତୀ ୫ ମିନିଟ୍ ସାମୁହିକ ଆଲୋଚନା ପାଇଁ ଉ**ଦ୍ଦିଷ୍ଟ** ।

କିପରି ଓ କାହିଁକି ମଧ୍ୟସ୍ଥତା ଓ ଶାନ୍ତିଚୁକ୍ତି ଦୁଇଟି ଭିନ୍ନ ଦୃଷ୍ଟିକୋଣ, ତାହା ବ୍ୟାଖ୍ୟା କରିବା । ଗୋଷ୍ଠୀ ଭିତ୍ତିକ ସଙ୍ଗଠନମାନଙ୍କ ନିମନ୍ତେ ଏହି ପ୍ରକ୍ରିୟାଗୁଡିକରେ ଶଂଶ୍ଲିଷ୍ଟ ଥିବା ନିମନ୍ତେ ସରକାରର ନିୟମଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା କରିବା ନିମନ୍ତେ ଆପଣମାନେ ଅଂଶଗ୍ରହଣକାରୀମାନଙ୍କୁ ଚିନ୍ତା କରାଇବେ ଯେ, ଗୋଷ୍ଠୀ ଭିତ୍ତିକ ସଙ୍ଗଠନ ଓ ବ୍ୟକ୍ତିଗତ ମଧ୍ୟସ୍ଥ କିମ୍ବା ଶାନ୍ତିଚୁକ୍ତି କରିଥିବା ବ୍ୟକ୍ତିଙ୍କର କି ପ୍ରକାର କଥାଗୁଡିକ ସେଠାରେ ରହିଛି, ଏବଂ ଏହା କିପରି ହେବ, ଗୋଷ୍ଠୀ ଭିତ୍ତିକ ସଙ୍ଗଠନ କଳହରେ ଥିବା ଦଳରେ ପ୍ରବେଶ ସାହାଯ୍ୟ ଆବଶ୍ୟକ ଉତ୍ସଗୁଡିକ ରହିଛି କି ? କିପରି ରାଜନୈତିକ ଗୋଷ୍ଠୀ ଓ ପରବର୍ତ୍ତୀ ପ୍ରଭାବ ଏପରି ଶାନ୍ତି ପ୍ରକ୍ରିୟା ପଦକ୍ଷେପ ଗୁଡିକରୁ ପ୍ରଭାବିତ କରେ ?

ଅଭ୍ୟାସ ସମୟରେ ଅଂଶଗ୍ରହଣକାରୀମନେ ସେମାନଙ୍କର ନିଜ ଅନୁଭୂତି ଜରିଆରେ ଉଦାହରଣ ଭାବରେ ବ୍ୟବହାର କରିପାରନ୍ତି । ଅନେକ ସ୍ୱାଦ ଏବଂ ଶାନ୍ତି ନେଟଓ୍ୱର୍କ କର୍ମୀ ଏବଂ ସେମାନଙ୍କ ଗୋଷ୍ଠୀ ଭିତ୍ତିକ ସଙ୍ଗଠନ ଭାଗୀଦାରୀମାନଙ୍କୁ ଏପରି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରାଯାଉ ।

ଆପଣମାନେ ନିମ୍ନଲିଖିତ ବିଷୟ ଗୁଡିକ ଅନୁସରଣ କରିପାରିବେ ।

- ✓ ଦାରିଦ୍ର୍ୟ ଗ୍ରାମାଞ୍ଚଳ କଳହରେ ମାମଲା କୋର୍ଟକୁ ଯାଇଥିଲା । କୋର୍ଟ ଗୋଟିଏ ସପକ୍ଷରେ ନିର୍ଣ୍ଣୟ ଦେଲା । ଏବଂ ବିରୋଧ କରୁଥିବା ଲୋକ କୋର୍ଟର ନିଷ୍ପତ୍ତିକୁ ଗ୍ରହଣ କଲେ । ତେଣୁ, କ'ଣ ମହନାରେ ଥିବା ଶାନ୍ତି ଓ ବିକାଶ କମିଟି (VPDC) ବା ଗୋଷ୍ଠୀ ଭିତ୍ତିକ ସଙ୍ଗଠନ (CBO) ଏକ ମଧ୍ୟସ୍ଥ ଭାବରେ ଭୂମିକା ଗ୍ରହଣ କଲେ, ଯେପରି ଗୋଷ୍ଠୀ ମଧ୍ୟରେ ସମାଧାନ ନିମନ୍ତେ ଶାନ୍ତିଚୁକ୍ତି କରିବା ନିମନ୍ତେ ସହାୟକ ହୁଅନ୍ତି । ଫଳରେ ସମସ୍ତ ଗୋଷ୍ଠୀ ନିଷ୍ପତ୍ତିକୁ ଗ୍ରହଣ କରିବା ନିମନ୍ତେ ଏକମତ ହେଲେ ।
- ✓ VPDC/ CBO ଅଡବାରେ ଦୁଇ ଧର୍ମ ଆଧାରିତ ଗୋଷ୍ଠିର ଏକ ସଡକ ନିର୍ମାଣ ଉପରେ ଉପୁଜିଥିବା କଳହରେ ମଧ୍ୟସ୍ଥିତା କରିଥିଲେ । ଏହାର ଫଳ ସ୍ୱରୂପ ଆଞ୍ଚଳିକ  ଶାନ୍ତିସସ୍ଥାପକ / ଶାନ୍ତି କର୍ମୀ ଘଟଣାକୁ ସମାଧାନ କରିବା ନିମନ୍ତେ ଡକାଗଲେ ।
- ✓ ଅନ୍ୟ VPDC/ CBO ଏକ ସାମ୍ପ୍ରଦାୟୀକ ନ୍ୟାୟାଳୟ ସ୍ଥାପନ କଲେ । ଯାହା ପ୍ରତ୍ୟେକ ଶୁକ୍ରବାର ବସିଥାଏ ଏବଂ ଘୃଣା ଓ ଶତୃତାର ଦୀର୍ଘଦିନ ଧରି ରହିଥିବା ମାମଲାଗୁଡିକ ସମାଧାନ କିରିବାରେ ସହାୟକ ହୋଇଥାଏ ।
- ✓ ଗଜପତି ଜିଲ୍ଲାସ୍ଥିତ କେ. ସିତାପୁର ଏବଂ ପରିମଳ ଗ୍ରାମ ପଞ୍ଚାୟତ ଦ୍ୱୟରେ ରାଜନୈତିକ ପ୍ରାଶାସନ ଏବଂ ଅନ୍ୟମାନେ ଏକ ଜମି ଜନିତ କଳହ ସମାଧାନ କରିବା ନିମନ୍ତେ ଅସଫଳ ହୋଇଥିଲେ । VPDC/ CBO ଏକ କଳହ-ସମାଧାନ କର୍ମଶାଳାର ଆୟୋଜନ କଲେ ଏବଂ ସମସ୍ତ କଳହରେ ସମ୍ପୃକ୍ତ ଲୋକମାନଙ୍କୁ ସେହି କର୍ମଶାଳାକୁ ନିମନ୍ତ୍ରଣ କଲେ । CBO କଳହ ସମାଧାନ ଉପକରଣଗୁଡିକୁ ବଣ୍ଟନ କଲେ ଓ ସହାୟକମାନେ ଅଂଶଗ୍ରହଣକାରୀମାନଙ୍କୁ ଜମି କଳହ ଉପରେ ଆଲୋଚନା କରିବା ପାଇଁ ଉତ୍ସାହିତ କଲେ । ତାଲିମର ଶେଷରେ ଅଞ୍ଚଳର ପ୍ରଭାବଶାଳୀ ଲୋକମାନଙ୍କୁ ଚୟନ କରାଗଲା ଯେପରି ସେମାନେ ଦୁଇ ଗୋଷ୍ଠୀର ଲୋକଙ୍କ ସହିତ ଏକ ବୈଠକ ଆୟୋଜକ କରି ସେମାନଙ୍କୁ ଏକତ୍ର ବସାଇ କଳହ ଉପରେ କଥାବାର୍ତ୍ତା କରିବା ପାଇଁ ପରାମର୍ଶ ଦେବେ । ବୟୋଜେଷ୍ଠମାନେ କଥାବାର୍ତ୍ତା କରିବା ନିମନ୍ତେ ଏକମତ ହେଲା ଉତ୍ତାରେ, VPDC/ CBO କାର୍ଯ୍ୟବାହୀ ସଦସ୍ୟଗୁଡିକ ସେମାନଙ୍କର ସମ୍ପର୍କରେ ଥିବା ବ୍ୟକ୍ତି ସମୁହକୁ ଆଞ୍ଚଳିକ ସରକାରୀ ଅଧୀକାରି, VPDC/ CBO, ଅନ୍ୟ ବିଷୟ ଅଧିକାରୀ ଏବଂ ଉଭୟ ଗୋଷ୍ଠୀର ବୟୋଜେଷ୍ଠମାନଙ୍କ ସହିତ ଏକ ସଭା ଆୟୋଜନ ନିମନ୍ତେ ବ୍ୟବହାର କଲେ । ଯାହା ଫଳରେ, କଳହର ଶାନ୍ତି ସମାଧାନ ନିମନ୍ତେ ସମସ୍ତେ ଚୁକ୍ତି ହେଲେ ।

## ଅଧିବେଶନ - ୪ ମଧ୍ୟସ୍ଥତା ନିମନ୍ତେ ପ୍ରସ୍ତୁତି

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୯୦ ମିନିଟ୍ | ବିବରଣ ଫର୍ଦ୍ଦ, କଲମ, ବିବରଣ ପତ୍ର - ୯, ୧୦ ଓ ୧୧ | ⇒ ମଧ୍ୟସ୍ଥତା ଓ ମୌଳିକ ସିଦ୍ଧାନ୍ତ ଗୁଡିକର ଦୃଷ୍ଟିକୋଣକୁ ମଜବୁତ୍ କରିବା ବିଷୟରେ ଆଲୋଚନା କରିବା ।<br>⇒ ମଧ୍ୟସ୍ଥତା ପ୍ରକ୍ରିୟାକୁ ଖୋଜିବା ଓ ଏହାର ଶକ୍ତି ଓ ଦୁର୍ବଳତା ବିଷୟରେ ଆଲୋଚନା କରିବେ ।<br>⇒ ଏକ ମୂଖ୍ୟ ମଧ୍ୟସ୍ଥତା କୌଶଳ ଅଭ୍ୟାସ କରିବା - ସକ୍ରିୟ ଶ୍ରବଣ । |

**ଅଭ୍ୟାସ: ମଧ୍ୟସ୍ଥତା ପ୍ରକ୍ରିୟା: ପରିଚୟ - ୩୦ ମିନିଟ୍**

ବିତରଣ ପତ୍ର - ୯ ବ୍ୟବହାର କରି, ପ୍ରଶିକ୍ଷକ, ମଧ୍ୟସ୍ଥତା ପ୍ରକ୍ରିୟାକୁ ଉପସ୍ଥାପନା କରନ୍ତୁ ।

ବିବରଣ ପତ୍ର - ୧୦ ବ୍ୟବହାର କରି, ପ୍ରଶିକ୍ଷକ, ପାଶ୍ଚାତ୍ ଓ ଅଣପାଶ୍ଚାତ୍ୟ ମଧ୍ୟସ୍ଥତା ନମୂନା ଗୁଡିକ ମଧ୍ୟରେ ପ୍ରଭେଦ ଗୁଡିକ ବିଷୟରେ ଆଲୋଚନା ସହିତ ପରିଚୟ ପ୍ରଦାନ କରିବେ ।

ପାଶ୍ଚାତ୍ୟ କହିଲେ କେବଳ (USA) କୁ ବୁଝାଏ ନାହିଁ । ଶାନ୍ତି ପ୍ରକ୍ରିୟା ଦୃଷ୍ଟିକୋଣରେ ଏହି ପ୍ରଭେଦ ସଂସ୍କୃତି ଓ ସାମାଜିକ ସମ୍ବନ୍ଧୀୟ ଅଟେ । ତେଣୁ ମଧ୍ୟସ୍ଥତାର ମୌଳିକ ସାଂସ୍କୃତିକ ପ୍ରସଙ୍ଗ ଦ୍ୱାରା ପ୍ରଭାବିତ ଅଟେ । କାରକ ଗୁଡିକ ସହିତ ଯଥା - ସାମାଜିକ ସମ୍ବନ୍ଧ, ଧର୍ମ ସମ୍ବନ୍ଧ ଓ ଲିଙ୍ଗ ଭିତ୍ତିକ । ପରିଭାଷା ଶବ୍ଦ ପାଶ୍ଚାତ୍ୟ ଓ ଅଣପାଶ୍ଚାତ୍ୟ ଥିବା ପାର୍ଥକ୍ୟ ସାଧାରଣ ଅଟେ । କାରଣ ଦେଶଗୁଡିକର ବିଭିନ୍ନ ସଂସ୍କୃତିର ପରିଚୟ ରହିଛି, କିନ୍ତୁ ଆପଣ ଯଦି ଭିନ୍ନ ଦେଶ ଓ ପୃଷ୍ଠଭୂମିର ଲୋକ ସହିତ କଥାବାର୍ତ୍ତା କରିବେ, ମଧ୍ୟସ୍ଥତା ଓ ଶାନ୍ତିଚୁକ୍ତିରେ ଥିବା ପୁରା ପାର୍ଥକ୍ୟ ବିଷୟ ଜାଣିପାରିବେ ।

ଅଣପାଶ୍ଚାତ୍ୟ ନମୂନା ସହିତ ଆରମ୍ଭ ହୁଏ, ତେଣୁ ଆମ-ପାଶ୍ଚାତ୍ୟରେ ମଧ୍ୟସ୍ଥତାର ନମୂନା ସମୂହର ପାର୍ଥକ୍ୟକୁ ବ୍ୟାଖ୍ୟା କରନ୍ତୁ । ଏହାପରେ, ପାଶ୍ଚାତ୍ୟରେ ବୃଦ୍ଧି ପାଇଥିବା ନମୂନା ବିଷୟରେ ବର୍ଣ୍ଣନା କରନ୍ତୁ । ଏହା ବହୁ ସଂସ୍କୃତିକ ଗୋଷ୍ଠୀ ଗୁଡିକ ମଧ୍ୟରେ ବହୁଳ ଭାବରେ ବ୍ୟବହୃତ ହୁଏ । ଆପଣ ଏକ ପ୍ରକାର କାର୍ଯ୍ୟ କଳାଭଳି ଏହି ବିଷୟଟି ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନା କରନ୍ତୁ । ଏହି ଦୃଷ୍ଟିକୋଣ ବିଷୟ ଆଲୋଚନା କରିବା ନିମନ୍ତେ ଓ ସେଗୁଡିକ ସେମାନଙ୍କ ନିଜ ଅଞ୍ଚଳ ନିମନ୍ତେ ପ୍ରଯୁଜ୍ୟ କି ନାହିଁ ସେହି ବିଷୟରେ କଥାବାର୍ତ୍ତା କରିବା ନିମନ୍ତେ ଉତ୍ସାହିତ କରନ୍ତୁ । ଯଦି ନମୂନାର ଦୃଷ୍ଟିକୋଣ ପ୍ରଯୁଜ୍ୟ ନୁହେଁ, ତେବେ କେଉଁ ବିକଳ୍ପ ବ୍ୟବହାର କରାଯାଇପାରିବ ତାହା ଚିହ୍ନଟ କରିବା ନିମନ୍ତେ ସେମାନଙ୍କୁ କୁହନ୍ତୁ । ଏହି ନମୂନା ଏକ ଉତ୍ତମ ନମୂନା ଭାବରେ ଉପସ୍ଥାପନା କରାଯାଇନାହିଁ, କିନ୍ତୁ କେବଳ କୌଣସି ସ୍ଥାନରେ ଏକ ଉଦାହରଣ ଅଟେ ।

ଅଂଶଗ୍ରହଣକାରୀମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ, କିପରି କନ୍ଧମାଳ-ଓଡିଶା, ଭାରତର ବ୍ୟବହାର ନିମନ୍ତେ ପାଶ୍ଚାତ୍ୟ ନମୂନା ଗ୍ରହଣ କରାଯାଇଥିଲା । ସେଠାରେ ଲୋକମାନେ, କଷ୍ଟସାଧ୍ୟ ଓ ସମ୍ବେଦନଶୀଳ ସମସ୍ୟାଗୁଡିକ ଯଥା - ଜାତି, ଧର୍ମ, ଲିଙ୍ଗଭିତ୍ତିକ, ବୟସ ଓ ସେମାନେ ପଚାରିଲେ, ସେମାନେ ଏହି ନମୂନା ନିଜ ସଂସ୍କୃତିରେ ଗ୍ରହଣ କରିବା ଉଚିତ୍ ନୁହେଁ । ଅବଶ୍ୟ ଗଜପତି

ଅଞ୍ଚଳ ପ୍ରାୟ ସମାନ । ସେଠାରେ ସେମାନଙ୍କ ସଂସ୍କୃତିକ ଓ ସାମାଜିକ ଚାଲିଚଳଣି ସମାନ ଅଟେ । କିନ୍ତୁ ଅନ୍ୟ କୌଣସି ସ୍ଥାନର ମଧ୍ୟସ୍ଥତା ନମୂନା ଆଲୋଚନା ଦ୍ୱାରା ଆମ୍ଭେମାନେ ଲୋକମାନଙ୍କୁ ଏକ ଭିନ୍ନ ଚିନ୍ତା, ଏକ କଷ୍ଟସାଧ ସମସ୍ୟା ଗୁଡିକ ବିଷୟରେ କଥାବାର୍ତ୍ତା କରିବା ପାଇଁ ଏକ ରାସ୍ତାସୃଷ୍ଟି କରିପାରିବା ।

**କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମର ପରିଚୟ - ମଧ୍ୟସ୍ଥତା ନମୂନା ବିଷୟରେ ଆଲୋଚନା (୫ମିନିଟ୍):**

ତଳଗୁଡିକ ପ୍ରଶିକ୍ଷକଙ୍କ ଦ୍ୱାରା ଉପସ୍ଥପନା କରାଯାଇପାରିବ । ମଧ୍ୟସ୍ଥତା ପ୍ରକ୍ରିୟା କିପରି ଯଦି ସେଗୁଡିକ ସେମାନଙ୍କର ସ୍ଥାନୀୟ ପରିସ୍ଥିତିରେ ବ୍ୟବହାର କରାଯାଇ ଥା'ନ୍ତା, ସେ ବିଷୟରେ ଆଲୋଚନା କରିବା ଉଚିତ୍ । ଆବଶ୍ୟକ ଅନୁଯାୟୀ ଯଦି ସେମାନଙ୍କର ଚିନ୍ତାରେ କିଛି ପରିବର୍ତ୍ତନ ଅଛି, ତାହା ସେମାନେ ଲେଖି ରଖିବା ଆବଶ୍ୟକ । ଅଂଶଗ୍ରହଣକାରୀମାନଙ୍କୁ ବିବରଣ ପତ୍ର ୯ ଓ ୧୦ ଦିଅନ୍ତୁ ।

**କ୍ଷୁଦ୍ର ଦଳୀୟ କାର୍ଯ୍ୟକ୍ରମ ( ୨୫ ମିନିଟ୍ )**

ଦଳୀୟ ଉପସ୍ଥାପନା (୧୫ ମିନିଟ୍ ): ଗୋଟିଏ ଦଳ ୫ ମିନିଟ୍ ଉପସ୍ଥାପନା କରିବେ । ପରବର୍ତ୍ତୀ ୧୦ ମିନିଟ୍ ସାମୂହିକ ଆଲୋଚନା ।

ତାଲିମ୍ ଅଂଶୀଦାରମାନଙ୍କୁ ଆପଣ ସ୍ମରଣ କରାଇବେ ଯେ, ଏହି ନମୂନାରେ ମଧ୍ୟସ୍ଥମାନେ ଲୋକମାନଙ୍କୁ  ଶକ୍ତି ଯୁକ୍ତ କରିବାପାଇଁ ଚାହାନ୍ତି । ଯେପରି ସେମାନେ ନିଜର କଳହକୁ ନିଜେ ସମାଧାନ କରିପାରିବେ, ଯାହାଦ୍ୱାରା ସେମାନେ ନିଜ ଜୀବନ ପ୍ରତି ନିଜେ ଦାୟୀତ୍ୱବାନ ହେବେ । ମଧ୍ୟସ୍ଥତାମାନେଙ୍କୁ ସାଧାରଣତଃ ଚୟନ କରାଯାଇଥାଏ, ଯେପରି ସେମାନେ ଲୋକମାନଙ୍କ ପାଇଁ ଏବଂ ସମସ୍ତ ଦଳ ଦ୍ୱାରା ନିପପେକ୍ଷ ହେବା ନିମନ୍ତେ ଗ୍ରହଣୀୟ ହେବେ । ଏହି ନମୂନାରେ ସେମାନେ ଅନ୍ୟମାନଙ୍କ ନିମନ୍ତେ ନିଷ୍ପତ୍ତି ନିଅନ୍ତି ନାହିଁ କିମ୍ବା ସେମାନେ କ'ଣ କରିବାକୁ ହେବ କୁହନ୍ତି ନାହିଁ । ମଧ୍ୟସ୍ଥମାନେ ଲୋକମାନଙ୍କର ସମସ୍ୟାର ଉତ୍ତର ନୁହଁନ୍ତି  । ଯଦି ମଧ୍ୟସ୍ଥତା ଅସଫଳ ହୁଏ, ତେବେ ସେମାନେ ସେଥିପାଇଁ ଦାୟୀ ରହିବେ ନାହିଁ, ଯଦିବା ସେମାନେ ବୁଦ୍ଧିମାନ ମଧ୍ୟସ୍ଥତା କାର୍ଯ୍ୟ ତୁଲାଇ ଥା'ନ୍ତି । ସେମାନେ ଭରସା ଯୁକ୍ତ ମଧ୍ୟସ୍ଥତାର ଏକ ଗୁପ୍ତ ବାତାବରଣ ସୃଷ୍ଟି କରିବା ଓ ଭବିଷ୍ୟତ ସମ୍ପର୍କ ଗଠନ କରିବା ନିମନ୍ତେ ଦୃଷ୍ଟିଦେବା ଆବଶ୍ୟକ ।

**ଅଭ୍ୟାସ - ସକ୍ରିୟ ଶ୍ରବଣ**

**ପରିଚୟ (୧ ମିନିଟ୍):** ବିବରଣ ପତ୍ର ୧୧ ବ୍ୟବହାର କରି, ପ୍ରଶିକ୍ଷକ, ସକ୍ରିୟ ଶ୍ରବଣର ଏକ ଲୁପ୍ତ ପରିଚୟ ପ୍ରଦାନ କରିବେ । ତାଲିମର ଅଂଶୀଦାରମାନଙ୍କୁ ଅଲଗା ଅଲଗା କରି ଭାଗ କରନ୍ତୁ ।

ପ୍ରତ୍ୟେକ ବ୍ୟକ୍ତି ଶୁଣିବା ଓ କହିବା ଭୂମିକା ଗ୍ରହଣ କରିବା ନିମନ୍ତେ ସୁଯୋଗ ନେଇ ଗୋଟିଏ ବିଷୟରେ ଚିନ୍ତା କରନ୍ତୁ, ଯେଉଁ ବିଷୟରେ ସେମାନଙ୍କ ଏକ ଦୃଢ ଆସକ୍ତି ରହିଛି ଓ ସେହି ବିଷୟରେ ୨ ମିନିଟ୍ କହିବା ନିମନ୍ତେ ସେମାନେ ଖୁସିହେବେ ।

**ସକ୍ରିୟ ଶ୍ରବଣ ଅଭ୍ୟାସ**

*ଚକ୍ର ୧ ( ୪ ମିନିଟ୍ )*

ବକ୍ତା – ସେମାନେ ଇଚ୍ଛାକୃତଭାବେ ଚୟନ କରିଥିବା ବିଷୟବସ୍ତୁ ଉପରେ ୨ ମିନିଟ୍ ଅଭିରାମ କରିବେ (ଯେକୌଣସି ପାଗଳାମି ଭଳି କଥା ହୁଅନ୍ତୁ )

ଶ୍ରୋତା – ବକ୍ତାର କଥା ନ ଶୁଣିବା ନିମନ୍ତେ କଠିନ ପରିଶ୍ରମ କରିବାକୁ ହେବ ।

ସେହି ଉପରୋକ୍ତ ପ୍ରକ୍ରିୟା ଭୂମିକା ପରିବର୍ତ୍ତନ କରି ପୁନର୍ବାର କରନ୍ତୁ ।

କେତେବେଳେ ସେମାନେ ଶୁଣୁନଥିଲେ, ସେହି ସମୟରେ ଯୋଡା ଆଲୋଚନା ସୂତ୍ର ବ୍ୟବହାର କଲେ, ଏବଂ କେତେବେଳେ ଜଣେ ବ୍ୟକ୍ତି କହିବା ସମୟରେ ଅନ୍ୟଜଣେ ଶୁଣନ୍ତି ନାହିଁ, ତାହା ଉପରେ ସେମାନେ କିପରି ଅନୁଭବ କଲେ ।

*ଚକ୍ର ୨ ( ୪ ମିନିଟ୍ )*

ବକ୍ତା – ୨ ମିନିଟ୍ ଆଦିରାମ ଚୟନ କରିଥିବା ଦିଗର ବସ୍ତୁ ଉପରେ ୨ ମିନିଟ୍ ଅଭିରାମ କହିବେ ।

ଶ୍ରୋତା – ବକ୍ତାଙ୍କର କଥା ଶୁଣିବା ନିମନ୍ତେ ଅଧିକ ପରିଶ୍ରମ କରିବେ ।

ଭୂମିକା ପରିବର୍ତ୍ତନ କିର ଉପରୋକ୍ତ ପ୍ରକ୍ରିୟା ପନାବୃତ୍ତି କରନ୍ତୁ ।

ଯେତେବେଳେ ଯତ୍ନର ସହିତ ଶୁଣିବାକୁ ଚେଷ୍ଟା କରୁଥିଲେ, ସେହିସମୟରେ ବ୍ୟବହାର କଲେ ଏବଂ ଏହା କିପରି ଲାଗିଲା, ସେତେବେଳେ ଠିକରେ ଶୁଣିଲେ ( ୧ ମିନିଟ୍)

*ସାମୂହିକ ଆଲୋଚନା (୬ ମିନିଟ୍)*

ପ୍ରଶିକ୍ଷକ ସମସ୍ତ ଦଳକୁ ୨ଟି ତାଲିକା ମିଶାଇବାରେ ସହାୟକ ହେବେ

- ଖରାପ ଶ୍ରବଣର ବିଶେଷତାର ଏକ ତାଲିକା ।
- ଉତ୍ତମ ଶ୍ରବଣର ବିଶେଷତାର ଏକ ତାଲିକା ।

**ସାମୂହିକ ଆଲୋଚନା**

ଏହି ଆତ୍ମ ପ୍ରତିଫଳନ ଅଭ୍ୟାସ, ପଶିକ୍ଷଣ କୋଠରୀରେ ଏକ ବଡ ଶବ୍ଦ ସୃଷ୍ଟିକରିପାରେ । ଏହା ଆନନ୍ଦ ଦାୟକ ଓ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାସୂଚନା ଗୁଡିକ ଅଟେ । ଏହା ଶକ୍ତିଦାୟକ ଭାବରେ କାମ୍ କରିପାରେ ଓ ପ୍ରତ୍ୟେକଙ୍କୁ ସେମାନଙ୍କ ନିଜ ସୁବିଧା କ୍ଷେତ୍ରରେ ଅଂଶଗ୍ରହଣ କରିବା ନିମନ୍ତେ ସୁଯଗ ସୃଷ୍ଟିକରେ । ସାମୂହିକ ଆଲୋଚନାରେ ଆପଣ କେତେକ କାରକ ଗୁଡିକ ଯଥା ଲିଙ୍ଗ, ବୟସ ଓ ଅନୁଭୂତି ଗୁଡିକୁ ଖରାପ ଓ ଉତ୍ତମ ଶ୍ରବଣ ଉପରେ ପ୍ରଭାବ ପକାଏ କି ନାହିଁ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ଏପରି ସମୟ ରହିଛି କି, ଯେଉଁ ସମୟରେ ଲୋକମାନେ ଶୁଣନ୍ତି ନାହିଁ, ଏବଂ ଏହା କାହିଁକି ହୋଇପାରେ ?

ଯଦିବା ଆମ୍ଭେମାନେ ଉତ୍ତମ ଶ୍ରବଣର ଉପାଦାନ ଗୁଡିକ ଚିହ୍ନଟ କରିପାରିବା, ତଥାପି ଆମ୍ଭେମାନେ ତାହା ସବୁବେଳେ ଅଭ୍ୟାସ କରି ନ ଥାଉ । ଏହି ସକ୍ରିୟ ଶ୍ରବଣ ଅଭ୍ୟାସ, କାହିଁକି ବାସ୍ତବରେ ଲୋକମାନଙ୍କ କଥା ଶୁଣିବା କଷ୍ଟସାଧ ହୋଇଥାଏ, ତାହା ଅବିଶ୍ୱାସ କରିବା ନିମନ୍ତେ ସହାୟକ ହୋଇଥାଏ । ଆମ୍ଭେମାନେ କିପରି ଶ୍ରବଣ କୌଶଳକୁ ବୃଦ୍ଧି କରିପାରିବେ, ଏହି ବିଷୟ ପ୍ରତି ଦୃଷ୍ଟିପାତ କରିବା ନିମନ୍ତେ ଏହା ଆମ୍ଭମାନଙ୍କୁ ସ୍ଥାନ ଯୋଗାଇଥାଏ ।

ଅଂଶଗ୍ରହଣକାରୀ ମାନଙ୍କୁ ବିବରଣ ପତ୍ର ୧୧ ଦିଅନ୍ତୁ ।

**ଅଧିବେଶନ ୫ ମଧ୍ୟସ୍ଥତା ଅଭିନୟ ଭୂମିକା**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୮୫ ମିନିଟ୍ | ବିବରଣ ଫର୍ଦ୍ଦ, କଲମ ଓ ବିବରଣ ପତ୍ର - ୧୨ | ⇒ ସମ୍ପର୍କ ଗୁଡିକ ଓ ସମସ୍ୟା ଗୁଡିକର ବିଶ୍ଳେଷଣ ନିମନ୍ତେ ତାଲିମରେ ଶିଖିଥିବା ବିଶ୍ଳେଷଣ ଗୁଡିକର ବ୍ୟବହାର ।<br>⇒ ପରିସ୍ଥିତିରେ ଆଧାରିତ ଅଭିନୟ ଭୂମିକା ବ୍ୟବହାର କରି କୌଶଳଗୁଡିକକୁ ଅଭ୍ୟାସ କରିବା ।<br>⇒ ପ୍ରତିରୋଧ ଭୂମିକାର ପ୍ରତିକ୍ରିୟା ରଖିବା ଓ ମଧ୍ୟସ୍ଥତା ଏକ କୌଶଳ ବୃଦ୍ଧି ଶିଖିଥିବା ବିଷୟ ଗୁଡିକଉପରେ ଆଲୋଚନା କରିବା । |

**ଅଭ୍ୟାସ: ମଧ୍ୟସ୍ଥତା ଭୂମିକା ନିର୍ବାହ**

*ଗଜପତି ଜିଲ୍ଲାର ପୃଷ୍ଠଭୂମିକୁ ଭିତ୍ତିକରି, ଏକ ସ୍ଥାନୀୟ କଳହର ଦୃଶ୍ୟ ଏବଂ କଳହ ସମାଧାନ ପ୍ରକ୍ରିୟାର ଉପସ୍ଥାପନ (୧୫ ମିନିଟ୍):* ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ବିବରଣ ପତ୍ର -୧୨ ହସ୍ତାନ୍ତର କରନ୍ତୁ । ଯେଉଁ କଳହ ଦୃଶ୍ୟ ବିଷୟରେ ମଧ୍ୟସ୍ଥତା ପ୍ରକ୍ରିୟା ଆଧାରିତ ତାହାର ବ୍ୟାଖ୍ୟା କରନ୍ତୁ ।

**ଭୂମିକା ନିର୍ବାହ ପ୍ରସ୍ତୁତି (୧୫ ମିନିଟ୍)**: ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନାରେ ଭୂମିକା-ନିର୍ବାହ ନିମନ୍ତେ ଅବଶ୍ୟକ ଭୂମିକା ଗୁଡିକ ବାଣ୍ଟନ୍ତୁ । ଚରିତ୍ର ଭୂମିକାର ସଂକ୍ଷିପ୍ତ ବିବରଣ ଫର୍ଦ୍ଦ ଅଂଶଗ୍ରହଣକାରୀମାନଙ୍କୁ ହସ୍ତାନ୍ତର କରାଯାଉ, ଯାହା ଦ୍ୱାରା ସେମାନେ ସେମାନଙ୍କର ଭୂମିକା ବିଷୟରେ ଚିନ୍ତା କରିପାରିବେ । ସାମୂହିକ ଭାବରେ ଦୃଶ୍ୟଟି କିପରି ଭୂମିକା ନିର୍ବାହୀମାନେ ସେମାନଙ୍କର କ୍ଷମତା ଅନୁସାରେ ବାସ୍ତବରେ ଅଭ୍ୟାସ କରନ୍ତି ତାହା ପ୍ରତି ଦୃଷ୍ଟି ଦେବେ ।

ଯଦି ଅଭିନୟ ଭୂମିକା ତାଲିମର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଂପୃକ୍ତ କରିପାରନ୍ତି ନାହିଁ, କିନ୍ତୁ କେତେକ ପ୍ରତ୍ୟେକ୍ଷ ଭାବରେ ରହନ୍ତି । ପ୍ରତିକ୍ରିୟା ଦେଉଥିବା ବ୍ୟକ୍ତିମାନେ ସୁନିଶ୍ଚିତ କରନ୍ତୁ ଯେ, ଭୂମିକା ନିର୍ବାହୀମାନଙ୍କୁ ସେମାନେ ବିଚାର କରିବେ ନାହିଁ । ଭୂମିକା ନିର୍ବାହର ଉଦ୍ଦେଶ୍ୟ ଏହା ଯେ, ପ୍ରୟୋଗାତ୍ମକ ଭାବରେ କଥାବାର୍ତ୍ତା ପ୍ରକ୍ରିୟାରୁ ପରିଚୟ ଦେବା ଦ୍ୱାରା ତାଲିମର ଅଂଶଗ୍ରହଣକାରୀଙ୍କୁ ସାହାଯ୍ୟ କରିବା । ଯଦି କେହି ଏଥିରେ ଖୁସି ନୁହନ୍ତି, ଚାପ ପକାନ୍ତୁ ନାହିଁ । ଦେଖନ୍ତୁ ଅନ୍ୟକେହି ସ୍ୱେଚ୍ଛାକୃତ ଭାବରେ ଇଚ୍ଛାକରି ପାରନ୍ତି । ଯଦି କେହି କରନ୍ତି ନାହିଁ (ଜାଣିବେ କି ଏହି ଘଟଣା ଅତି ବିରଳ ଅଟେ) । ନିଜେ ଏକ ଭୂମିକା ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ରୁହନ୍ତୁ ।

**ମଧ୍ୟସ୍ଥତା ଅଭିନୟ ଭୂମିକା (୩୦ ମିନିଟ୍):**

ଦୃଶ୍ୟକୁ ପ୍ରସ୍ତୁତ କରିବା ନିମନ୍ତେ ଓ ଲୋକମାନେ ଯେପରି ସେମାନଙ୍କର ଭୂମିକା ବିଷୟରେ ଚିନ୍ତା କରିବା ନିମନ୍ତେ କିଛି ସମୟ ଦିଅନ୍ତି ଓ ପରେ ଆରମ୍ଭ କରନ୍ତି ।

ଯଦି ଆପଣ 'ସୁନାର ପାତ୍ର' ସୂତ, କେତେକ ଅଂଶଗ୍ରହଣକାରୀ ଯେଉଁମାନେ ସମୀକ୍ଷକ ଭାବରେ କାର୍ଯ୍ୟ କରନ୍ତି, ସେମାନଙ୍କ ସହିତ ବ୍ୟବହାର କରନ୍ତୁ, ପ୍ରଶିକ୍ଷକ ଅଭିନୟ ଭୂମିକାକୁ ବନ୍ଦ କରିପାରନ୍ତି ଯେତେବେଳେ ସଠିକ୍ ପ୍ରତିକ୍ରିୟା ଆସିଥାଏ । କ'ଣ କୁହାଯାଏ ସେ ବିଷୟରେ ସମୀକ୍ଷକ ମାନଙ୍କଠାରୁ ଆଲୋଚନା ଆରମ୍ଭ କରିବା ନିମନ୍ତେ କୁହନ୍ତି । କେତେଥର କ୍ରମ-ରଙ୍ଗ କରିବାକୁ ହେବ, ଏହା କିପରି ଅଭିନୟ ଭୂମିକାରେ ଧାରା ପ୍ରବାହରେ ପ୍ରଭାବ ପକାଇବ, ସେଥିରେ ଏକ ସନ୍ତୁଳନ ରଖିବା ଆବଶ୍ୟକ । କେତେକ ପ୍ରଶିକ୍ଷକ ଅଭିନୟ-ଭୂମିକାକୁ ବନ୍ଦ କରିବା ନିମନ୍ତେ ପସନ୍ଦ କରନ୍ତି ନାହିଁ । ବରଂ ଏହା ଚାଲୁରହିଥିବା ସମୟରେ ବନ୍ଦ କରନ୍ତି ଓ ଶେଷରେ ଆଲୋଚନା କରନ୍ତି (ନିରୀକ୍ଷକମାନଙ୍କୁ ସମସ୍ତ ବିଷୟରେ ଟିପି ରଖିବା ନିମନ୍ତେ ଅନୁରୋଧ କରନ୍ତୁ) ।

**ସାମୂହିକ ଆଲୋଚନା (୨୫ ମିନିଟ୍):** ସମସ୍ତ ଦଳ ମଧ୍ୟସ୍ଥତା ଅଭିନୟ ଭୂମିକା ବିଷୟରେ ଓ ଏଠାରୁ ଶିଖିଥିବା ବିଷୟରେ ଏକାଠି ଆଲୋଚନା କରନ୍ତି । ସମସ୍ତ ଆଲୋଚନାରେ ଆସିଥିବା ବିଷୟ ସମୂହକୁ ଏକ ବିବରଣ ଫର୍ଦ୍ଦ ଉପରେ ଲେଖାଯାଏ । କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯାହା ଆଲୋଚନାରେ ଖୋଜି ବାହାର କରିବା ଆବଶ୍ୟକ । ଯଥା – ମଧ୍ୟସ୍ଥତା ନିମନ୍ତେ ଆବଶ୍ୟକ ଗୁଣ ଓ କୌଶଳ ଗୁଡିକ, ଲିଙ୍ଗ ଓ ଶକ୍ତିର ପ୍ରୟୋଗ ଓ ଦୃଷ୍ଟିକୋଣ ସମୂହ ? କିପରି ଗଠନମୂଳକ ଭାବେ ଭବିଷ୍ୟତରେ ଏହାରା ଉପଯୋଗ ନିଶ୍ଚିତତା କରାଯାଇପାରିବ ?

ଏହା ଗୁରୁତ୍ୱପୂର୍ଣ୍ଣ ଯେ, ସାମୂହିକ ଆଲୋଚନା ପୂର୍ବରୁ ଭୂମିକା ନିର୍ବାହୀମାନେ ଭୂମିକାରୁ ବାହାରକୁ ଆସିବେ । ସେମାନେ ନିଜ ଚରିତ୍ରରୁ ବାହାରି ଯିବେ ଓ ସେମାନଙ୍କର ସ୍ୱାଭାବିକ ସ୍ଥିତିକୁ ପୁନର୍ବାର ଫେରି ଆସିବେ । ଏହା ଅତି ଗୁରୁତ୍ୱପୂର୍ଣ୍ଣ, କାରଣ ଅଭିନୟ ସମୟରେ, ଅଂଶୀଦାର ସ୍ୱୟଂ ବ୍ୟକ୍ତିତ୍ୱ ପ୍ରାପ୍ତ ହେତୁ ଚରିତ୍ରରେ ସେମାନେ ଅଭିନୟ କରି ଥାଆନ୍ତି ଏବଂ ଯେଉଁ କଳହ ଦୃଶ୍ୟରେ ରହିଥା'ନ୍ତି ।

ଗୋଟିଏ ପଟେ, ଭୂମିକା ନିର୍ବାହୀମାନଙ୍କୁ ଧନ୍ୟବାଦ ଦେବା ଓ ଜୋରଦାର ତାଳି ଦେଇ ଉତ୍ସାହିତ କରିବା । ତାପରେ ସେମାନେ ପରସ୍ପର ହାତ ମିଳାଇବେ । ତାପରେ ଭୂମିକା ନିର୍ବାହୀ ନିର୍ବାହୀମାନେ ସାଧାରଣ ଭାବରେ କହିପାରିବେ, ମୁଁ ନିର୍ଦ୍ଦୟୀ ଶ୍ରୀ କ ନୁହେଁ, କିନ୍ତୁ ମୋ ନାମ ଶ୍ରୀ ଖ ଏବଂ ମୁଁ ଜଣେ ମିତ୍ରତାପୂର୍ଣ୍ଣ ଭଦ୍ରବ୍ୟକ୍ତି । ଏହି ଭୂମିକା ମୋ ପାଇଁ କଷ୍ଟସାଧ୍ୟ ଥିଲା କାରଣ.... । ଅବଶ୍ୟ ଭୂମିକାରୁ ବାହାରି ଆସିବାର ଅନେକ ମାର୍ଗ ରହିଛି । ଆପଣଙ୍କର ନିଜର ସୂତ୍ରକୁ ଆପଣ ପ୍ରୋୟଗ କରି ପାରିବେ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଭୂମିକା ନିର୍ବାହୀକୁ ବର୍ତ୍ତମାନ ସ୍ଥିତିକୁ କିପରି ଫେରାଇ ଆଣି ପାରିବା ଓ କୌଣସି ନକରାତ୍ମକ ଚରିତ୍ରଗୁଡିକ ଥିବା ଅଡୀନୟ ଭୂମିକାରେ ଯଦି ଶଶ୍ଳିଷ୍ଟ ତେବେ ତାହାକୁ ବ୍ୟକ୍ତିଗତ କରିବ ନାହିଁ ।

**ଅଧିବେଶନ ୬ : ସମାପନ ଓ ଭାଗ ମୂଲ୍ୟାୟନ ।**

| ସମୟ | ଉପକରଣ | ଉଦ୍ଦେଶ୍ୟ |
|---|---|---|
| ୧୫ ମିନିଟ୍ | ଭାଗ ମୂଲ୍ୟାଙ୍କନ ଫର୍ମ | ⇒ ଶାନ୍ତି ପ୍ରତିଷ୍ଠା ଉପକରଣ ଭାବରେ ମଧ୍ୟସ୍ଥତା ଓ ଶାନ୍ତିଚୁକ୍ତିର ମୌଳିକ ତତ୍ତ୍ୱ ଦୃଷ୍ଟିକୋଣ ଆଶଙ୍କା ଆହ୍ୱାନ ସମୂହକୁ ପୁନ୍ନରାବୃତ୍ତି କରିବା ପଥ<br>⇒ ପଥ ଗୁଡିକକୁ ପୁନ୍ନରାବୃତ୍ତି କରିବା ଯେଉଁଥିରେ ବିଭିନ୍ନ ଅଭିନୟ କର୍ତ୍ତା ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିପାରିବେ । |

**ଭାଗ ୪ର ପୁନରାବୃତ୍ତି (୫ ମିନିଟ୍):**

ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ସମସ୍ତ ଲକ୍ଷ୍ୟ ଗୁଡିକ ପ୍ରାପ୍ତ ଶିକ୍ଷା, ବିଶ୍ଳେଷଣ ଏବଂ ଉପକରଣ ଗୁଡିକର ବ୍ୟବହାର ଏବଂ ଭାଗ-୪ ର ଲକ୍ଷ ହାସଲ ନିମନ୍ତେ ପ୍ରତ୍ୟେକେ କିପରି ଅଂଶଗ୍ରହଣ କରିଛନ୍ତି ସେ ବିଷୟରେ ସ୍ମରଣ କରାନ୍ତୁ ।

**ସମାପନ (୫ ମିନିଟ୍):** ଅଂଶଗ୍ରହଣକାରୀମାନଙ୍କୁ ପଚାରନ୍ତୁ, ତାଲିମଦାତାଙ୍କ ପାଇଁ ଯଦି ସେମାନଙ୍କର ଆଉ କିଛି ପ୍ରଶ୍ନ ରହିଛି, ଅବା ସେମାନେ ପୂର୍ବ ଭାଗଗୁଡିକଠାରୁ ଶିଖିଥିବା ବିଷୟରେ ସନ୍ତୁଷ୍ଟ ଅଟନ୍ତି କି ନାହିଁ ।

**ଭାଗ ମୂଲ୍ୟାଙ୍କନ (୫ ମିନିଟ୍):** ଭାଗ - ୪ ନିମନ୍ତେ, ମୂଲ୍ୟାଙ୍କନ ଫର୍ମ ଅଂଶଗ୍ରହଣକାରୀମାନଙ୍କୁ ହସ୍ତାନ୍ତର କରି ତାହା ପୂର୍ଣ୍ଣ କରିବା ପାଇଁ କୁହନ୍ତୁ ।

**ବିବରଣ ପତ୍ର – ୭: ମଧ୍ୟସ୍ଥତା, ଶାନ୍ତିଚୁକ୍ତି ଓ ଶାନ୍ତିସ୍ଥାପାନ ର ପ୍ରାରମ୍ଭିକ ଧାରଣା ସମୂହ**

***କଥାବାର୍ତ୍ତା ପ୍ରକ୍ରିୟାରେ କରାଯାଇଥିବା ପରିଭାଷା ଶବ୍ଦ ସମୂହ***

**ଶାନ୍ତିସ୍ଥାପାନ** - ଏକ ଅବୋଧ ଧାରଣା ଯାହା, ଅନେକ ପ୍ରକ୍ରିୟାର ଦୃଷ୍ଟିକୋଣଗୁଡିକୁ ଏକ ଦୀର୍ଘକାଳୀନ, ଶାନ୍ତିପୂର୍ଣ୍ଣ ସମ୍ପର୍କ ନିମନ୍ତେ ଆବଶ୍ୟକ ଧ୍ୱଂସକାରୀ କଳହ ଗୁଡିକର ପରିର୍ତ୍ତନର ସ୍ତରଗୁଡିକୁ ଜଡେ, ଉତ୍ପନ୍ନ କରେ ଓ ଦୀର୍ଘସ୍ଥାୟୀ ରୂପେ ଧରିରଖେ । ଅତଏବ, ଏହି ପରିଭାଷା ଶବ୍ଦ, ଔପରିଚାରିକ ଶାନ୍ତି, ବୁଝାମଣାର ପୂର୍ବ ଓ ପରବର୍ତ୍ତୀ ସୃଷ୍ଟ କାର୍ଯ୍ୟକଳାପର ଏକ ବିସ୍ତୃତ ସୀମା ।

**ଶାନ୍ତିଚୁକ୍ତି (Negotation)** ହେଉଛି ଏକଆରେକ ପରସ୍ପର କଥାବାର୍ତ୍ତା ପ୍ରକ୍ରିୟା ଯେତେବେଳେ ନିଜର କେତେକ ସହମ୍ମତି ଓ କେତେକ ଭିନ୍ନ ମତ ପରଷ୍ପର ସ୍ୱୀକୃତ ଏବଂ ଗ୍ରହଣିୟ ହେବା ନିମନ୍ତେ ଉଦ୍ଧିଷ୍ଟ ।

**ମଧ୍ୟସ୍ଥତା (Mediation)** ଏକ ପ୍ରକ୍ରିୟା ଯାହାଦ୍ୱାରା ଏକ ନିରପେକ୍ଷ ତୃତୀୟ ପକ୍ଷ ଦୁଇ ବା ତତୋଧିକ କଳହୀଙ୍କୁ ଏକ କଳହ ସମାଧାନ ନିମନ୍ତେ ଯୋଜନା ପ୍ରସ୍ତୁତି ପାଇଁ ସାହାଯ୍ୟ କରେ । ମଧ୍ୟସ୍ଥଙ୍କ ବିନା ବାଧ୍ୟତାରେ, କଳହୀମାନେ ସ୍ୱେଚ୍ଛାକୃତ ଭାବେ କୌଣସି ଏକ ଚୁକ୍ତିରେ ପହଞ୍ଚିବାରେ ନିଷ୍ପତ୍ତି ନେଇଥାଆନ୍ତି । ମଧ୍ୟସ୍ଥତା ସାଧାରଣତଃ ପୂର୍ବ ବ୍ୟବହାର (ଆଚରଣ) ଅପେକ୍ଷା ଭବିଷ୍ୟତ ଉପରେ ଧ୍ୟାନ ଦିଏ । ବିଭିନ୍ନ ସଂସ୍କୃତିର ଲୋକମାନେ, ମଧ୍ୟସ୍ଥତାର ବିଭିନ୍ନ ଶୈଳି ଓ ଦୃଷ୍ଟିକୋଣ (ପଦକ୍ଷେପ) ବ୍ୟବହାର କରିଥାଆନ୍ତି ।

ଯଦି ତାଲିମ ଅଂଶଗ୍ରହଣକାରୀମାନେ ଶାନ୍ତିଚୁକ୍ତି ବିଷୟରେ ଅଧିକ ଶିଖିବା ନିମନ୍ତେ ଆଗ୍ରହ ଦେଖାନ୍ତି, ଆପଣ ଏଥି ନିମନ୍ତେ ସମୟ ବାହାର କରିବେ । ପ୍ରଶିକ୍ଷକ ଆଲୋଚନାର ମୌଳିକ ଭାବରେ ନିମ୍ନସ୍ଥିତ ବିଷୟ ବ୍ୟବହାର କରିପାରିବେ ।

**ଶାନ୍ତିଚୁକ୍ତିର ଦୃଷ୍ଟିପ୍ରକାଶ ସମୂହ:**

ଆମେ ସମସ୍ତେ ଶାନ୍ତି ପାଇଁ ବାର୍ତ୍ତାକରୀ (ଚୁକ୍ତିଭିତ୍ତିକ ସମାଧାନକାରୀ) ଗଣ । ଏହା ଏକ କୌଶଳ ଯାହା ଆମ୍ଭମାନେ ପ୍ରତିଦିନ ବ୍ୟବହାର କରିଥାଉ ଆମ୍ଭମାନଙ୍କ ବ୍ୟକ୍ତିଗତ ତଥା ବ୍ୟବସାୟୀକ ଜୀବନରେ । କିନ୍ତୁ ଅନେକ ସମୟରେ, ସାମ୍ଭାବ୍ୟ ପ୍ରତିବନ୍ଧକ

ବିଚାରଧାରାକୁ ସଂଚାଳନ କରିଥାଉ । ଆମ୍ଭେମାନେ ସାଧାରଣତଃ ଚିନ୍ତାକରିଥାଉ, ଆମେ କଠିନ କିମ୍ବା ନରମ ହେବା ନିମନ୍ତେ ଚୟନ କରିବାକୁ ପଡିବ ।

**ନରମ ବାର୍ତ୍ତାକରୀ (ଚୁକ୍ତିଭିତ୍ତିକ ସମାଧାନକାରୀ)** କଳହରୁ ଦୂରେଇ ରହିବା ନିମନ୍ତେ ଚାହାନ୍ତି ଏବଂ ସେଥି ନିମନ୍ତେ ସେମାନେ ତତ୍ପରତାର ସହିତ ଅନୁଦାନଗୁଡିକ ପ୍ରସ୍ତୁତ କରନ୍ତି ସେମାନେ ଚୁକ୍ତି ଶାନ୍ତିଚୁକ୍ତିରେ ପହଞ୍ଚି ପାରିବେ । ସେମାନେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ସର୍ବଦା ଚାହାନ୍ତି; ତଥାପି ସେମାନେ ଅନେକ ସମୟରେ ଶୋଷିତ ଓ ତିକ୍ତତାରେ ପହଞ୍ଚନ୍ତି ।

**କଠିନ ବାର୍ତ୍ତାକରୀ (ଚୁକ୍ତିଭିତ୍ତିକ ସମାଧାନକାରୀ)** କୌଣସି ଏକ ପରିସ୍ଥିତିକୁ ପ୍ରତିଯୋଗିତା ରୂପରେ ଦେଖନ୍ତି, ଯେଉଁଠାରେ ଏକ ପକ୍ଷ ଅଧିକ ଚରମ ସ୍ଥିତିରେ ପହଞ୍ଚି ଅଧିକ ସମୟ ପର୍ଯ୍ୟନ୍ତ ଯାତ୍ରାକୁ ବଜାୟତ କରେ । ସେମାନେ ବିଜୟୀ ହେବାକୁ ଚାହାନ୍ତି, ତଥାପି ସେମାନେ ଅନେକ ସମୟରେ ଅନ୍ୟପକ୍ଷମାନଙ୍କଠାରୁ ଆବଶ୍ୟକତା ପୂରଣ ହେବାରେ ସେମାନଙ୍କଠାରୁ ସମାନ କଠିନ ପ୍ରତିକ୍ରିୟା ସୃଷ୍ଟି କରିଥାନ୍ତି ।

**ନିତି ଆଧାରିତ ଶାନ୍ତିଚୁକ୍ତି – ଏହା ଏକ ପଦ୍ଧତି ଯାହା ୫ ଗୋଟି ମୌଳିକ ନିତି ଉପରେ ଆଧାରିତ ।**

- ସମସ୍ୟାରୁ ଲୋକମାନଙ୍କୁ ଅଲଗା କରନ୍ତୁ ।
- ସମସ୍ୟା ଉପରେ ଧ୍ୟାନ କୈନ୍ଦ୍ରିକ ଅଟେ ।
- ଲୋକଙ୍କ ଆଗ୍ରହ ଉପରେ ଧ୍ୟାନ ଦିଅନ୍ତୁ, ପଦବି ଉପରେ ନୁହେଁ ।
- ଉଭୟଙ୍କ ଲାଭ ନିମନ୍ତେ ବିକଳ୍ପ ଗୁଡିକ ସୃଷ୍ଟି କରନ୍ତୁ ।
- ବସ୍ତୁନିଷ୍ଠ ମାନଦଣ୍ଡ ଗୁଡିକର ଉପଯୋଗ କରିବା ଉପରେ ଜୋର ଦିଅନ୍ତୁ ।

ନରମ, କଠିନ ଓ ସୈଦ୍ଧାନ୍ତିକ ଶାନ୍ତିଚୁକ୍ତି ଦୃଷ୍ଟିକୋଣ ପ୍ରୟୋଗର ଏକ ତ୍ୱରିତ ଅବଲୋକନ ନିମନ୍ତେ ଶାନ୍ତିଚୁକ୍ତି ରଣକୌଶଳର ଏକ ଚିତ୍ରକୁ ଦେଖନ୍ତୁ । ସମସ୍ତ ଦୃଷ୍ଟିକୋଣ ସଠିକ୍ ହୋଇନପାରେ । ବିଭିନ୍ନ ପରିସ୍ଥିତି ଅନୁଯାଇ ବିକଳ୍ପଗୁଡିକ ପ୍ରଦାନ କରନ୍ତି । ସମସ୍ତ ଦୃଷ୍ଟିକୋଣ ସଂସ୍କୃତିକ ମାନ୍ୟତା ସୃଷ୍ଟି ହୁଅନ୍ତି ଯାହା ଆପଣଙ୍କ ପରିସ୍ଥିତିରେ ପ୍ରୟୋଗ କରାଯାଇପାରେ ବା କରାଯାଇନପାରେ । ଅତଏବ ସେଗୁଡିକ ଏକ ଆଶାର ଉତ୍ସ ଭାବରେ ବ୍ୟବହାର କରିପାରିବେ ଏବଂ ଆବଶ୍ୟକ ଅନୁଯାୟୀ ଗ୍ରହଣ କରିପାରିବେ । ତାହାହେଲେ ଆପଣ ନିଜ ପ୍ରସଙ୍ଗରେ ନିର୍ଦ୍ଦିଷ୍ଟ ଭାବରେ ପ୍ରସ୍ତୁତ ଶାନ୍ତିଚୁକ୍ତିର ଏକ ଚତୁର୍ଥ ଦୃଷ୍ଟିକୋଣ ସୃଷ୍ଟିକରି ପାରିବେ ।

**ଶାନ୍ତିଚୁକ୍ତର ରଣନୀତି ସମୂହ**

| | | |
|---|---|---|
| କୋମଳ | କଠିନ | ନିତି ଆଧାରିତ ଶାନ୍ତିଚୁକ୍ତ |
| ଅଂଶଗ୍ରହଣକାରୀମାନେ ବନ୍ଧୁ ଅଟନ୍ତି । | ଅଂଶଗ୍ରହଣକାରୀମାନେ ପ୍ରତିଦ୍ୱନ୍ଦି ଅଟନ୍ତି । | ଅଂଶଗ୍ରହଣକାରୀମାନେ ସମସ୍ୟା ସମାଧାନକାରୀ ଅଟନ୍ତି । |
| ଲକ୍ଷ୍ୟ ସମସ୍ତଙ୍କ ପାଇଁ ସମାନ | ବିଜୟ ଲକ୍ଷ୍ୟ | ଲକ୍ଷ୍ୟ ଏକ ବୁଦ୍ଧି ବିଶିଷ୍ଟ ପ୍ରତିଫଳର ପହଞ୍ଚିବା କୁଶଳ ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ଢଙ୍ଗ । |
| ସମ୍ପର୍କକୁ ବଢାଇବା ପାଇଁ ନିଜ ବଡିମା ସମୂହ ତ୍ୟାଗ କରିବା | ନିଜ ବଡିମାକୁ ବଜାଇ ରଖିବା ପାଇଁ ସମ୍ପର୍କରେ ସର୍ତ ରଖିବା | ଲୋକ ମାନଙ୍କୁ ସମସ୍ୟାରୁ ଦୂରରେ ରଖିବା । |
| ସମସ୍ୟା ଓ ଲୋକମାନଙ୍କ ଉପରେ ନରମ ହୁଅନ୍ତୁ । | ସମସ୍ୟା ଓ ଲୋକମାନଙ୍କ ଉପରେ କଠିନ ହୁଅନ୍ତୁ । | ଲୋକମାନଙ୍କ ଉପରେ ନରମ ଓ ସମସ୍ୟା ଉପରେ କଠିନ ହୁଅନ୍ତୁ । |
| ଅନ୍ୟମାନଙ୍କୁ ବିଶ୍ୱାସ କରନ୍ତୁ | ଅନ୍ୟମାନଙ୍କୁ ଅବିଶ୍ୱାସ କରନ୍ତୁ । | ସ୍ୱାଧୀନତାର ସହିତ ବିଶ୍ୱାସ କରିବାରେ ଆଗକୁ ବଢନ୍ତୁ । |
| ସହଜରେ ଆପଣଙ୍କ ପଦବୀ ବଦଳାନ୍ତୁ । | ନିଜ ପଦବୀରେ ଆପଣ ଠିକ୍ ଅଛନ୍ତି | ନିଜ ପଦବୀ ପରିବର୍ତ୍ତେ ଲୋକଙ୍କ ଆଗ୍ରହ ପ୍ରତି ଦୃଷ୍ଟିପାତ କରନ୍ତୁ |
| ଅନ୍ୟ ପ୍ରତି ଉଦାରାତା ହୁଅନ୍ତୁ | ଅନ୍ୟ ପ୍ରତି ଭୟ ଦେଖାନ୍ତୁ | ଅନ୍ୟ ଆଗ୍ରହରେ ଆକୃଷ୍ଟ ହୁଅନ୍ତୁ |
| ନିଜ ଅବନତିର ସୀମା ଦର୍ଶାନ୍ତୁ | ନିଜ ଅବନତିର ସୀମା ନ ଜଣାଇବା ପାଇଁ ବାଟବଣା କରନ୍ତୁ | ଅବନତି ଠାରୁ ଦୂରରେ ରୁହନ୍ତୁ |
| ଚୁକ୍ତିରେ ପହଞ୍ଚିବା ନିମନ୍ତେ ଏକ ପକ୍ଷର କ୍ଷତି ଗୁଡିକୁ ଗ୍ରହଣ କରନ୍ତୁ । | ଚୁକ୍ତିର ମୂଲ୍ୟ ଭାବରେ ଏକ ପକ୍ଷ୍ୟଠାରୁ ଲାଭ ଦାବି କରନ୍ତୁ । | ପାରସ୍ପରିକ ଲାଭ ନିମନ୍ତେ ବିକଳ୍ପ ଗୁଡିକୁ ସୃଷ୍ଟି କରନ୍ତୁ । |
| ଯାହା ସେମାନେ ଗ୍ରହଣ କରିବେ ଏପରି ଗୋଟିଏ ଉତ୍ତର ଖୋଜନ୍ତୁ । | ଯାହା ଆପଣ ଗ୍ରହଣ କରିବେ ଏପରି ଗୋଟିଏ ଉତ୍ତର ଖୋଜନ୍ତୁ । | ପରବର୍ତ୍ତୀ ନିଷ୍ପତ୍ତି ନିମନ୍ତେ ଅନେକ ବିକଳ୍ପ ଗୁଡିକୁ ସୃଷ୍ଟି କରନ୍ତୁ । |
| ଚୁକ୍ତି ପାଇଁ ଦାବି କରନ୍ତୁ | ପଦବୀ ପାଇଁ ଦାବି କରନ୍ତୁ | ସମସ୍ତଙ୍କ ହିତ ପାଇଁ ଦାବି କରନ୍ତୁ |
| ଇଚ୍ଛାଗତ ପ୍ରତିଯୋଗିତା ଠାରୁ ଦୂରରେ ରହିବା ପାଇଁ ଚେଷ୍ଟା କରନ୍ତୁ । | ଇଚ୍ଛାଗତ ପ୍ରତିଯୋଗିତାରେ ଜୀଣିବା ପାଇଁ ଚେଷ୍ଟା କରନ୍ତୁ । | ସ୍ୱତନ୍ତ୍ର ଫଳାଫଳକୁ ବିନା ଇଚ୍ଛାଶକ୍ତିରେ ପହଞ୍ଚିବା ନିମନ୍ତେ ଚେଷ୍ଟା କରନ୍ତୁ । |
| ଚାପ ଉପୁଜାଇବା | ଚାପ ପ୍ରୟୋଗ କରିବା | ବିଚାରଶକ୍ତି ଏବଂ ଯେ କୌଣସି ବିଚାରଶକ୍ତିକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ । ସିଦ୍ଧାନ୍ତର ଅଧିନ ହେବା କିନ୍ତୁ ଚାପର ନୁହେଁ । |

## ବିବରଣ ପତ୍ର ୮ : ମଧ୍ୟସ୍ଥତାର ମୌଳିକ ସିଦ୍ଧାନ୍ତ ସମୂହ

- ମଧ୍ୟସ୍ଥମାନେ ପିଡିତ ନିମନ୍ତେ ଏକ ଚିନ୍ତା ଏବଂ କଳହ ମଧ୍ୟରେ ଏକ ମାନବୀୟ ଚେହେରା ଆଣିବା ନିମନ୍ତେ ଏକ ବାଂଛା ସହିତ ସଂଶ୍ଳିଷ୍ଟ ଅଟନ୍ତି ।
- ମଧ୍ୟସ୍ଥମାନେ ଅଲଗା ଏବଂ ଆଗ୍ରହି ନ ହେବା ବଦଳେ, ସମସ୍ତଙ୍କ ପକ୍ଷ୍ୟ ସହିତ ମିଶିନ୍ତି ଓ ସଂଶ୍ଳିଷ୍ଟ ରୁହନ୍ତି ।
- ମଧ୍ୟସ୍ଥମାନେ ଜଡିତ ଥିବା ଦଳଗୁଡିକ ବିଷୟରେ ଉତ୍ତମ ଭାବରେ ଜାଣିଥିବା ଆବଶ୍ୟକ ।
- ସମସ୍ତ ପକ୍ଷ ସ୍ୱେଚ୍ଛାକୃତ ଭାବରେ ପ୍ରକ୍ରିୟାର ଅଂଶୀହେବା ନିମନ୍ତେ ଏକମତ ହେବା ଆବଶ୍ୟକ ଏବଂ ନିର୍ଦ୍ଦିଷ୍ଟ ମଧ୍ୟସ୍ଥ ବା ମଧ୍ୟସ୍ଥମାନଙ୍କୁ ଗ୍ରହଣ କରିବା ଆବଶ୍ୟକ ।
- ମଧ୍ୟସ୍ଥମାନେ ସମସ୍ତ ପକ୍ଷ ସହିତ କାର୍ଯ୍ୟ କରିବା ନିମନ୍ତେ ଇଚ୍ଛା କରିବା ଆବଶ୍ୟକ ।
- ମଧ୍ୟସ୍ଥାର ଉଦ୍ଦେଶ୍ୟ ବସ୍ତୁନିଷ୍ଠ ସତ୍ୟ ଖୋଜିବା ନୁହେଁ, ବରଂ ଏକ ଚୁକ୍ତି ସମାଧାନ, ଯାହା, ସମସ୍ତ ପକ୍ଷରେ ଧାରଣା ଏବଂ ମାନଦଣ୍ଡ ଓ ପ୍ରଥା ସହିତ ଜଡିତ ଧାରଣା ଏବଂ ଅନୁଭୂତି କୁ ସ୍ୱୀକାର କରେ ଓ ତାହା ଆଧାରିତ ଅଟେ ।
- ମଧ୍ୟସ୍ଥମାନେ ମଧ୍ୟସ୍ଥତା ପ୍ରକ୍ରିୟାକୁ ମାର୍ଗଦର୍ଶନ ଓ ନିୟନ୍ତ୍ରଣ କରନ୍ତି । କିନ୍ତୁ ଆଲୋଚନାର ସାମଗ୍ରୀ ଗୁଡିକୁ ନିର୍ଦ୍ଦେଶ ଦେବା ଚେଷ୍ଟାରୁ ଦୂରେଇବାର ଆବଶ୍ୟକ ।
- ମଧ୍ୟସ୍ଥମାନେ ସବୁସମୟରେ ନିଷ୍ପକ୍ଷ ରହିବା ଆବଶ୍ୟକ ।
- କଳହ ସମାଧାନର ବିକଳ୍ପ ଗୁଡିକ ଦଳଗୁଡିକ ମଧ୍ୟରୁ ଆସିବା ଆବଶ୍ୟକ, ଯେଉଁମାନେ କୌଣସି ଚୁକ୍ତିକୁ ନିଜସ୍ୱ କରିବେ ।

## ବିବରଣ ପତ୍ର-୯ : ଏକ ମଧ୍ୟସ୍ଥତା ପ୍ରକ୍ରିୟା

ମଧ୍ୟସ୍ଥତା ପ୍ରକ୍ରିୟାକୁ ବ୍ୟାଖ୍ୟା କରିବା ଏବଂ ଏଠାରେ ଉଲ୍ଲେଖିତ ସୋପନ ଗୁଡିକ ଦ୍ୱାରା ଦଳଗୁଡିକୁ ମାର୍ଗଦର୍ଶନ କରାଇବା ହେଉଛି ମଧ୍ୟସ୍ଥର ଭୂମିକା । ମଧ୍ୟସ୍ଥମାନେ ସାଧାରଣତଃ, ପ୍ରକ୍ରିୟା ଦ୍ୱାରା ଆପଣଙ୍କ ନିଜର ପ୍ରଙ୍ଗରେ, ନିଜ ନିମନ୍ତେ ସ୍ଥିର କରିଥାନ୍ତି । ସାମାନ୍ୟ ଆଧାର ଏବଂ ଚୁକ୍ତିର ସାମ୍ଭାବ୍ୟ ବିନ୍ଦୁ ପୁଡିକକୁ ଚିହ୍ନଟ କରିବା ଏବଂ ଏହାକୁ ଇଙ୍ଗିତ କରିବା ମହତ୍ୱପୂର୍ଣ୍ଣ ଅଟେ । କାରଣ ଦଳଗୁଡିକ ପରବର୍ତ୍ତୀ ସୋପାନ ଗୁଡିକକୁ ଘୁଞ୍ଚିଥାଏ ।

**ମଧ୍ୟସ୍ଥତାର ପ୍ରକ୍ରିୟାରେ ସାମ୍ଭାବ୍ୟ ସୋପାନ ସମୂହ:** ପ୍ରାକ୍ ମଧ୍ୟସ୍ଥତା ସ୍ତର - ମଧ୍ୟସ୍ଥମାନଙ୍କ ଦ୍ୱାରା ପ୍ରସ୍ତୁତି ।

- ଆୟୋଜନ ସ୍ଥଳ ସ୍ଥିର କରିବା ସହିତ ରଣନିତି ଓ ପ୍ରକ୍ରିୟାର ଯୋଜନା ପ୍ରସ୍ତୁତି କରିବା ନିମନ୍ତେ ସାଥୀ ମଧ୍ୟସ୍ଥତା ସହିତ ବୈଠକ କରନ୍ତୁ ।
- ନିଜକୁ ପରିଛନ୍ଦ କରିବା ନିମନ୍ତେ ପ୍ରକ୍ରିୟାର ବ୍ୟାଖ୍ୟା କରିବା ନିମନ୍ତେ ଭୂମିକାକୁ ସ୍ପଷ୍ଟ କରିବା ନିମନ୍ତେ ଏବଂ ମଧ୍ୟସ୍ଥତା ପ୍ରକ୍ରିୟା ପାଇଁ ସେମାନଙ୍କର ଚୁକ୍ତି ପ୍ରାପ୍ତ କରିବା ନିମନ୍ତେ ଏବଂ ଆପଣ ମଧ୍ୟସ୍ଥ ରୂପରେ କାର୍ଯ୍ୟ କରିବା ନିମନ୍ତେ, କଳହ ସଂଶ୍ଳିଷ୍ଟ ଦଳଗୁଡିକ ସହିତ ଅଲଗା ଅଲଗା ମିଶନ୍ତୁ ।

*ଯଦି ଦଳଗୁଡିକ ଅଂଶ ଗ୍ରହଣ କରିବା ନିମନ୍ତେ ଚୁକ୍ତି ପ୍ରକାଶ କରନ୍ତି, ତେବେ ନିମ୍ନ ଲିଖିତ ପଦକ୍ଷେପ ନେବା ନିମନ୍ତେ ସମ୍ଭବ ହୁଏ, ସେତେବେଳେ ପ୍ରତ୍ୟେକ ଏକତ୍ର ସମଖାମୁଖି ହୁଅନ୍ତି ।*

**ସ୍ତର – ୧: ପରିଚୟ - ପ୍ରକ୍ରିୟା ବ୍ୟାଖ୍ୟା କରନ୍ତୁ ଏବଂ କ୍ଷେତ୍ରର ନିୟମ ଗୁଡିକ ନିର୍ଦ୍ଧାରଣ କରନ୍ତୁ (୫ମିନିଟ୍)**

ଖୁସି ମନରେ ପ୍ରତ୍ୟେକଙ୍କୁ ସ୍ୱାଗତ କରନ୍ତୁ ଏବଂ ଅଂଶଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ଧନ୍ୟବାଦ ଦିଅନ୍ତୁ । ସେମାନଙ୍କ ମତ ନିଅନ୍ତୁ, କିପରି ଅଧିବେଶନକୁ ପରିଚାଳନା ଏବଂ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିହେବ । କ୍ଷେତ୍ର ନିୟମ ବ୍ୟାଖ୍ୟା କରନ୍ତୁ, ଉଦାହରଣ ସ୍ୱରୂପ କୌଣସି କଳି କିମ୍ବା ହିଂସା ନ କରିବା । ସେମାନଙ୍କୁ ମଧ୍ୟସ୍ଥର ନିର୍ଦ୍ଦେଶ ଓ ପ୍ରକ୍ରିୟାଗଡିକୁ କପାଳନ କରିବା ଏବଂ ଚୁକ୍ତି ହେବା ନିମନ୍ତେ କୁହନ୍ତୁ, ଉଦାହରଣ ସ୍ୱରୂପ ଅଂଶଗ୍ରହଣକାରୀମାନଙ୍କ ନିମନ୍ତେ ବିନା ପ୍ରତିବନ୍ଧକରେ ଯଥେଷ୍ଟ ସମୟ ଦେବା, ମନ୍ତବ୍ୟର ଆଦାନ ପ୍ରଦାନ କରାଇବା ଓ ଚୁକ୍ତି ଗଠନ କରିବା ।

**ସ୍ତର – ୨: ବିନା ପ୍ରତିବନ୍ଧକରେ ସମୟ (୫ ମିନିଟ୍)**

କଳହ ନିମନ୍ତେ ନିଜ ନିଜ କାର୍ଯ୍ୟର ବିବରଣି ଓ ସ୍ୱଷ୍ଟିକରଣ ଉପରେ ପ୍ରତ୍ୟେକ ପକ୍ଷ କୁହନ୍ତୁ । ଦ୍ୱିତୀୟ ପକ୍ଷ, ବିନା ପ୍ରତିବନ୍ଧକରେ ଶୁଣିବା ଆବଶ୍ୟକ । ପ୍ରତ୍ୟେକ କଳହୀ କହି ସାରିବା ପରେ, ସେମାନଙ୍କର ମୂଖ୍ୟ ଅଂଶ ଗୁଡିକର ଦର୍ଶନ ବୋଧ ନିମନ୍ତେ ସେମାନେ କ'ଣ କହିଛନ୍ତି ତାହା ସଂକ୍ଷିପ୍ତରେ ମଧ୍ୟସ୍ଥ ବିବରଣୀ ପ୍ରଦାନ କରିବେ ।

**ସ୍ତର – ୩: ଆଦାନ ପ୍ରଦାନ ସମସ୍ୟାଗୁଡିକ ଅନ୍ୱେଷଣ କରିବା (୧୦ ମିନିଟ୍ )**

କଳହୀମାନଙ୍କୁ ମଧ୍ୟସ୍ଥମାନେ ସାହାର୍ଯ୍ୟ କରିବେ ଯେପରି ସେମାନେ ପରସ୍ପର ସହିତ କଥାବାର୍ତ୍ତା କରିବେ, କଳହ ଓ ସମସ୍ୟାଗୁଡିକ ଉପରେ ପ୍ରତିକ୍ରିୟା ରଖିବେ, ବିନା କଳିରେ ନିଜ ଭାବନାକୁ ନିୟନ୍ତ୍ରଣ କରିବେ । ସାଧାରଣତଃ ଏହା ମଧ୍ୟସ୍ଥତା ପ୍ରକ୍ରିୟାର ସବୁଠାରୁ ଅତି କଠିନ ଅଂଶ ଅଟେ ।

**ମଧ୍ୟସ୍ଥ ମାନଙ୍କ କର୍ତ୍ତବ୍ୟ ।**

- ଭିନ୍ନତା ସ୍ୱୀକାର କରିବା, ଏବଂ ଘୁଞ୍ଚିବା ।
- କଥାବାର୍ତ୍ତାକୁ ପ୍ରୋତ୍ସାହିତ କରିବା ।
- ବୋଧତାକୁ ପରୀକ୍ଷା କରିବା ଏବଂ କଳ୍ପନାଗୁଡିକୁ ସ୍ୱଷ୍ଟ କରବା - ସମସ୍ୟାଗୁଡିକୁ ଚିହ୍ନଟ କରିବା ।
- ଅତୀତକୁ ପରିତ୍ୟାଗକରି ଭବିଷ୍ୟତ ଉପରେ ଧ୍ୟାନ ଦେବା ।
- ଏକ ସୁରକ୍ଷା ବାତାବରଣ ସୃଷ୍ଟି କରବା ।
- ଚୁକ୍ତି ଓ ଅଚୁକ୍ତିର କ୍ଷେତ୍ରଗୁଡିକ ଏକାଠି କରବା ।

## ସ୍ତର - ୪: ଚୁକ୍ତି ଗଠନ କରିବା (୧୦ ମିନିଟ୍)

ମଧ୍ୟସ୍ଥଙ୍କ ସହାୟତାରେ, କଳହୀମାନେ ସେମାନଙ୍କ ନିଜ ନିଜ ସମାଧାନର ରାସ୍ତା ଗୋଜିବେ । ମଧ୍ୟସ୍ଥମାନେ, ଭବିଷ୍ୟତ ସମ୍ପର୍କଗୁଡିକ ନିମନ୍ତେ ସକରାତ୍ମକ ବିଷୟ ସୃଷ୍ଟିକରୁଥିବା ଏକ ଚୁକ୍ତି ନିମନ୍ତେ ପ୍ରୋତ୍ସାହିତ କରିବା ଆବଶ୍ୟକ । ଏହି ଚୁକ୍ତି କାର୍ଯ୍ୟକ୍ରମ ଯେପରି ଉଭୟ ଦଳର ବିଜୟୀ ହେଇପାରିବେ, ସେଥିପଇଁ ପରସ୍ପରର ଆବଶ୍ୟକତା ଗୁଡିକୁ ସମ୍ମିଳିତ କରିବା ଆବଶ୍ୟକ ।

### ମଧ୍ୟସ୍ଥଙ୍କ କର୍ତ୍ତବ୍ୟ

- ବିକଳ୍ପ ଗୁଡିକ ଉତ୍ପନ୍ନ କରିବା ଏବଂ ସହାୟକ ଭାବଭଙ୍ଗୀ ଗୁଡିକୁ ଉଜାଗର କରିବା ନିମନ୍ତେ ସହାୟକ ହେବା ।
- ବିକଳ୍ପ ଗୁଡିକୁ ମୂଲ୍ୟାୟନ କରିବା ନିମନ୍ତେ ସହାୟକ ହେବା ।
- ସମସ୍ୟାର ସମାଧାନ ନିମନ୍ତେ ପ୍ରୋତ୍ସାହିତ କରିବା ।
- ପରବର୍ତ୍ତୀ କାର୍ଯ୍ୟ ନିର୍ବାହ ନିମନ୍ତେ ବ୍ୟବସ୍ଥା କରିବା ।
- ଯଦି ଚୁକ୍ତିରେ ପହଞ୍ଚି ନାହଁ, ତେବେ କ'ଣ କରିବାକୁ ହେବ ତାହା ଚିହ୍ନଟ କରାଇବା ।

## ସ୍ତର - ୫: କଳହ ସମାଧାନ ( ୫ମିନିଟ୍)

ମଧ୍ୟସ୍ଥମାନେ ଦଳଗୁଡିକର ନିଜତ୍ୱ ଶବ୍ଦଗୁଡିକକୁ ବ୍ୟବହାର କରି ସମାଧାନଗୁଡିକ ଲେଖନ୍ତୁ । ଚୁକ୍ତି ପତ୍ର ଦଳଗୁଡିକ ଦ୍ୱାରା ଦସ୍ତଖତ କରାଇ, ଏକ ଅବିକଳ ସେମାନଙ୍କୁ ପ୍ରଦାନ କରନ୍ତୁ । ମଧ୍ୟସ୍ଥ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଉତ୍ତମ କାର୍ଯ୍ୟ ସକାଶେ ଅଭିନନ୍ଦନ ଜଣାଇବେ ଓ ଗଠନ ମୂଳକ କଳହ ସମାଧାନରେ ଅଂଶଗ୍ରହଣ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବେ ।

### ବିବରଣ ପତ୍ର ୧୦: ପାଶ୍ଚାତା ଓ ଅଣ-ପାଶ୍ଚାତା ପ୍ରକ୍ରିୟା ସମୂହ

| ପାଶ୍ଚାତ୍ୟ | ଅଣ-ପାଶ୍ଚାତ୍ୟ |
|---|---|
| ମଧ୍ୟସ୍ଥତା ଔପଚାରିକ ଏବଂ ସଂରଚିତ ପ୍ରକ୍ରିୟାମାନଙ୍କ ଯାହା ଯୋଗ୍ୟ ନିରପେକ୍ଷ ମଧ୍ୟସ୍ଥମାନଙ୍କୁ ବ୍ୟବହାର କରେ । | ମଧ୍ୟସ୍ଥତା ଅଧିକ ପ୍ରଭାବଶାଳୀ ଏବଂ ସାମ୍ପ୍ରଦାୟିକ ପ୍ରକ୍ରିୟା । କେଉଁଠାରେ ସ୍ଥାନୀୟ ଲୋକମାନଙ୍କୁ ଜଣାଥିବା ସାମାଜିକ ପରିଦସ୍ୟରେ କାର୍ଯ୍ୟକରିବା ବିଶ୍ୱସନୀୟ ପ୍ରାଚୀନ ଏବଂ ନେତା ସଂପୃକ୍ତ ହୋଇପାରନ୍ତି । |
| ପ୍ରତ୍ୟେକ କଥାବାର୍ତ୍ତାର ପ୍ରୋୟଗ କଳହୀ ଓ ମଧ୍ୟସ୍ଥମାନଙ୍କ ମଧ୍ୟରେ କରାଯାଏ ଏବଂ କଳହୀମାନଙ୍କ ମଧ୍ୟରେ କରାଯାଏ । ମଧ୍ୟସ୍ଥ ଯତ୍ନସହିତ କଥାବାର୍ତ୍ତାର ସୁବିଧା ସୃଷ୍ଟି କରିଥାଏ । | ଚେହେରାକୁ ଲୁଚାଇବା ନିମନ୍ତେ ଜଣକ ମଧ୍ୟରେ ପରୋକ୍ଷ ତୃତୀୟ ପକ୍ଷର ପ୍ରକ୍ରିୟାଗୁଡିକ ବ୍ୟବହାର କରାଯାଇପାରେ । ବିବାଦକୁ ହ୍ରାସ କରିବା ଶକ୍ତିର ଅନ୍ତରକୁ ସନ୍ତୁଳିତ କରିବା ଏବଂ କଥାବାର୍ତ୍ତା କୌଶଳ ଓ କ୍ଷମତାକୁ ସମାନ କରିବା । ଏଥିପାଇଁ କଥାବାର୍ତ୍ତା ଅନ୍ୟ ମାଧ୍ୟମରେ ହୋଇପାରେ, ଓକିଲମାନଙ୍କ ଦ୍ୱାରା କରାଯାଇପାରିବ, ଏବଂ ଅନ୍ୟ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା କଳହ ସମାଧାନ ପାଇଁ ପ୍ରସ୍ତାବ ଦିଆଯାଇପାରିବ । |

| | |
|---|---|
| ସମୟ ମୌଖିକ ଅଟେ (ଗୋଟିଏ ସମୟରେ ଗୋଟିଏ କାର୍ଯ୍ୟ ସପନ୍ନ କରାଯାଇପାରିବ) । ଏହାକୁ ପରିଣାମ ଦର୍ଶନ ଅଧିବେଶନରେ ନିୟନ୍ତ୍ରଣ କରାଯାଇପାରିବ, ଏବଂ ସ୍ପଷ୍ଟିକରଣ, ଦାବି ଓ ପ୍ରତିବାଦି ଗୁଡିକର କ୍ରମିକ ଅନୁସୂଚୀ ଦ୍ୱାରା ପରିଚାଳିତ କରାଯାଏ । | ସମୟ ସମ୍ବନ୍ଧ ସଂଶ୍ଲିଷ୍ଟ (ଅଧିକ ସଂପର୍କ ଏବଂ ସମସ୍ୟା ଗୁଡିକ ପରସ୍ପର ସହିତ ଗୁନ୍ଥା) । କାର୍ଯ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କ ନିମନ୍ତେ ଗୁରୁତ୍ୱ ନୁହେଁ । ତେଣୁ ଆତ୍ମପ୍ରକଟିକରଣ, ସାମାଜିକ ଅନୁଷ୍ଠାନ ଗୁଡିକର ବ୍ୟକ୍ତିଗତ କାର୍ଯ୍ୟାସୂଚୀ ଓ ସାମ୍ପ୍ରଦାୟିକ ଚିନ୍ତାର ଅନୁସରଣ କରେ । |
| ଗଠନମୂଳକ, କାର୍ଯ୍ୟରତ ଏବଂ ଲକ୍ଷ୍ୟସୂଚୀତ ସମସ୍ୟା ଗୁଡିକର ସହମତି ନିମନ୍ତେ ପହଞ୍ଚାଇବା ପ୍ରକ୍ରିୟା ଅଟେ । କଳହୀମାନଙ୍କ ପସନ୍ଦ, ଲକ୍ଷ୍ୟ ଓ ସନ୍ତୁଷ୍ଟିର ସ୍ୱୟତା ଏବଂ ବ୍ୟକ୍ତିବାଦି କେନ୍ଦ୍ର ଅଟେ । | ଏହି ପ୍ରକ୍ରିୟା ଅଧିକ ଗତିଶୀଳ ଅଟେ ଓ ସମ୍ପର୍କ ସଞ୍ଚାଳନ ଏବଂ ଗୋଷ୍ଠୀରେ ଉତ୍ତେଜନା ସାମାଧାନ କରିବାରେ ଦିଗନିର୍ଦ୍ଦେଶିତ ଅଟେ । ସନ୍ଦର୍ଭରେ ଏବଂ କ୍ଷତ ପାଉଥିବା ଦଳଗୁଡିକର ସାମଞ୍ଜସ୍ୟ କେନ୍ଦ୍ରୀୟ ଅଟେ । |
| ମଧ୍ୟସ୍ଥମାନଙ୍କୁ ବୈଷୟିକ ବିଶେଷଜ୍ଞ ପେଶାଦାର ଓ କଳହୀ ସହିତ ଅନାମ ଏବଂ ଅବ୍ୟକ୍ତିକ ସମ୍ବନ୍ଧ ଥିବା ବ୍ୟକ୍ତି ଭାବରେ ପ୍ରସ୍ତୁତ କରିଥାନ୍ତି । ଏକ ଲିଖିତ ଅନୁବନ୍ଧର ସୁବିଧା କରାଯିବା ଓ ମଧ୍ୟସ୍ଥ ସେମାନଙ୍କ ଜୀବନରୁ ବାହାର ରହନ୍ତି । | ମଧ୍ୟସ୍ଥମାନଙ୍କୁ ସଂପ୍ରଦାୟୀକ ନେତା ସାମାଜିକ ସଂନ୍ଦର୍ଭରେ ଭରସା ଯୋଗ୍ୟ ବୋଲି ଚିହ୍ନଟ କରାଇବେ । ସେମାନେ ବ୍ୟକ୍ତିଗତ ରୂପରେ ସାମାଜିକ ସଂଜାଳରେ ଅନ୍ତର୍ନିହିତ ଅଟନ୍ତି ଏବଂ କଳହରେ ଦଳମାନଙ୍କ ସହିତ ଉଭୟ ସମାଧାନ ସମୟରେ ଓ ପରେ ସମ୍ପର୍କରେ ଥାଆନ୍ତି । |

**ବିବରଣ ପତ୍ର - ୧୧: ସକ୍ରିୟ ଶ୍ରବଣ**

କାହିଁକି ସକ୍ରିୟ ଶ୍ରବଣ କୌଶଳକୁ ବୃଦ୍ଧି କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ?

- ☞ ମଧ୍ୟସ୍ଥତାରେ ଆପଣ ଏକ ପରିସ୍ଥିତିରେ ରହିଥାଇପାରନ୍ତି, ଯେଉଁଠାରେ ଆପଣ ଟିପଣୀ ନେଇ ପାରିବେ ନାହିଁ, କିନ୍ତୁ ସରଣୀରେ ରଖିବା ନିମନ୍ତେ ଅନେକ ସୂଚନାଗୁଡିକ ରହିଅଛି ।
- ☞ ବକ୍ତା ଭାବନ୍ତି ଯେ, ସେମାନେ ଆପଣାର ସପୂର୍ଣ୍ଣ ଧ୍ୟାନ ଦେଇଛନ୍ତି । ସେମାନଙ୍କ ନିମନ୍ତେ ଏହା ଜାଣିବା ଅତିଗୁରୁତ୍ୱପୂର୍ଣ୍ଣ ଯେ, ସେମାନେ ଯାହା କହିଅଛନ୍ତି ଆପଣ ତାହା ଶୁଣିଛନ୍ତି ।
- ☞ ସେମାନେ ଯାହା କହିଲେ ଓ ତାହା କିପରି ଆସିଲା, ସେହି ଉପରେ ବକ୍ତାଙ୍କର ପ୍ରତିକ୍ରିୟା ଥାଏ ।
- ☞ ଏହା ଏକ ଏହିପରି ବାତାବରଣ ସୃଷ୍ଟିକରେ, ଯେଉଁଠାରେ ବକ୍ତାଙ୍କୁ ବିଷୟବସ୍ତୁ କହିବା ନିମନ୍ତେ ମନବଳ ଦିଆଯାଏ । ଏବଂ ତାଙ୍କୁ ବିଚାର କରାଯିବ ନାହିଁ ।

☞ ଏହା ଭବିଷ୍ୟତ ନିମନ୍ତେ ଏକ ଦୃଢ ଏବଂ ଅଧିକ ଭରସାଯୁକ୍ତ ସମ୍ବନ୍ଧ ରଖିବା ନିମନ୍ତେ ସହାୟକ ହୋଇଥାଏ । କିଛି ଲୋକଙ୍କୁ ଅନେକ ସମୟରେ ଏକ ଉତ୍ତମ ଶ୍ରତା ସହିତ ରହିବାର ସୁଯୋଗ ମିଳିନଥାଏ । ଉଦାହରଣ ସ୍ୱରୂପ, କିଛି ନେତାମାନଙ୍କୁ ପରବର୍ତ୍ତୀ ତାରିଖରେ ସେମାନଙ୍କ ବିରୁଦ୍ଧରେ ଉପଯୋଗ କରାଯାଇଥିବା ଅପ୍ରତିକୂଳ କାର୍ଯ୍ୟସୂଚୀ ନିଜ ହିତ ନିମନ୍ତେ ସୂଚନା ଗୁଡିକ ଦ୍ୱାରା ପାଇବା ଯୋଗୁଁ ଲୋକମାନଙ୍କ ଉପରେ ଭରସା କରାଯାଇପାରେ ନାହିଁ ।

☞ ଏହା ଭୁଲ ବୁଝାମଣାରୁ ବଞ୍ଚାଇ ରଖିବାରେ ସାହାଯ୍ୟ କରେ, ଏଥିପାଇଁ ଆପଣ ଅଧିକ ପ୍ରଭାବିତ ଢଙ୍ଗରେ ଅନ୍ୟ ସହିତ କାର୍ଯ୍ୟ କରିପାରିବେ ।

**ସକ୍ରିୟ ଶ୍ରବଣରେ କିଛି ଗୁରୁତ୍ୱପୂର୍ଣ୍ଣ ମୌଳିକ ବସ୍ତୁ**

❖ ଯାହା କୁହାଯାଉଛି, ତାହାର ବିଷୟବସ୍ତୁ ଶୁଣନ୍ତୁ । ମୂଖ୍ୟ ବିନ୍ଦୁ ବା ବିଚାରସମୂହ କ'ଣ ?

❖ କଥାବର୍ତ୍ତାର ପ୍ରସଙ୍ଗ କ'ଣ ଅଟେ (ଶବ୍ଦ, ଧ୍ୱାନୁଚୁତ, ବାହ୍ୟ ବାତାବରଣର ଅନ୍ୟ ମୌଳିକ ଗୁଡିକ) । କ'ଣ ଏହା ଏକ ପ୍ରସଙ୍ଗ ବର୍ଗକାରବାରେ ସହାୟକ ହେବେ ।

❖ ଭାବନାକୁ ଶୁଣନ୍ତୁ ଓ ଯେଉଁମାନଙ୍କୁ ଆପଣ ସେମାନଙ୍କ ସ୍ୱନାଦ ସମସ୍ତ ପ୍ରତିକ୍ରିୟା ରଖନ୍ତୁ ।

❖ କ'ଣ କିଛି ବିସ୍ତୃତ ଭାବର ବ୍ୟାଖ୍ୟା କରିବା ନିମନ୍ତେ ପ୍ରୋତ୍ସାହିତ ଦିଅନ୍ତି ।

❖ ପରସ୍ପର ମଧ୍ୟରେ କଥାବାର୍ତ୍ତା କରନ୍ତୁ ନାହିଁ । (ଆପଣମାନେ କଥାବାର୍ତ୍ତା କରିବା ଦ୍ୱାରା ଆପଣ ଶୁଣିପାରିବେ ନାହିଁ ) କିନ୍ତୁ ଉପଯୁକ୍ତ ସମୟରେ ପ୍ରଶ୍ନ ପଚାରନ୍ତୁ (ଏହାଦ୍ୱାରା ଜଣାଯିବ ଯେ ଆପଣ ଶୁଣୁଛନ୍ତି ) ।

❖ ଉପଯୁକ୍ତ ସମୟରେ ଆପଣ କ'ଣ ଶୁଣିଛନ୍ତି ବୋଲି ଚିନ୍ତା କରୁଛନ୍ତି, ତାହା ପୁନର୍ବାର କୁହନ୍ତୁ କିମ୍ବା ବିବରଣି ଦିଅନ୍ତୁ । ସେମାନଙ୍କର ପ୍ରଭାବ କ୍ଷେତ୍ରକୁ ଆସନ୍ତୁ ସେମାନେ ଆପଣଙ୍କ ଆଡକୁ ଆସିବା କଳ୍ପନା କରନ୍ତି ନାହିଁ ।

❖ ସେମାନେ ବୁଝିପାରୁଥିବା ଭାଷା ବ୍ୟବହାର କରନ୍ତୁ ।

❖ ବସ୍ତୁଗୁଡିକ ଦ୍ୱାରା ପ୍ରଚାରିତ ହୁଅନ୍ତୁ ନାହିଁ ।

❖ ଆପଣଙ୍କ ପ୍ରବେଶ ସର୍ବସାଧାରଣ ଓ ବ୍ୟତିକ୍ରମ ଦ୍ୱାରା ପ୍ରଭାବିତ ନହେବା ନିମନ୍ତେ ଚେଷ୍ଟା କରନ୍ତୁ ।

❖ ଯେତେବେଳେ ଆପଣ ଶୁଣୁଛନ୍ତି, ଆବଶ୍ୟକ ପ୍ରକ୍ରିୟା କ'ଣ ରହିବ, ତାହା ଉପରେ ଚିନ୍ତା କରନ୍ତୁ ନାହିଁ ।

**ସକ୍ରିୟ ଶ୍ରବଣର ମୌଳିକ ବସ୍ତୁ ସମୂହ**

| ବାଚନିକ | ଅଣ-ବାଚନିକ |
|---|---|
| - ପ୍ରୋତ୍ସାହନ<br>- ସହାନୁଭୂତି<br>- ପ୍ରଶ୍ନକରିବା<br>- ପ୍ରତିଫଳନ କରିବା<br>- ସାକ୍ଷର କରିବା | - ଅଙ୍ଗ ଭଙ୍ଗୀ<br>- ସଂକେତ, ହାବଭାବ<br>- ଦୃଷ୍ଟି ସଂପର୍କ<br>- ଭୌତିକ ସ୍ଥାନ<br>- ସ୍ପର୍ଶ |

| ବାଚନିକ | ଅଣ-ବାଚନିକ |
|---|---|
| - ସ୍ପଷ୍ଟ କରିବା | - ଅନ୍ୟମାନଙ୍କ ଉପସ୍ଥିତ (ବନ୍ଧୁତ୍ୱ, ଅଣ-ବନ୍ଧୁତ୍ୱ, ସହଯୋଗ, ନାସ୍ତି କରିବା । |
| - ସାରାଂଶ ପ୍ରସ୍ତବ କରିବା | - ଏକତ୍ର ଶାନ୍ତି (ମନଦେବା) |

**ବିବରଣ ପତ୍ର - ୧୨ : ବିବରଣ ପତ୍ରରେ ମଧ୍ୟସ୍ଥତା କଳହ ଦୃଶ୍ୟ - *ଶଉରା/ଶବର ଗୋଷ୍ଠୀ***

**ଦୃଶ୍ୟ:** ଦୁଇ ଭାଇ ସେମାନଙ୍କର ଜମି ଭାଗ କରନ୍ତି ଏବଂ ହସ୍ତ ମିଳନ କରାନ୍ତି । କୌଣସି ଔପଚାରିକ ଲିଖିତ ରଖିଲେ ନାହିଁ । ଏପରି ଏକ ପରିସ୍ଥିତି ସୃଷ୍ଟିହେଲା, ସେମାନେ ସମ୍ପର୍କୀୟ ଭାଇମାନେ ନିମନ୍ତେ ଜମି ଗୁଡିକର ଉତ୍ତରାଧୀକାରୀ ସେମାଙ୍କ ଏବଂ ପୁଅମାନେ କିଏ କେଉଁଠିର ଅଧିକାରୀ ହେବେ ସେ ବିଷୟରେ ଚୁକ୍ତି ନ ଦେଇ ମରିଗଲେ । କେତେକ ଜମି କୃଷି ନିମନ୍ତେ ଉତ୍ତମ ଫସଲ ଉତ୍ପନ୍ନ କରେ ଏବଂ ଅନ୍ୟଗୁଡିକ ଛେଳିଗୁଡିକ ନିମନ୍ତେ ସୁରକ୍ଷିତ ଉଚ୍ଚଭୂମି । ସମ୍ପର୍କୀୟ ଭାଇମାନେ ଅଧିକ କୃଷି ଜମିଗୁଡିକ ନିମନ୍ତେ ଦାବି କଲେ । ଏହି କଳହ ମରମ ହୋଇ ଉଠିଲେ ଏବଂ ହିଂସାର ଭୟ ସୃଷ୍ଟି ହେଲା ।

ସ୍ଥାନୀୟ ଶାନ୍ତିପ୍ରତିଷ୍ଠା ଓ ବିକାଶ କମିଟି (VPDC) ଉପୁଜୁଥିବା କଳହ ବିଷୟରେ ଶୁଣନ୍ତି ଏବଂ କଳହ ସମାଧାନ ନିମନ୍ତେ ପ୍ରକ୍ରିୟାର ପ୍ରସ୍ତାବ ଦିଅନ୍ତି । ପରିସ୍ଥିତିକୁ ହ୍ରାସ କରିବା ନିମନ୍ତେ ପଦକ୍ଷେପ ସଦୃଶ୍ୟ, ପ୍ରତ୍ୟେକ ପରିବାର, ସେମାନଙ୍କର ପରିବାରର ପ୍ରାଚୀନମାନଙ୍କ ସାହାଯ୍ୟ ଅନ୍ୱେଷଣ କରିବା ନିମନ୍ତେ ପରାମର୍ଶ ଦିଆଗଲେ ଓ ସେହି ପ୍ରାଚୀନମାନେ ପରସ୍ପର ସହିତ ଏବଂ କଳହୀମାନଙ୍କର ସହିତ କଥାବାର୍ତ୍ତା କଲେ, କିନ୍ତୁ କୌଣସି ଅଳ୍ପ ସମାଧାନର ପାଉଥିବା ପାରିବା ଯୋଗୁଁ, ସେମାନେ ଏକ ଶବର/ସଉରା ଗୋଷ୍ଠୀ ଗଠନ କରିବା ନିମନ୍ତେ ନିଷ୍ପତ୍ତି ନେଲେ । ତେଣୁ, ସେହି ପରିବାରର ପ୍ରାଚୀନମାନେ ଉପଯୁକ୍ତ ସଉରା/ଶବର ସଦସ୍ୟମାନଙ୍କ ନିକଟକୁ ଗଲେ ଓ ସେମାନଙ୍କ ସହିତ ଆଲୋଚନା କଲେ, ଏବଂ ଏହି କଳହ ନିମନ୍ତେ ଏକ ତାରିଖ ଓ ସ୍ଥାନ ନିର୍ଦ୍ଧାରଣ କଲେ ।

ଏଥିରେ ଏକମତ ହୋଇଥିବା ସଉରା/ଶବର ମୂଖ୍ୟ (ସ୍ଥାନୀୟ ମୂଖ୍ୟ) ପ୍ରତ୍ୟେକ ପରିବାରକୁ ସେମାନଙ୍କ ଉଭୟ ଦଳର ଘଟଣାଟିକୁ ଉପସ୍ଥାପନା କରିବା ପାଇଁ କହି ଆଲୋଚନା ଆରମ୍ଭ କଲେ । ଏହି ଶାନ୍ତିପ୍ରତିଷ୍ଠା ଓ ବିକାଶ କମିଟି (VPDC)ର ସଉରା ସଦସ୍ୟ ସେହି ବିଷୟରେ ଖୋଳତନକି କରିବା କଳହୀମାନଙ୍କ ଗୃହକୁ ପରିଦର୍ଶନ କରି ପରିସ୍ଥିତି ବୁଝିଥିଲେ । ଏହା ମଧ୍ଯ କିଛି ମାତ୍ରାରେ ପରିସ୍ଥିତିକୁ ହ୍ରାସ କରିବାରେ ସହାୟକ ହୋଇଥିଲା । ସେହି ତାରିଖ ଓ ସ୍ଥାନରେ ସଉରା ଆଲୋଚନା ପ୍ରାରମ୍ଭ ହୁଏ...

**ଭୂମିକା ନିର୍ବାହ ପ୍ରକ୍ରିୟା**

ଅଂଶୀ ୧ : କଳହୀ ପରିବାର ଗୁଡିକ ଜମି ବିଷୟରେ ତର୍କ ବିତର୍କ କରନ୍ତି ।

ଅଂଶୀ ୨ : ୧ପକ୍ଷର ପୁଅମାନେ ସେମାନଙ୍କ ପରିବାରର ପ୍ରାଚୀନମାନଙ୍କ ସହିତ ମିଶି ପରିସ୍ଥିତି ବିଷୟରେ କଥାବାର୍ତ୍ତା କରନ୍ତି ।

ଅଂଶୀ ୩ : ୨ ପକ୍ଷର ପୁଅମାନେ ସେମାନଙ୍କ ପରିବାରର ପ୍ରାଚୀନମାନଙ୍କ ସହିତ ମିଶି ପରିସ୍ଥିତି ବିଷୟରେ କଥାବାର୍ତ୍ତା କରନ୍ତି ।

ଅଂଶୀ ୪ : ଦୁଇ ପରିବାରର ପ୍ରାଚୀନମାନେ ଓ କଳହୀ ସାକ୍ଷାତ କରନ୍ତି କିନ୍ତୁ କଳହ ସାଧାରଣରେ ଅସଫଳ ହୁଅନ୍ତି ?

ଅଂଶୀ ୫ : ପରିବାରର ପ୍ରାଚୀନମାନେ ସଉରା/ଶବର (VPDC) ଗଠନ କରନ୍ତି ଏବଂ କିଏ କିଏ ଶବର (VPDC) ସଦସ୍ୟମାନେ ହେବେ ସେ ବିଷୟରେ ଆଲୋଚନା କରନ୍ତି ।

ଅଂଶୀ ୬ : ଆଲୋଚନା ଆଗକୁ ବଢେ ।

ଅଂଶୀ ୭ : ଶବର ସଉରା ଗୋଷ୍ଠୀର ନିଷ୍ପତ୍ତି ।

**ଭୂମିକା ନିର୍ବାହ ନିମନ୍ତେ ଚରିତ୍ରଗୁଡିକର ଆବଶ୍ୟକତା ଦେଶଧାରଣ**

- ପରିବାରର ପ୍ରାଚୀନମାନେ ଦୁଇ
- କଳହୀମାନେ ୧ପକ୍ଷ ପରିବାରରୁ ତିନିଜଣ ପୁତ୍ର ଓ ଅନ୍ୟ ୨ପକ୍ଷ ଠାରୁ ଦୁଇ ଜଣ ପୁତ୍ର । ପୁତ୍ରମାନେ ବିଭିନ୍ନ ବ୍ୟକ୍ତିତ୍ୱ ଦିଆଯାଇପାରନ୍ତି, ଯେପରି, ନାକରେ ରାଗ, ଶାନ୍ତ ପ୍ରକୃତି, ବିଚାରଶୀଳ, ବଡ/ସାନ ଭାଇମାନଙ୍କ, ସେମାନଙ୍କ ସପକ୍ଷରେ ନିଷ୍ପତ୍ତିର ଅପେକ୍ଷା କରିଛନ୍ତି ।
- ସଉରା/ଶବର ମୂଖ୍ୟ ଜଣେ – ମୂଖିଆ ଗ୍ରାମଶାସକ, ଯେ ଜଣେ ଧନୀ ଜମିଦାର ରାଜକତା ଇତ୍ୟାଦି ।
- VPDC ସଉରା/ଶବର ସଦସ୍ୟ ସମୂହ ଚାରି ଜଣ ପ୍ରତ୍ୟେକ କଳହୀ ପରିବାରର ଦୁଇଜଣ ପ୍ରତିନିଧି VPDC ସଉରା ସଦସ୍ୟ ।
- ଗୋଷ୍ଠୀର ସଦସ୍ୟମାନେ ତାଲିମ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଗଠନ କରାଯିବ । ଏହା ସାଧାରଣ ଗୋଷ୍ଠୀ ଭାବରେ ଶବର ଆଲୋଚନାରେ ଉପସ୍ଥିତ ଥିବା ଏକ  ସମାଜ, ଶିକ୍ଷକ, ଅଧ୍ୟାପକ, ଅବସର ପ୍ରାପ୍ତ ସରକାରୀ କର୍ମୀ, ପ୍ରତିନିଧି ଏବଂ ଅନ୍ୟମାନେ ।

# ଭାଗ – ୫
# ବିଭିନ୍ନ ସ୍ତରରେ ଶାନ୍ତି ସ୍ଥାପନା

**ଭାଗ ୫ ର ଲକ୍ଷ୍ୟ**

- କିପରି ଶାନ୍ତିକୁ ଆମେ ବିଭିନ୍ନ ସ୍ତରରେ ସ୍ଥାପନ କରି ପାରିବା ?
- କେଉଁ ସବୁ ସ୍ତରଗୁଡିକ ଅତି ଆବଶ୍ୟକ ଶାନ୍ତି ସ୍ଥାପନ ନିମନ୍ତେ ?

| **ଅଧିବେଶନ** | **ଉପକରଣ** | **କାର୍ଯ୍ୟାବଳୀ** |
|---|---|---|
| ଅଧିବେଶନ – ୧ (୧୫ ମିନିଟ୍) | ବିବରଣୀ | ଭାଗର ପରିଚୟ । |
| ଅଧିବେଶନ –୨ (୩୦ ମିନିଟ୍) | ଫର୍ଦ୍ଦ ଓ | ସଂଶାଧନ ଭିତ୍ତିକ କଳହ |
| ଅଧିବେଶନ – ୩ (୩୦ ମିନିଟ୍) | କଲମ | ପରିଚୟ ଆଧାରିତ କଳହ |
| ଅଧିବେଶନ ୪ (୩୦ ମିନିଟ୍) | | ଲିଙ୍ଗଗତ କଳହ |
| ଅଧିବେଶନ ୫ (୩୦ ମିନିଟ୍) | | ଶିକ୍ଷା ମାଧ୍ୟମରେ ଶାନ୍ତିର ପଦୋନ୍ନତି |
| ଅଧିବେଶନ ୬ (୩୦ ମିନିଟ୍) | | ଶାନ୍ତି ପ୍ରକ୍ରିୟାରେ ଗଣମାଧ୍ୟମର ଭୂମିକା |
| ଅଧିବେଶନ ୭ (୧୫ ମିନିଟ୍) | | ଭାଗର ସମୀକ୍ଷା ଓ ପୁନରାବୃତି |

### ଅଧିବେଶନ – ୧: ଭାଗର ପରିଚୟ (୧୫ ମିନିଟ୍)

ଅଂଶଗ୍ରହଣକାରୀ ଦଳ ଶିଖିଥିବା ପୂର୍ବ ଭାଗର ଉପସ୍ଥାପନା ଏବଂ ପରବର୍ତ୍ତୀ ଆଲୋଚନା । ଶାନ୍ତି କିପରି ବିଭିନ୍ନ ସ୍ତରରେ ସ୍ଥାପନ ହେଇ ପାରୁଛି ଏବଂ ସେହି ସ୍ତର ଗୁଡିକର ଭୂମିକା କ'ଣ ହେଇପାରେ ସଂକ୍ଷିପ୍ତରେ ଆଲୋଚନା କରାଯିବ ।

### ଅଧିବେଶନ – ୨: ସଂଶାଧନ ଭିତ୍ତିକ କଳହ (୩୦ ମିନିଟ୍)

ଆଜିର ଯୁଗରେ ଦୃଶ୍ୟମାନ ହେଉଥିବା କଳହ । ପ୍ରମୁଖ କାରଣ ହେଉଛି ଯେ ଲୋକେ ସଂଶାଧନକୁ ହାସଲ କରିବାକୁ ସକ୍ଷମ ନୁହଁନ୍ତି । ଲୋକେ ସେମାନଙ୍କ ଅଧିକାରରୁ ବଞ୍ଚିତ । ଲୋକେ ନିଜ ହକ ପାଇବାକୁ ଅକ୍ଷମ । ଲୋକ ପ୍ରାକୃତିକ ସାଧନ ଉପରେ ନିଜ ଅଧିକାର ହରାଉଛନ୍ତି । ଏହା ଏକ ଜଟିଳ କଳହ ବିକାଶ କରୁଛି ଏବଂ ଦ୍ରୁତ ଭାବେ ବୃଦ୍ଧି ହେଉଛି । ଜନସଂଖ୍ୟା ବୃଦ୍ଧି ହେଉଛି । ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ସାଧନ ଉପରେ ସଂଘାତ ବୃଦ୍ଧି ପାଉଛି । ସମୟ କ୍ରମେ ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇବ ।

- **ଲାଭାଂଶର ଅସମାନ ବଣ୍ଟନ ଏବଂ ବିକାଶ ପ୍ରକଳ୍ପର ବୋଝ:** ଖନନ ଉଦ୍ୟୋଗ, ଶିଳ୍ପାଞ୍ଚଳ ଅଥବା ପ୍ରମୁଖ ଭିତ୍ତିଭୂମି ଯୋଜନା ଗୁଡିକ ସ୍ଥାନୀୟ ଗୋଷ୍ଠୀଙ୍କୁ ବହୁମୁଖୀ ସୁବିଧା ଯୋଗାଇବା ସଙ୍ଗେ ସଙ୍ଗେ ନବୀକରଣ ଯୋଗ୍ୟ ପ୍ରକୃତିକ ସାଧନକୁ ସାଙ୍ଘାତିକ ରୂପେ ପ୍ରଦୂଷିତ ଏବଂ ନଷ୍ଟ କରିପାରେ ଏବଂ ଅଭିଯୋଗର ଏକ ମୂଖ୍ୟ ଉତ୍ସ ହେଇପାରେ । ଯଦି ଗୋଷ୍ଠୀ ସ୍ୱାନ୍ତନା ମୂଳକ କ୍ଷତି ପୂରଣ ନପାଏ ତେବେ ବିକାଶତ୍ମକ ପ୍ରକଳ୍ପ ଗୁଡିକର ପରିବେଶ ସମ୍ବନ୍ଧୀୟ ସଙ୍ଘାତ ଉତେଜନା ସୃଷ୍ଟି କରିପାରେ । ଅନ୍ୟ ଭାଷାରେ ବିକାଶର ବୋଝ ଲାଭକୁ ଅତିକ୍ରମ କଲେ ଅଭିଯୋଗ ସୃଷ୍ଟି ହୁଏ । ସାଂସ୍କୃତିକ, ଆଧତ୍ମିକ ବା ଧାର୍ମିକଭାବ ଜଡିତ ନବୀକରଣ ଯୋଗ୍ୟ ସାଧନଗୁଡିକ କ୍ଷତିଗ୍ରସ୍ତ ହେଲେ ମହାଭିଯୋଗ ଦେଖାଦିଏ । ଏଭଳି ଅଭିଯୋଗ ଅତ୍ୟନ୍ତ ଆବେଗର୍ଣ୍ଣ ହୋଇଥାଏ, କାରଣ ଏହା ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରେ ।
- **ନିଷ୍ପତ୍ତି ଗ୍ରହଣରେ ଜନ ଅଂଶଗ୍ରହଣ ଏବଂ ସ୍ୱଚ୍ଛତାର ଅଭାବ:** ପ୍ରଭାବିତ ଗୋଷ୍ଠୀଙ୍କ ସକ୍ରିୟ ଯୋଗଦାନ ବିନା ବା ଯଥେଷ୍ଟ ସ୍ୱଚ୍ଛତା ବିନା ଏବଂ କାରକ ଙ୍କ ପରାମର୍ଶ ବିନା ବେଳେ ବେଳେ ରାଜ୍ୟ ବେସରକାରୀ କ୍ଷେତ୍ର କର୍ମୀଙ୍କ ସହ ପ୍ରାକୃତିକ ସଂଶାଧନ ସର୍ମ୍ପକିତ ବିଭିନ୍ନ ଦସ୍ତାବିଜ ପ୍ରସ୍ତୁତ କରିଥାନ୍ତି ଏବଂ ହସ୍ତକ୍ଷେପ କରିଥାନ୍ତି । ଯେଉଁଥିରେ ଗୋଷ୍ଠୀ ଏବଂ କାରକ ନବୀକରଣ ଯୋଗ୍ୟ ପ୍ରାକୃତିକ ସାଧନ ଉପରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ରେ ସାମିଲ ହେବାରୁ ବଂଚିତ ହୋଇଥାନ୍ତି, ସେମାନେ ଯେକୌଣସି ସର୍ମ୍ପକୀତ ନିଷ୍ପତ୍ତି ଓ ଫଳାଫଳକୁ ବିରୋଧ କରିବା ପରି ମନେ ହୁଅନ୍ତି । ମୂଳସାଧନ ବ୍ୟବହାରରୁ ବଂଚିତ, କ୍ଷତିପୂରଣ ବିନା ବେଦଖଲ ଏବଂ ନବୀକରଣ ଯୋଗ୍ୟ ସାଧନ, ଯଥା-ଜଳର ମୂଲ୍ୟରେ ହଠାତ ବୃଦ୍ଧି, ପ୍ରଭାବିତ ଗୋଷ୍ଠୀ, ସରକାର ଏବଂ ବେସରକାରୀ କ୍ଷେତ୍ର ମଧ୍ୟରେ ଉତ୍ତେଜନା ଆଡକୁ ଅଗ୍ରସର କରାଏ ।
- **ଦୁର୍ଲ୍ଲଭ  ସାଧନ ଉପରେ ଜୀବିକା ନିର୍ବାହ ଗୋଷ୍ଠୀର ପ୍ରତିଯୋଗିତା ହ୍ରାସ କରିବା:** ଯେତେବେଳେ ସାଧନର ଅଭାବ ଜୀବିକା ନିର୍ବାହ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି କରେ, ଦୁଇଟି ସମ୍ପୃକ୍ତ କଳହ ନିବାରଣ କୌଶଳ ଆବଶ୍ୟକ ହୁଏ; ୧. ଦୀର୍ଘସ୍ଥାୟୀ ଜୀବିକାର ସହଯୋଗ ଏବଂ ଦୁର୍ଲ୍ଲଭ ସାଧନର ଅସୁରକ୍ଷିତ ହ୍ରାସ କରିବା ଏବଂ ୨. ଦୁର୍ଲ୍ଲଭ ନବୀକରଣ ଯୋଗ୍ୟ ସାଧନର ଉପଲବ୍ଧିତା ବୃଦ୍ଧି କରିବା ଏବଂ ଅଧୋଗତି ବନ୍ଦ କରିବା । ବାସ୍ତବିକରୂପେ ଯେବେ ଅଗ୍ରୀମ ସତର୍କ କାର୍ଯ୍ୟକ୍ରମ ବା ପରିବେଶ ସମ୍ବନ୍ଧୀୟ ବିପଦ ଆକଳନରେ ନିର୍ଦ୍ଧିଷ୍ଟ ନବୀକରଣ ଯୋଗ୍ୟ ସାଧନ, ଯଥା ଜଳ, ଭୂମି ଆଦିର ଉପଲବ୍ଧିତାର ସାଧାରଣ ଗତିକୁ ଅଗ୍ରାହ୍ୟ କରେ, ଆବଶ୍ୟକୀୟ କ୍ଷେତ୍ର ଗୁଡିକରେ ଏକ ଦ୍ରୁତ ଜୀବିକା ନିର୍ବାହ ବିଶ୍ଳେଷଣ ସମ୍ପାଦନ କରିବା ଉଚିତ । ନିର୍ଦ୍ଧିଷ୍ଟ ଭାବେ ନିମ୍ନ ପ୍ରଶ୍ନଗୁଡିକର ଉତର ଦିଆଯିବା ଆବଶ୍ୟକ ।
  - ସାଧନର ବ୍ୟବହାର ନିଷେଧ ହେବାରୁ କେଉଁ ଗୋଷ୍ଠୀ ସର୍ବାଧିକ ଅଛନ୍ତି ?
  - କେତୋଟି ଭିନ୍ନ ଗୋଷ୍ଠୀ ଦୁର୍ଲ୍ଲଭ  ସାଧନ ପାଇଁ ପ୍ରତିଯୋଗିତା କରୁଛନ୍ତି ?
  - ସେମାନଙ୍କ ବୈକଳ୍ପିକ ଜୀବିକା କଣ ?

- ପତ୍ୟେକ ଦଳ କିପ୍ରକାର ସାମର୍ଥ୍ୟ ଧାରଣ କରିଛନ୍ତି ? ପ୍ରତ୍ୟେକ ଦଳ ଏହି ସାମର୍ଥ୍ୟକୁ କିଭଳି ଭାବରେ ଦୃଢ କରିପାରିବେ ?
- କେଉଁ ସାମାଜିକ ସମ୍ପତ୍ତି, ସଂସ୍ଥାନ ଏବଂ ବିବାଦ ସମାଧନ କ୍ରିୟାବିଧି ଗୁଡିକ ଉପଲବ୍ଧ ଅଛି ?

ଜୀବିକା ନିର୍ବାହ ସ୍ତରରେ ପ୍ରକୃତିକ ସାଧନ ଉପରେ କଳହ ଏବଂ ହିଂସାକୁ ଉତପ୍ରେରିତ କରୁଥିବା ସାମ୍ପ୍ରଦାୟିକ ଦଳଗୁଡିକ ବିଷୟରେ ଗଭୀର ଭାବନା ଶକ୍ତି ହାସଲ କରିବାରେ ଅଭ୍ୟାସକାରୀ ମାନଙ୍କୁ ଏହି ବିଶ୍ଳେଷଣ ଅଧିକ କୌଶଳ ପୂର୍ଣ୍ଣ, କେନ୍ଦ୍ରୀଭୁତ ଏବଂ ପ୍ରଭାବଶାଳୀ ହସ୍ତକ୍ଷେପ ବିକାଶ କରିବାକୁ ସହଯୋଗ କରିବା ଉଚିତ । ଜୀବିକା ନିର୍ବାହକୁ ସ୍ଥିର କରିବା ଏବଂ ଅସୁରକ୍ଷିତ ହ୍ରାସ କରିବାକୁ ସହଯୋଗ ପ୍ରଦାନ କରିବା ଲୋକଙ୍କୁ କଳହରୁ ଦୁରେଇ ରହିବାରେ ସାହାର୍ଯ୍ୟକରେ ଏବଂ ରାଜନୈତିକ ସଂଘର୍ଷରେ ଅଗ୍ରସର ହେବାରୁ ନିବାରଣ କରେ ।

- **<u>ସଂଶାଧନ ଶାସନ ବ୍ୟବସ୍ଥା, ଉତ୍ତରଦାୟୀତ୍ୱ ଏବଂ ବିବାଦ ସମାଧାନ କ୍ଷମତାରେ ବୃଦ୍ଧି:</u>** ଶାସନ ନୀତି ହେଉଛି ସେହି ମାଧ୍ୟମ ଯାହା ଦ୍ୱାରା ସମାଜ ସେମାନଙ୍କ ଲକ୍ଷ୍ୟ ସାଧନ ଦିଗରେ ଉଦ୍ଦେଶ୍ୟ ଓ ପ୍ରାଥମିକ ଏବଂ ଅଗ୍ରୀମ ସହଯୋଗର ସଞ୍ଜ୍ଞା ନିରୂପଣ କରେ । ପରିବେଶ ଏବଂ ପ୍ରାକୃତିକ ସାଧନ ନିମନ୍ତେ ସଂସ୍ଥାନ ନୀତି ଏବଂ ପ୍ରକ୍ରିୟା ଗୁଡିକ ହେଉଛି ପ୍ରଧାନ ଉପାୟ ଯେଉଁଥିରେ ଏହି ତନ୍ତ୍ରଗୁଡିକ ଏବଂ ସମ୍ପଦ ପ୍ରଦତ ସେବା ତଥା ଦ୍ରବ୍ୟର ଚାହିଦାକୁ ଦୃଷ୍ଟିରେ ରଖି ସମାଜ ସୁସ୍ଥ ପରିସଂସ୍ଥା ଏବଂ ପ୍ରାକୃତିକ ନବୀକରଣ ଯୋଗ୍ୟ ସାଧନ ଗୁଡିକରେ ସମନ୍ୱୟ ରକ୍ଷା କରିବାର ଉଦ୍ୟମ କରେ ।

**ଅଧିବେଶନ - ୩: ପରିଚୟ ଆଧାରିତ କଳହ (୩୦ ମିନିଟ୍)**

ଏହା କଳହର ଏକ ଦ୍ରୁତବୃଦ୍ଧି ରୂପ । ଏକ ସାଂସ୍କୃତିକ ଗୋଷ୍ଠୀ ସମ୍ବନ୍ଧୀୟ ଏବଂ ସାମ୍ପ୍ରଦାୟୀକ ହିଂସାଗୁଡିକ ଭାରତରେ ବାରମ୍ବାର ସଙ୍ଗଠିତ ହେଉଛି । ଏହା ସାଧାରଣତଃ ସାମ୍ପ୍ରଦାୟୀକ ଚେତନା ଦ୍ୱାରା ଆରମ୍ଭ ହୁଏ । ଏହା ସାଧାରଣତଃ ରାଜ୍ୟର ନିଜସ୍ୱ ପ୍ରଯୋଜିତ ବା ସମର୍ଥିତ । ଫଳାଫଳ ହେଉଛି ମାନବାଧିକାରର ଅପବ୍ୟବହାର, ଭାଇଚାରା ଏବଂ ସମ୍ପର୍କ ଭଙ୍ଗ । ଲୋକଙ୍କ ଗଭୀର ମୂଳ ପରିଚୟ ଥିବାରୁ ସଂଶାଧନ ଆଧାରିତ କଳହର ଏକ ଜଟିଳ ଦୃଶ୍ୟ ପରିଚୟ ଆଧାରିତ କଳହକୁ ପରିବର୍ତ୍ତନ ହେଉଛି ଏବଂ ଏହା ପ୍ରତ୍ୟାବର୍ତ୍ତୀ । ଭାରତ ଭଳି ଏକ ବହୁ ଜାତୀୟ ସମାଜରେ ଏଭଳି କଳହର ତୀବ୍ରତା ଯଥେଷ୍ଟ ଅଧିକ । ଜାତି ଜାତି, ଧର୍ମ ଧର୍ମ ମଧ୍ୟରେ ହେଉଥିବା କଳହ ଏହି ଶ୍ରେଣୀ ଭୁକ୍ତ । ଜାତିଭିତ୍ତିକ କଳହର ଇତିହାସ ବହୁ ପୁରୁଣା । ଜାତି ବ୍ୟବସ୍ଥା ଏଭଳି କଳହର ପ୍ରମୁଖ ଉତ୍ସ ।

**<u>ପରିଚୟ ଆଧରିତ କଳହର ସମାଧାନ କୌଶଳ:</u>**

- ସାମ୍ବିଧାନିକ ବ୍ୟବସ୍ଥାର ସୁଦୃଢୀକରଣ
- ଦଳ ଗୁଡିକରେ ଥିବା ଶାନ୍ତି ପ୍ରିୟ ବ୍ୟକ୍ତିବିଶେଷ ଚିହ୍ନଟ
- ସେମାନଙ୍କ ମାଧ୍ୟମରେ କଳହର ଉତ୍ସ ଅଥବା କଳହକୁ ନେତୃତ୍ୱ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଚିହ୍ନଟ

- କଳହର ଉତ୍ସରେ ଯଦି ସଂଶଧାନ ରହି ଥାଏ ତେବେ, ସଂଶାଧନ କଳହର ସାମଧାନ ପରି କୌଶଳ ଅବଲମ୍ୱନ କରିବାକୁ ହେବ ।
- ସେଭଳି ଯଦି କଳହର ଉତ୍ସରେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀ ଥାନ୍ତି ତାହେଲେ ପକ୍ଷ ଗୁଡିକୁ, ବିଶେଷତଃ ଅତ୍ୟାଚାର କରିଥିବା ପକ୍ଷକୁ ବିଶ୍ଳେଷଣାତ୍ମକ ଭାବରେ କଳହର ଉତ୍ସ ବିଷୟରେ ବୁଝେଇବାକୁ ହେବ ।
- ଜାତି ବା ଧର୍ମ ଭିତ୍ତିକ କଳହର ସମାଧାନ ଏକ ଦୀର୍ଘ ପ୍ରକ୍ରିୟା ଅଟେ ।
- ଏଭଳି କଳହର ସମାଧାନ ସ୍ଥଳଭିତ୍ତିକ ହେବ । କଳହକୁ ବିଶ୍ଳେଷଣ କରି ସମାଧାନର ପ୍ରକ୍ରିୟା ନିରୂପଣ କରାଯାଇପାରେ ।

**କୋଶଳଟିର ୫ଟି ସୋପାନ ଅଛି:**

୧. ଏକ ଭିନ୍ନ ପ୍ରକାରର ପ୍ରଶ୍ନ ସମୂହ ପଚାରନ୍ତୁ

୨. ବ୍ୟବସ୍ଥାଗତ ବିଷୟ ସେମାନଙ୍କୁ ପୁନଃ ପ୍ରତିଫଳିତ କରନ୍ତୁ ଯେଉଁମାନେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସପକ୍ଷବାଦୀ

୩. ଲକ୍ଷ୍ୟ ଏବଂ ବିଶ୍ୱାସର ପୁନଃ ମୂଲ୍ୟାଙ୍କନ କରନ୍ତୁ ।

୪. ନିର୍ଦ୍ଦିଷ୍ଟ ବିଷୟ ର ଭାବନାଶକ୍ତି ଉପରେ ଆଧାରିତ କାର୍ଯ୍ୟ କରିବାର ଶକ୍ତି ଗୁଡିକ ଉପରେ ପ୍ରାଧାନ୍ୟ ଦିଅନ୍ତୁ ।

୫. ମୂଖ୍ୟତଃ ପରିଚୟ ଆଧାରିତ କଳହରେ ଆଧ୍ୟାତ୍ମିକ, ଭାବନାତ୍ମକ ଏବଂ ପାର୍ଥିବ ତଥା ବୋଧଶକ୍ତିର ମୌଳିକ ଉପାଦାନ ଗୁଡିକୁ ଆବଦ୍ଧ କରିବାକୁ ହସ୍ତକ୍ଷେପ କରିବାର ପରିସରକୁ ବିସ୍ତାର କରନ୍ତୁ ।

**ଅଧିବେଶନ - ୪: ଲିଙ୍ଗଗତ କଳହ (୩୦ ମିନିଟ୍)**

ଲିଙ୍ଗଗତ କଳହ ଉପରେ ଗଣମାଧ୍ୟମ ଅନେକ ଗୁଡିଏ ସୂଚନା ପ୍ରଦାନ କରୁଛି । ଏପର୍ଯ୍ୟନ୍ତ ଏହାକୁ ବ୍ୟକ୍ତିଗତ ବ୍ୟାପାର ବୋଲି ମନେକରାଯାଏ । ଏଭଳି କଳହ ବିଷୟରେ ରକ୍ଷଣଶୀଳ ସମାଜର ଭିନ୍ନ ମତାମତ ଅଛି । ଅଧିକତଃ ପିତୃପ୍ରଧାନ ପ୍ରଣାଳୀର ଫଳାଫଳର ଦ୍ରୁତବୃଦ୍ଧି ହେଉଛି ।

ଲିଙ୍ଗ ଏକ ପଦ, ଯାହା ପୁରୁଷ ଏବଂ ମହିଳା ସହ ସଂଶ୍ଳିଷ୍ଟ, ଅର୍ଥନୈତିକ, ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ମୂଲ୍ୟଗୁଡିକୁ ସୁଚିତ କରେ । ଅଧିକାଂଶ ସମାଜରେ ପୁରୁଷ ଏବଂ ମହିଳାଙ୍କ କ୍ରିୟାକଳାପ, ସାଧନର ବ୍ୟବହାର ଏବଂ ନିୟନ୍ତ୍ରଣ ଏବଂ ନିଷ୍ପତ୍ତି ନେବାରେ ଅଂଶଗ୍ରହଣରେ ଭିନ୍ନତା ପରିଲିକ୍ଷିତ ହୁଏ । ଏହି ପଦ ମଧ୍ୟ ସମ୍ପର୍କ ସମ୍ବନ୍ଧୀୟ ଧାରଣା, ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ସମ୍ପର୍କ ସୂଚାଇବା, ବର୍ଣ୍ଣନା କରିବାରେ ବ୍ୟବାହାର କରାଯାଏ । ଏହା ପୁରୁଷ ଏବଂ ମହିଳାଙ୍କ ସଂରଚନା ଜନିତ ସମ୍ପର୍କକୁ ସୂଚିତ କରେ ଯାହାକି ରାଜ୍ୟ ଅର୍ଥନୀତି ଏବଂ ଅନ୍ୟାନ୍ୟ ଛୋଟ ବଡ ପ୍ରକ୍ରିୟା ଏବଂ ସଂସ୍ଥାନ ଗୁଡିକୁ ସଂଯୋଗ କରେ ।

- **ଲିଙ୍ଗଭିତ୍ତିକ ଶାନ୍ତି ସ୍ଥାପନ ପଦ୍ଧତି:** ଯୁକ୍ତି କରାଯାଏ ଯେ ଶାନ୍ତି ସ୍ଥାପନା ଲିଙ୍ଗ, ଅର୍ଥାତ ଶାନ୍ତିର ଉପଲବ୍ଧିତା ଏବଂ ପ୍ରବେଶମାର୍ଗ ଜଣକର ଲିଙ୍ଗଭେଦରେ ଭିନ୍ନ ହୋଇଥାଏ । ପୁରୁଷ ଶାନ୍ତି ସ୍ଥାପନ ପ୍ରକ୍ରିୟାରେ ଯାଥାରୀତି ଭୂମିକାକୁ ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ । ପୁରୁଷ ଏବଂ ମହିଳା ମଧ୍ୟରେ ଅସମାନ ରୂପେ କ୍ଷମତା ବଣ୍ଟନ ହୋଇଛି ଏବଂ ଅଧିକାଂଶ ମହିଳାଙ୍କ ସ୍ଥାନୀୟ ଏବଂ ଜାତୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଭୂମିକା ନାହିଁ । ଏହି ଅସମାନତା କଳହ

ସମୟରେ କ୍ଷମତା କେନ୍ଦ୍ରୀଭୂତ ହେଉଥିବାରୁ ଏବଂ ପୁରୁଷ ପ୍ରାଧାନ୍ୟ ଥିବା ସେନା ଅଧିକ ନିୟନ୍ତ୍ରଣ ନେଉଥିବାରୁ ବୃଦ୍ଧି ପାଏ ।

- **ଲିଙ୍ଗ ବିଶ୍ଳେଷଣ ଏବଂ ଶାନ୍ତି ଏବଂ କଳହ ବିଶ୍ଳେଷଣ:** ଏହାର ବ୍ୟାପକ ସଂଜ୍ଞା ଅନୁଯାୟୀ ସମାଜର ବିବିଧ ବିଭାଗକୁ ଅର୍ନ୍ତଭୁକ୍ତ କରେ, ଏହା ଶାନ୍ତି କଣ, ଉଦ୍ଦେଶ୍ୟ କଣ ହେବଏବଂ ଶାନ୍ତି ହାସଲର ସମ୍ଭାବ୍ୟ ପଦ୍ଧତି ଏବଂ ପ୍ରକ୍ରିୟା, ଶାନ୍ତି ଏବଂ ଶାନ୍ତି ପ୍ରକ୍ରିୟା ଗୁଡିକ ବୁଝିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ଶାନ୍ତି ଏବଂ ଶାନ୍ତି ପ୍ରକ୍ରିୟା ଗୁଡିକ ସଫଳ ହେବା ପାଇଁ ଅଧିକ ପ୍ରଭାବିତ ଲୋକଙ୍କ ଦ୍ୱାରା ନିର୍ଦ୍ଧାରିତ ହେବା ଆବଶ୍ୟକ । ହିଂସା ଏବଂ କ୍ଷମତାରେ ଲିଙ୍ଗଭେଦକୁ ସମ୍ବୋଧନ କରିବା ସମୃଦ୍ଧ ଏବଂ ସୁରକ୍ଷିତ ସମାଜ ଆଡକୁ ବାଟ କଢେଇ ପାରିବ ।
- **ଲିଙ୍ଗଗତ ସମାନତା ଏବଂ ଶାନ୍ତି:** ଲିଙ୍ଗ ଏବଂ ଶାନ୍ତି ସ୍ଥାପନ ମଧ୍ୟ ଏକ ଲକ୍ଷ୍ୟ/ଉଦ୍ଦେଶ୍ୟ ରୁପେ ମତବ୍ୟକ୍ତ କରାଯାଇପାରେ । ପରିଶେଷରେ ବିଶ୍ଳେଷଣାତ୍ମକ ହତିଆରର ବ୍ୟବହାର ଏବଂ ଶାନ୍ତି ସ୍ଥାପନର ଲିଙ୍ଗଭିତିକ ପଦ୍ଧତି ନେବା ଲିଙ୍ଗଗତ ସମାନତା ଏବଂ ଶାନ୍ତି ଆଡକୁ ବାଟ କଢେଇ ପାରେ । ନାରିବାଦୀ ଅନୁଭବ କରନ୍ତି ଯେ ପୁରୁଷ ପ୍ରଧାନ୍ୟ ସାମାଜିକ ବ୍ୟବସ୍ଥାର ବିଲୋପନ କଳହ ବନ୍ଦ କରିବା ଆଡକୁ ଅଗ୍ରସର କରିବ । ଥରେ ପୁରୁଷ ପ୍ରଧାନ ସାମାଜିକ ସଂରଚନା ବନ୍ଦ ହେଲେ ଏବଂ ମହିଳା ଅତ୍ୟାଚାର ସମାପ୍ତ ହେଲେ ଦୀର୍ଘସ୍ଥାୟୀ ଶାନ୍ତି ହାସଲ କରାଯାଇ ପାରିବ । ନାରିବାଦୀ ଙ୍କ ମତାନୁସାରେ ପୁରୁଷ ପ୍ରଧାନ ସଂରଚନା ହେଉଛି କଳହର ମୁଖ୍ୟ କାରଣ ।

## ଅଧିବେଶନ - ୫: ଶିକ୍ଷା ମାଧମରେ ପଦୋନ୍ନତି(୩୦ ମିନିଟ୍)

ଅର୍ଥନୈତିକଙ୍କ  ମତରେ ଶାନ୍ତି ହେଉଛି ଦାରିଦ୍ର୍ୟର ମୂଳୋତ୍ପାଟନ । ଏହା ଲୋକଙ୍କ  ଅର୍ଥନୈତିକ ସମୃଦ୍ଧି । ରାଜନୈତିକ କର୍ମୀ, ଏହାର ଗଣତନ୍ତ୍ରର ଫଳାଫଳ ରୂପେ ସଂଜ୍ଞା ନିରୂପଣ କରନ୍ତି । ଏହା ଉତ୍ତମ ଶାସନ ନୀତିର ଫଳାଫଳ ।

ଶାନ୍ତି ଶବ୍ଦଟି ଅଧିକନ୍ତୁ ସଂକୀର୍ଣ୍ଣ ରୂପେ ବ୍ୟବହୃତ ହୁଏ ଯାହାର ଅର୍ଥ ଯୁଦ୍ଧର ଅନୁପସ୍ଥିତିକୁ ବୁଝାଏ । ଏହା କେବଳ ଯୁଦ୍ଧର ଅନୁପସ୍ଥିତିକୁ ନୁହେଁ ବରଂ ସମସ୍ତ ପ୍ରକାର ହିଂସା ଯଥା, କଳହ ଜୀବନ ପ୍ରତି ଭୟ ସମାଜର ଅଧଃପତନ, ପକ୍ଷପାତିତା,ଅତ୍ୟାଚାର, ପରାକ୍ରମ, ଦାରିଦ୍ର୍ୟ ଅନ୍ୟାୟର ଅନୁପସ୍ଥିତିକୁ ବୁଝାଇବା ଉଚିତ । ସମାଜରେ ହିଂସ୍ର ସାମାଜିକ ସଂରଚନା ଥିବା ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହୋଇପାରିବ ନାହିଁ । ପ୍ରାକୃତିକ ଭାବେ ସଂରଚନା ଗୁଡ଼ିକ ଲୋକଙ୍କୁ ହିଂସ୍ର କ୍ରିୟା କଳାପ ଆଡ଼କୁ କଢ଼ାଇ ନେବା ସଙ୍ଗେସଙ୍ଗେ ସାଧନ ବଣ୍ଟନର ଏକ ଅର୍ଥନୈତିକ ପ୍ରଣାଳୀ  ଯେଉଁମାନେ କମ୍ ପାଇଥିବେ ସେମାନଙ୍କୁ ଅସନ୍ତୋଷ ଆଡ଼କୁ ବାଟ କଢ଼ାଏ  । ଅସନ୍ତୋଷ ଲୋକଙ୍କୁ ହିଂସା ଆଡ଼କୁ ବାଟ କଢ଼ାଏ । ଏକ ଉତ୍ତମ ଜୀବନରେ ଏ ପ୍ରକାର ସମସ୍ତ ଅଦରକାରୀ କାରକ ଗୁଡ଼ିକର ଅନୁପସ୍ଥତି କୁ ନାକାରାତ୍ମକ ଶାନ୍ତି ବୋଲି କୁହାଯାଇ ପାରେ ।

- ଶାନ୍ତିର ଉପାଦାନ ଗୁଡ଼ିକ ହେଉଛି ସୁଖ, ସ୍ୱାସ୍ଥ୍ୟ ଆଧେୟ ଏବଂ ଉତ୍ତମ ଅର୍ଥନୀତିର ଉପସ୍ଥିତି ସାମାଜିକ ନ୍ୟାୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନାତା, ସୃଜନଶୀଳତା ଏବଂ ସମସ୍ତ ସ୍ତରରେ ବ୍ୟକ୍ତିଗତ ବୃଦ୍ଧି ପାଇଁ ସହଯୋଗ ।

- ଶାନ୍ତି ହେଉଛି ଏକ ବ୍ୟବହାର ଯାହା ଲୋକଙ୍କ କଥା ହେବା, ଶୁଣିବା ଓ ପାରସ୍ପରିକ କ୍ରିୟା ରେ ଐକ୍ୟବଦ୍ଧତାକୁ ଉତ୍ସାହିତ କରେ ।
- ଶାନ୍ତିଶିକ୍ଷା ବେଶୀ ପ୍ରଭାବଶାଳୀ ଯେତେବେଳେ ଏହା ସାମାଜିକ ଏବଂ ସାଂସ୍କୃତିକ ପୃଷ୍ଠଭୂମି ରାଷ୍ଟ୍ରର ଆବଶ୍ୟକତା ଅନୁଯାୟୀ ଅଙ୍ଗୀକାର କାରାଯାଏ । ଏହା ସାର୍ବଜନୀନ ମାନବ ମୂଲ୍ୟବୋଧ ସହ ସାଂସ୍କୃତିକ ଓ ପାରମାର୍ଥିକ ମୁଲ୍ୟବୋଧ ଦ୍ଵାରା ସମୃଦ୍ଧ ହେବା ଉଚିତ ।
- ଶାନ୍ତି ଶିକ୍ଷା ହେଉଛି ବିଶ୍ୱ ସ୍ତର, ରାଷ୍ଟ୍ରିୟ, ସ୍ଥାନୀୟ ଏବଂ ବ୍ୟକ୍ତିଗତ ସ୍ତର ପର୍ଯ୍ୟନ୍ତ କଳହ ସମସ୍ୟାର ଉତ୍ତର ଦେବା ପାଇଁ ଏକ ଉଦ୍ୟମ । ଏହା ଏକ ସଠିକ ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବାର ପଥ ଆବିଷ୍କାର କରିବାର ବିଷୟ ଅଟେ । ଏହା ପାରମ୍ପରିକ ମାନବ ମୂଲ୍ୟବୋଧରେ ଗଭୀର ଭାବେ ଜଡିତ ଏକ ଆଧାର ମଧ୍ୟରେ ଶିଶୁର ପାର୍ଥିବ, ଭାବନାତ୍ମକ, ବୋଧଶକ୍ତି ଏବଂ ସାମାଜିକ ବୃଦ୍ଧିକୁ ଆଲିଙ୍ଗନ କରେ । ଏହା ପ୍ରେମ, ଅନୁକମ୍ପା, ବିଶ୍ୱାସ, ସ୍ୱଚ୍ଛତା, ସହଯୋଗ ଓ ମାନବ ପରିବାର ଓ ଆମ ସୁନ୍ଦର ଗ୍ରହରେ ଥିବା ସମସ୍ତ ଜୀବନ ପ୍ରତି ଶ୍ରଦ୍ଧା ଶିକ୍ଷା ଦେଉଥିବା ଦର୍ଶନ ଉପରେ ଆଧାରିତ ।
- ଶାନ୍ତି ଶିକ୍ଷା ହେଉଛି କୌଶଳ ନିର୍ମାଣ । ଏହା ଶିଶୁଙ୍କୁ କଳହ ସମାଧାନ ଏବଂ ସେମାନଙ୍କ ମଧ୍ୟରେ, ଅନ୍ୟମାନଙ୍କ ମଧ୍ୟରେ ଏବଂ ସେମାନଙ୍କ ଦୁନିଆରେ ଐକ୍ୟତାରେ ବଂଚିବାକୁ ସୃଜନଶୀଳ ଏବଂ ଅଣ ବିଧ୍ୱଂସୀ ପଥ ପାଇବାରେ ସଶକ୍ତ କରେ । ଶାନ୍ତି ସ୍ଥାପନା ହେଉଛି ଶିଶୁମାନଙ୍କୁ ପ୍ରତ୍ୟେକ ମାନବ ପାଇଁ ଏକ କାର୍ଯ୍ୟ ଏବଂ ମାନବ ପରିବାର ପାଇଁ ଏକ ଆହ୍ୱାନ ।
- ଶାନ୍ତିଶିକ୍ଷା ହେଉଛି ଶିଶୁ ମାନଙ୍କୁ ସମାଜରେ ହିଂସା ମାର୍ଗରେ ପଡ଼ିବାରୁ ସୁରକ୍ଷା ଦେବାର ଏକ ପ୍ରତିକାର ବ୍ୟବସ୍ଥା । ଏହା ଶିଶୁର ସାମଗ୍ରୀକ ବିକାଶର ଲକ୍ଷ୍ୟ ରଖେ । ଏହା ଶିଶୁର ମନରେ ଉଚ୍ଚ ମାନବିକ ଏବଂ ସାମାଜିକ ମୂଲ୍ୟବୋଧ ଅନ୍ତର୍ନିବିଷ୍ଟ କରିବାକୁ ଚେଷ୍ଟା କରେ । ମର୍ମାନୁଯାୟୀ ଏହା ଶାନ୍ତିପୂର୍ଣ୍ଣ ଜୀବନ ଯାପନ ପାଇଁ ଆବଶ୍ୟକୀୟ ବ୍ୟବହାରିକ କୌଶଳ ଗୁଡ଼ିକର ଏକ ସମାହାର ବିକାଶ କରିବାକୁ ଉଦ୍ୟମ କରେ ଯେଉଁ ଥିରୁ ସମଗ୍ର ମାନବିକତା ଲାଭପ୍ରଦ ହେବ ।

- **<u>ଶାନ୍ତି ଓ ଚିରସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବାରେ ଶିକ୍ଷାର ଭୂମିକା</u>**

  ○ ଆମେ ଉପରେ ଦେଖିଛୁ ଯେ ଚିରସ୍ଥାୟୀ ବିକାଶ ପାଇଁ ଶିକ୍ଷା ମନୁଷ୍ୟକୁ ଏକ ସ୍ଥାୟୀ ଭବିଷ୍ୟତର ଆକାର ଦେବାରେ ଆବଶ୍ୟକ ଜ୍ଞାନ, କୌଶଳ, ଦୃଷ୍ଟିକୋଣ ଏବଂ ମାନ୍ୟତା ପ୍ରାପ୍ତ କରିବାର ଅନୁମତି ଦିଏ । ଏହି ସବୁକୁ ସମ୍ବୋଧିତ କରିବାରେ ଶିକ୍ଷାର ଏବଂ ସହଭାଗିତାରେ ପଢ଼ିବା ଓ ଶିଖିବା ପଦ୍ଧତି ଆବଶ୍ୟକ ଯେଉଁଥିରେ ଶିକ୍ଷାର୍ଥୀମାନେ ନିଜର ବ୍ୟବହାର ବଦଳାଇ ପାରିବେ ଏବଂ ଯାହା ସ୍ଥାୟୀ ବିକାଶ ପାଇଁ ଆଗକୁ ବଢ଼ିବାରେ ପ୍ରେରିତ ଓ ସଶକ୍ତ କରେ । ଚିରସ୍ଥାୟୀ ବିକାଶ ପାଇଁ ଶିକ୍ଷା, ଫଳସ୍ୱରୂପ ମହତ୍ତ୍ୱପୂର୍ଣ୍ଣ ବିଚାର ଭବିଷ୍ୟତର ପରିଦୃଶ୍ୟତାର କଳ୍ପନା ଏବଂ ସହଯୋଗାତ୍ମକ ହିସାବରେ ନିର୍ଣ୍ଣୟ ନେବା ଭଳି ଦକ୍ଷତାକୁ ବଢ଼ାଇ ଥାଏ ।

- ଶିକ୍ଷା ଆମ ଜୀବନର ସମସ୍ତ ଦୃଷ୍ଟିକୋଣକୁ ପ୍ରଭାବିତ କରିଥାଏ, ଆମେ ଏଠାରେ ତିନିଟି କ୍ଷେତ୍ର ବିଷୟ ଉପସ୍ଥାପନା କରୁଛୁ, ଯଥା:
  - ☞ ଶିକ୍ଷା, ଅର୍ଥବ୍ୟବସ୍ଥା ଓ ସମାଜ
  - ☞ ଶିକ୍ଷା ଓ ସାର୍ବଭୌମିକ ନାଗରିକତା
  - ☞ ଶିକ୍ଷା ଓ ଶାନ୍ତ

  ଏଠାରେ ଉଲ୍ଲେଖ କରିବା ମହତ୍ୱପୂର୍ଣ୍ଣ ଏହା ଯେ ଏହି ଭୂମିକା ଗୁଡ଼ିକ ନିବାରକ ନୁହେଁ କିନ୍ତୁ ଏହା ଅତିବ୍ୟାପକ ଅଟେ ।
- ଶାନ୍ତି ଓ ଶିକ୍ଷା ସଭ୍ୟତାର ଏକ ଅବିଭାଜିତ ପକ୍ଷ ଅଟେ । କୌଣସି ସଭ୍ୟତା ଶିକ୍ଷା ବିନା ପ୍ରଗତିଶୀଳ ନୁହେଁ ଏବଂ କୌଣସି ଶିକ୍ଷା ପ୍ରଣାଳୀ ବାସ୍ତବରେ ସଭ୍ୟତା ନୁହେଁ, ଯେ ପର୍ଯ୍ୟନ୍ତ ତାହା ଶାନ୍ତିର ସାର୍ବଭୌମିକ ସିଦ୍ଧାନ୍ତ ଉପରେ ଆଧାରିତ ନୁହେଁ । କିନ୍ତୁ ଆମର ଶିକ୍ଷଣ ସସ୍ଥା, ପରିବାର, ସ୍କୁଲ ଏବଂ ସମୁଦାୟ ତୀବ୍ର ଭାବରେ ବିବାଦିତ ଏବଂ ହିଂସ୍ରକ ହୋଇ ଗଲେଣି ।
- ଶାନ୍ତି ଶିକ୍ଷାକୁ ସମୟ ସାରଣୀରେ ଏକ ଭିନ୍ନ ବିଷୟ ଭାବରେ ପ୍ରଦାନ କରିବାର ଆବଶ୍ୟକତା ବର୍ତ୍ତମାନ ନାହିଁ । ଶିକ୍ଷାର୍ଥୀଙ୍କ ମଧ୍ୟରେ ଆତ୍ମ ସମ୍ମାନ ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନ, ଖୋଲା ଖୋଲି ଭାବରେ ଦେଖିବା, ପର୍ଯ୍ୟାବରଣର ଚିନ୍ତା, ନ୍ୟାୟ ପ୍ରତି ପ୍ରତିବଦ୍ଧତା ଉପରେ ଦୃଷ୍ଟିକୋଣ ରଖିବା । ସେହି ରଣନୀତି ସହିତ କାମ କରିବା ଯାହା ସଙ୍ଗଠନ ଭିତରେ ଓ ବାହାରେ ହିଂସା ଛାଡ଼ି ଶାନ୍ତି ସ୍ଥାପନ କରିପାରୁଥିବ ।
- ଛାତ୍ରମାନଙ୍କୁ ଜ୍ଞାନ ଓ ବୁଝିବାରେ ବିକଶିତ କରିବା ପାଇଁ ବିଭିନ୍ନ ବିଷୟ ଯଥା ମାନବ ଅଧିକାର ଓ ଲୋକତନ୍ତ୍ର, ଜାତିଗତ ଭେଦଭାବର ଯଥାର୍ଥତା, ସମସ୍ତ ଲୋକମାନଙ୍କର ସଂସ୍କୃତି ପାଇଁ ସହିଷ୍ଣୁତା ଓ ସମ୍ମାନ, ଜ୍ଞାନ ସାହାଯ୍ୟ କରିଥାଏ ।
- ଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ୟ ଲୋକମାନଙ୍କ ସଂସ୍କୃତିକୁ ସମ୍ମାନ କରିବା ଏବଂ ସେମାନଙ୍କୁ ନିଜର ଜୀବନ, ଦୃଷ୍ଟିକୋଣରେ ଶାନ୍ତିପୂର୍ଣ୍ଣ ସଂଘର୍ଷ ସଂକଳ୍ପ ଅନୁସନ୍ଧାନ କରିବାରେ ପ୍ରେରିତ କରିବା ।
- ବ୍ୟକ୍ତିତ୍ୱ ନିର୍ମାଣ କରିବା ପାଇଁ ମୂଳ ଗୁଣ ପ୍ରତି ଧ୍ୟାନ କେନ୍ଦ୍ରିତ କରିବେ । ସଦଭାବରେ ଏକା ସଙ୍ଗେ ରହିବା ପାଇଁ ସାମାଜିକ କୌଶଳର ବିକାଶ ଆବଶ୍ୟକ । ଛାତ୍ରମାନଙ୍କୁ ଶାନ୍ତିର ମୂଳ ଗୁଣ ବୁଝିବାରେ ସକ୍ଷମ କରେ । କଳହର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ କୌଶଳକୁ ବଢ଼ାଇବାର ଆବଶ୍ୟକତା ଅଛି ।
- ଭାରତ ଇତିହାସ, ଦର୍ଶନ ଓ ଶାନ୍ତିର ପରିପେକ୍ଷରେ ଶାନ୍ତିର ସଂସ୍କୃତିକୁ ଦେଖିବାରେ ସକ୍ଷମ କରାଯାଇପାରେ ।
- ହିଂସାର ତର୍କକୁ ବୁଝିବା, କୌଶଳର ଭାବକୁ ବୁଝିବା, ମାମଲାକୁ ବୁଝିବା ଏବଂ ଶାନ୍ତି ଉପରେ ଏକ ବିଶ୍ୱ ପରିପେକ୍ଷକୁ ବିକଶିତ କରିବା ।

- ଛାତ୍ରମାନେ ତର୍କ-ବିତର୍କ, ଆଲୋଚନାଚକ୍ର ଓ ଶବ୍ଦ-ଦୃଶ୍ୟ ପ୍ରଦର୍ଶନରେ ଶାନ୍ତି ମାମଲାକୁ ବିକଶିତ କରିପାରିବେ । ନାଟକରେ ଭୂମିକା, ଶାନ୍ତି କବିତା ରଚନା, ଶାନ୍ତି ଗୀତ, ଇତ୍ୟାଦି ଛୋଟ ପିଲାମାନଙ୍କୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ଭାଗିଦାରୀ କରା ଯାଇପାରେ । ଅନ୍ୟପ୍ରତି ସମ୍ବେଦନଶୀଳତା ବିକଶିତ କରିବା ପାଇଁ ସାହାଯ୍ୟ କରିବା, ବରିଷ୍ଠ ନାଗରିକଙ୍କ ବଂଚିତ ସମୁହଙ୍କ ଗୃହକୁ ଯିବା ପାଇଁ ଛୋଟ ପିଲାମାନଙ୍କୁ ପ୍ରୋତ୍ସାହିତ କରାଯାଇପାରେ ଏବଂ ଅନେକ କଲ୍ୟାଣ ଓ ମହତ୍ୱପୁର୍ଣ୍ଣ ବିକାଶ କରିବାରେ ସକ୍ଷମ କରିପାରିବେ ।
- ସ୍କୁଲର ଆନୁଷ୍ଠାନିକ ଶାନ୍ତି ସଂସ୍କୃତିକୁ ଉତମ କରିବାର ଆବଶ୍ୟକତା ବିଷୟରେ ସଚେତନ କରିବା ଏବଂ ଶିକ୍ଷକ-ଅଭିଭାବକ ସମ୍ବନ୍ଧକୁ ମଜବୁତ କରିବା । ପାଠ୍ୟକ୍ରମର ରୁପରେଖକୁ ଶାନ୍ତି ଓ ଶିକ୍ଷା ପାଇଁ ସମଗ୍ର ଦୃଷ୍ଟିକୋଣକୁ ସୂଚିତ କରିବା ଆବଶ୍ୟକ । ସ୍କୁଲର ବାତାବରଣକୁ ବିଭିନ୍ନ ପ୍ରକାର ହିଂସାରୁ ମୁକ୍ତ ରଖିବା ଉଚିତ ଏବଂ ଉପଲବ୍ଧ କରେଇବା ଆବଶ୍ୟକ । ସ୍କୁଲରେ ହିଂସାର କାରଣ ଏବଂ ଉପଚାର ପାଇଁ ପ୍ରତିସ୍କୁଲରେ ଏକ ନିୟମ ଉପଲବ୍ଧ କରେଇବା ଉଚିତ । ଏହାର ଅନେକ ଦିଗ (ମୌଖିକ, ମନୋବୈଜ୍ଞାନିକ, ଶାରୀରିକ, ଅପରାଧିକ ଓ ସଂରଚନାତ୍ମକ) ଏବଂ ଶାନ୍ତିର ସଂସ୍କୃତି ପାଇଁ ସ୍କୁଲ ଜୀବନକୁ ପୁର୍ନଜୀବିତ କରିବା ପାଇଁ ବ୍ୟବହାରିକ ସୋପାନ ।
- ଶାନ୍ତି ପାଇଁ ଶିକ୍ଷାର ଦୃଷ୍ଟିକୋଣକୁ ଆକାର ଦେବାପାଇଁ କିଛି ମୂଳ ଧାରା ଗୁଡ଼ିକ ଅଛି । ସ୍କୁଲରେ ଶାନ୍ତି ପାଇଁ ନର୍ସରୀ ହୋଇ ପାରିବ, ଶିକ୍ଷକ ସାମାଜିକ ଉପଚାରକ ହୋଇପାରିବେ, ଶାନ୍ତି ପାଇଁ ଶିକ୍ଷା ସଂପର୍ଣ୍ଣ ରୂପେ ଶିକ୍ଷାକୁ ମାନବୀୟ ତିଆରି କରି ପାରିବ ।
- ଶିକ୍ଷାର ଅନ୍ତିମ ଉଦ୍ଦେଶ୍ୟ ହେଉଛି ବିଶ୍ୱ ନାଗରିକ ତିଆରି କରିବା । ଛାତ୍ରଙ୍କ ମଧ୍ୟରେ ବିଶ୍ୱୀୟ ସଚେତନତା ବଢ଼େଇବା ପାଇଁ ବିଶ୍ୱର ମାମଲା ଗୁଡ଼ିକ ଉପରେ ଚର୍ଚ୍ଚା ଏବଂ ତର୍କ ଆବଶ୍ୟକ ଯଥା ମାନବ ସଂସ୍କୃତି ଗୁଡ଼ିକର ସମାନତା ଏବଂ ବିବିଧତା, ଜନ ସଂଖ୍ୟା, ପାରିସ୍ଥିତିକ ତନ୍ତ୍ର/ପ୍ରଦୂଷଣର ବିନାଶ, ଲୈଙ୍ଗିକ ମାମଲା, ଜାତିବାଦ, ଦୂନିଆର ଦାରିଦ୍ର୍ୟତା, ଯୁଦ୍ଧ/ଆତଙ୍କବାଦ ଇତ୍ୟାଦି ।

## ଅଧିବେଶନ - ୬: ଶାନ୍ତିର ପ୍ରଗତିରେ ଗଣମାଧ୍ୟମର ଭୂମିକା (୩୦ ମିନିଟ୍)

ଗଣମାଧ୍ୟମ, କଳହ ର ସୂଚନା ବିନ୍ୟାଶ ସମୟରେ ଅନ୍ତର-ସମ୍ବନ୍ଧ ପ୍ରତି ସମ୍ବେଦନଶୀଳ ହେବା ଦରକାର ଯାହା ସେହି କଳହର ଗତିଶୀଳତାକୁ ସୂଚିତ ଏବଂ ଆକାର ଦେଇଥାଏ । ପ୍ରାରମ୍ଭରେ ଆମକୁ ଚିହ୍ନିବାକୁ ହେବ ଯେ ଗଣମାଧ୍ୟମ ଶାନ୍ତି ପ୍ରକ୍ରିୟାକୁ ପ୍ରୋସାହନ ଦେବା ପାଇଁ ଏକ ପ୍ରମୂଖ ଭୂମିକା ନିଭେଇ ଥାଏ । ଗଣମାଧ୍ୟମ ସେହି ବିଷୟ ଗୁଡ଼ିକୁ ମହତ୍ତ୍ୱ ଦେବା ଦରକାର ଯାହା ଶାନ୍ତି ଆଣି ପାରିବ । ସେମାନେ ଶାନ୍ତି ପାଇଁ କାମ କରୁଥିବା ସମୂହ ବା ନେତାମାନଙ୍କର କାର୍ଯ୍ୟର ଯଥାର୍ଥତାକୁ ବଢ଼ାଇ ପାରିବେ ଏବଂ ବିରୋଧୀମାନଙ୍କ ଛବିକୁ ରୂପାନ୍ତରୀକରଣ କରିବାରେ ସାହାଯ୍ୟ କରିପାରିବେ । ତଥାପି, ଗଣମାଧ୍ୟମ ଶାନ୍ତି ପ୍ରକ୍ରିୟାରେ ଏକ ବିନାଶକାରୀ ଦଲାଲ ଭାବରେ କାମ କରିପାରେ ଏବଂ ସମାଧାନ ସମ୍ବନ୍ଧରେ ଆପତ୍ତିଜନକ ଏବଂ ନକାରାତ୍ମକ ଖବର ପ୍ରସାରିତ କରିପାରେ, ବାଧକ ହେଉଥିବା ଲୋକଙ୍କ କାର୍ଯ୍ୟର ଯଥାର୍ଥତା ଓ ତାଙ୍କର ନକାରାତ୍ମକ ରୁଢ଼ିବାଦକୁ ସୁଦୃଢ଼ ମଧ୍ୟ କରିପାରେ ।

- **<u>ଶାନ୍ତି ସ୍ଥାପନରେ ଗଣମାଧ୍ୟମର ପ୍ରଭାବ</u>:** ସାଧାରଣତଃ, ଯେ କୌଣସି ସମାଚାରର ଚାରୋଟି ଦିଗ ହୋଇପାରିବ । ପ୍ରଥମେ ସେମାନେ ରାଜନୈତିକ ବାତାବରଣକୁ ପରିଭାଷିତ କରିବାରେ ସାହାଯ୍ୟ କରିବେ ଯେଉଁଥିରେ ଶାନ୍ତ ପ୍ରକ୍ରିୟା ଥାଇପାରେ । ଦ୍ୱିତୀୟରେ, କାରକଙ୍କ ରଣନୀତି ଏବଂ କଳହ ସମ୍ବନ୍ଧିତ କାର୍ଯ୍ୟକାରିତାରେ ଗଣମାଧ୍ୟମର ଏକ ସକ୍ରିୟ ପ୍ରଭାବ ପଡିପାରେ । ତୃତୀୟରେ, ଏକ ଶାନ୍ତି ପ୍ରକ୍ରିୟା ବିଷୟରେ ତର୍କ-ବିତର୍କ ଉପରେ ଗଣମାଧ୍ୟମର ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ରହିପାରେ । ଚତୁର୍ଥରେ, ଗଣମାଧ୍ୟମ ଶାନ୍ତି ପ୍ରକ୍ରିୟାରେ ଭାଗନେଇଥିବା କାରକଙ୍କ ଯଥାର୍ଥତାକୁ ଲୁଚେଇ ବା ଦୁର୍ବଳ କରିପାରନ୍ତି ।

  ସାଧାରଣତଃ ଏକ ଶାନ୍ତି ପ୍ରକ୍ରିୟା ଲମ୍ବା ଏବଂ ଜଟିଳ ହୋଇଥାଏ ଓ ସମ୍ବନ୍ଧିତ ନୀତି ପ୍ରାୟତଃ ବ୍ୟାଖ୍ୟାକରଣ ପାଇଁ ଖୋଲା ରୁହେ । ସମାଚାର ଖବର ନାଗରିକମାନଙ୍କୁ ଶାନ୍ତି ପ୍ରକ୍ରିୟା ଆଖପାଖର ରାଜନୈତିକ ବାତାବରଣ ବାବଦରେ ମହତ୍ୱପୂର୍ଣ୍ଣ ପ୍ରମାଣ ପ୍ରଦାନ କରିଥାଏ । ପ୍ରକ୍ରିୟା ଆଗକୁ ବଢୁଛି ନା ପଛରେ ଅଛି ? କ'ଣ ହିଂସା ସମସ୍ତ ସ୍ତରରେ ବୃଦ୍ଧି ହେଉଛି ନା କମିବା ଦେଖା ଯାଉଛି ? କ'ଣ ପୂର୍ବ ଘଟଣା ଗୁଡ଼ିକ ଶାନ୍ତି ପ୍ରକ୍ରିୟାକୁ ଦୂର୍ବଳ କରୁଛି ? ଶାନ୍ତି ପାଇଁ ଜନତା ସରକାରଙ୍କ ନୀତିକୁ କେତେ ସମର୍ଥନ କରୁଛି ? କ'ଣ ଛୋଟ ନିର୍ବାଚନ ହେବ ? ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ନିରନ୍ତର ଝଗଡ଼ା କ'ଣ ପ୍ରଭାବିତ କରିବ ? ଏମିତି ପ୍ରଶ୍ନର ଉତ୍ତର ଯାହା ପ୍ରସାରିତ ହେଉଥିବା ସମାଚାର କ୍ଷେତ୍ର ଦ୍ୱାରା ପ୍ରଦାନ କରା ଯାଇଥାଏ, ତାହା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରେ ଯେ ରାଜନୈତିକ ବାତାବରଣ ଶାନ୍ତି ପ୍ରତିଷ୍ଠା କରିବା ପାଇଁ କେତେ ମାତ୍ରାରେ ଅନୁକୂଳ ଅଟେ ।

  ସମାଚାରରେ ଘଟଣା ଗୁଡ଼ିକୁ ସାମିଲ ହୁଏ କିନ୍ତୁ ପ୍ରକ୍ରିୟା ଗୁଡ଼ିକୁ ନହେଁ । ଏହା ଜନତାକୁ ଏକ ବହୁତ ସଂକୀର୍ଣ୍ଣ ଏବଂ ସାଧାରଣ ଦୃଷ୍ଟିକୋଣ ସହିତ ପ୍ରସ୍ତୁତ କରାହୁଏ ତଥା ଦୀର୍ଘକାଳୀନ ନୀତି ଗୁଡ଼ିକୁ ପ୍ରୋତ୍ସାହନ କରିବା ପାଇଁ କାରକ ମାନଙ୍କ ବିଚାରଧାରାକୁ ଜଟିଳ କରିଥାଏ । ଚୁକ୍ତିପୂର୍ବ ଆଲୋଚନା ର ସକାରାତ୍ମକ ଦିଗ ଗୁଡିକୁ ଉଜାଗର ବା ଲୋକଲୋଚନକୁ ଆଣିବା ପରିବର୍ତ୍ତେ ଆନୁମାନିକ ନକାରାତ୍ମକ ଦିଗ ଗୁଡିକୁ ଉଜାଗର କରିବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

  ଶାନ୍ତି ସ୍ଥାପନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗଣମାଧ୍ୟମ ନିମନ୍ତେ ଉଦ୍ଦିଷ୍ଟ କିଛି ବ୍ୟବହାରିକ ଅଭ୍ୟାସ :-

  - ସମାଚାର କକ୍ଷରେ ଜାତିଗତ ଏବଂ ଲିଙ୍ଗଗତ ସନ୍ତୁଳନ କୁ ପ୍ରୋତ୍ସାହିତ କରିବା ।
  - ସମ୍ପାଦନ ଏବଂ ଶୈଳୀ ପୁସ୍ତକ ଗୁଡ଼ିକୁ ନିୟମିତ ଅଧ୍ୟୟନ ଏବଂ ଆନ୍ତରିକ ସମୀକ୍ଷା କରିବା ।
  - କଳହ ସମ୍ବେଦନଶୀଳ ସାମ୍ବାଦିକତା ଉପରେ ତାଲିମ ଓ କର୍ମଶାଳାର ଆୟୋଜନ ।
  - ସମସ୍ୟା ଉପରେ ଚର୍ଚ୍ଚା କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୂହର ଏକତ୍ରୀକରଣ କରିବା ।
  - ଶାସନ ବ୍ୟବସ୍ଥାକୁ ଉନ୍ନତ କରିବାରେ ସାହାଯ୍ୟ କରିବା ।
  - ପ୍ରାରମ୍ଭିକ ବିପଦ ସୂଚନା ପ୍ରଦାନ କରିବା ।
  - ଶାନ୍ତି ପାଇଁ ପ୍ରେରକ ହେବା ।

ଶାନ୍ତିସ୍ଥାପନାର ପ୍ରୟାସ ମାଧ୍ୟମରେ ଶାନ୍ତି ସାମ୍ବାଦିକତାକୁ ପ୍ରୋତ୍ସାହିତ କରାଯାଇ ପାରେ । ଶାନ୍ତି ସାମ୍ବାଦିକତା କଳହର ସମସ୍ତ ପୀଡ଼ିତମାନଙ୍କ ମାନବୀୟକରଣ କରି କଳହ ତଥା ପୀଡ଼ିତଙ୍କ ବାସ୍ତବିକ ଲକ୍ଷ୍ୟ ଗୁଡ଼ିକର ପଛର କାରଣ ଗୁଡିକୁ ଅନାବୃତ କରିବାର ପ୍ରୟାସ କରିଥାଏ । ସାମ୍ବାଦିକମାନେ କ୍ଷତି ଓ ଲାଭ ର ହିସାବ ପାଇଁ ଚେଷ୍ଟା କରନ୍ତି ନାହିଁ କିନ୍ତୁ ଏହା ସୁନିଶ୍ଚିତ କରନ୍ତି ଯେ ସମ୍ବାଦ ସନ୍ତୁଳିତ ହେଉ ତଥା ପ୍ରଦର୍ଶିତ ହେଉ ଯେ କେତେ ସହଜରେ ସମାଚାରରେ ଅଦଳ ବଦଳ କରାଯାଇ ପାରେ । ସମ୍ଭାବିତ ସମାଧାନକୁ ଲୋକଲୋଚନକୁ ଅଣିବା ଏବଂ କଳହକୁ ବ୍ୟାପକ ହେବାରୁ ରୋକିବା ଶାନ୍ତି ସାମ୍ବାଦିକତାର ମୂଳ ଉଦ୍ଦେଶ୍ୟ । ଶାନ୍ତି ସ୍ଥାପନା ନିମନ୍ତେ କାର୍ଯ୍ୟରତ ଗଣମାଧ୍ୟମ ପାଇଁ ଏକ ପ୍ରସ୍ତାବିତ ରୂପରେଖ ର ବିଭିନ୍ନ କାର୍ଯ୍ୟନୀତି ହୋଇପାରେ, ଯଥା:

(୧)କଳହ-ସମ୍ବେଦନଶୀଳ ଶାନ୍ତି ସାମ୍ବାଦିକତା

(୨) ଶାନ୍ତି ପ୍ରୋତ୍ସାହକ ମନୋରଞ୍ଜନ ଗଣମାଧ୍ୟମ

(୩) ହିଂସାର ଉଦ୍ରେକ କୁ ରୋକିବା ପାଇଁ ଗଣମାଧ୍ୟମ ର ଅଧିନିୟମ

(୪)ଶାନ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ନାଗରିକ ଗଣମାଧ୍ୟମ

ସାମ୍ବାଦିକମାନଙ୍କୁ ମାନବ ଅଧିକାରର ରକ୍ଷକ ମାନଙ୍କର ସାହାଯ୍ୟକାରୀ ଭାବରେ ନିଆଯାଏ ଯେହେତୁ ସେମାନେ ସାମ୍ବାଦିକତାରେ ନୈତିକତା ଅବଲମ୍ବନ କରିବା ସହ ମହତ୍ତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକୁ ଏପରି ଭାବରେ ପ୍ରସ୍ତୁତ କରନ୍ତି ଯାହା ସମସ୍ତଙ୍କ ପାଇଁ ଉତ୍ପାଦକ ହୋଇ ପାରିବ । ଗଣମାଧ୍ୟମ ଓ ସାମ୍ବାଦିକତା କଳହ ପରିଚାଳନାରେ ଏବ ଶାନ୍ତି ସ୍ଥାପନାରେ ଗୁରୁତର ଭାବରେ ସହାୟକ ହୋଇ ପାରିବେ । କଳହ ତଥା କଳହ ପରବର୍ତ୍ତୀ ସମୟରେ ଗଣମାଧ୍ୟମର ଭୂମିକା ବାସ୍ତବରେ ସକାରାତ୍ମକ କିନ୍ତୁ ଦୁର୍ଭାଗ୍ୟ ବଶତଃ ବର୍ତ୍ତମାନ ପର୍ଯ୍ୟନ୍ତ ତାର ପୂର୍ଣ୍ଣ ଉପଯୋଗ ହୋଇ ପାରିନାହିଁ ।

**ଅଧିବେଶନ - ୭: ଭାଗ ୫ ର ପୁନ୍ନରାବୃତ୍ତି (୫ ମିନିଟ୍)**

ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ସମସ୍ତ ଲକ୍ଷ୍ୟ ଗୁଡିକ ପ୍ରାପ୍ତ ଶିକ୍ଷା, ବିଶ୍ଳେଷଣ ଏବଂ ଉପକରଣ ଗୁଡିକର ବ୍ୟବହାର ଏବଂ ଭାଗ-୫ ର ଲକ୍ଷ ହାସଲ ନିମନ୍ତେ ପ୍ରତ୍ୟେକେ କିପରି ଅଂଶଗ୍ରହଣ କରିଛନ୍ତି ସେ ବିଷୟରେ ସ୍ମରଣ କରାନ୍ତୁ ।

**ସମାପନ (୫ ମିନିଟ୍):** ଅଂଶଗ୍ରହଣକାରୀମାନଙ୍କୁ ପଚାରନ୍ତୁ, ତାଲିମଦାତାଙ୍କ ପାଇଁ ଯଦି ସେମାନଙ୍କର ଆଉ କିଛି ପ୍ରଶ୍ନ ରହିଛି, ଅବା ସେମାନେ ପୂର୍ବ ଭାଗଗୁଡିକଠାରୁ ଶିଖିଥିବା ବିଷୟରେ ସନ୍ତୁଷ୍ଟ ଅଟନ୍ତି କି ନାହିଁ ।

**ଭାଗ ମୂଲ୍ୟାଙ୍କନ (୫ ମିନିଟ୍):** ଭାଗ - ୫ ନିମନ୍ତେ, ମୂଲ୍ୟାଙ୍କନ ଫର୍ମ ଅଂଶଗ୍ରହଣକାରୀମାନଙ୍କୁ ହସ୍ତାନ୍ତର କରି ତାହା ପୂର୍ଣ୍ଣ କରିବା ପାଇଁ କୁହନ୍ତୁ ।

#  ଗ୍ରାମ୍ୟ ଶାନ୍ତି ଓ ବିକାଶ କମିଟିର ଦାୟିତ୍ୱ

- ପ୍ରତି ମାସରେ ଗ୍ରାମରେ ବୈଠକ ଆୟୋଜନ ଓ ପରିଚାଳନା କରିବା ।
- ଗ୍ରାମ୍ୟ ବୈଠକରେ ଗ୍ରାମର ସମସ୍ତ ସଭ୍ୟ ଓ ସଭ୍ୟାଙ୍କୁ ଉପସ୍ଥିତ କରାଇବା ତଥା ପୂର୍ଣ୍ଣ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନକରାଇବା ।
- ପ୍ରତି ବୈଠକର ବିବରଣୀ ଲିପିବଦ୍ଧ କରି ରଖିବା ।
- ଗ୍ରାମର ସମସ୍ତ ସମସ୍ୟା, ବିଶେଷତଃ ଜାତି, ଧର୍ମ ଓ ପ୍ରାକୃତିକ ସମ୍ପଦ ଆଧାରିତ, ପାରିବାରିକ ହିଂସା ଓ ଅନ୍ୟାନ୍ୟ ସମସ୍ୟାକୁ ଚିହ୍ନଟ କରିବା ।
- ପ୍ରତି ସମସ୍ୟାକୁ ନେଇ ଏହାର ମୂଳ କାରଣ ଉପରେ ବିଶ୍ଳେଷଣ କରି ଉଭୟ ଗୋଷ୍ଠୀ କିମ୍ବା ବ୍ୟକ୍ତି ବିଶେଷ ମଧ୍ୟରେ ଆଲୋଚନା ମାଧ୍ୟମରେ ଗ୍ରାମ୍ୟ ସ୍ତରରେ ହିଁ ସମାଧାନ କରିବା ।
- ଗ୍ରାମରେ ଏକତା ଓ ଶାନ୍ତିଆଣିବା ପାଇଁ ଗୋଷ୍ଠୀ ଭିତିକ ବିଭିନ କାର୍ଯ୍ୟକ୍ରମ ହାତକୁ ନେବା ।
- ଗ୍ରାମରେ ଯୁବକ ଓ ଯୁବତୀ ମାନଙ୍କୁ ନେଇ ଅବା ଛାତ୍ର ଓ ଛାତ୍ରୀ କିମ୍ବା ମହିଳା ସଂଘ ମାନଙ୍କୁ ନେଇ ଶାନ୍ତି ଓ ବିକାଶ କାର୍ଯ୍ୟ କ୍ରମକୁ ତ୍ୱରାନ୍ତିକ କରିବା ।
- ବିଭିନ୍ନ ଜାତୀୟ ଉତ୍ସବ ତଥା ଅନ୍ୟାନ୍ୟ ଗୋଷ୍ଠୀ ଅବା ଗ୍ରାମ୍ୟ ଉତ୍ସବ ମାନଙ୍କରେ ସମସ୍ତ ବର୍ଗର ଲୋକ ମାନଙ୍କୁ ଅନ୍ତର୍ଭୁକ୍ତ କରାଇ ପାଳନ କରିବା ।
- ଗ୍ରାମରେ ଶାନ୍ତି ଓ ବିକାଶ ପ୍ରତିଷ୍ଠା ପାଇଁ ଗ୍ରାମ୍ୟ ପାଣ୍ଠି ଗଠନ କରିବା ଓ ଏହାର ଉଚିତ ବିନିଯୋଗ କରିବା ।
- ଗ୍ରାମରେ ଶାନ୍ତି ଓ ବିକାଶ ପ୍ରତିଷ୍ଠା ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ବ୍ୟବସ୍ଥାକୁ ଗ୍ରାମ୍ୟ ସ୍ତରରେ ପହଞ୍ଚାଇବା ।
- ସମ୍ବେଦନଶୀଳ କଳହ/ସମସ୍ୟା କୁ ଏଡ଼ାଇବା ପାଇଁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ପ୍ରରୋଚନା କରାଇ ଗ୍ରାମ ସଭାରେ ଯୋଜନା ଓ ନୀତି ପ୍ରସ୍ତୁତ କରାଇବା ।
- ଗ୍ରାମର ଯୁବ ଗୋଷ୍ଠୀକୁ ଅହିଂସାର ମାର୍ଗ ଦେଖାଇ ଶାନ୍ତିଦୂତ ଭାବେ ଗଠନ କରାଇବା ।
- ଗ୍ରାମରେ ସର୍ବଦା ଏକତା ଓ ସଂହତି ବଜାୟ ରଖିବା ।
- ନିଜ ଗ୍ରାମକୁ ଏକ ଶାନ୍ତି ଓ ବିକାଶ ଗ୍ରାମ୍ୟ ଭାବେ ଗଢ଼ି ତୋଳିବା ।

ଗୁଣାତ୍ମକ ଶାନ୍ତି ସଂଘର ବୈଠକକୁ ଶାନ୍ତି ଉତ୍ସବ କୁହାଯାଏ । ସାଧାରଣତଃ ମାସକୁ ଦୁଇଥର ଗୁଣାତ୍ମକ ଶାନ୍ତି ବୈଠକ ଅନୁଷ୍ଠାନ କରିବା ଉଚିତ ।

ଶାନ୍ତି ଉତ୍ସବ ବା ଗୁଣାତ୍ମକ ଶାନ୍ତି ସଂଘ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଏହି ସଂଘର ପ୍ରତ୍ୟେକ ସଭ୍ୟ\ସଭ୍ୟା ଏକତ୍ରିତ ହୋଇ ନିଜ ନିଜର ଅନୁଭୁତି ବାଣ୍ଟିବା, ନିଜ ଦଳ ଓ ନିଜର ଉନ୍ନତି ପାଇଁ ଯୋଜନା କରିବା ତଥା ଆପୋଷ ମଧ୍ୟରେ ବିଭିନ୍ନ ଶାନ୍ତି ଓ ବିଷୟ ଶିକ୍ଷାଲାଭ କରିବା, ଏବଂ ଏକ ଶାନ୍ତିମୟ ସମାଜ ଗଢି ତୋଳିବା ।

**<u>ପଦ୍ଧତି:</u>** ଶାନ୍ତି ଉତ୍ସବ ସାତୋଟି ସୋପାନର ପଦ୍ଧତିକୁ ଅନୁକରଣ କରିଥାଏ । ପ୍ରାରମ୍ଭରେ ସଭ୍ୟ\ସଭ୍ୟା ଗୋଲେଇ ହୋଇ ବସିବା ଏବଂ ଏହାର ମଧ୍ୟ ଭାଗରେ ପ୍ରଦୀପ ପ୍ରଜ୍ୱଳନ କରିବା, ଯଦ୍ୱାରା ସ୍ମରଣ କରାଇ ଦିଆଯାଏ ଯେ ଗୋଲା ଭିତରେ ଥିବା ଏକ ମହମବତୀ ପରି, ସଭ୍ୟ /ସଭ୍ୟା ନିଜ ନିଜର ସ୍ୱତନ୍ତ୍ରତା ମଧ୍ୟରେ ସମସ୍ତେ ସମାନ । କୌଣସି ଧର୍ମ, ଜନଜାତି, ଜାତି, ଭାଷା, ଏବଂ ରଙ୍ଗ ଆମକୁ ଅଲଗା କରିପାରିବ ନାହିଁ । ଆମେ ସମସ୍ତେ ହେଉଛୁ ଗୋଟିଏ ଈଶ୍ୱରଙ୍କ ସନ୍ତାନ ।

**<u>ଶୁଭେଚ୍ଛାର ସାଙ୍କେତିକ ଭାଷା-</u>** ଶୁଭେଚ୍ଛାର ଶବ୍ଦ- "ତୁମକୁ ଶାନ୍ତି ମିଳୁ", ପ୍ରତ୍ୟୁତ୍ତର – "ତୁମକୁ ମଧ୍ୟ ଶାନ୍ତି ମିଳୁ"

**ପବିତ୍ରର ସଙ୍କେତ-** ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୁର୍ତ୍ତରେ ମୁଁ ଶାନ୍ତିପ୍ରେମୀ, ଶାନ୍ତି ପ୍ରତିଷ୍ଠାକାରୀ, ଏବଂ ଶାନ୍ତି ପ୍ରହୋତ୍ସାହନାକାରୀ ହେବାରେ ଲାଗିଛି ।

**୧.** ଶାନ୍ତିର ମିଳନ ଆରମ୍ଭ ହୁଏ ବନ୍ଧୁତ୍ୱପୂର୍ଣ୍ଣ ଖେଳ ଏବଂ ଅଗଂଭଗିଂ ବ୍ୟବହୃତ ଗୀତ ମାଧ୍ୟମରୁ, ଏହା ଦ୍ୱାରା ସଭ୍ୟ / ସଭ୍ୟାମାନଙ୍କ ଭୟ, ସଂକୋଚ, ଲାଜ ଦୂର ହୋଇଥାଏ ଏବଂ ତାଙ୍କୁ ଭଲ ଲାଗିଲା ଭଳି ଏକ ପରିବେଶ ସୃଷ୍ଟି ହୋଇଥାଏ। ଏହା ଦ୍ୱାରା ସଭ୍ୟ/ସଭ୍ୟା ମାନଙ୍କୁ ଦଳ ମଧ୍ୟରେ ବନ୍ଧୁତା ସୃଷ୍ଟି କରି, ସ୍ୱାଧୀନ ଭାବରେ ନିଜ ଭାବନା ପ୍ରକାଶ କରିବା ପାଇଁ ସୁଯୋଗ ମିଳିଥାଏ ।

**୨. <u>ଶାନ୍ତି ପ୍ରାର୍ଥନା</u> (୨ ମିନିଟ) –** ଶାନ୍ତି ସଂଘର ସଦସ୍ୟମାନେ ପ୍ରାର୍ଥନା କରିବା ପାଇଁ ନିରବରେ ବସିବେ । ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟ ଶାନ୍ତି ପାଇଁ ପ୍ରାର୍ଥନା କରିବେ । ଏହି ପ୍ରାର୍ଥନା ଧାର୍ମିକ ଅବସ୍ଥାକୁ ସମର୍ଥନ କରିବା ନିମନ୍ତେ, ଏବଂ ଯୁବକମାନଙ୍କ ମନରେ ଶାନ୍ତିର ବାର୍ତ୍ତାକୁ ଲିପିବଦ୍ଧ କରିବା ନିମନ୍ତେ ଯେ ଆମେ ସମସ୍ତେ ହେଉଛୁ ଗୋଟିଏ ଈଶ୍ୱରଙ୍କ ସନ୍ତାନ । ଏହା ସଦସ୍ୟମାନଙ୍କୁ ଶାନ୍ତିର ପ୍ରାର୍ଥନା କରିବା ନିମନ୍ତେ ଉତ୍ସାହିତ କରେ ।

**୩. <u>ଧ୍ୟାନ</u> (୫ ମିନିଟ)–**

ଆତ୍ମ ଅନୁତପ୍ତ ପ୍ରାପ୍ତି ପାଇଁ, ସଭ୍ୟ/ ସଭ୍ୟା ମାନଙ୍କୁ ଧ୍ୟାନ କରିବା ପାଇଁ ଉତ୍ସାହିତ କରାଯାଇଥାଏ । ଏହା ବିଶ୍ରାମ, ଆତ୍ମବିଶ୍ୱାସ, ଏକାଗ୍ରତା, ଏବଂ କରୁଣା ମନୋଭାବ ଆଣିବାରେ ସହାୟକ ହୋଇଥାଏ । ଏହି ଅଭ୍ୟାସ ସଦସ୍ୟମାନଙ୍କୁ ସୁସ୍ଥତା, ସକରାତ୍ମକ ଚିନ୍ତା ଓ

ଶାନ୍ତମନ ଦେଇଥାଏ ।ଦଳର ସମସ୍ତଙ୍କୁ ଚକ୍ଷୁ ବନ୍ଦ କରାଇ ଦୀର୍ଘ ନିଶ୍ୱାସ ନେବା ଓ ପୁନଃସସ୍ଥାପନ କରାଇବା ପାଇଁ ଅଭ୍ୟାସ କରାଯାଇଥାଏ ।

**୪. ଶିଖିବାର/ବାଣ୍ଟିବାର ସମୟ –**

ଏ ସମୟ ହେଉଛି ପ୍ରକୃତ ସମୟ ଯାହାକି ନିମ୍ନ ବିଷୟ ଉପରେ ଆଲୋଚିତ ହେବ, ଯୋଉଥିରେ କି ସଭ୍ୟମାନେ ନିଜର ସମସ୍ତ ଜ୍ଞାନ ବାଣ୍ଟିବେ ଯାହା ଶାନ୍ତିର ହୃଦୟ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଉପରେ ପର୍ଯ୍ୟବେସିତ ହେବ । ବର୍ଷର ଶେଷରେ, ପ୍ରତ୍ୟେକ ଛାତ୍ର ନିଜକୁ ମୂଲ୍ୟାଂକନ କରିବେ ଯେ ସେମାନେ ନିଜେ କେତେ ପରିବର୍ତ୍ତନ ହୋଇଛନ୍ତି ।

ଏହି ସମୟରେ ମଧ୍ୟ ସମସ୍ତ ସଭ୍ୟ ସୁଯୋଗ ପାଇବେ ନିଜର ଚିନ୍ତା, ଆଦର୍ଶ, ମନ୍ତବ୍ୟ ଏବଂ ଅନୁଭୁତି ସବୁକୁ ବୃଦ୍ଧି କରିବା ପାଇଁ, ସେମାନଙ୍କୁ ଏକ ସୁଯୋଗ ଦିଆଯିବ, ଯୋଉଠି ସେମାନେ ନିଜ କଥାବାର୍ତ୍ତା କରିବା ଶୈଳୀ, ନେତୃତ୍ୱର ମୂଲ୍ୟ ଏବଂ ତାଙ୍କ ଆତ୍ମବିଶ୍ୱାସର ସ୍ତରକୁ ବଢାଇ ପାରିବେ ।

**୫. କାର୍ଯ୍ୟର ଯୋଜନା ଓ ମୂଲ୍ୟ ନିର୍ଦ୍ଧାରଣ (୧୫ ମିନିଟ)–**

ଏଠାରେ ସଭ୍ୟମାନେ ଶାନ୍ତି ସଂଘର ଉତ୍ତମତା ନିମନ୍ତେ ସିଧାସଳଖ ନିଜ କାର୍ଯ୍ୟର ବିବରଣୀ, ସଫଳତା, ବିଫଳତା ଏବଂ ଅନ୍ୟମାନଙ୍କର ପ୍ରସ୍ତାବକୁ ପରସ୍ପର ସହ ବାଣ୍ଟିପାରିବେ । ସେମାନେ ସ୍ୱାଧୀନ ଭାବରେ ନିଜ ମନ୍ତବ୍ୟକୁ କହିପାରିବେ ଏବଂ ଧାରଣାକୁ ମଧ୍ୟ ବୃଦ୍ଧି କରିପାରିବେ ଏବଂ ଶାନ୍ତି ସଂଘର କାର୍ଯ୍ୟକଳାପକୁ ବୃଦ୍ଧି କରିବାରେ ସହାୟକ ହେବେ ।

ଯୋଜନା କରୁଥିବା ସମୟରେ, ପରବର୍ତ୍ତୀ ସଭାର ତାରିଖ ଧାର୍ଯ୍ୟ କରାଯିବ । ତାପରେ ଶାନ୍ତି ସଂଘର ସଦସ୍ୟମାନଙ୍କ ଆଗରେ ବିଭିନ୍ନ କାର୍ଯ୍ୟକଳାପର ତାଲିକା ରଖାଯିବ, ଯେପରିକି ସଫେଇ କାର୍ଯ୍ୟକ୍ରମ, ଡାକ୍ତରଖାନା ଏବଂ ଅନାଥାଶ୍ରମ ଲୋକଙ୍କ ପାଖେ ପହଞ୍ଚିବା, ଇତ୍ୟାଦି । ସର୍ବସମ୍ମତି ପରେ, ସଭ୍ୟମାନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ତାରିଖରେ କାର୍ଯ୍ୟ କଳାପ ସବୁ ଆବଶ୍ୟକ ସମୟରେ କରାଯିବ । ସେମାନେ ସଭାର ପଦ୍ଧତି ଏବଂ ତାର ଫଳାଫଳ ର ମୂଲ୍ୟ ନିର୍ଦ୍ଧାରଣ କରିବେ ।

**୬. ଶାନ୍ତିର ପ୍ରତିଜ୍ଞା (୨ ମିନିଟ) –**

ଶାନ୍ତି ଉତ୍ସବକୁ ପାଳନ କରିବା ପାଇଁ ସଭ୍ୟମାନେ ନେଇଥିବା ପ୍ରତିଜ୍ଞାର ନୂତନୀକରଣ କରିବେ । ପ୍ରତିଜ୍ଞା ନେବା ସମୟରେ, ସେମାନେ ତାଙ୍କର ନେଇଥିବା ଶପଥର ନୂତନୀକରଣ କରିବେ ଯେ ସେମାନେ ଯୋଉଠିକୁ ବି ଯାଆନ୍ତୁ ଶାନ୍ତିର ବାର୍ତ୍ତା ନେଇ ଯିବେ ଏବଂ ଅନ୍ୟମାନେ ଯେପରି ତାଙ୍କର ଅନୁକରଣ କରିବେ, ସେପରି ଏକ ଉଦାହରଣ ହେବେ । ସେମାନେ ଏହା ମଧ୍ୟ ପ୍ରତିଜ୍ଞା କରିବେ ଯେ, ସେମାନେ ସମସ୍ତଙ୍କୁ ଗ୍ରହଣ କରିବେ ବିଭିନ୍ନ ବାଛବିଚାର ତ୍ୟାଗକରି ଏହି ବିଶ୍ୱାସର ସହିତ ଯେ ସେମାନେ ସମସ୍ତେ ଏକମାତ୍ର ଈଶ୍ୱରଙ୍କ ସନ୍ତାନ ।

**ଶାନ୍ତି ପ୍ରତିଜ୍ଞା:-**

ଶାନ୍ତି ପ୍ରଣାଳୀର ଜଣେ ସଭ୍ୟ ଭାବରେ, ମୁଁ ପ୍ରତିଜ୍ଞା କରୁଛି, ଶାନ୍ତି ଉପରେ ସର୍ବଦା ବିଶ୍ୱାସ ରଖିବା ପାଇଁ, ପ୍ରୋତ୍ସାହନ ଦେବା ପାଇଁ, ଆଗକୁ ବଢାଇବା ପାଇଁ, ଏବଂ ଶାନ୍ତିଦୂତ ଭାବରେ ସମସ୍ତଙ୍କୁ, ସବୁ ସ୍ଥାନରେ, ଶାନ୍ତି ବାଣ୍ଟିବା ପାଇଁ। ମୁଁ ପ୍ରତିଜ୍ଞା କରୁଛି, କାହାକୁ ବି ଜାତି, ଧର୍ମ, ଶ୍ରେଣୀ, ଜନଜାତି, ଅଞ୍ଚଳ ଅନୁସାରେ ପ୍ରଭେଦ କରିବି ନାହିଁ। ମୁଁ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବି ଯେପରିକି ଶାନ୍ତି ଏବଂ ଆଶା ସେମାନଙ୍କ ଜୀବନକୁ ଆହୁରି ସହଜ କରିଦେବ । ସାହାସର ସହିତ ମୁଁ ହିଂସା ବିରୁଦ୍ଧରେ ଛିଡା ହେବି, ମୋ କଥାଦ୍ୱାରା ଏବଂ ଶାରୀରିକ ଆଚରଣ ଦ୍ୱାରା ଅନ୍ୟମାନଙ୍କୁ ଏକ ଉଦାହରଣ ହୋଇ ଶିଖାଇବି। ଶାନ୍ତି ପ୍ରଣାଳୀର ସଦସ୍ୟ ଭାବରେ, ମୁଁ ସମ୍ମାନର ସହ ପୂରା ଜୀବନ ଏହି ଅନନ୍ତ ପରମେଶ୍ୱରଙ୍କୁ ବିଶ୍ୱାସର ସହ ଗ୍ରହଣ କରୁଅଛି ।

**୭. ସଙ୍ଗୀତ –**

ଶାନ୍ତିର ଉତ୍ସବ ଶାନ୍ତିର ସଂଗୀତ ପାଖେ ସରିଥାଏ । ସେମାନେ ଶାନ୍ତିର ଶୁଭେଚ୍ଛା ଜଣାଇ ଚାରିଆଡକୁ ବିସ୍ତାର ହୋଇଯାଆନ୍ତି ।

# ପରିଶିଷ୍ଟ

## ଭାଗ ମୂଲ୍ୟାୟନ

ଭାଗର ନାମ

| |
|---|
| |

ଏହି ଭାଗର ପ୍ରତ୍ୟାଶା ଗୁଡିକ ପୂରଣ ହୋଇଛି କି ?

| |
|---|
| |

ଯଦି ଆପଣଙ୍କ ପ୍ରତ୍ୟାଶା ଗୁଡିକ ପୂରଣ ହୋଇନାହିଁ, ତେବେ ସେ ଗୁଡିକ କ'ଣ ?

| |
|---|
| |

ଏହି ଭାଗରୁ ଶିଖିଥିବା ତିନିଗୋଟି ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକ କ'ଣ ?

| |
|---|
| ୧. |
| ୨. |
| ୩. |

ଭାଗରୁ ଶିଖିଥିବା ଫଳ ଅନୁଯାୟୀ ଆପଣ କ'ଣ ଭିନ୍ନ କରିପାରି ଥାଆନ୍ତେ ? ଦୟାକରି ନିମ୍ନରେ ଥିବା ସାରଣୀରେ ଉଦାହରଣ ଗୁଡିକ ଦିଅନ୍ତୁ ।

| **କାର୍ଯ୍ୟର ପ୍ରକାର** | **ଆପଣ କେଉଁ ପରିବର୍ତ୍ତନ ସମୂହ ଆଣିବେ** |
|---|---|
| | |
| | |
| | |

ଆପଣ ଯାହା ଏହି ଭାଗରେ ଶିଖିଛନ୍ତି ସେଠାରେ ଏପରି କିଛି ରହିଛି କି, ଯାହା ଆପଣଙ୍କ କାର୍ଯ୍ୟରେ ସହାୟ ହେବା ନିମନ୍ତେ ଚିନ୍ତା କରୁଛନ୍ତି ? ଯଦି ସେପରି ଅଟେ ଦୟାକରି ଯାହା ପରବର୍ତ୍ତୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କିମ୍ବା ଭିନ୍ନପ୍ରକାର ସହଯୋଗ କରିବ ସେହି ଉଦାହରଣ ଗୁଡିକ ଏ ଧାରଣା ଗୁଡିକ ସାରଣୀରେ ଲେଖନ୍ତୁ

| **କାର୍ଯ୍ୟର ପ୍ରକାର** | **ଆବଶ୍ୟକ ସହଯୋଗ** |
|---|---|
| | |
| | |
| | |

ଆପଣଙ୍କର କିଛି ଧାରଣା ରହିଛି କି ? କିପରି ଭାଗର ବିଷୟ ବସ୍ତୁକୁ ଉନ୍ନତି କରାଯାଇ ପାରିବ ? ଯେ କୌଣସି ପ୍ରତ୍ୟାଶା ବିଷୟ ଚିନ୍ତାକରନ୍ତୁ, ଯାହା ପୂରଣ କରାଯାଇ ପାରିବ ନାହିଁ ।

| |
|---|
| |

ଆପଣ ପ୍ରଶିକ୍ଷକମାନଙ୍କ ନିମନ୍ତେ ଆଉ ଅନ୍ୟକିଛି ମନ୍ତବ୍ୟ ବା ଟିପ୍ପଣି କରିବା ନିମନ୍ତେ ଚାହାନ୍ତି କି ?

| |
|---|
| |










Printed at : ***Vijaya Printing School, Berhampur -10***